ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ଏପ୍ରିଲ୍ ୨୦୨୬



ଓଡ଼ିଆ ସାହିତ୍ୟର ନବଦିଗନ୍ତ

ଫଟୋ: ପ୍ରଶାନ୍ତ ଭୂୟାଁ

Vol-5 • Issue-2 • April 2026 • Monthly • Rs.50 • 72 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

SAHITYA CHARCHA

ଓଡ଼ିଆ ସାହିତ୍ୟର ନବଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୫ • ସଂଖ୍ୟା-୨ • ଏପ୍ରିଲ୍ ୨୦୨୬ • ମାସିକ • ଟ.୫୦ • ୭୨ ପୃଷ୍ଠା • ଭୁବନେଶ୍ୱର

ମୁରବି
**ମହାପ୍ରଭୁ ଶ୍ରୀଜଗନ୍ନାଥ**

ସମ୍ପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ସହ-ସମ୍ପାଦକ
**କମଳକୁମାରୀ ଦାଶ**
**ଦେବାଶିଷ ମୁଦୁଲି**

ପାଠ-ସଂଶୋଧକ
**ପ୍ରଭାତ ରଞ୍ଜନ ବେହୁରା**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶ୍ରୀଧର ପ୍ରଧାନ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ପ୍ରଶାନ୍ତ ଭୂୟାଁ**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ମୋବାଇଲ : ୯୩୬୮୭୭୨୫୦୬
**E-mail: info@sahityacharcha.com**
**Website: www.sahityacharcha.com**

**ମୂଲ୍ୟ : ଟ. ୫୦/-**

## ।। ସୂଚୀ ।।

| | |
|---|---|
| ପାଠକଙ୍କ ମତାମତ | ୦୨ |
| ଗୀତିକବିତାର ଦୁଇ କୂଳ (ସମ୍ପାଦକୀୟ) | ୦୩ |
| ସ୍ୱତଃସ୍ଫୂର୍ତ୍ତ ପ୍ରେରଣା ଓ କାଳଜୟୀ ସାହିତ୍ୟ(ପ୍ରବନ୍ଧ) ଛାୟାକାନ୍ତ ଷଡଙ୍ଗୀ | ୦୫ |
| ଗବେଷଣା (ରମ୍ୟରଚନା): ନାରାୟଣ ଚନ୍ଦ୍ର ଶତପଥୀ | ୦୯ |
| ଉଦୟରାଗ (କବିତା): ଉମାକାନ୍ତ ମହାପାତ୍ର | ୧୨ |
| ସାହିତ୍ୟରେ ପଞ୍ଚମୀ ବିଦ୍ୟା (ପ୍ରବନ୍ଧ): ପ୍ରଫୁଲ୍ଲ କୁମାର ମିଶ୍ର | ୧୩ |
| ଡାଳ ଭାଙ୍ଗିବାର ଶବ୍ଦ (ଗଳ୍ପ): କବିତା ବାରିକ | ୧୬ |
| ଆମ କବିତାରେ ବସନ୍ତ (ପ୍ରବନ୍ଧ): ଦୁର୍ଯ୍ୟୋଧନ ଦାସ | ୨୧ |
| ପୋଷ୍ୟପୁତ୍ର (ଅନୁଭୂତି): ଆନଂଦ ଚଂଦ୍ର ପହି | ୨୬ |
| ପ୍ରବୀଣ କଥାକାର ଆର୍ଯ୍ୟ ଯଜ୍ଞଦତ୍ତଙ୍କ ସହ ଆଳାପ (ସାକ୍ଷାତକାର) | ୩୧ |
| ଅନ୍ତର୍ଦେଶୀୟ ପତ୍ର (ଗଳ୍ପ): ସୁନୀତା କର | ୩୫ |
| ଓଡ଼ିଆ ଗଳ୍ପରେ ପ୍ରାଚୀନ କାହାଣୀର ଅନୁବର୍ତ୍ତନ (ପ୍ରବନ୍ଧ): ବିଶ୍ୱନାଥ ସାହୁ | ୩୮ |
| ମୃଗୁଣୀ ଜାଲରେ ବ୍ୟାଧ (ବ୍ୟଙ୍ଗ): ଅଜୟ କୁମାର ମିଶ୍ର | ୪୪ |
| ପର୍ଣ୍ଣମୋଚୀ (ଗଳ୍ପ): ରବି ପଣ୍ଡା | ୪୮ |
| ଆମ ସମାଲୋଚନା ସାହିତ୍ୟର ଲକ୍ଷଣ (ପ୍ରବନ୍ଧ): ପ୍ରଫୁଲ୍ଲ କୁମାର ତ୍ରିପାଠୀ | ୫୦ |
| ତୁଠପଥର (କବିତା): ପ୍ରଦୀପ କୁମାର ଦାସ | ୫୫ |
| ମିସିଙ୍ଗ୍ ମ୍ୟାନ୍ (ଅନୁବାଦ ଗଳ୍ପ): ସୁକୋମଳ ଦାଶ | ୫୬ |
| ଡିଜିଟାଲ ଯୁଗରେ ଓଡ଼ିଆ ସାହିତ୍ୟ (ପ୍ରବନ୍ଧ): ପୁଷ୍ପିତା ଶୁକ୍ଳ | ୬୦ |
| ସେ, ମୁଁ ଓ ଗୋଟେ ବାଜେ ଲୋକ (ଅଣୁ ନାଟକ): ଜାକିର ଖାନ୍ | ୬୫ |
| ଦୁଇଟି ଅଣୁଗପ (ଗଳ୍ପ): ମାନମୟୀ ରଥ | ୬୭ |
| ମିଛୁଆ କଇଁଛ (ଶିଶୁଗଳ୍ପ): ରବୀନ୍ଦ୍ରନାଥ ମାଝୀ | ୬୮ |
| ଉଜାଣି ଝଞ୍ଜାବତୀ (ପୁସ୍ତକ ସମୀକ୍ଷା): ଯଦୁନାଥ ପଣ୍ଡା | ୭୦ |
| ସାହିତ୍ୟ ସମାଚାର | ୭୧ |
| ଅପେତଭଗ (ଶେଷ ପୃଷ୍ଠା): ପ୍ରଶାନ୍ତ ଭୂୟାଁ | ୭୨ |

✶ ଏହି ପତ୍ରିକାରେ ପ୍ରକାଶିତ ଲେଖକମାନଙ୍କର ବକ୍ତବ୍ୟ ଓ ଅଭିମତ ସେମାନଙ୍କର ନିଜସ୍ୱ ଏବଂ ଆମେ ସେଥିସହିତ ସହମତ ଥିବା ଜରୁରି ନୁହେଁ।

# ପାଠକଙ୍କ ମତାମତ


ମାର୍ଚ୍ଚ,୨୦୨୬ ସଂଖ୍ୟାର ପ୍ରାବନ୍ଧିକ ବୈଷ୍ଣବ ଚରଣ ମହାନ୍ତିଙ୍କ ଉଦ୍ଦେଶ୍ୟରେ ମୋର ଏ ଚିଠି । ଆପଣ ଜ୍ଞାନୀ ଲୋକ; 'ସଂକଟରେ ପ୍ରବନ୍ଧ ସାହିତ୍ୟ' ଲେଖାଟି ନିଶ୍ଚିତ ଉଚ୍ଚସ୍ତରର। କିନ୍ତୁ କେତୋଟି କଥା ବୁଝାପଡ଼ିଲାନି।

(୧) ପ୍ରବନ୍ଧ 'ଧଡ଼ିଆ ସାନଭାଇ' କେମିତି ହେଲା, ଯେବେ ସେ ବୃହସ୍ପତିଙ୍କ ପରି ଜ୍ଞାନୀ, ଅନ୍ୱେଷଣ ପ୍ରିୟ କଳେବରଟିଏ !

(୨) ବିଚରା କବିତା (ଗାଦ୍ୟିକ ହେଉ କି ନହେଉ) କ'ଣ ଆପଣଙ୍କ ବିଗାଡ଼ିଲା ଯେ ଆପଣ ତାକୁ ଏତେ ମାଡ଼ -ଏତେ ମାଡ଼ ମାଇଲେ ! ଆପଣଙ୍କୁ କିଏ ଏଇ ମାଡ଼ ପାଇଁ ପ୍ରବର୍ତ୍ତେଇନି ତ! ଭାରି କଷ୍ଟ ହେଲା। ଏବେ ସମସ୍ତେ କବିତା ଲେଖୁଛନ୍ତି, ଆଉ ଥୋକେ ତାକୁ ପାଦରେ ଦଳିବାରେ ଲାଗିଛନ୍ତି। ଆରେ ବାବା! ଜଣେ ଯଦି କବିତା ଲେଖି ଖୁସି ପାଇଲା -ଅନ୍ୟକୁ ଏତେ କଷ୍ଟ କାହିଁକି ଲାଗୁଛି ! ଜ୍ଞାନୀ ସେ ଗଦ୍ୟ କବିତା/ଗଦ୍ଦା କବିତା ନପଢ଼ୁ। ସେ ଜ୍ଞାନ ଅନ୍ୱେଷଣରେ ଯାଉ। ଏବେ କୁଆ ଓ କୋଇଲି ଦୁହେଁ ଗୀତ ଗାଇଲେ ଆମେ କଣ କୁଆକୁ ମନା କରିବା, 'ବାବୁରେ! ତୁ ଗା'ନା। ତୋ ସ୍ୱର ଭାଆଆରି କର୍କଶ! ପାପ ହେବ।' ଯଦି ଜଣେ ତା'ମନ କଥା ଲେଖି ଖୁସି ହେଉଛି - ତାକୁ ଖୁସି ହେବାକୁ ଦିଅନ୍ତୁ। ଯାହାକୁ ଭଲ ଲାଗୁନି ସେ ସାହିତ୍ୟର ଆଉ ଏକ ଶାଖାରେ ଚଢ଼ୁ। ଗାଦ୍ୟିକ କବିତା ଶାଖାଟି ଭାଙ୍ଗିଲେ ଯାଇ !

(୩) ଆପଣ କେମିତି ଭାବିନେଲେ ଯେ ପ୍ରବନ୍ଧ ପଢ଼ିବାକୁ କେହି ଚାହାନ୍ତିନି ? ଆମେ ପାଠକ ଅନେଇ ବସିଛୁ ଭଲ ପ୍ରବନ୍ଧଟିଏ ପଢ଼ିବାକୁ। କେତେ ଗବେଷଣାର ଫଳ ସେ !

**ଆରାଧନା ମିଶ୍ର**
aradhanam62@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
info@sahityacharcha.com

'ସାହିତ୍ୟ ଚର୍ଚ୍ଚା'ର ମାର୍ଚ୍ଚ ସଂଖ୍ୟାରେ ଅତ୍ୟନ୍ତ ଉଚ୍ଚକୋଟୀର ପ୍ରବନ୍ଧ ପ୍ରକାଶିତ ହୋଇଛି। ବୈଷ୍ଣବ ମହାନ୍ତିଙ୍କ 'ସଂକଟରେ ପ୍ରବନ୍ଧ ସାହିତ୍ୟ' ଶୀର୍ଷକ ଆଲୋଚନାରୁ ଅତ୍ୟନ୍ତ ଶିକ୍ଷଣୀୟ ତଥ୍ୟ ଜାଣିବାକୁ ମିଳିଲା। କାହିଁକି ବର୍ତ୍ତମାନ ଆମେ ପ୍ରବନ୍ଧ ସାହିତ୍ୟ ପ୍ରତି ବିମୁଖ ? କାହିଁକି ଆମେ ପ୍ରୟାସ କରୁନାହେଁ ? କାହିଁକି ପ୍ରବନ୍ଧ ତୁଳନାରେ କବିତା ଅଧିକ ରଚନା ହେଉଛି ? କାହିଁକି ହାତଗଣତି କେତେଜଣଙ୍କୁ ଛାଡ଼ିଦେଲେ ଅନ୍ୟମାନେ ପ୍ରବନ୍ଧ ସାହିତ୍ୟଠାରୁ ଦୂରେଇ ଯାଉଛନ୍ତି ?

ଏହାର କାରଣ ଖୋଜିଲେ ଆମେ ଜାଣିବା ଯେ, ପୂର୍ବରୁ ଲେଖାଯାଇଥିବା ପ୍ରବନ୍ଧଗୁଡ଼ିକରେ ଯେତିକି ସରସତା ଥିଲା, ପଢ଼ିବାରେ ଯେତିକି ଆଗ୍ରହ ଥିଲା, ବର୍ତ୍ତମାନ ତାହା କମିଗଲାଣି। ପ୍ରବନ୍ଧ ସାହିତ୍ୟରେ ଅଧିକ ପାଠକ ଖୋଜିଲେ ହିଁ ତାହା ବଞ୍ଚିପାରିବ ବୋଲି ମୋର ଆଶା।

**ଅନନ୍ତ ଚରଣ ଜେନା**
jenaanantcharan67@gmail.com

ମାର୍ଚ୍ଚ ସଂଖ୍ୟାରେ ପ୍ରକାଶିତ ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟରଚନା, ବ୍ୟଙ୍ଗ, ପୁସ୍ତକ ସମୀକ୍ଷା ଆଦି ମଧ୍ୟରୁ ପ୍ରବନ୍ଧରେ ଶରତ ଚନ୍ଦ୍ର ଶତପଥୀଙ୍କ 'ମନୋଜ ଦାସଙ୍କ ଆରଣ୍ୟକ ଓ ଏ ଟ୍ରିପ: ଏକ ତୁଳନା' ପ୍ରବନ୍ଧ ମାଧ୍ୟମରେ ଦୁଇଟି ମଧ୍ୟରେ ତୁଳନା ଜାଣିବାକୁ ପାଇଲି। ସ୍ୱାଧୀନ ଚନ୍ଦ୍ର ପଧାନଙ୍କ 'ଏକବିଂଶ ଶତାବ୍ଦୀର ଗଳ୍ପ ସାହିତ୍ୟରେ ପିତୃତ୍ୱର ଅସହାୟତା', 'ପ୍ରେମରେ ପୁରୁଷର ଦାତାପଣ ଓ ଆମ ସାହିତ୍ୟ' ପ୍ରବନ୍ଧ ଭଲ ଲାଗିଲା। ସିନିରୁଦ୍ଧ ଦାସ ଓ ବୈଷ୍ଣବ ମହାନ୍ତିଙ୍କ ପ୍ରବନ୍ଧ ଦୁଇଟି ମଧ୍ୟ ଅନେକ ଶିକ୍ଷଣୀୟ। ସାକ୍ଷାତକାରରେ କୃପାସାଗର ସାହୁଙ୍କ ସମ୍ପର୍କରେ ଅନେକ ତଥ୍ୟ ଜାଣିବାକୁ ମିଳିଲା।

**ଅଭିଷେକ ଆଚାର୍ଯ୍ୟ**
abhishekacharya21@gmail.com

**ସମ୍ପାଦକୀୟ**

# ଗୀତିକବିତାର ଦୁଇ କୂଳ

ଓଡ଼ିଆ ଗୀତିକବିତାର ସାମ୍ପ୍ରତିକ ଦଶା ବିଷୟରେ ଭାବିଲେ ମନକୁ ଆସେ ପୁରୁଣା ପ୍ରବାଦଟିଏ, 'ନା ଏ କୂଳର ହେଲୁ, ନା ସେ କୂଳର ହେଲୁ।' ତେବେ ଏହା ବରଂ ଉଭୟ କୂଳର; ଅର୍ଥାତ୍ ଗୀତିକବିତା ହେଉଛି ସାହିତ୍ୟ ଓ ସଂଗୀତ, ଉଭୟ ବର୍ଗର ଏକ ସର୍ଜନ କଳା। ଏଣୁ ଗୀତିକବିତାକୁ ସାହିତ୍ୟ କି ସଂଗୀତ, କେଉଁ ବିଭାଗରେ ରଖାଯିବା ଉଚିତ, ଏହାକୁ ନେଇ ଏକ ବିତର୍କ ଚାଲିଛି। ଏହାର ପରିଣାମରେ ଆମ ରାଜ୍ୟର ଉଭୟ 'ସଂଗୀତ ନାଟକ ଏକାଡେମୀ' ଓ 'ସାହିତ୍ୟ ଏକାଡେମୀ' ଗୀତିକବିତାକୁ ନିଜ ନିଜର ପରିସରଭୁକ୍ତ ବୋଲି ବିଚାରକରି ପୁରସ୍କୃତ କରିଆସିଛନ୍ତି।

ଓଡ଼ିଶା ସାହିତ୍ୟ ଏକାଡେମୀରେ ସାହିତ୍ୟର ଯେଉଁ ଦଶଗୋଟି ବିଭାଗ ପାଇଁ ପୁରସ୍କାରର ବ୍ୟବସ୍ଥା ଅଛି, ସେଥିମଧ୍ୟରେ ଅଛି ଗୀତିକବିତା। ଅପରପକ୍ଷରେ ୨୦୦୧ରୁ ୨୦୨୨ ମସିହା ପର୍ଯ୍ୟନ୍ତ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ମଧ୍ୟ ଗୀତିକବିମାନଙ୍କୁ ପୁରସ୍କୃତ କରାଯାଇଆସିଛି। ଅବଶ୍ୟ ୨୦୨୨ ମସିହା ବେଳକୁ ଆମ ସଂସ୍କୃତି ବିଭାଗର ଚୈତନ୍ୟ ଉଦୟ ହେଲା ଯେ ଗୀତିକବିମାନଙ୍କୁ ପୁରସ୍କୃତ କରିବାର ଦାୟିତ୍ୱ ଉଭୟ ଏକାଡେମୀ ବହନ କରିବେ ବା କାହିଁକି ? ଫଳସ୍ୱରୂପ ସେତେବେଳେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ଏହି ପୁରସ୍କାରଟିକୁ ଓଡ଼ିଶା ସାହିତ୍ୟ ଏକାଡେମୀକୁ ହସ୍ତାନ୍ତର କରିଦିଆଗଲା। କିନ୍ତୁ ଗୀତିକବିମାନଙ୍କ ଦୁର୍ଭାଗ୍ୟକୁ, ଗତ ନଅ ବର୍ଷ ହେଲା ଓଡ଼ିଶା ସାହିତ୍ୟ ଏକାଡେମୀ କୌଣସି ହେଲେ ବିଭାଗର ପୁରସ୍କାର ଦେଇପାରିନାହିଁ, ଯେତେବେଳେ କି ଓଡ଼ିଶା ସଂଗୀତ ନାଟକ ଏକାଡେମୀର ପୁରସ୍କାର ପ୍ରଦାନ ପ୍ରକ୍ରିୟା ଯଥାରୀତି ଚାଲିଛି। ଫଳରେ ଗୀତିକବିତା ନା ଏ କୂଳର ହେଲା, ନା ସେ କୂଳର। ଓଡ଼ିଶାର ଗୀତିକବି ସମାଜ ଏହି ବିଡ଼ମ୍ବନାର ପ୍ରତିବାଦ କରି ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖିଛନ୍ତି ଏବଂ ଏ ସମ୍ପର୍କରେ କୋର୍ଟର ଆଶ୍ରୟ ମଧ୍ୟ ନିଆଯାଇଛି।




କଥା ହେଲା, ଗୀତିକବିତା ଓ କବିତା ମଧ୍ୟରେ ଚାଲିଥିବା ଏହି ଦ୍ୱନ୍ଦ୍ୱ ବା କାହିଁକି ? ସରଳ ଭାଷାରେ କହିଲେ, ଯେଉଁ କବିତା ଗାୟନଯୋଗ୍ୟ ତାହା ଗୀତିକବିତା। ଓଡ଼ିଆ କାବ୍ୟ-ପରମ୍ପରାର ଉନ୍ମେଷ କାଳରୁ ନେଇ ଗତ ଶତାବ୍ଦୀର ଆଦ୍ୟଭାଗ ପର୍ଯ୍ୟନ୍ତ ଆମ କବିତାରେ ଗୀତିକବିତା ଓ ଅଣଗୀତି-କବିତା, ଏଭଳି ଭାବରେ କୌଣସି ବିଭାଜନ ନ ଥିଲା। ଏହି କାଳରେ ଚମ୍ପୂ, ଚଉପଦୀ, ଚଉତିଶା ଓ ଭକ୍ତିଗୀତି ଭଳି ଅନେକ ଲାଳିତ୍ୟଯୁକ୍ତ କବିତା ରଚିତ ହୋଇ ଲୋକଙ୍କ ମନକୁ ଛୁଇଁ ପାରିଥିଲା। ପରବର୍ତ୍ତୀ ସମୟରେ କିନ୍ତୁ କବିତାକୁ ଗାୟନଯୋଗ୍ୟ କରିବାର ଏହି ଧାରା ବ୍ୟାହତ ହେଲା, ଯେତେବେଳେ ଧୀରେ ଧୀରେ ଆମ କବିତାରେ ଛନ୍ଦବିହୀନ ରଚନାର ପ୍ରୟୋଗ ଆରମ୍ଭ ହେଲା। ଆମେ ପୂର୍ବରୁ ଚାଲିଆସିଥିବା ଗାୟନଯୋଗ୍ୟ କବିତାର ଧାରା ପରିହାର କରି କାଗଜରେ ଲିଖନ ବା ମୁଦ୍ରଣଯୋଗ୍ୟ କବିତା ରଚନାକରି ଆଧୁନିକ ବୋଲାଇବାକୁ ଅଧିକ ପସନ୍ଦ କଲୁ । ଏହାହିଁ କବିତାକୁ ଦୁଇଭାଗ କରିବାର ପଥ ପରିଷ୍କାର କରିଦେଲା।

କିନ୍ତୁ ଏହି ଦୁଇଟିଯାକ ବର୍ଗର ରଚନା ଯେ ଗୋଟିଏ ସୂତ୍ରରେ ହିଁ ବନ୍ଧା, ସେଥିପ୍ରତି ଆମେ ଏବେ ଆଖି ବୁଜିଦେଇଛୁ। ଥରେ ଆମ ସହିତ ଗୋଟିଏ ସାକ୍ଷାତକାରରେ ଗୀତିକାର ଦେବଦାସ ଛୋଟରାୟ ଦୃଢ଼ୋକ୍ତି କରିଥିଲେ ଯେ 'କବିତା ଓ ଗୀତ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ।'

ତେବେ ଆମ ମତରେ, ଆଜି ଯେଉଁସବୁ ରଚନାକୁ ଗୀତିକବିତା ବୋଲି କୁହାଯାଉଛି, ତାହା କବିତା ନାମକ ବୃହତ୍ତର 'ଜ୍ୟଁର୍'(ରଚନାବର୍ଗ)ର ଗୋଟିଏ ଅଂଶ, ଯଦିଓ କବିତା ବୋଲାଉଥିବା ସବୁତକ ସୃଷ୍ଟି ଗୀତିକବିତା ହୋଇ ନ ପାରନ୍ତି।

ଏଭଳି ବୃହତ୍ତର ଦୃଷ୍ଟିକୋଣରୁ ବିଚାର କଲେ ଗୀତିକବିତା ଓ ଅଣଗୀତିକବିତା ମଧ୍ୟରେ ଚାଲିଥିବା ଦ୍ୱନ୍ଦ୍ୱ ଲିଭିପାରିବ ବୋଲି ଆମର ଆଶା।

**ନିହାର ଶତପଥୀ**

# ସାହିତ୍ୟ ବିଚାର

**କମଳାକାନ୍ତ ରଥ**




*ଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ।*

## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୬୦୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୋରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ। ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୬୦୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

*IFS Code* : CNRB0018007
*Account No.* : 120000048648
*Account Name* : Sahitya Charcha

ଉପରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି ବିଭିନ୍ନ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଆପ୍ ଜରିଆରେ ମଧ୍ୟ ଏହି ଦେୟ ପଠାଯାଇପାରେ, କିମ୍ବା ଆମର ଫୋନ୍-ପେ ନମ୍ବର 9368772506 କୁ ଏହା ପଠାଇପାରନ୍ତି।

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି।
www.sahityacharcha.com/subscription

## 'ସାହିତ୍ୟ ଚର୍ଚ୍ଚା'ର ଆଜୀବନ ସଦସ୍ୟବୃନ୍ଦ

୧. ଅଚ୍ୟୁତାନନ୍ଦ ପତି
୨. ଲୋପାମୁଦ୍ରା ମହାନ୍ତି
୩. କମଳାକାନ୍ତ ମହାପାତ୍ର
୪. ବସନ୍ତ କୁମାର ପଣ୍ଡା
୫. ଆରାଧନା ମିଶ୍ର
୬. ଶର୍ମିଷ୍ଠା ପ୍ରଧାନ
୭. ଅଶୋକ କୁମାର ପରିଡ଼ା
୮. ନୀଳମାଧବ ବିଶୋଇ
୯. ମନୋରମା ଚୌଧୁରୀ
୧୦. ଦାଶ ବେନହୁର
୧୧. ବିଜୟ କୁମାର ମହାପାତ୍ର
୧୨. ଉଦୟନାଥ ସାହୁ
୧୩. ନାରାୟଣ ମହାନ୍ତି
୧୪. ସିନିରୁଦ୍ଧ ଦାଶ
୧୫. ଦେବୀ ପ୍ରସନ୍ନ ପଟ୍ଟନାୟକ
୧୬. ନାରାୟଣ ଚନ୍ଦ୍ର ପଣ୍ଡା
୧୭. ସୌମ୍ୟ ରଞ୍ଜନ ପଟ୍ଟନାୟକ
୧୮. ଧୀରେନ୍ଦ୍ର କର
୧୯. ନିଖିଳ ମୋହନ ପଟ୍ଟନାୟକ
୨୦. ଅଳକା ନନ୍ଦ
୨୧. ସୁକୋମଳ ଦାଶ
୨୨. ରାଜେନ୍ଦ୍ର ବର୍ମ୍ମା
୨୩. ଦିଲ୍ଲୀପ ପଣ୍ଡା
୨୪. ଅମ୍ରିତା ଶତପଥୀ

ପତ୍ରିକାର ଆଜୀବନ ସଦସ୍ୟ ହେବା ପାଇଁ ଆଗ୍ରହୀ ପାଠକବନ୍ଧୁମାନେ 'ସାହିତ୍ୟ ଚର୍ଚ୍ଚା'ର ନିମ୍ନଲିଖିତ ଫୋନ୍ ନମ୍ବରରେ ଯୋଗାଯୋଗ କରିପାରନ୍ତି।
+91 9368772506

ପ୍ରବନ୍ଧ

# ସ୍ୱତଃସ୍ଫୂର୍ତ୍ତ ପ୍ରେରଣା ଓ କାଳଜୟୀ ସାହିତ୍ୟ



ଛାୟାକାନ୍ତ ଷଡଙ୍ଗୀ

ସମ୍ପ୍ରତି ଉନ୍ନତମାନର ସାହିତ୍ୟ ସୃଷ୍ଟି ପାଇଁ ଦିଆଯାଉଥିବା ପୁରସ୍କାରର ଅର୍ଥରାଶି ଏକ ଲକ୍ଷରୁ ପାଞ୍ଚ ଲକ୍ଷ ଟଙ୍କା ହେଲାଣି। ସରକାର ବୋଧହୁଏ ଭାବୁଛନ୍ତି ପୁରସ୍କାର ଅର୍ଥରାଶି ବଢ଼ିଲେ ଲେଖକମାନେ ଉନ୍ନତମାନର ସାହିତ୍ୟ ସୃଷ୍ଟି କରିବେ। ମାତ୍ର ପୁରସ୍କାର ସହ ଅର୍ଥରାଶି ସଂଯୁକ୍ତ ହେବା ଦିନଠାରୁ ସାହିତ୍ୟ ଏକ ପ୍ରତିଯୋଗିତାର କ୍ଷେତ୍ର ହୋଇଗଲାଣି। କିଛି ସାହିତ୍ୟିକ ପୁରସ୍କାର ଅମଳ କରିବା ପାଇଁ ସାହିତ୍ୟଚାଷ ଆରମ୍ଭ କରିଛନ୍ତି। ପ୍ରାବନ୍ଧିକ, କବି, ଗାଳ୍ପିକମାନଙ୍କ ସଂଖ୍ୟା ବଢୁଛି। ମାତ୍ର ସାହିତ୍ୟ ସୃଷ୍ଟି ଅନ୍ତରାଳରେ ସ୍ୱତଃସ୍ଫୂର୍ତ୍ତ ପ୍ରେରଣା ନାହିଁ। ଚାକିରି, ବ୍ୟବସାୟ, ରାଜନୀତି କ୍ଷେତ୍ରରେ ଯେପରି ଉଚ୍ଚାଭିଳାଷ ଥାଏ, ସାହିତ୍ୟ କ୍ଷେତ୍ରରେ ବି ତାହା ପରିଲକ୍ଷିତ ହେଉଛି। ଜଣେ ପ୍ରତିଭାବାନ ବ୍ୟକ୍ତି ଉଚ୍ଚାଭିଳାଷୀ ହୋଇପାରେ, ମାତ୍ର ଉଚ୍ଚାଭିଳାଷୀ ପ୍ରତିଭାବାନ ନ ହୋଇପାରେ। ଆଜି ପ୍ରତିଭା ନ ଥାଇ ଉଚ୍ଚାଭିଳାଷୀ ହେଉଥିବା ସାହିତ୍ୟିକମାନଙ୍କର ସଂଖ୍ୟା ଅନେକ। ଅରଣ୍ୟ ମଧ୍ୟରେ ବ୍ୟାଧ ଦ୍ୱାରା କ୍ରୌଞ୍ଚ ପକ୍ଷୀର ନିଧନ ମହାକବି ବାଲ୍ମିକୀଙ୍କୁ ଆଲୋଡ଼ିତ କରିଥିଲା। ସେ ଏକ ମହତ୍ତର ପ୍ରେରଣା ଅନୁଭବ କରନ୍ତେ ସ୍ୱତଃ ତାଙ୍କ ମୁଖରୁ ଝରିପଡ଼ିଲା ରାମାୟଣର ପ୍ରଥମ ଶ୍ଳୋକ- ମା ନିଷାଦ ପ୍ରତିଷ୍ଠାଂ ତ୍ୱମଗମଃ ଶାଶ୍ୱତୀ ସମାଃ/ ଯତ୍କ୍ରୌଞ୍ଚମିଥୁନାଦେକମ୍ ଅବଧୀଃ କାମମୋହିତମ୍। ଦିନେ ମହର୍ଷି ବ୍ୟାସଦେବ ବଦ୍ରିକାଶ୍ରମର ଅଦୂରରେ ଏକ ଗୁମ୍ଫାରେ ରଚନା କରିଥିଲେ ମହାକାବ୍ୟ ମହାଭାରତ। ପ୍ରେରଣା ନିମଜ୍ଜିତ କବି ଆବୃତ୍ତି କରିଯାଉଥିଲେ ଓ ଦେବଶିଶୁ ଗଣେଶ ତାକୁ ଲିପିବଦ୍ଧ କରୁଥିଲେ। ସେତେବେଳେ ଗ୍ରନ୍ଥର ପ୍ରସାର ପାଇଁ ମୁଦ୍ରଣ ଯନ୍ତ୍ର ନଥିଲା କି ପ୍ରକାଶକ ନଥିଲେ। କ୍ରେତା ନ ଥିଲେ କି ରଚକପ୍ରାପ୍ୟର ବ୍ୟବସ୍ଥା ନ ଥିଲା। ତଥାପି ବ୍ୟାସଦେବ ଏକ ମହତ୍ତର ପ୍ରେରଣାଚାଳିତ ହୋଇ ଉଚ୍ଚାରଣ କରିଗଲେ ଶହ ଶହ ଶ୍ଳୋକ। ଆଜି ଏହି ଦୁଇଟି ମହାକାବ୍ୟ ସମଗ୍ର ଭାରତବର୍ଷରେ କାଳଜୟୀ ମହାକାବ୍ୟର ମର୍ଯ୍ୟାଦା ଲାଭ କରିଛି।



## ଅଭିବ୍ୟକ୍ତିର ମହତ୍ତ୍ୱ

ମହତ ସାହିତ୍ୟର ଉତ୍ସ ହେଉଛି ପ୍ରେରଣା। ସମଗ୍ର ସୃଷ୍ଟି ହେଉଛି ଏକ ଅଭିବ୍ୟକ୍ତି। ସୂର୍ଯ୍ୟ, ଚନ୍ଦ୍ର, ତାରା, ନଦୀ, ବୃକ୍ଷ ସବୁକିଛି ସୃଷ୍ଟିନିହିତ ଅଭିବ୍ୟକ୍ତି ଶକ୍ତିର ଏକ ଏକ ସ୍ଫୁରଣ। କୌଣସି ଏକ ରଚନା ଯେପରି ଲେଖକର ଅଭିବ୍ୟକ୍ତି, ପଠନ ମଧ୍ୟ ସେପରି ପାଠକର ଅଭିବ୍ୟକ୍ତି। ଏହି ଅଭିବ୍ୟକ୍ତି ଶକ୍ତି ଜଣକ ଭିତରେ ସଂଗୀତ, ଚିତ୍ରକଳା, ସାହିତ୍ୟ ଆଦି ଭାବରେ ପ୍ରକାଶ ପାଇପାରେ। ଏହି ଅଭିବ୍ୟକ୍ତି ସକାଶେ ନିଜ ଭିତରେ ଆଲୋଡ଼ନ ଓ ଅଭିବ୍ୟକ୍ତି ପାଇଁ ବ୍ୟାକୁଳତା ଅନୁଭବ କରିବାକୁ ପ୍ରେରଣା କୁହାଯାଏ। ସେଥିପାଇଁ ଇଂରେଜ କବି ୱାର୍ଡସୱାର୍ଥ କହିଥିଲେ, କବିତା ହେଉଛି କବିହୃଦୟର ସ୍ୱତଃସ୍ଫୂର୍ତ୍ତ ଭାବାବେଗର ପ୍ରକଟନ। ଅବଶ୍ୟ ବାହ୍ୟବ୍ୟାପାର ପ୍ରେରଣାର ଉଦ୍ଦୀପନ ବିଭାବ ହୋଇପାରେ। ଚିଲିର କବୟିତ୍ରୀ ଗାବ୍ରିଏଲ୍ ମିଷ୍ଟାଲ୍ ଦିନେ ସୂର୍ଯ୍ୟାସ୍ତ ସମୟରେ ଗହମ କ୍ଷେତ ବାଟରେ ଘରକୁ ଫେରୁଥିଲେ। ଜଣେ ଗର୍ଭବତୀ ନାରୀ-ଶ୍ରମିକକୁ କେତେକ ପୁରଷ ରୂଢ଼ ମନ୍ତବ୍ୟ ଦେଇ ଉପହାସ କରୁଥିବାର ଦୃଶ୍ୟ ତାଙ୍କୁ ଏତେ ଆଘାତ ଦେଲା ଯେ ସେ ରାତିସାରା ଶୋଇପାରି ନଥିଲେ। ସେ ଅନୁଭବ କରିଥିଲେ ମାତୃତ୍ୱର ଅସହାୟତା ଏବଂ ସେହି ରାତିରେ ଲେଖିଲେ ମାତୃତ୍ୱର ଗରିମା ଉପରେ ତାଙ୍କର ପ୍ରଥମ କବିତା।

ପରବର୍ତ୍ତୀ ସମୟରେ ସେ ଯେତେ କବିତା ଲେଖିଲେ ସବୁଥିରେ ମୂଳ ବିଷୟବସ୍ତୁ ଥିଲା ମା' ଓ ଶିଶୁ ଏବଂ ସେ ତାଙ୍କର ସାହିତ୍ୟିକ କୃତି ପାଇଁ ପାଇଥିଲେ ନୋବେଲ ପୁରସ୍କାର।

ଏହି ସ୍ୱତଃସ୍ଫୂର୍ତ୍ତ ପ୍ରେରଣାରୁ ଜନ୍ମ ନେଇଥିଲା ବେବି ହାଲଦାରଙ୍କ ପୁସ୍ତକ 'ଆଲୋ ଅନ୍ଧାରୀ' ଓ ମନୋରଞ୍ଜନ ବ୍ୟାପାରୀଙ୍କ ପୁସ୍ତକ 'ଇତିବୃତ୍ତେ ଚଣ୍ଡାଳ ଜୀବନ।' ବେବି ହାଲଦାରଙ୍କୁ ଯେତେବେଳେ ଚାରିବର୍ଷ ବୟସ, ସେତେବେଳେ ତାଙ୍କ ମାଆ ତାଙ୍କ ମଦ୍ୟପ ବାପାଙ୍କ ଦ୍ୱାରା ଅତ୍ୟାଚାରିତ ହୋଇ ଅନ୍ୟତ୍ର ପଳାୟନ କଲେ। ବାପା ଦ୍ୱିତୀୟ ବିବାହ କଲେ। ଘଟଣାକ୍ରମେ ଜନ୍ମସ୍ଥାନ କାଶ୍ମୀରରୁ ସେମାନେ ପଶ୍ଚିମବଙ୍ଗର ଦୁର୍ଗାପୁରକୁ ଚାଲିଆସିଲେ। ବେବି ସାବତ ମାଆଙ୍କଠାରୁ ସ୍ନେହ ଶ୍ରଦ୍ଧା ପାଇଲେ ନାହିଁ। ଷଷ୍ଠ ଶ୍ରେଣୀ ପରେ ତାଙ୍କ ପାଠପଢ଼ା ବନ୍ଦ ହେଲା। ବାରବର୍ଷ ବୟସରେ ତାଙ୍କୁ ଛବିଶ ବର୍ଷୀୟ ବ୍ୟକ୍ତିଙ୍କ ସହ ବିବାହ କରିଦିଆଗଲା। ବେବିଙ୍କୁ ୨୦ ବର୍ଷ ବୟସ ହେବା ବେଳକୁ ସେ ତିନୋଟି ସନ୍ତାନର ଜନନୀ ହୋଇସାରିଥିଲେ। ସ୍ୱାମୀଙ୍କ ଦ୍ୱାରା ଅତ୍ୟାଚାରିତ ହୋଇ ପଚିଶ ବର୍ଷ ବୟସରେ ସେ ପିଲାମାନଙ୍କ ସହ ଦିଲ୍ଲୀ ଚାଲିଆସିଲେ। ମୁନସୀ ପ୍ରେମଚାନ୍ଦଙ୍କ ନାତି ପ୍ରଫେସର ପ୍ରବୋଧ କୁମାରଙ୍କ ଘରେ ସେ ଚାକରାଣୀ ଭାବରେ କାମକଲେ। ଦିନେ ସେ ତାଙ୍କର ବହିଥାକ ଝାଡ଼ିବା ସମୟରେ ତସଲିମାଙ୍କ ଆତ୍ମଜୀବନୀ 'ଆମାର ମେୟେବେଲା' ତାଙ୍କର ଦୃଷ୍ଟି ଆକର୍ଷଣ କଲା। ବଙ୍ଗଳା ଭାଷାରେ ତାଙ୍କର ଦକ୍ଷତା ନଥିଲେ ମଧ୍ୟ ସେ ପଢ଼ିପାରୁଥିଲେ। ବହିଟି ପଢ଼ି ସେ ଅଭିଭୂତ ହେଉଥିଲେ। ଏକଥା ଲକ୍ଷ୍ୟ କରୁଥିଲେ ପ୍ରବୋଧ କୁମାର। ସେ ବେବିଙ୍କୁ ପଚାରିଲେ, "ତୁମକୁ କଣ ବହିଟି ପଢ଼ିବାକୁ ଭଲ ଲାଗୁଛି ?" ବେବି କହିଲେ, "ତସଲିମାଙ୍କ ଜୀବନ କାହାଣୀଟି ମୋ' ନିଜ ଜୀବନ କାହାଣୀ ଭଳି ଅନୁଭବ ହେଉଛି।" ପ୍ରବୋଧ କୁମାର ଅନୁଭବ କଲେ ବେବିଙ୍କ ହୃଦୟ ଆଲୋଡ଼ିତ ହୋଇଛି ମାତ୍ର ଅଭିବ୍ୟକ୍ତି ପାଇଁ ସୁଯୋଗ ପାଉନାହିଁ।


ସେ ବେବିଙ୍କୁ ଗୋଟିଏ ନୋଟ୍‌ବୁକ୍ ଓ କଲମ ଦେଇ କହିଲେ, "ମୁଁ ଗୋଟିଏ ମାସ ପାଇଁ ଦକ୍ଷିଣ ଭାରତ ପରିଭ୍ରମଣରେ ଯିବି। ଏହାରି ଭିତରେ ତୁମେ ଯାହା ଭାବୁଛ ତାକୁ ଏହି ନୋଟ୍ ବୁକ୍‌ରେ ଲେଖିପାରିବ।" ଗୋଟିଏ ମାସର ଭ୍ରମଣପରେ ପ୍ରବୋଧ କୁମାର ଫେରିଲେ ଓ ଦେଖିଲେ ବେବି ୧୦୦ ପୃଷ୍ଠା ଲେଖି ସାରିଛନ୍ତି। ସେ ପୃଷ୍ଠା ପରେ ପୃଷ୍ଠା ପଢ଼ିଚାଲିଲେ ଓ ଅଭିଭୂତ ହେଲେ। ତାକୁ "ଆଲୋ ଅନ୍ଧାରୀ" ଶୀର୍ଷକରେ ନାମିତ କଲେ, ରୋଶନି ପବ୍ଲିସର୍ସ, କଲିକତା ତାକୁ ୨୦୦୨ରେ ପ୍ରକାଶ କଲା। ବହିଟି ଏତେ ଆଦୃତ ହେଲା ଯେ, ୨୦୦୩ରେ ତା'ର ହିନ୍ଦୀ ଅନୁବାଦ ଓ ୨୦୦୬ରେ ଉର୍ବଶୀ ବୁଟାଲିଆଙ୍କ ଦ୍ୱାରା ତା'ର ଇଂରାଜୀ ଅନୁବାଦ ପ୍ରକାଶ ପାଇଲା। ପରବର୍ତ୍ତୀ ସମୟରେ ୨୧ଟି ଭାଷାରେ ଏହି ପୁସ୍ତକଟି ଅନୂଦିତ ହୋଇ ସମଗ୍ର ବିଶ୍ୱରେ ଆଦୃତ ହେଲା। ବହିଟିର ସଫଳତା ପଛରେ ଥିଲା ଲେଖିକାଙ୍କ ପ୍ରେରଣା। ତା' ପଛରେ ନଥିଲା କୌଣସି ପୁରସ୍କାର ବା ସମ୍ବର୍ଦ୍ଧନା ପାଇବାର ଇଚ୍ଛା।

**ବହିଟିର ସଫଳତା ପଛରେ ଥିଲା ଲେଖିକାଙ୍କ ପ୍ରେରଣା; ତା' ପଛରେ ନଥିଲା କୌଣସି ପୁରସ୍କାର ବା ସମ୍ବର୍ଦ୍ଧନା ପାଇବାର ଇଚ୍ଛା।**

## ଜିଜୀବିଷାର ଅର୍ଥ

୧୯୮୧ ମସିହାର ଘଟଣା। ଗ୍ରୀଷ୍ମଋତୁର ଦ୍ୱିପ୍ରହରରେ ରିକ୍‌ସାବାଲାଟିଏ ଜ୍ୟୋତିଷ ରାୟ କଲେଜ ସମ୍ମୁଖରେ ଯାତ୍ରୀ ପାଇଁ ଅପେକ୍ଷା କରିଥାଏ। ତନ୍ମୟହୋଇ ପଢୁଥାଏ ମହାଶ୍ୱେତା ଦେବୀଙ୍କ 'ଅଗ୍ନିଗର୍ଭ' ଗଳ୍ପ ସଂକଳନ। ଜଣେ ମହିଳା ଯାତ୍ରୀ ଭାବରେ ତା'ର ରିକ୍ସାରେ ବସିଲେ। ରିକ୍ସାବାଲାଟି ପଚାରିଲା, "ମାଡାମ୍! ଜିଜୀବିଷା ଶବ୍ଦର ଅର୍ଥ କଣ ?" ମହାଶୟା ପଚାରିଲେ, "ତୁମେ ଏହି ଶବ୍ଦଟି କେଉଁଠୁ ପାଇଲ ? କେତେ ପାଠ ପଢିଛ ?" ରିକ୍ସାବାଲା ଉତ୍ତର ଦେଲା, "ମୁଁ ଆଦୌ ସ୍କୁଲରେ ପାଦ ପକାଇନାହିଁ। ଜେଲ୍‌ରେ ଥିଲି। ସେଠାରେ ଜଣେ ଶିକ୍ଷିତ ବନ୍ଦିଙ୍କଠାରୁ ଅକ୍ଷର ଶିଖିଲି ଓ ମୁଁ ଏବେ ପଢ଼ିପାରୁଛି।" ସିଟ୍ ତଳୁ 'ଅଗ୍ନିଗର୍ଭ' ବହିଟି କାଢ଼ି ତାକୁ ଦେଖାଇ କହିଲା, "ମୁଁ ଆପଣଙ୍କ ବହି ହିଁ ପଢୁଥିଲି।" ସେ ମହିଳା ଜଣକ ଥିଲେ ବଙ୍ଗଳା ଭାଷାର ବିଶିଷ୍ଟ ଲେଖିକା ମହାଶ୍ୱେତା ଦେବୀ। ରିକ୍ସାବାଲାର ଜିଜ୍ଞାସା ଓ ପଢ଼ିବାର ଆଗ୍ରହ ଦେଖି ସେ ଏତେ ଅଭିଭୂତ ହେଲେ ଯେ ସେ ତାକୁ ନିଜ ଘରକୁ ଆମନ୍ତ୍ରଣ କଲେ ଓ ତା'ଠାରୁ ତା'ର ଜୀବନ କାହାଣୀ ଶୁଣିଲେ। ସେହି ରିକ୍ସାବାଲାଙ୍କ ନାମ ଥିଲା ମନୋରଞ୍ଜନ

ବ୍ୟାପାରୀ। ସେ କହିଗଲେ ତାଙ୍କ ଜୀବନ କାହାଣୀ। ବଙ୍ଗ ବିଭାଜନ ସମୟରେ ସେ ପୂର୍ବବଙ୍ଗରୁ ଆସି କଲିକତାର ଏକ ଶରଣାର୍ଥୀ ଶିବିରରେ ଆଶ୍ରୟ ନେଇଥିଲେ। ପାଞ୍ଚବର୍ଷ ବୟସରେ ସେ ଗୋରୁ ଚରାଇ ଜୀବିକା ନିର୍ବାହ କରୁଥିଲେ। ତା'ପରେ ସେ ହୋଟେଲ୍‌ରେ କପ୍‌ପ୍ଲେଟ୍ ଧୋଇ, କାଠକାଟି ବିକ୍ରିକରି, ମେହେନ୍ତର କାମକରି ଓ ଶେଷରେ ଯାଦବପୁର ରେଳଷ୍ଟେସନରେ କୁଲି କାମକରି ଜୀବନଧାରଣ କଲେ। ଘଟଣାକ୍ରମେ ସେ ଯୋଗଦେଲେ ନକ୍ସଲ ଆନ୍ଦୋଳନରେ ଓ ଶେଷରେ ଗଲେ ଜେଲ୍, ଯେଉଁଠି ସେ ଅକ୍ଷର ଶିକ୍ଷା କରିଥିଲେ। ମହାଶ୍ୱେତା ଦେବୀ ତାଙ୍କ ଜୀବନ କାହାଣୀ ଶୁଣି ଏତେ ଅଭିଭୂତ ହେଲେ ଯେ ସେ ତାଙ୍କୁ ନିଜ ଭାଷାରେ ଲେଖିବାକୁ ଉତ୍ସାହିତ କଲେ। ସେ ଲେଖିଲେ ଓ ତାହା ମହାଶ୍ୱେତା ଦେବୀଙ୍କ ଦ୍ୱାରା ସଂପାଦିତ 'ବର୍ତ୍ତିକା' ପତ୍ରିକାରେ ନିୟମିତ ଭାବରେ ପ୍ରକାଶ ପାଇଲା। ବହିଟିର ବିଷୟ ଓ ବର୍ଣ୍ଣନା ଏତେ ପ୍ରଭାବଶାଳୀ ହେଲା ଯେ ପରବର୍ତ୍ତୀ ସମୟରେ ତାହା ସଂକଳିତ ହୋଇ "ଇତିବୃତ୍ତେ ଚଣ୍ଡାଳ ଜୀବନ" ନାମରେ ପ୍ରକାଶ ପାଇଲା ଓ ପଶ୍ଚିମବଙ୍ଗ ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହେଲା। ଆଜି ତାହା ୨୦ରୁ ଅଧିକ ଭାଷାରେ ଅନୂଦିତ ହୋଇ ସମଗ୍ର ବିଶ୍ୱରେ ଆଦୃତ ହୋଇଛି। ବହିଟିର ସଫଳତା ପଛରେ ଥିଲା ମନୋରଞ୍ଜନ ବ୍ୟାପାରୀଙ୍କ ହୃଦୟର ଭାବାବେଗ ଯାହା ଭାଷା ଅଭାବରୁ ପ୍ରକାଶ ପାଇପାରୁ ନ ଥିଲା। ଭାଷାଶିକ୍ଷା ପରେ ଓ ମହାଶ୍ୱେତା ଦେବୀଙ୍କ ପ୍ରେରଣାରେ ଲେଖକଙ୍କ ଭାବାବେଗ ଅଭିବ୍ୟକ୍ତ ହୋଇ ଅସଂଖ୍ୟ ପାଠକଙ୍କ ହୃଦୟକୁ ଛୁଇଁଲା ଓ କାଳଜୟୀ ହେଲା।




**ଲେଖକ ହେବାର ତାଲିମ**

କିଛିବର୍ଷ ତଳେ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ 'ମୁଁ ବି ଲେଖକ ହେବି' ନାମରେ କାର୍ଯ୍ୟକ୍ରମ ଆୟୋଜନ କରି ଗଳ୍ପ, କବିତା, ଉପନ୍ୟାସ ଆଦି କିପରି ଲେଖିହେବ ସେ ସଂପର୍କରେ ତାଲିମ ଦିଆଯିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ମାତ୍ର ଜୀବନକୁ ଅନ୍ତରଙ୍ଗ ଭାବରେ ଅନୁଭବ ନ କଲେ ଅନ୍ତର୍ଦୃଷ୍ଟି ସ୍ୱତଃସ୍ଫୂର୍ତ୍ତତା ଓ ଅଭିବ୍ୟକ୍ତି ପାଇଁ ଆବେଗ ନଥିଲେ ସାହିତ୍ୟ ସୃଷ୍ଟି ସମ୍ଭବ ନୁହେଁ । ଫକୀରମୋହନ, ରାଧାନାଥ, ଗଙ୍ଗାଧର ଆଦି କବି ଲେଖିବା କଳା ଶିଖିବା ପାଇଁ ତାଲିମ ନେଇନଥିଲେ । ସେମାନେ ସ୍ୱତଃସ୍ଫୂର୍ତ୍ତ ପ୍ରେରଣା ଓ ଆବେଗ ଚାଳିତ ହୋଇ ଲେଖୁଥିଲେ । ଅଭିମନ୍ୟୁ ସାମନ୍ତସିଂହାର ପିଲା ଥିବାବେଳେ କରମଙ୍ଗା ଗଛତଳେ ବସିଥିବା ବେଳେ ଏଭଳି ଭାବପ୍ରବଣ ହୋଇଥିଲେ ଯେ ତାଙ୍କ ମୁହଁରୁ ହଠାତ ନିଃସୃତ ହୋଇଥିଲା, 'କରମଙ୍ଗା ଗଛର ଛାଇ ଗୋ / କରମ ଯାହାର ସଫଳ ହୋଇଛି କୃଷ୍ଣକୁ ପାଇବ ସେହି ଗୋ ।' ଏହି ଆବେଗ ପରବର୍ତ୍ତୀ ସମୟରେ ତାଙ୍କ ଲେଖନୀରୁ ସୃଷ୍ଟିକଲା 'ବିଦଗ୍ଧ ଚିନ୍ତାମଣି' ଓ 'ପ୍ରେମ ଚିନ୍ତାମଣି' ନାମରେ ଦୁଇଟି ରସମୟ କାବ୍ୟ ।

ଅକ୍ଷର ଲେଖି ଶିଖିବା ପୂର୍ବରୁ ମନୋଜ ଦାସଙ୍କ ମୁହଁରୁ ନିଃସୃତ ହୋଇଥିଲା କବିତା । ଦିନେ ସେ ଗାଁ ଦାଣ୍ଡରେ ମାଆଙ୍କ ସହ ଚାଲୁଥାନ୍ତି । ସେ ଦେଖିଲେ, ଜଣେ ମାଆ ତାଙ୍କ ବୟସର ପୁଅକୁ ବାଡ଼େଉଛି । ଦୃଶ୍ୟଟି ମନୋଜ ଦାସଙ୍କୁ ଆଲୋଡ଼ିତ କଲା । ସେ ତାଙ୍କ ନିଜ ମାଆଙ୍କ କଥା ଭାବିଲେ ଓ ତାଙ୍କ ମୁହଁରୁ ସ୍ୱତଃପ୍ରବୃତ୍ତ ଭାବରେ ନିଃସୃତ ହେଲା, ଜୀବନର ପ୍ରଥମ କାବ୍ୟିକ ଉଚ୍ଚାରଣ : 'ମୋ ମା'ଟି କେତେ ଭଲ/ ଯେତେ ଭଲ ପଦ୍ମଫୁଲ ।' ଆଉ ଏକ ଘଟଣା । ମନୋଜ ଦାସଙ୍କ ପୈତୃକ ଗୃହରେ ରାଧା ନାମ୍ନୀ ଜଣେ ପରିଚାରିକା ଥିଲେ । ମନୋଜ ଥିଲେ ମିଠାପ୍ରିୟ । ଦିନେ ଜଳଖିଆ ସମୟରେ ରାଧା ଗୋଟିଏ ମାତ୍ର ମିଠା ଦିଅନ୍ତେ, ମନୋଜ ଆହୁରି ମିଠା ଦାବି କରିବାରୁ ବେଶି ମିଠା ଦାନ୍ତ ନଷ୍ଟ କରିବ କହି ରାଧା ତାଙ୍କୁ ଆଉ ଅଧିକ ମିଠା ଦେଲେନାହିଁ । ମନୋଜ ଦାସଙ୍କ ମୁହଁରୁ ହଠାତ୍ ବାହାରିପଡ଼ିଲା, "ରାଧା ନାନୀ ଦୁଷ୍ଟ ଶିରୋମଣି / ତୋ' ମୁଣ୍ଡ ଖାଉଥାଉ ଅଜସ୍ର ଉକୁଣି ।" ମନୋଜ ଦାସ ନିଜେ ସ୍ୱୀକାର କରିଛନ୍ତି, ସଚେତନ ଭାବରେ କବିତା ଲେଖିବା ପୂର୍ବରୁ ଏହାଥିଲା ତାଙ୍କର ସ୍ୱତଃସ୍ଫୂର୍ତ୍ତ ଉଚ୍ଚାରଣ । ତାଙ୍କର ଏହି ଅନ୍ତଃପ୍ରେରଣା ପରବର୍ତ୍ତୀ କାଳରେ

ଅନେକ କବିତା ଲେଖିବା ପାଇଁ ପ୍ରେରିତ କରିଥିଲା । ସେଗୁଡ଼ିକ ପ୍ରକାଶ ପାଇଲା 'ତୁମ ଗାଁ ଓ ଅନ୍ୟାନ୍ୟ କବିତା', 'କବିତା ଉତ୍କଳ', 'ଶତାବ୍ଦୀର ଆର୍ତ୍ତନାଦ' ଓ 'ପଦଧ୍ୱନି' ନାମରେ । ମନୋଜ ଦାସଙ୍କ ଜୀବନର ଆଉ ଏକ ଘଟଣା । ଅଷ୍ଟମ ଶ୍ରେଣୀରେ ପଢୁଥିବା ସମୟରେ ଗ୍ରୀଷ୍ମଋତୁର ଗୋଟିଏ ସକାଳେ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ସେ ଛାତ୍ରାବାସ ନିକଟରେ ଥିବା ଗୋଟିଏ ଘରୋଇ ପୋଖରୀରେ ଗାଧୋଇ ପକାଇଲେ । ଏହାଥିଲା ତାଙ୍କ ଅନଧିକାର ପ୍ରବେଶ । ଏଣୁ ସେହି ପୋଖରୀର ମାଲିକାଣୀ ତାଙ୍କୁ ଗାଳିଦେଇ ଆଉ କେବେ ନ ଆସିବାକୁ ତାଗିଦ୍ କଲେ । ମାତ୍ର ପରଦିନ ମନୋଜ ତା'ର ପୁନରାବୃତ୍ତି କରି ଧରାପଡ଼ନ୍ତେ, ମାଲିକାଣୀଙ୍କୁ କହିଲେ, "ମାଉସୀ ! ଗତକାଲି ମୁଁ ଆସିନଥିଲି । ମୋର ଜଣେ ଜାଆଁଳା ଭାଇ ଅଛି । ବୋଧହୁଏ ସେ ଆସିଥିବ । ସେ ଦେଖିବାକୁ ଠିକ୍ ମୋ'ପରି ।" ମାଲିକାଣୀ ବୁଝିଗଲେ । ମନୋଜ ମିଛ କହି ଖସି ଆସିଲେ ସିନା, ପରେ ସେ ମିଛକଥା କହିଥିବାରୁ ଅନୁତାପ କଲେ । କିଛିମାସ ପରେ ତାଙ୍କୁ ସ୍କୁଲ ଛାଡ଼ିବାକୁ ପଡ଼ିଲା । ସେ ସେହି ମାଲିକାଣୀଙ୍କୁ ସାକ୍ଷାତକରି କହିଲେ, "ମାଉସୀ । ପ୍ରକୃତରେ ମୁଁ ହିଁ ଦ୍ୱିତୀୟଥର ବି ଆସିଥିଲି । ମୁଁ ଆପଣଙ୍କୁ ମିଛ କହିଥିଲି । ମୋ'ର କେହି ଜାଆଁଳା ଭାଇ ନାହିଁ । ମୋତେ ଆପଣ କ୍ଷମା କରିବେ ।" ମନୋଜ ବାବୁଙ୍କ ଏହି ସ୍ୱୀକାରୋକ୍ତି ସେହି ମାଉସୀଙ୍କୁ ଉତ୍ତ୍ୟକ୍ତ କରିନାହିଁ । ବରଂ ସେ ମନୋଜଙ୍କ ଚିବୁକକୁ ସ୍ପର୍ଶକରି କୋମଳ କଣ୍ଠରେ କହିଲେ, "ଆରେ ତା'ହେଲେ ତୁ ତ ବଡ଼ ବୁଦ୍ଧିମାନ ।" ମାଉସୀଙ୍କ ଏହି କଥା ପଦକ ମନୋଜ ଦାସଙ୍କ ହୃଦୟକୁ ଆଲୋଡ଼ିତ କରିଥିଲା । ସେଥିରେ ସେ ଆବିଷ୍କାର କରିଥିଲେ, ଭାରତୀୟ ମାତୃତ୍ୱର ସ୍ପନ୍ଦନ । ପୁଅ ଯେତେ ଦୁଷ୍ଟ ହେଲେ ମଧ୍ୟ ମା' ଆଖିରେ ତାହା ନିନ୍ଦନୀୟ ହୋଇନପାରେ । ଏହି ଘଟଣାଟି ମନୋଜ ଦାସଙ୍କୁ ଏତେ ପ୍ରେରଣା ଦେଇଥିଲା ଯେ ପରବର୍ତ୍ତୀ ସମୟରେ ତାଙ୍କ ଗଳ୍ପ ଓ ଉପନ୍ୟାସଗୁଡ଼ିକରେ ସ୍ଥାନ ପାଇଥିବା ଅଧିକାଂଶ ମାତୃ ଚରିତ୍ରରେ ଭାରତୀୟ ମାତୃତ୍ୱର ଏହି ଦିଗଟି ପ୍ରତିପାଦିତ ହୋଇଛି । ଗୋଟିଏ ଅଭିଭାଷଣରେ ଏହା ଥିଲା ସ୍ୱୟଂ ମନୋଜ ଦାସଙ୍କ ସ୍ୱୀକାରୋକ୍ତି ।

**ମାଉସୀଙ୍କ କଥା ପଦକ ମନୋଜ ଦାସଙ୍କ ହୃଦୟକୁ ଆଲୋଡ଼ିତ କରିଥିଲା । ସେଥିରେ ସେ ଆବିଷ୍କାର କରିଥିଲେ ଭାରତୀୟ ମାତୃତ୍ୱର ସ୍ପନ୍ଦନ ।**

## ଲେଖକୀୟ ପ୍ରେରଣା

କବି, ଲେଖକ, ସଂଗୀତଜ୍ଞ, ଚିତ୍ରଶିଳ୍ପୀ- ଏମାନେ ସମସ୍ତେ ପ୍ରେରଣାଚାଳିତ। ଏମାନେ ସମ୍ମାନ, ସମ୍ବର୍ଦ୍ଧନା ବା ପୁରସ୍କାର ଆଶାରେ ସାଧନା କରନ୍ତି ନାହିଁ। ଏମାନଙ୍କ ସଂସାର ହେଉଛି ଅନ୍ତରଙ୍ଗ ହେବାର ସଂସାର, ଶ୍ରଦ୍ଧାର ସଂସାର। ତାନ୍‌ସେନ୍‌ଙ୍କ ସଂଗୀତ ଶୁଣି ମହାରାଜ ଆକବର ଅଭିଭୂତ ହୋଇ କହନ୍ତି, "ତୁମେ ହେଉଛ ଅପ୍ରତିଦ୍ୱନ୍ଦୀ ସଂଗୀତଜ୍ଞ।" ମାତ୍ର ଦିନେ ତାନ୍‌ସେନ୍ କହିଲେ, "ମହାରାଜ ! ମୁଁ ଅପ୍ରତିଦ୍ୱନ୍ଦୀ ନୁହେଁ। ମୋ' ଗୁରୁ ହରିଦାସ ହେଉଛନ୍ତି ଅପ୍ରତିଦ୍ୱନ୍ଦୀ ସର୍ବଶ୍ରେଷ୍ଠ ସଂଗୀତଜ୍ଞ।" ଆକବର ହରିଦାସଙ୍କ କଣ୍ଠରୁ ସଂଗୀତ ଶୁଣିବାକୁ ବ୍ୟାକୁଳ ହେଲେ। ଦିନେ ସେ ଛଦ୍ମବେଶରେ ତାନ୍‌ସେନ୍‌ଙ୍କ ସହ ହରିଦାସଙ୍କ ଆଶ୍ରମରେ ପହଞ୍ଚିଲେ। ଜହ୍ନରାତି ହୋଇଥାଏ। ଶିଷ୍ୟ ତାନ୍‌ସେନ୍ ଗୁରୁଙ୍କ ପାଖରେ ବସିଥାନ୍ତି। ହରିଦାସ ଆରମ୍ଭ କଲେ ଏକ ଆବେଗଭରା ସଂଗୀତ। ସେ ସଂଗୀତ ଗାନ କରୁ କରୁ ଏତେ ତନ୍ମୟ ହୋଇଗଲେ ଯେ ଶେଷରେ ସମାଧିସ୍ଥ ହୋଇଗଲେ। ସକାଳ ହେଲା। ଛଦ୍ମବେଶୀ ରାଜା ଅଭିଭୂତ ହୋଇ ତାନ୍‌ସେନ୍‌ଙ୍କ ସହ ଫେରିବା ସମୟରେ କହିଲେ, "ବାସ୍ତବିକ ତୁମର ସଂଗୀତ ମୁଗ୍ଧକର, କିନ୍ତୁ ତୁମ ଗୁରୁ ହରିଦାସଙ୍କ ସଂଗୀତ ଆହୁରି ହୃଦୟସ୍ପର୍ଶୀ ଓ ଅକଳ୍ପନୀୟ। ଏହାର କାରଣ କ'ଣ ?" ତାନ୍‌ସେନ୍ ଉତ୍ତର ଦେଲେ, "ମହାରାଜ ! ଆପଣ ମୋ'ଠାରୁ ଆପଣଙ୍କ ଚିତ୍ତବିନୋଦନ ନିମନ୍ତେ ସଂଗୀତ ଦାବି କରନ୍ତି ଓ ମୁଁ ଆପଣଙ୍କୁ ସନ୍ତୁଷ୍ଟ କରିବା ପାଇଁ ସଂଗୀତ ଗାନ କରେ। ଆପଣଙ୍କ ଠାରୁ ମୋର ପୁରସ୍କାର ଓ ପ୍ରଶଂସା ପାଇବାର ପ୍ରତ୍ୟାଶା ଥାଏ। ମାତ୍ର ମୋର ଗୁରୁ ତାଙ୍କ ପ୍ରଭୁ ଶ୍ରୀକୃଷ୍ଣ ପାଇଁ ସ୍ୱତଃସ୍ଫୂର୍ତ୍ତ ଭାବରେ ଗାଆନ୍ତି। ପ୍ରଭୁଙ୍କର କିଛି ଦାବି ନଥାଏ, କି ଗୁରୁଙ୍କର କିଛି ପ୍ରତ୍ୟାଶା ନଥାଏ। ସେ ଥାଆନ୍ତି ନିଷ୍କାମ ଓ ପ୍ରେରଣାଚାଳିତ।" ଏହି ସ୍ୱତଃସ୍ଫୂର୍ତ୍ତ ପ୍ରେରଣା ହେଉଛି କାଳଜୟୀ ସାହିତ୍ୟ ଓ ସଂଗୀତର ମୂଳଉତ୍ସ।

□□

ଲେଖକଙ୍କ ଇ-ମେଲ ଠିକଣା:
csarangi1958@gmail.com

**ରମ୍ୟରଚନା**

# ଗବେଷଣା

**ନାରାୟଣ ଚନ୍ଦ୍ର ଶତପଥୀ**



ହଁ, ଆଜ୍ଞା, ଗବେଷଣା ମାନେ ଇଂରାଜୀରେ ଯାହାକୁ କହନ୍ତି 'ରିସର୍ଚ୍ଚ' । ସେହି ଗବେଷଣା କଥା କହୁଛି । ଏଇ ଗବେଷଣାରୁ ଆମେ କିଛି ଆବିଷ୍କାର କରୁ କିମ୍ବା ଉଦ୍ଭାବନ କରୁ । ଏଇ ଗବେଷଣାଲବ୍ଧ ଜ୍ଞାନକୁ ନେଇ ଆମେ ଚନ୍ଦ୍ରକୁ ଯାଇପାରିଲେ, ମଙ୍ଗଳ ଗ୍ରହ, ଶୁକ୍ର ଗ୍ରହ ଇତ୍ୟାଦି ସ୍ୱର୍ଗୀୟ ସ୍ଥାନକୁ ଯିବା ପାଇଁ ଆମେ ଏବେ ଧାଡ଼ି ଲଗାଇଛେ । ରୋବଟ୍ ପରି ମଣିଷ ନୁହଁ, କିନ୍ତୁ ମଣିଷଠାରୁ ଅଧିକ ଶକ୍ତିମାନ ଯନ୍ତ୍ରଚାଳିତ ମଣିଷ ସୃଷ୍ଟିକରି ଅନେକ କାମ କରିପାରୁଛେ । କିନ୍ତୁ ଯାହାହେଲେ ବି ଏଥିପାଇଁ ଯନ୍ତ୍ରପାତି ଆବଶ୍ୟକ କରୁଛେ । କୃତ୍ରିମ ବୁଦ୍ଧିମତ୍ତା ବଳରେ ଅନେକ ଅସମ୍ଭବ କାମକୁ ଆମେ, ମାନେ ଏଇ ମଣିଷ, ସମ୍ଭବ କରିପାରୁଛେ । ବିଜ୍ଞାନର ଜୟଯାତ୍ରା ସାମାନ୍ୟରୁ ଉତ୍ତରୋତ୍ତର ଉନ୍ନତିକରି କେତେ କ'ଣ ଆବିଷ୍କାର ବା ଉଦ୍ଭାବନ କରି ମଣିଷ ଜୀବନକୁ ସରଳ, ସୁନ୍ଦର ଓ ମହତ୍ତର କରିପାରୁଛେ ତା'ର ଉଦାହରଣ ଦେଇ ବରଂ ମୋର ଅଜ୍ଞତାକୁ ପ୍ରସାରିତ କରିବାକୁ ଚାହୁଁନାହିଁ ।



ସତରେ ଆଜ୍ଞା, ଏଇ ମାନବ ସୃଷ୍ଟି ପୂର୍ବରୁ କେତେ କ'ଣ ପରିବର୍ତ୍ତନ ସହକାରେ ଆମେ ମଣିଷ ହୋଇଛେ । ବୁଦ୍ଧିମାନ ହୋଇଛେ । ଏଇ ଧରନ୍ତୁ ଆଜ୍ଞା, ଡାରଓ୍ୱିନଙ୍କ କଥା; କେତେଆଡ଼େ ଯାତ୍ରାକରି, କେତେ କେତେ ବସ୍ତୁ ସଜୀବ ବା ନିର୍ଜୀବ ବସ୍ତୁ ସଂଗ୍ରହକରି ସେ କହିଲେ, 'ଷ୍ଟ୍ରଗଲ୍ ଫର୍ ଏକ୍‌ଜିଷ୍ଟେନ୍‌ସ' । ବଞ୍ଚି ରହିବା ପାଇଁ ପ୍ରତ୍ୟେକ ଜୀବ ଅନେକ ସଂଘର୍ଷ କରିଚାଲିଛନ୍ତି । ତାଙ୍କ ଭିତରୁ ଯେ ସଫଳ ହେଉଛି, ସେ ତିଷ୍ଠିରହୁଛି । ଅସଫଳ ଲୋପ ପାଇଯାଉଛି । ଏଇ ଧରନ୍ତୁ, ଡାଇନୋସର୍ । କେତେ ବଡ଼ବଡ଼ ଜୀବ ରାଜୁତି ଚଳାଇଥିଲେ । କିନ୍ତୁ ପରିବର୍ତ୍ତିତ ପାଣିପାଗ ବା ପ୍ରକୃତି ସହ ନିଜ ଜୀବନଶୈଳୀକୁ ଖାପଖୁଆଇ ନପାରି ସେମାନେ କାଳକ୍ରମେ ଧ୍ୱଂସ ବା ଲୋପ ପାଇଗଲେ । ନାହିଁ ଆଜ୍ଞା, ମୁଁ ଆପଣମାନଙ୍କୁ ଗବେଷଣାର ଏତେ ଗହୀରକୁ ନେବାକୁ ଚାହେଁନାହିଁ । କିନ୍ତୁ ସେଇ ଧାରାରେ ମଣିଷର ପୂର୍ବଜ ମାଙ୍କଡ଼ ବୋଲି ଜଣାପଡ଼ିଲା । ନା ନା, ଏହା ଦିନେ ଅଧେକର କାମ ନୁହଁ, ଏଥିପାଇଁ ଯୁଗ ପରେ ଯୁଗ ବିତିଯାଇଛି । ଏବେବି ଗବେଷଣା ଚାଲିଛି । କିଏ ଜାଣେ, ହୁଏତ ମଣିଷଠାରୁ ଆଉ କେଉଁ ନୂଆ ଜୀବନ ଆବିଷ୍କାର କରାଯାଇପାରେ ।


ଏଇ ଧରନ୍ତୁ ଆଜ୍ଞା, ଆମର ସୁବିଦିତ ସାହିତ୍ୟିକ ଜାକିର ଖାନ୍ ସାହେବ ଏଇ ତଥ୍ୟକୁ ମୂଳକରି ଲେଖିଦେଲେ 'ମାଙ୍କଡ଼ମୟ ପୃଥିବୀ' (ସାହିତ୍ୟ ଚର୍ଚ୍ଚା, ଅକ୍ଟୋବର, ୨୦୨୫) । ଏମିତି ଏକ ଅଚାନକ ପରିବର୍ତ୍ତନ ଆସିଲା ଯେ ସବୁ ମଣିଷ ମାଙ୍କଡ଼ ପାଲଟିଗଲେ । ଆଉ ସେହିପରି ରୋହିତ ଦାଶ ସାହେବ ଲେଖିଲେ ଯେ ହୃଦୟ ଚୋରି ହୋଇଯାଉଛି । ('ବିଶ୍ୱରୂପ', ସାହିତ୍ୟ ଚର୍ଚ୍ଚା, ଜାନୁଆରୀ, ୨୦୨୬) । ହୃଦୟ ସାଧାରଣ ଅଙ୍ଗ ନୁହଁ । ହୃଦୟ ଥିବାରୁ ବଞ୍ଚିବା ସମ୍ଭବପର ହେଉଛି । ଅଥଚ ସେ 'ବିଶ୍ୱରୂପ'ରେ ଲେଖିଲେ ଯେ ହୃଦୟଗୁଡ଼ାକ ଚୋରି ହୋଇଯାଉଛି । ଅଥଚ ମଣିଷ ବଞ୍ଚିଛି । ଏ କିଛି କମ୍ କଥା ନୁହେଁ, ହୃଦୟହୀନ ମଣିଷ ବଞ୍ଚିଛି ।

**ମଣିଷରୁ ମାଙ୍କଡ଼**

ହଁ ଆଜ୍ଞା, ଜାକିର ବାବୁ ଯାହା କହିଛନ୍ତି ତାହା ବି ହୋଇପାରେ । କୌଣସି ଗବେଷଣା ଫଳରେ ମଣିଷ ଓଲଟା

ଚାଲିପାରେ ଅର୍ଥାତ ମଣିଷରୁ ମାଙ୍କଡ଼, ମାଙ୍କଡ଼ରୁ ଆଉ କିଛି । ଏଇଟା ହେଲା 'ରିଟାର୍ଡେସନ୍' ବା କଞ୍ଚା ଓଡ଼ିଆରେ ନିମ୍ନଗତି, ଅର୍ଥାତ ଉତ୍କୃଷ୍ଟରୁ ନିକୃଷ୍ଟ । କିନ୍ତୁ ସେ ପ୍ରମାଣ କରିଦେଲେ ଯେ ମଣିଷର ପୂର୍ବଜ ହେଉଛନ୍ତି ମାଙ୍କଡ଼ ।

ସେହିପରି ରୋହିତ ବାବୁ ସୂଚାଇ ଦେଉଛନ୍ତି ଯେ ବୈଜ୍ଞାନିକମାନେ ଏତେ ଦ୍ରୁତଗତିରେ ଗବେଷଣା କରିଚାଲିଛନ୍ତି ଯେ ମଣିଷ ହୃଦୟ ବିନା ବଞ୍ଚିବା ଅସମ୍ଭବ ନୁହଁ । ଯଦି ରୋବଟ୍ ବଞ୍ଚିପାରୁଛି, କୃତ୍ରିମ ଉପାୟରେ ହେଉନା କାହିଁକି, ତେବେ ହୃଦୟହୀନ ମଣିଷ ସୃଷ୍ଟି ନ ହେବ କାହିଁକି ? ଅବଶ୍ୟ ରୋବଟ୍ ଯନ୍ତ୍ରଚାଳିତ, ମଣିଷ ସ୍ୱୟଂଚାଳିତ । ତଥାପି ହୃଦୟହୀନ ମଣିଷର ସ୍ଥିତି ଯେ ଦିନେ ନ ଆସିବ ତାହା କହିବା ବା ଅନୁମାନ କରିବା କୌଣସି ପ୍ରକାରରେ ଭୁଲ୍ ନୁହଁ ।




ଆଜ୍ଞା, ଗବେଷଣା କିଛି କମ୍ କାମ ନୁହଁ । ସବୁ ସମ୍ଭବ, ସବୁ ଅସମ୍ଭବ ନୁହଁ । ଧରନ୍ତୁ, ଗବେଷଣା ସେହିପରି ଗତିରେ ମାଡ଼ିଚାଲିଲା, ତେବେ ଆଜ୍ଞା ଦିନେ ହୁଏତ ଦେଖିବାକୁ ମିଳିବ ଯେ ମଣିଷର ବୃକକ୍ ନାହିଁ କିନ୍ତୁ ମଣିଷ ବଞ୍ଚିଛି କିମ୍ବା ଯକୃତ ନାହିଁ, ତଥାପି ମଣିଷ ବଞ୍ଚିଛି । ଖାଦ୍ୟନଳୀ ନାହିଁ ତଥାପି ମଣିଷ ଖାଉଛି ଆଉ ବଞ୍ଚିଛି । ଆଉଦିନେ ହଠାତ୍ ଦେଖାଯିବ, ମଣିଷର ଶ୍ୱାସନଳୀ ନାହିଁ କିନ୍ତୁ ମଣିଷ ବଞ୍ଚିଛି । ତା'ପରେ ଦିନେ ଦେଖାଯିବ ଯେ ମଣିଷର ଦେହରେ ଥିବା ସବୁ ଅଙ୍ଗ ନାହିଁ, କିନ୍ତୁ ହାତ, ଗୋଡ଼, ମୁଣ୍ଡ, ଆଖି, କାନ ବ୍ୟତୀତ ଏପରିକି ଯୌନାଙ୍ଗ ନାହିଁ କିନ୍ତୁ ମଣିଷ ଜନ୍ମିଛି । ଆଉଦିନେ ଦେଖିବାକୁ ମିଳିପାରେ, ମଣିଷର ମସ୍ତିଷ୍କ ନାହିଁ, କେବଳ ଉପର ଖୋଳଟା ଅଛି, ତଥାପି ମଣିଷ ବଞ୍ଚିଛି ।

ଯେ ସବୁ ଏବେ ଗୁଲିଖଟି ଗପ କହି ଉଡ଼େଇ ଦିଆଯାଇପାରେ ବା ଅତିଶୋଚନାର ପରିଣତି ବୋଲି ଥଟ୍ଟା କରାଯାଇପାରେ କିନ୍ତୁ ଏଇଠି ନେପୋଲିୟନଙ୍କ କଥା ମନେପଡ଼େ, ଅସମ୍ଭବ ବୋଲି କିଛି ନାହିଁ । ଅସମ୍ଭବ ଭାଷାକୋଷ ବା ଶବ୍ଦକୋଷର କେବଳ ଗୋଟେ ଶବ୍ଦ ।

## ପ୍ରକୃତିର ଖେଳ

ମଣିଷ ସହିତ ପ୍ରକୃତିର ବି କିଛି ଖେଳ ଅଛି । ପରିବର୍ତ୍ତିତ ପରିବେଶରେ କିଏ କ'ଣ ପରିବର୍ତ୍ତନ ଆଣୁଛି ତାହାହିଁ ହେବ ନିର୍ଦ୍ଧାରଣର ଯୋଗ୍ୟ । ମଣିଷ ଅନେକ କିଛି ସୃଷ୍ଟି କରିପାରେ ଏହା ପ୍ରମାଣିତ ହୋଇସାରିଛି । କେବଳ ମୃତ୍ୟୁକୁ ରୋକିପାରିନାହିଁ । କିଏ କହିବ ଏଇ ମଣିଷ ଦିନେ ହୁଏତ ଅମର ହୋଇ ରହିଯିବ ଠାକୁର ଠାକୁରାଣୀଙ୍କ ପରି ।

ଦେଖାଯାଉ, ଭବିଷ୍ୟତ କ'ଣ କହୁଛି ଆଉ କ'ଣ କରୁଛି । ବିଜ୍ଞାନର ଜୟଯାତ୍ରା ଏମିତି ଚାଲିଥିବ କି ନାହିଁ । ଭବିତବ୍ୟ ହିଁ ଏସବୁର ମୀମାଂସା କରିବ ।

ପ୍ରକୃତିର ପରିବର୍ତ୍ତନ ସହ ଜୀବଜଗତର ପରିବର୍ତ୍ତନ ଘଟୁଛି । କିନ୍ତୁ କିଏ ହୁଏତ ଗବେଷଣାକରି ପ୍ରକୃତିକୁ ଜୟ କରିପାରେ । ମଣିଷ ହୁଏତ ମେଘକୁ ରୋକିଦେଇପାରେ, ଝଡ଼ର ଗତି କମ୍ କରିଦେଇପାରେ କିମ୍ବା ବାଏଁ ବାଏଁ କୁଆଡ଼େ ଉଡେଇ ଦେଇପାରେ ବା କିଛି କ'ଣ ଦ୍ୱାରା ପବନକୁ ଶୋଷି ନେଇପାରେ । ହୁଏତ ଜଳବାୟୁ ମଣିଷର ଇସାରାରେ ପରିଚାଳିତ ହୋଇପାରେ । ପରିବେଶ ଉପରେ ବିଜୟ ଲାଭ କରିପାରେ । ବନ୍ୟା, ମରୁଡ଼ି ବା ଆଉ ଯାହାକିଛି ପ୍ରାକୃତିକ ଘଟଣା, ଯେପରିକି ଭୂମିକମ୍ପର ନିରାକରଣ ମଧ କରିପାରେ । ଏସବୁ କିଛି ଅସମ୍ଭବ ନୁହେଁ । ଏଇ ମଣିଷ ଦିନେ ହୁଏତ ଚାଷବାସ ପାଇଁ ଆବଶ୍ୟକ ଜଳ, ଉତ୍ତାପ ସବୁକିଛି କଣ୍ଟ୍ରୋଲ କରିପାରେ କିମ୍ବା ଏମିତି ବି କରିପାରେ, ମଣିଷକୁ ଖାଇବା, ପିଇବା ଦରକାର ପଡ଼ିନପାରେ । ଅମର ହେଲେ ସେସବୁର କ'ଣ ଦରକାର ପଡ଼ିବ ! ତେଣୁ ଗବେଷଣା ଦ୍ୱାରା ବିଶେଷ କିଛି କରାଯାଇପାରେ ।

ମଣିଷ କଥା ଛାଡ଼ନ୍ତୁ, କି ପରିବର୍ତ୍ତନ ଏଇ ମଣିଷର ଗବେଷଣା ଦ୍ୱାରା ସମ୍ଭବ ହୋଇପାରେ ତାହା ତ ଜାଣିଲେ; ହୁଏତ ଜୀବଜନ୍ତୁଙ୍କର ମଧ ପରିବର୍ତ୍ତନ କରିପାରେ । ମାଂସାସୀ

**ଆଜ୍ଞା, ମେଣ୍ଢାର କ୍ଲୋନ୍ ବାହାରି ସାରିଲାଣି । ଦିନେ ହୁଏତ ମଣିଷର କ୍ଲୋନ୍ ବାହାରିପାରେ ।**

ଜୀବକୁ ନିରାମିଷାଶୀ କରାଯାଇପାରେ । ହିଂସ୍ରଜନ୍ତୁଙ୍କୁ ଶାନ୍ତ ଜନ୍ତୁରେ ପରିଣତ କରାଯାଇପାରେ । ଜୀବହତ୍ୟା ମହାପାପ ଭାବି ଜୀବଜନ୍ତୁଙ୍କୁ ଆଉ ମରାଯାଇନପାରେ । ଜୀବଜନ୍ତୁ ବି ମଣିଷ ପରି ସବୁଠି ଚଳପ୍ରଚଳ କରିପାରନ୍ତି । ମଣିଷ ଓ ଅନ୍ୟ ଜୀବଜନ୍ତୁ ହୁଏତ ଏକାଠି ରହି ଚଳିପାରନ୍ତି ଏବଂ ସେଥିପାଇଁ ଜନ୍ମ ଉପରେ ମଧ୍ୟ ରୋକ୍ ଲଗାଯାଇପାରେ । ନଚେତ୍ ମଣିଷ ଓ ଜୀବଜନ୍ତୁ ଏତେ ସଂଖ୍ୟାରେ ବଢ଼ିବେ ଯେ ସେମାନେ ଡାଇନୋସର୍ ପରି ଦିନେ ବିଲୁପ୍ତ ହୋଇଯିବାର ସମ୍ଭାବନା ମଧ୍ୟ ରହିପାରେ । ଯେପରିକି ଏଇ ମନେ ବୃନ୍ଦାବନ, ଏ ମନେ ନରକ ।

ମଣିଷ ଓ ଜୀବଜନ୍ତୁ କଥା କହିଲା ପରେ, ମନକୁ ଆସେ ଗଛଲତା କଥା । ଆଜିକାଲି ତ ସବୁର ହାଇବ୍ରିଡ୍ ବାହାରିଲାଣି । ବାଇଗଣ ଗଛରେ ବିଲାତି ବାଇଗଣ ବା ସେହିପରି ବିଭିନ୍ନ ଗଛରେ ବିଭିନ୍ନ ଫଳ ଫଳାଯାଇପାରେ । ଗଛର ଘଞ୍ଚତା କମାଯାଇପାରେ ବା ବଢ଼ାଯାଇପାରେ । ଯାହାଫଳରେ ପୁଣି ଡାରଉଇନ୍ ମହାଶୟଙ୍କ ନିୟମ କଥାଟା ଖାପଖାଇପାରିବ ନାହିଁ । ତେଣୁ ସବୁଆଡ଼କୁ ନଜର ରଖି ସମୟ ସମୟେ ପରିବର୍ତ୍ତନର ପ୍ରୟୋଜନ ହୋଇପାରେ ।

ହଁ ଆଜ୍ଞା, ମଣିଷ ଏବେ ଆକାଶକୁ ଆଉ ଜଳକୁ ମଧ୍ୟ ନିଜ ଆୟତ୍ତରେ ରଖିସାରିଲେଣି । ଏଇ ଯେମିତି ଚନ୍ଦ୍ରଗ୍ରହକୁ ଯାତ୍ରା, ମଙ୍ଗଳ ଗ୍ରହ ଅଭିଯାନ, ଶୁକ୍ର ଗ୍ରହ ଅଭିଯାନ ଇତ୍ୟାଦି ବିଷୟ ଘଟିଯାଉଛି । ଜଳଜାହାଜ, ବୁଡ଼ାଜାହାଜ ବଳରେ ଜଳକୁ ମଧ୍ୟ ଆୟତ୍ତ କରାଯାଇପାରୁଛି ।


ମେଣ୍ଢାର କ୍ଲୋନ୍ ବାହାରି ସାରିଲାଣି । ଦିନେ ହୁଏତ ମଣିଷର କ୍ଲୋନ୍ ବାହାରିପାରେ । ହୁଏତ କେବେ ପୁରୁଷ ମଣିଷ ଛୁଆ ଜନ୍ମ କରିପାରେ, ମହିଳା ଆଶ୍ୱସ୍ତ ହୋଇପାରେ । ମଣିଷ ଡେଣା ନଥାଇ ଉଡ଼ି ଉଡ଼ି ଗତାଗତ କରିପାରେ ।

ଆଜ୍ଞା, ସବୁ ସମ୍ଭବ । ଗବେଷଣା ଦ୍ୱାରା ହୁଏତ ଦିନେ ଏଇ ଉପର ଲିଖିତ ଆଶଙ୍କାଗୁଡ଼ାକ ସତ୍ୟ ହୋଇପାରେ । ସନ୍ଦେହ କରନ୍ତୁ ନାହିଁ ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
drncsatapathy@gmail.com

# ଏ ସଂଖ୍ୟାର ମଲାଟ ଚିତ୍ର




ଏଥର ପ୍ରଚ୍ଛଦପଟରେ ଥିବା ଫଟୋଚିତ୍ରଟିକୁ ଉତ୍ତୋଳନ କରିଛନ୍ତି କାନାଡା ଦେଶର ଟରୋଣ୍ଟୋ ସହରରେ ରହୁଥିବା ବିଶିଷ୍ଟ ଓଡ଼ିଆ ସାହିତ୍ୟିକ ତଥା 'ସାହିତ୍ୟ ଚର୍ଚ୍ଚା'ର ଅନ୍ୟତମ ଉପଦେଷ୍ଟା, ଶ୍ରୀ ପ୍ରଶାନ୍ତ ଭୂୟାଁ ।

ଏହି ଫଟୋଚିତ୍ର ସେ ଟରୋଣ୍ଟୋ ସହରର ଉପକଣ୍ଠରେ ଥିବା ଓଣ୍ଟାରିଓ ପ୍ଲେସ୍‌ର ଓଣ୍ଟାରିଓ ହ୍ରଦ କୂଳରେ ଉଠାଇଥିଲେ । ଏହା ଏକ ପ୍ରକାରର ମେପଲ୍ ବୃକ୍ଷ । ଏହା ଶୀତଋତୁର ପ୍ରସ୍ଥାନ ଓ ବସନ୍ତ ଋତୁ ଆଗମନର ଏକ ସନ୍ଧ୍ୟା ସମୟର ଛବି । ଫଟୋଚିତ୍ରଟି ଉଠାଇବା ପରେ ସେ ଏହି ଋତୁରଙ୍ଗର କଥା ଭାବି ଏଇ କେତେ ପଦ ଲେଖିଥିଲେ:

"ଗଲାବେଳେ କହିଗଲା ଜାଡ଼ଥରା, ଆସୁଛି ବେଳ ମୋ' ସଇଲା
ବସନ୍ତକୁ ବାଟ ଦେଉଛି ସରାଗେ, ଛୁଆଁଇ ସେନେହ ବୋଇଲା
ତରଳି ଯାଉଛି ହିମଖଣ୍ଡ ଯେତେ, ଅଙ୍କୁରି ଆସୁଛି ପାଦପ
ଓଦା ମାଟି ଏବେ କୀଟ ଓ ପତଙ୍ଗ, ନିଶ୍ୱାସ ପ୍ରଶ୍ୱାସେ ଆଶ୍ୱସ୍ତ ।"



କବିତା

# ଉଦୟରାଗ

ଉମାକାନ୍ତ ମହାପାତ୍ର

ସବୁ ଅସହଜ ମୁହୂର୍ତ୍ତରେ ତୁମେ
ବେଶ ସହଜ ଲାଗ
କୋଉଥିରେ ଚିନ୍ତା ନଥାଏ ତୁମର
ଦକ ବି ନଥାଏ,
ସବୁ ଦିନ ରାତି ଏକାପରି ବିତୁଥାଏ
ସବୁ ଋତୁରେ ତୁମେ ଲାଗ
ବସନ୍ତର ପେନ୍ଥାଏ ସୁବାସିତ ଫୁଲ
ମଳୟର ଫଗୁଣ ମେଞ୍ଚାଏ ।

ସବୁରେ ରଙ୍ଗିନ ଥାଅ
ହୋଲି ହେଉ ଅବା ଦୀପାବଳି,
ଆଲୋକରେ ଭରିଦିଅ
ଅନ୍ତରାତ୍ମା, ବିନା ବିବାଦରେ
ଘରଟିରେ ଶୁଭୁଥାଏ
ମିଠା ମିଠା ମଧୁର କାକଳି ।



ଅଭାବରେ ଭାବମୟ,
ଭବଦୀୟ ତୁମେ
ଭୂମାରୁ ଭୂମିକୁ,
ଆଦରର ଉଦାରର ତୁମେ ଇ ତ
ପରମ ପୂଜାରୀ
ତୁମ ପାଇଁ ସାରାଘରେ ରହିଥାଏ ଶିରୀ
କେବେ ତୁମେ ମମତାରେ ମଧୁ ଭାଣ୍ଡ
କେବେ କେବେ ଜଟିଳ କୁହୁଡ଼ି,
ଆଜୀବନ ରହସ୍ୟରେ ରହିଥାଅ
ବୁଝିହୁଏ ନାହିଁ କେବେ ତୁମକୁ ତ
କେବେ କିଛି ହଜିଗଲେ, ହଜାଇଲେ
କାହାକୁ ବି ନଥାଅ ପଚାରି ।

ନିର୍ବିକାର ଥାଅ ସଦା,
ଥାଅ ନିରଳସ
ନିର୍ଭୀକ ଯେମିତି ଜହ୍ନରୀ
କାଟୁଥାଅ ସହଜରେ ଦିନ ରାତି
ଅମାପ ଅସୁଲ ତୁମ
ବୁଝିବାକୁ ନଥାଏ ସାମର୍ଥ୍ୟ,
ତୁମରି କଳ୍ପନା,
ଦୃଷ୍ଟି କେବେ ତୁମରି ତ
ହୁଏନି ଅବ୍ୟର୍ଥ ।

ସମାହିତ ସଦା ଥାଅ ତୁମେ
ସବୁବେଳେ ନିଜ
ସଂସାରରେ ସମାଜରେ,
ଚର୍ଚ୍ଚାର ପୃଥିବୀ ଡାକେ
ହାତଠାରି,
ଦରବାରେ ଦପ୍ତରରେ
ଡକାପଡ଼େ, ଯେହେତୁ ତ
ତୁମେ ହିଁ ଯଥାର୍ଥ ।


ଉଦୟ କିରଣ ତୁମେ
ମେଘଭର୍ତ୍ତି ଆକାଶରେ,
ବର୍ଣ୍ଣମୟ ବିଚିତ୍ର ଅଧ୍ୟାୟ,
ତୁମକୁ ପାରିନି ଜାଣି ଏଯାଏଁ ବି
ଯେଣୁ ତୁମେ ଅଭୟ ଅଜେୟ ।

□□

କବିଙ୍କ ଇ-ମେଲ୍ ଠିକଣା:
ukmahapatra64@gmail. Com

**ପ୍ରବନ୍ଧ**

# ସାହିତ୍ୟରେ ପଞ୍ଚମୀ ବିଦ୍ୟା



ପ୍ରଫୁଲ୍ଲ କୁମାର ମିଶ୍ର

'ସାହିତ୍ୟ' ଶବ୍ଦ ସହିତ ସମସ୍ତେ ପରିଚିତ । ମଣିଷ କଥା କହିବାଦିନୁଁ ଯାହାସବୁ ଭାବାଭିବ୍ୟକ୍ତିରେ ଆସିଛି ତାହାକୁ ଯଦି ଲେଖାଯାଇଥାନ୍ତା ତେବେ ସେ ସବୁ ଅନନ୍ତଶାସ୍ତ୍ର ଓ ଅଶାସ୍ତ୍ର ମଣିଷ ଉପରେ ବୋଝ ହୋଇ ରହିଥାନ୍ତା । ସେଥିରୁ ହଂସକ୍ଷୀର ନ୍ୟାୟରେ ଯେଉଁ ଭାବନାଗୁଡ଼ିକ ସୁକୁମାର ଭାବନାକୁ ଧରି ରଖିଲା ପୁରୁଷ ପୁରୁଷ ଧରି ତାକୁ ପିତା-ପୁତ୍ର ବା ଗୁରୁ-ଶିଷ୍ୟ ଅଥବା ସମାଜରୁ ସମାଜକୁ ଶତାବ୍ଦୀରୁ ଶତାବ୍ଦୀକୁ ନିଜ ସହ ନେଇଚାଲିଲା ସେ ହେଲା ସାହିତ୍ୟ । ତାହା କ୍ରମେ ପର୍ବତଶିଳାରେ, ଗୁମ୍ଫାରେ, ଚିତ୍ର ଆକାରରେ, ଚିତ୍ରଲିପି ଆକାରରେ ଓ ଲିପି ଆକାରରେ ଅଭିବ୍ୟକ୍ତ ହେଲା । ପରବର୍ତ୍ତୀ କାଳରେ ତାମ୍ରଫଳକ, ମନ୍ଦିରଗାତ୍ର, ତାଳପତ୍ର, ଭୂର୍ଜପତ୍ର, କାଷ୍ଠଫଳକ, ଚମଡ଼ା ଓ ସବାଶେଷରେ କାଗଜରେ ଅଭିବ୍ୟକ୍ତ କରାଗଲା ।

> **ସଭ୍ୟତାର ବିକାଶ ହେବା ସଙ୍ଗେ ସଙ୍ଗେ ସାହିତ୍ୟର ସୌକୁମାର୍ଯ୍ୟାଭିଧାନ ସୂକ୍ଷ୍ମରୁ ସୂକ୍ଷ୍ମତାକୁ ପ୍ରବହମାନ ଧାରାରେ ଗତି କଲା ।**

ସେ ସବୁକୁ ଆମେ ସାହିତ୍ୟ କହିବା, କାରଣ ସେହି ସବୁ ଅଭିବ୍ୟକ୍ତି ଆମ ଜୀବନ, ସମାଜ, ରାଜନୀତି ଓ ବିଜ୍ଞାନ ସହିତ ମିଶି ରହି ଆସିଅଛି । ଆଜି ହୁଏତ ବ୍ୟକ୍ତି ନିଜର ଅଭିବ୍ୟକ୍ତିକୁ ଅନାୟାସରେ ଇଲେକ୍ଟ୍ରନିକ୍ ମାଧ୍ୟମରେ ପ୍ରସାରିତ କରୁଛି । ସେଥିପାଇଁ ଅଭିବ୍ୟକ୍ତିର ସମୁଚିତ ବିବେଚିତ ବିଭାବ ହୁଏତ ବିପନ୍ନ ହୋଇଛି । ଯଦି କ୍ଳେଶପ୍ରଦ ଶିଳାଲିପି ବା ତାମ୍ରପତ୍ର ବା ଅନ୍ୟାନ୍ୟ ପତ୍ରରେ ଲେଖିବାକୁ ହେଉଥାନ୍ତା ତେବେ ବ୍ୟକ୍ତିବିଶେଷ ବା ସହୃଦୟ ଲେଖକ ଓ ପାଠକ ଏହାର ପରିମାଣରେ ମିତବ୍ୟୟ ଅବଲମ୍ବନ କରୁଥାନ୍ତେ ।

ଏହା କେବଳ ସାହିତ୍ୟ ପଦବାଚ୍ୟ ନୁହେଁ । ମଣିଷ ସାଙ୍ଗରେ ଯାହା ସବୁ ଅଛି, ଭଲମନ୍ଦ ହିଂସା ଭ୍ରମ ଓ ଆଠଟିଯାକ ସ୍ଥାୟୀଭାବ, ଅଣଚାଶ ଅନୁଭାବ ଓ ଅଷ୍ଟସାତ୍ତ୍ୱିକଭାବ ଓ ଅନ୍ୟାନ୍ୟ ସଚାରୀ ବା ବ୍ୟଭିଚାରୀ ଭାବମାନଙ୍କରେ ଜୀବନର ସମସ୍ତ ଆୟାମକୁ ସାଙ୍ଗରେ ଧରି ଚାଲିଥାଏ । ଏତଦ୍ ବ୍ୟତୀତ ସ୍ମରଣାତୀତ କାଳରୁ ସାଙ୍ଗରେ ଧରି ଚାଲିଥାଏ ଜୀବନର ନାନା ଶିଳ୍ପ ଓ କଳା ସମୂହ । ଏ ସମସ୍ତ ଭାବର ସମୁଦ୍ରକୁ ଓ ବସ୍ତୁର ପର୍ବତକୁ ସମୟାନୁକ୍ରମେ ମଣିଷ ଗଣ୍ଠିଲିକରି ସାଥୀରେ ବହି ଚାଲିଛି ଯୁଗ ଯୁଗ ଧରି । ଏସବୁ ସାହିତ୍ୟ ପଦବାଚ୍ୟ ଯଦି ସାହିତ୍ୟ ଶବ୍ଦର ବ୍ୟୁତ୍ପତ୍ତି ଲଭ୍ୟାର୍ଥକୁ ଆମେ ଗ୍ରହଣକରୁ ତାକୁ ଏହି ପର୍ଯ୍ୟାୟରେ ଆମେ ଅର୍ନ୍ତଭୁକ୍ତ କରିପାରିବା । କିନ୍ତୁ ପ୍ରବୃତ୍ତି ଅର୍ଥରେ ଆମ୍ଭେ କାବ୍ୟ ନାଟକାଦିକୁ ହିଁ ବୁଝିଥାଉ । ଯେପରି ମୃଗର ବ୍ୟୁତ୍ପତ୍ତିଲଭ୍ୟାର୍ଥ ହେଲା, ଯେଉଁ ପ୍ରାଣୀ ଚାରିଆଡ଼େ ବୁଲି ଖାଦ୍ୟ ଅନ୍ୱେଷଣ କରେ (ମୃଗ୍ୟତେ ଇତି ମୃଗ) ସେ ପଶୁ ସାମାନ୍ୟ । କିନ୍ତୁ କାଳକ୍ରମେ ସେ ପଶୁ ବିଶେଷ ଭାବେ ଗୃହୀତ ହେଲା । କିନ୍ତୁ ମୂଳ ମୃଗଶବ୍ଦ ସହିତ ରାଜ ଶବ୍ଦ ଯୋଡ଼ିହୋଇ ମୃଗରାଜ ଶବ୍ଦରେ ମୂଳ ବ୍ୟୁତ୍ପତ୍ତି ଲଭ୍ୟାର୍ଥ ପଶୁମାନଙ୍କ ରାଜା - ସିଂହ ଅର୍ଥକୁ ବୁଝାଇଲା । ତେଣୁ ଏହି ପ୍ରସଙ୍ଗରେ ସାହିତ୍ୟକୁ କବି, ଲେଖକ ଓ ସମାଲୋଚକମାନେ ଏକ ସୀମିତ ଅର୍ଥରେ ଅବବୋଧ କରିଥାନ୍ତି ।

## ଡିଙ୍କିଶାଳରୁ ଢେଙ୍କାନାଳ

ତେବେ ମୂଳତଃ ସାହିତ୍ୟ ଶବ୍ଦ ସର୍ବସ୍ପର୍ଶୀ ଥିଲାବେଳେ କେବଳ କଳାତ୍ମକ ଅଭିବ୍ୟକ୍ତିକୁ ସାହିତ୍ୟ ବୋଲି ବୁଝାଗଲା । ତଥାପି ସାହିତ୍ୟର ପରିସର ଡିଙ୍କିଶାଳରୁ ଢେଙ୍କାନାଳଯାଏ । ସଭ୍ୟତାର ବିକାଶ ହେବା ସଙ୍ଗେ ସଙ୍ଗେ ସାହିତ୍ୟର ସୌକୁମାର୍ଯ୍ୟାଭିଧାନ ସୂକ୍ଷ୍ମରୁ ସୂକ୍ଷ୍ମତାକୁ ପ୍ରବହମାନ ଧାରାରେ ଗତିକଲା । ତେଣୁ କେଉଁ ପ୍ରାଚୀନ କାଳରୁ ଭଗବାନଙ୍କ ନିଃଶ୍ୱାସରୁ ସୃଷ୍ଟ ବେଦମାନେ ସାଧାରଣତଃ ଚାରି ବୋଲି (ଋଗ୍ ଯଜୁ ସମାଥର୍ବଃ) ପ୍ରବର୍ତ୍ତିତ ହେଲେ । ପ୍ରାଚୀନ କାଳରେ ଚତୁର୍ଦ୍ଦଶ ବିଦ୍ୟା ବୋଲି କୁହାଗଲା- ଯଥା ଅଙ୍ଗାନି ବେଦଶ୍ଚତ୍ୱାର ମୀମାଂସା

ନ୍ୟାୟବିସ୍ତର ଧର୍ମଶାସ୍ତ୍ର ପୁରାଣାନି ବିଦ୍ୟାମାହୁଃ ଚତୁର୍ଦ୍ଦଶଃ ।

ଏଥିରେ ଛଅଟି ଅଙ୍ଗ ଯଥା- ଶିକ୍ଷା, କଳ୍ପ, ନିରୁକ୍ତ, ଛନ୍ଦ, ବ୍ୟାକରଣ ଓ ଜ୍ୟୋତିଷ ଏହି ଛଅଟି ବେଦର ଅଙ୍ଗ ତେଣୁ ବେଦାଙ୍ଗ ବୋଲି ଅଭିହିତ । ଏହି ଷଡ୍ ଅଙ୍ଗକୁ ଅଧ୍ୟୟନ କରୁଥିବା ବ୍ୟକ୍ତି ହେଲେ ଷଡଙ୍ଗୀ ।

ଶିକ୍ଷା- ବେଦ ମନ୍ତ୍ରର ଉଚ୍ଚାରଣ ପଦ୍ଧତି ।

କଳ୍ପ- ଧର୍ମ ସୂତ୍ର- ଆଚାରର ବ୍ୟବହାର ପଦ୍ଧତି ସମାଜଶାସ୍ତ୍ର ।

ସୁଲ୍‌ବସୂତ୍ର- ଯଜ୍ଞବେଦି ନିର୍ମାଣ, ଇଟା ନିର୍ମାଣାଦିର ମାପଚୁପ ।

ଗୃହ୍ୟ ସୂତ୍ର- ବିବାହ ବ୍ରତାଦି କର୍ମବିଧି ବିଧାନ ।

ଶ୍ରୌତ ସୂତ୍ର- ଅଗ୍ନିଚୟନ ଅଶ୍ୱମେଧ, ଜ୍ୟୋତିଷ୍ଟୋମାଦି ଯଜ୍ଞ ବିଧାନ ।

ନିରୁକ୍ତ- ପ୍ରତିଶବ୍ଦର ନିର୍ବାଚନ, ଅର୍ଥବ୍ୟୁତ୍ପତ୍ତି ।

ଛନ୍ଦ- ବୈଦିକ ଛନ୍ଦଃଶାସ୍ତ୍ର ।

ବ୍ୟାକରଣ- ପଦ-ପଦାର୍ଥ ଯଜ୍ଞ ପାଇଁ ପ୍ରୟୋଗ କରିବା ।

ଜ୍ୟୋତିଷ- ଯଜ୍ଞାଦି କର୍ମର କାଳ ନିର୍ଣ୍ଣୟ ।

ଯଦ୍ୟାପି ଏହି ଷଟ୍ ଶାସ୍ତ୍ର ବେଦାର୍ଥ ନିର୍ଣ୍ଣୟ ଓ ପଦପଦାର୍ଥ ନିରୂପଣ ପାଇଁ ଉଦ୍ଦିଷ୍ଟ । କାଳକ୍ରମେ ସେହିସବୁ ଶାସ୍ତ୍ର ଓ ଲୋକପରିସରରେ ଆଜି ବି ପ୍ରଚଳିତ । ଆଜିମଧ୍ୟ ବିବାହ ବ୍ରତ ଆଦି କର୍ମ ସେହି ଗୃହ୍ୟସୂତ୍ର ଅନୁସାରେ ଅନୁଷ୍ଠିତ ହୋଇ ଚାଲିଛି ।

୧-ଋଗ୍ ବେଦ - ଦଶହଜାର ମନ୍ତ୍ର ସମୂହ ।

୨-ଯଜୁର୍ବେଦ- ଯଜ୍ଞାର୍ଥ ପ୍ରଯୁକ୍ତ ଦୁଇହଜାର ମନ୍ତ୍ର

୩- ସାମ- ଗାନାର୍ଥ ୭୭ସୂକ୍ତ

୪- ଅଥର୍ବ- ରହସ୍ୟ ପୂର୍ଣ୍ଣ, ସୃଷ୍ଟିତତ୍ତ୍ୱ, ଚିକିତ୍ସା, ୬୯୦୦ମନ୍ତ୍ର

ମୀମାଂସା- ବେଦାର୍ଥର ପଦବାକ୍ୟ ମୀଂମାଂସା- ନିର୍ଣ୍ଣୟ

ନ୍ୟାୟ - ପଦପଦାର୍ଥ ନିର୍ଣ୍ଣୟ

ଧର୍ମଶାସ୍ତ୍ର - ସମାଜିକ ଚଳଣି

ପୁରାଣ- ସୃଷ୍ଟି କ୍ରମାଦି ପ୍ରାଚୀନ ଉପାଖ୍ୟାନ

ଏସବୁ ବ୍ୟାପକ ଦୃଷ୍ଟିରେ ସାହିତ୍ୟ ପଦବାଚ୍ୟ ହେଲେ ମଧ୍ୟ ବିଶେଷାର୍ଥରେ ନିର୍ଦ୍ଦିଷ୍ଟ ଭାବେ ସାହିତ୍ୟକୁ ଶାସ୍ତ୍ରଭାବେ ଗ୍ରହଣ କରାଯାଇନାହିଁ । କିନ୍ତୁ ଯେପରି ବେଦର (ଚାରିବିଦ୍ୟା) ସ୍ମରଣ କର୍ତ୍ତା ବ୍ରହ୍ମା ସେହିପରି ସାହିତ୍ୟ ୫ମ ବେଦଭାବେ ଗୃହୀତ ହୋଇଛି ରାଜଶେଖରଙ୍କ ଦ୍ୱାରା । ତେଣୁ ସେ କୁହନ୍ତି "ପଞ୍ଚମୀ ସାହିତ୍ୟ ବିଦ୍ୟା ଇତି ଯାଯାବରୀୟଃ"

**ଭାବକଦମ୍ବର ଅଭିବ୍ୟକ୍ତି**

ଏକ ଉଚ୍ଚତର ଚେତନାରୁ ଉତ୍ସାରିତ ଭାବକଦମ୍ବର କଳାତ୍ମକ ଅଭିବ୍ୟକ୍ତିକୁ ପଞ୍ଚମୀ ସାହିତ୍ୟ ବିଦ୍ୟାଭାବେ ଅଭିହିତ କରାଯାଇପାରେ । ତେଣୁ ଅଗ୍ନିପୁରାଣ ଓ ଆନନ୍ଦବର୍ଦ୍ଧନଙ୍କ ଅଭିପ୍ରାୟ ହେଲା । ଅପାରେ କାବ୍ୟ ସଂସାରେ କବିରେବ ପ୍ରଜାପତିଃ । ଯଥାସ୍ମୈରୋଚତେ ବିଶ୍ୱଂ ତଥେଦଂ ପରିବର୍ତ୍ତତେ । କବି ହେଲେ ପ୍ରଜାପତି । ତାଙ୍କ କାବ୍ୟ ସୃଷ୍ଟିରେ ରୁଚ୍ୟନୁସାରେ ସେ କାବ୍ୟଜଗତକୁ ପରିବର୍ତ୍ତିତ କରିପାରନ୍ତି । ତେଣୁ ବେଦବାକ୍ୟ ଅଛି ଯେ,

'ବେଦସ୍ୟ ପଶ୍ୟ କାବ୍ୟତ୍ୱଂ ନ ମମାର ନ ଜୀର୍ଜତି' ।


ତେଣୁ ଭଗବାନଙ୍କ ସୃଷ୍ଟି ହେଉଛି ତାଙ୍କ ଇଚ୍ଛା ଅନୁସାରେ ଏକ କାବ୍ୟମାତ୍ରର କାରଣ, ଉପନିଷଦ୍‌ର ବାକ୍ୟ ସ୍ମରଣୀୟ; ତଦ୍ ଏକାକୀ ନ ରେମେ ତଦ୍ ଐକ୍ଷତ୍ ଏକୋଽହଂ ବହୁସ୍ୟାଂ ପ୍ରଜାୟେ ।

**କବି ହେଲେ ପ୍ରଜାପତି । ତାଙ୍କ କାବ୍ୟ ସୃଷ୍ଟିରେ ରୁଚ୍ୟନୁସାରେ ସେ କାବ୍ୟଜଗତକୁ ପରିବର୍ତ୍ତିତ କରିପାରନ୍ତି ।**

ତେଣୁ ତାଙ୍କର ଏକାକୀତ୍ୱର ଅପନୋଦନ ପାଇଁ ସେ ନିଜକୁ ବହୁ ରୂପରେ ପ୍ରସ୍ତୁତ କଲେ । ଶବ୍ଦଆଦିଙ୍କ ଲୀଳାନ୍ୟାୟ, ଅର୍ଥାତ୍ ସୃଷ୍ଟି ହେଉଛି ଏକ ଐଶ୍ୱରୀୟ ଲୀଳା । ଶ୍ରୀମଦ୍ ଭାଗବତର ବାକ୍ୟଭଳି ସୃଷ୍ଟି ଯାହାର ଖେଳଘର ଓ ବେଦର ବାକ୍ୟ- "ଇନ୍ଦ୍ରୋ ମାୟାଭିଃ ପୁରୁରୂପୋ ଇୟତେ" ଇନ୍ଦ୍ର ମାୟାରେ ନାନାରୂପ ଧାରଣକଲେ; ତେଣୁ ଏତାଦୃଶ ମାନବ ସୃଷ୍ଟି ହେଲା ପରମେଶ୍ୱରଙ୍କ ଏକ ଲୀଳା ଭାବରେ । ସହସ୍ର ଯୁଗ ପର୍ଯ୍ୟନ୍ତ ଯେପରି ବ୍ରହ୍ମାଙ୍କ ଗୋଟିଏ ଦିନ, ସେହିପରି ପିଲାମାନେ ସମୁଦ୍ର କୂଳରେ ବାଲିର ଘର, ମନ୍ଦିର ତିଆରି କଲାଭଳି ସବୁ ସୃଷ୍ଟି କରନ୍ତି । ରାତ୍ରି ହେଲେ ପୁଣି ସେହିଭଳି ଭାଙ୍ଗି ଚାଲିଯାନ୍ତି । ସହସ୍ର ସହସ୍ର ଯୁଗ-ରାତ୍ରରେ ବ୍ରହ୍ମା ଶୋଇଯାଆନ୍ତି ଓ ପ୍ରଳୟ ହୋଇଯାଏ । ପୁଣି ସକାଳୁ ସମସ୍ତ ବେଦକୁ ସ୍ମରଣ କରନ୍ତି ଓ ସୃଷ୍ଟିରେ ପ୍ରବୃତ୍ତ ହୁଅନ୍ତି । ତେଣୁ ଭାରତୀୟ ବିଚାରରେ ଏ ପୃଥିବୀ ବା ସୃଷ୍ଟି ଏକ ଖେଳ ଘର; କିନ୍ତୁ ସାହିତ୍ୟିକର ସୃଷ୍ଟି ତା'ଠାରୁ ଭିନ୍ନ ବ୍ରହ୍ମାଙ୍କ ମଣ୍ଡଳରେ ଉପାଦାନ ନିମିତ୍ତ କରଣୀୟ କାର୍ଯ୍ୟ ସୃଷ୍ଟିକରେ । ଯେପରି ମାଟି ଓ କୁମ୍ଭାର ଘଟ ନିର୍ମାଣ କରନ୍ତି । କିନ୍ତୁ କବିର ସଂସାରର କୌଣସି କାରଣରୁ ସୃଷ୍ଟି ନ ଥାଏ । ଏ ଜଗତ୍ କେବଳ ଗୋଡ଼ିମାଟି ଓ

ପଥର । କବିର ଜଗତ୍ ହେଉଛି ରସପୂର୍ଣ୍ଣ । ତାହା ତା'ର ସହୃଦୟ ପାଠକର ଆଦୃତି ଲାଭ କରିଥାଏ । ତେଣୁ ଲୋଚନ ଟୀକାକାର ଅଭିନବ ଗୁପ୍ତଙ୍କ ଭାଷାରେ ନିମ୍ନମତେ କୁହାଯାଇଛି, 'ଅପୂର୍ବଂ ଯଦ୍ ବସ୍ତୁ ପ୍ରଥୟତି; ବିନା କାରଣ କଳା - ସେହି କବି ଓ ସହୃଦୟ ମଧ୍ୟରେ ଘଟୁଥିବା ବ୍ୟାପାର ।' ବର୍ତ୍ତମାନ ଆମେ ସେହି ପଞ୍ଚମୀ ସାହିତ୍ୟ ବିଦ୍ୟାର କାରଣ ଓ ସ୍ୱରୂପ କ୍ରମଶଃ ନିରୂପଣ କରିବା ।

ଏହି ସାହିତ୍ୟବିଦ୍ୟାର ସ୍ୱରୂପ ହେଲା କବି ଓ ସହୃଦୟ ଉଭୟଙ୍କ ମଧ୍ୟରେ ଥିବା କହିବା ଓ ବୁଝିବା ବ୍ୟାପାର ବୋଲି କୁହାଯାଏ । କାରଣ ଚେତନାର ସମାନ ଭୂମିରେ ଉଭୟ ଥାଆନ୍ତି । ବା ଯେଉଁ ଚେତନାରେ କବି ପହଞ୍ଚିପାରେ ତାର କଳ୍ପନା ପ୍ରସୂତ କାରୟିତ୍ରୀ ପ୍ରତିଭା ବଳରେ ସେହି ସ୍ତରକୁ ଯେଉଁ ପାଠକ ପହଞ୍ଚିପାରେ ସେ ହେଲା ସହୃଦୟ । କାରଣ, ସାହିତ୍ୟ ହେଲା ହୃଦୟର ବିଦ୍ୟା ସେଥିରେ ମସ୍ତିଷ୍କ ବ୍ୟାପାର ଯେତେବେଳେ ଅଧିକ ହୁଏ ସେତେବେଳେ ଭଟ୍ଟୀକାବ୍ୟ, ମାଘ ଓ ଶ୍ରୀହର୍ଷଙ୍କ ଭଳି ଶାସ୍ତ୍ରକାବ୍ୟ ରଚିତ ହୁଏ । ଯେତେବେଳେ ହୃଦୟ ପକ୍ଷକୁ ଗତିକରେ ସେତେବେଳେ ସେ କାଳିଦାସ ଓ ଜୟଦେବଙ୍କ ଭଳି ଗୁଡ଼ପାକ ସମ୍ବଳିତ ରସାସ୍ୱାଦନ କରେ । ନଚେତ୍ ନାରିକେଳ ଓ ଇକ୍ଷୁ ଭଳି ଆୟାସସାଧ୍ୟ ଭାବୟିତ୍ରୀ ପ୍ରତିଭାର ବିନିଯୋଗ କରେ । ଫଳରେ ସାହିତ୍ୟ ବିଦ୍ୟା ସହୃଦୟ ହୃଦୟ ଆହ୍ଲାଦକାରୀ ଆନନ୍ଦବର୍ଦ୍ଧକ ହୋଇପାରେ ନାହିଁ । ତେଣୁ କେବଳ ଗୁଡ଼ିଏ ଶବ୍ଦାର୍ଥ ଜାଣିଥିବା ଜରନ୍ ମୀମାଂସକ ବୃଦ୍ଧ ବୈୟାକରଣ ଓ ତର୍କକର୍କଶ ବୃଦ୍ଧ ନୈୟାୟିକ ଅଥବା ବେଦାଭ୍ୟାସୀମାନଙ୍କ ପାଇଁ ଏହି ସାହିତ୍ୟ ବିଦ୍ୟାର ଦ୍ୱାର ଖୋଲେ ନାହିଁ । ସେମାନେ ସାହିତ୍ୟଦଧିକୁ ମନ୍ଥନ କରି କେବଳ ତକ୍ର ବା ଚହ୍ଲା ପିଇଥାନ୍ତି । ତା'ର ଲବଣୀ କେବଳ ସହୃଦୟ ହୃଦୟ ଆସ୍ୱାଦ୍ୟ ହୋଇଥାଏ । ଅଭିନବ କୁହନ୍ତି ଯେଉଁମାନଙ୍କର ମନଦର୍ପଣରେ ନିରନ୍ତର କାବ୍ୟାଭ୍ୟାସ ଦ୍ୱାରା ସୁକୁମାର ବୁଦ୍ଧି ଉନ୍ମୀଳିତ ହୋଇ ତନ୍ମୟ ହୋଇଯାଏ ବା ତଦ୍ ଭାବଭାବିତ ଚିତ୍ତବୃତ୍ତି ସମ୍ପନ୍ନ ହୋଇଯିବାର ଯୋଗ୍ୟତା ପ୍ରକାଶିତ ହୁଏ, ସେହିମାନେ ସହୃଦୟ ବୋଲି ଅଭିହିତ ହୋଇଯାନ୍ତି । ସେଥିପାଇଁ ଆନନ୍ଦବର୍ଦ୍ଧନ କୁହନ୍ତି ଯେ ଶବ୍ଦାର୍ଥର ଅସରନ୍ତି ଭଣ୍ଡାର ହସ୍ତାମଳକବତ୍ ମୁଖସ୍ଥକଲେ ମଧ୍ୟ ସହୃଦୟର ସୁକୁମାର ହୃଦୟ ସମ୍ପନ୍ନ ନ ହୋଇପାରିଲେ ସେ ତାହାକୁ ବୁଝିପାରି ନ ଥାଏ । ଆଚାର୍ଯ୍ୟ ଆନନ୍ଦବର୍ଦ୍ଧନଙ୍କ ଆଶୟ ମଧ୍ୟ ଏହିପରି ହୋଇଥାଏ । ଯଥା-




"ଶବ୍ଦାର୍ଥଶାସନଜ୍ଞାନମାତ୍ରେଣୈନ ବେଦ୍ୟତେ ।
ବେଦ୍ୟତେ ସ ତୁ କାବ୍ୟାର୍ଥତତ୍ତ୍ୱଜ୍ଞୈରେବ କେବଳମ୍ ।" ୧/୮

କାରଣ ବେଦାର୍ଥର ଅବବୋଧ ପାଇଁ ସ୍କନ୍ଦସ୍ୱାମୀ, ସାୟଣ, ମହୀଧର, ଉବଟ, ମାଧବ ଦୟାନନ୍ଦ ପ୍ରଭୃତି ପୁରାତନ ଓ ଅର୍ବାଚୀନ ଭାଷ୍ୟକାରଗଣ ତଥା ପାଶ୍ଚାତ୍ୟ ବିଦ୍ୱାନ୍, ଗ୍ରୀଫିଥ୍, ଗୋଥ୍, ବୋଟଲିଙ୍ଗ୍, ମ୍ୟାକଡୋନେଲ, ଉଇଲସନ୍, ଜ୍ୟାକୋବୀ, ଉଇଣ୍ଟରନିଜ୍ ଆଦି ଅନେକ ଅସଂଖ୍ୟ ପାଶ୍ଚାତ୍ୟ ପଣ୍ଡିତ ଅକ୍ଲାନ୍ତ ପରିଶ୍ରମ ସ୍ୱୀକାରକରି ବୌଦ୍ଧିକ ବ୍ୟାୟାମ କରିଥିଲେ ମଧ୍ୟ ବୈଦିକ ସାହିତ୍ୟର ରହସ୍ୟକୁ ସମୁଚିତ ଉନ୍ମୀଳିତ କରି ନ ପାରିବାର କାରଣ ହେଲା, ତାହା ଏକ ସୂକ୍ଷ୍ମାତିସୂକ୍ଷ୍ମଉଚ୍ଚତର ଚେତନାରୁ ଉଚ୍ଚାରିତ ଋଷିମାନଙ୍କ ଦ୍ୱାରା ଦେଖିଥିବା ମନ୍ତ୍ର । ଏହି ମନ୍ତ୍ରକୁ ସ୍ଥୂଳ ବୁଦ୍ଧି ସେହିଭଳି ସୂତ୍ରରେ ଋଷିଚେତନାରେ ବୁଝାଯାଇ ନ ଥିବାରୁ ବା ସେଥିପାଇଁ କେହି ଯୋଗ୍ୟ ନଥିବାରୁ ସ୍ଥୂଳ ଓ ଅସମ୍ବନ୍ଧ ଅର୍ଥମାତ୍ର ବ୍ୟକ୍ତ କରିଛନ୍ତି । ବେଦର ରହସ୍ୟ ପୂର୍ବବତ୍ ରହସ୍ୟ ହୋଇ ରହିଅଛି ।

### ଲୌକିକ କାବ୍ୟଜଗତ୍

ପରନ୍ତୁ ଲୌକିକ କାବ୍ୟଜଗତ୍ ସହୃଦୟ ଦ୍ୱାରା ସୁକୁମାର ହୃଦୟବେଦ୍ୟ ହୋଇଥିବାରୁ ତାହା ଶତାବ୍ଦୀ ଶତାବ୍ଦୀ ଧରି ମନୋଗ୍ରାହୀତାକୁ ଅବଲମ୍ବନ କରେ । ତେଣୁ ସେହି ବିଦ୍ୟା ହେଲା ପଞ୍ଚମୀ ସାହିତ୍ୟ ବିଦ୍ୟା ଯେପରି ଜୟଦେବ କବି ଶ୍ରୀଗୀତଗୋବିନ୍ଦରେ ଲେଖିଲେ, ମଙ୍ଗଳାଚରଣ ପ୍ରସଙ୍ଗରେ ରାଧାମାଧବୟୋ ଜୟନ୍ତୀ ଯମୁନା କୂଳେ ରହଃ କେଳୟଃ । ରାଧାମାଧବଙ୍କ ଯମୁନା କୂଳରେ ହେଉଥିବା ଗୋପନ କେଳିର ଜୟହେଉ । ସେହିଭଳି ଯେ ସମାନ ଭାବରେ ଥାଏ ସେ ଭାବର ଇଙ୍ଗିତକୁ ବୁଝିପାରେ । ଜଣେ ନାୟିକା ନାୟକକୁ ଦୂରରେ ରହି ଅପେକ୍ଷା କରନ୍ତେ ନାୟକ ତାର ସାଙ୍ଗମେଳରେ

କିଛି ନ କହି ଆଖିରେ ଆଖିରେ ଜଣାଇ ହାତରେ ଧରିଥିବା ଲୀଳାକମଳକୁ ବୁଜିଦେଲା । ନାୟକ ଜାଣିଲା ଯେ ସନ୍ଧ୍ୟା ସମୟରେ ନାୟକ ନାୟିକାଙ୍କ ଭେଟ ହେବ । ଏହିପରି ଏକା ବାକ୍ୟ ମଧ୍ୟ ସ୍ଥାନ କାଳ, ପାତ୍ର ବିଶେଷରେ ଭିନ୍ନ ହେବ ଯେପରିକି, ସୂର୍ଯ୍ୟ ଅସ୍ତହେଲେ ବୋଲି ମା'ମାନେ ପିଲାଙ୍କୁ କହିଲେ, ପିଲାମାନେ ଚୁପ୍‌ଚାପ ଖେଳରୁ ଆସି ଗୋଡ଼ହାତ ଧୋଇ ପ୍ରାର୍ଥନା କରିବସିବେ ଓ ତା'ପରେ ପାଠପଢ଼ା ଆରମ୍ଭ କରିବେ । ଯଦି ମନ୍ଦିରର କୌଣସି ପୂଜକଙ୍କୁ ମୁଖ୍ୟ ପୂଜକ ସେହି ବାକ୍ୟ କୁହନ୍ତି ତେବେ ସେ ମନ୍ଦିରର ସନ୍ଧ୍ୟା ଆଳତିର ଘଣ୍ଟା ବଜାଇବାକୁ ବୁଝିବ । ଯଦି ନାୟିକା ହୋଇଥିବ ତେବେ ସେ କାନ୍ତପାଖରୁ ଅଭିସରଣ କରିବାକୁ ପ୍ରବୃତ୍ତ ହେବ । ସେହିପରି ବାକ୍ୟ ଗୋଟିଏରେ ଅନେକ ହୋଇପାରେ ପ୍ରତୀୟମାନ ଅର୍ଥ । ଅଭିଧା ଅର୍ଥ ନୁହେଁ । କିନ୍ତୁ ଯଦି କଳାତ୍ମକ ଅଭିବ୍ୟକ୍ତି ଥାଏ ତେବେ ତାହା ସହୃଦୟମାନଙ୍କ ଗ୍ରାହ୍ୟ ହୁଏ । ସେଥିରେ ବାଚ୍ୟାର୍ଥ ଭିନ୍ନ ବ୍ୟଙ୍ଗ୍ୟାର୍ଥ ହିଁ ପ୍ରାଧାନ୍ୟ ଓ ଅଧିକ ଚମତ୍କାରିତା ପାଏ । ତାହା ସ୍ୱରୂପତଃ ଭିନ୍ନ ଭିନ୍ନ ହୋଇଥାଏ । ଅଭିଧାନାର୍ଥ ବା ବାଚ୍ୟାର୍ଥ ଅସ୍ତିବାଚକ ହେଲେ ପ୍ରତୀୟମାନାର୍ଥ ନାସ୍ତି ହୋଇପାରେ ବା ବିପରୀତ ହୋଇପାରେ ।

**ଜିନ୍ଦେଗୀ ଜିନ୍ଦେଗୀ କହାଁ ହୈ ମିଆଁ,**
**ଆଦମୀ ଆଦମୀ କହାଁ ହୈ ମିଆଁ ?**

| *ବାଚ୍ୟାର୍ଥ* | *ପ୍ରତୀୟମାନାର୍ଥ* |
|---|---|
| ଅସ୍ତି | ନାସ୍ତି |
| ନାସ୍ତି | ଅସ୍ତି |
| ନାସ୍ତି | ଉଭୟ |
| ନାସ୍ତି | ଅନୁଭୟ |
| ଅସ୍ତି | ଉଭୟ |
| ଅସ୍ତି | ଅନୁଭୟ |
| ନାସ୍ତି | ଅନ୍ୟାର୍ଥ |
| ଅସ୍ତି | ଅନ୍ୟାର୍ଥ |
| ନାସ୍ତି | ସନ୍ଦେହାର୍ଥ |

ଏହାର ଉଦାହରଣମାନ ପ୍ରଥମ ଶତକରେ ଲିଖିତ ମହାକବି ହାଲଙ୍କ ଗାହା ସତ୍ତସଇ (ଗାଥା ସପ୍ତଶତୀ)ରେ ଅନ୍ୱେଷବ୍ୟ । ତଥାପି ଗୋଟିଏ ଯୋଡ଼ିଏ ଉଦାହରଣ ଦେଖାଯାଉ ।

ଜଣେ ଦାଣ୍ଡପିଣ୍ଡାରେ ବସିଥିବା ଜଣେ ବୃଦ୍ଧାଙ୍କୁ କହିଲେ, ମାଉସୀ ମୋତେ ଗୋଟିଏ ନଡ଼ିଆ ଦିଅନ୍ତୁନି । ମାଉସୀ କହିଲେ, ବହୁତ ଆମର ମାମଲତ୍‌କାର ଦେବ କି ନ ଦେବ ତାକୁ ପଚାର ।

ଏହି ବାକ୍ୟରେ ମାଉସୀଙ୍କ ବିବକ୍ଷା ଅର୍ଥାତ୍ କହିବାର ଉଦ୍ଦେଶ୍ୟ କ'ଣ ?

ବୋହୂ ନଡ଼ିଆ ଦେବ ବୋଲି ସକାରାତ୍ମକ, ନା ନିଜ ଦାୟିତ୍ୱ ତୁଟାଇ ବୋହୂ କଥା କହି ତାକୁ ନା କରିବା, ନା ବୋହୂର ଘରକୁ ଆସୁଆସୁ ସବୁ ଦାୟିତ୍ୱ ନେଇଯାଇ ଶାଶୁକୁ ନିଷ୍କ୍ରିୟ କରିଦେବା ନା ନିଜର ମାନ ଅଭିମାନ କ୍ରୋଧାଦି ପ୍ରକାଶ କରିବା ନା ବୋହୂ ଦାୟିତ୍ୱ ନେଇ ତାକୁ ମୁକ୍ତ କରିଦେଇ ଭଲ କରିଛି । ତାକୁ ପଚାରିଲେ ଏହିଭଳି କେତେଗୁଡ଼ିଏ ଅର୍ଥ ପ୍ରତୀତ ହେବ ।

ଅନ୍ୟ ଏକ ଉଦାହରଣ- 'ରାଧାପରି ରାଧା ସିନାରେ', ଏଠାରେ ପ୍ରଥମ ରାଧା ଓ ଦ୍ୱିତୀୟ ରାଧା ମଧ୍ୟରେ କ'ଣ ଭେଦ ଅଛି ବୋଲି ପଚାରିଲେ ତା'ର ଉତ୍ତର ମଧ୍ୟ ହୋଇପାରେ, ହୁଏତ ଅନ୍ୱୟ ଅଳଂକାର ପ୍ରସଙ୍ଗ ଆସିପାରେ । କିନ୍ତୁ ପ୍ରଥମ ରାଧାରେ- ଶ୍ରୀକୃଷ୍ଣୈକପ୍ରାଣତା ଗୋପୀମୁଖ୍ୟତା, ଜନ୍ମଜନ୍ମାନ୍ତରରେ ଅପେକ୍ଷାମାଣତା, ଭେଦାଭେଦ ଅଚିନ୍ତ୍ୟତା ଆଦି ଅନେକ ଗୁଣଶୀଳତା ବିଶିଷ୍ଟ ହେଉଛନ୍ତି ରାଧା । ସେହି ପ୍ରଥମ ରାଧାଙ୍କ ଭଳି ଦ୍ୱିତୀୟ ରାଧା ଶବ୍ଦ ବୋଲି ବୁଝିବାକୁ ହେବ । ଫିରାକ ଗୋରଖପୁରୀଙ୍କ ଭାଷାରେ,

ଜିନ୍ଦେଗୀ ଜିନ୍ଦେଗୀ କହାଁ ହୈ ମିଆଁ,
ଆଦମୀ ଆଦମୀ କହାଁ ହୈ ମିଆଁ ?

ଏଠାରେ ଦ୍ୱିତୀୟ ଜିନ୍ଦେଗୀର ତୁଳନା ପ୍ରଥମ ଜିନ୍ଦେଗୀ- ଆଦର୍ଶ ଜୀବନର ଆୟାମ; ଦ୍ୱିତୀୟ ଜିନ୍ଦେଗୀ । ସେହିଭଳି ଆଦମୀଙ୍କ ମଧରେ ଆଦର୍ଶ-ମନୁଷ୍ୟ, ତ୍ୟାଗୀ, ତପସ୍ୱୀ, ଦାନୀ, ରାଜା ଶିବି, ଦାନବିକର୍ଣ୍ଣ, ରାଜା ରଘୁ, ଦେଶପ୍ରେମୀ ଗୋପବନ୍ଧୁ ଭଳି ଆଉ ମଣିଷ କାହିଁ ?

ସାଧାରଣ ଶବ୍ଦର ଦ୍ୱିବାର ପ୍ରୟୋଗରେ ଯେଉଁ ଦୀର୍ଘ ଦୀର୍ଘତର ଅନେକ ଅର୍ଥର ପ୍ରତୀତ ହେଲା ତାହା ଅଭିଧାବ୍ୟାପାରରେ ସାଧାରଣ ଶବ୍ଦାର୍ଥରେ ଆସିନାହିଁ । ତାହା ହିଁ ସାହିତ୍ୟ ବିଦ୍ୟା ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
prof.prafullam@gmail.com

ଗଳ୍ପ

# ଡାଳ ଭାଙ୍ଗିବାର ଶବ୍ଦ



କବିତା ବାରିକ

ଏଥର ବି ମୀତାଙ୍କ ହାରିବାର ପାଳି । ତାଙ୍କ କଥା ରହିଲା ନାହିଁ । ବିବାହ ପରଠାରୁ ଏ ଘରେ ତାଙ୍କର କେଉଁ କଥା ରହିଛି ଯେ ଆଜି ରହିବ? ପୁଅ ଚେତନର ସ୍କୁଲରେ ନାଁ ଲେଖାକୁ ନେଇ ଦେବାଶିଷ ଓ ତାଙ୍କ ଭିତରେ ମତପାର୍ଥକ୍ୟ ଉପୁଜିଥିଲା । ପୁଅ କେନ୍ଦ୍ରୀୟ ବିଦ୍ୟାଳୟରେ ଇଂରାଜୀ ମିଡିୟମରେ ପଢ଼ିବ । ମୀତାଙ୍କ ଇଚ୍ଛାଥିଲା, ଗୋଟିଏ ବୋଲି ପୁଅ । ଆଚରଣ, ଉଚ୍ଚାରଣରେ ଶୁଦ୍ଧତା ରହୁ । ଗୁରୁଜନମାନଙ୍କୁ ଭକ୍ତି କରିବା ଶିଖୁ । ପିଲାଦିନଟା ତା'ର ଗଢ଼ିବାର ବେଳ । ମାଟି ପିଣ୍ଡୁଳାକୁ ଯେମିତି ଯେଉଁ ଆକାରରେ ରୂପ ଦେବ, ସେ ସେମିତି ହୋଇ ବାହାରିବ । ତେଣୁ ଇଂରାଜୀ ମିଡିୟମ୍ ବଦଳରେ ତାଙ୍କ ମନପସନ୍ଦର ସ୍କୁଲ ସରସ୍ୱତୀ ଶିଶୁ ମନ୍ଦିରରେ ପଢୁ । ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ନାଁରେ ସବୁ ଜିଲ୍ଲାରେ ଗଢ଼ି ଉଠିଛି ସରସ୍ୱତୀ ବିଦ୍ୟାମନ୍ଦିର । ମନ୍ଦିର ତ ନାଁଟା ସ୍କୁଲ ବଦଳରେ ଯୋଡ଼ିବାଟା ତାଙ୍କୁ ଶଙ୍ଖଧ୍ୱନି ଭଳି ଶୁଭେ । ମନ୍ଦିର ତ ଶୁଦ୍ଧତା, ପବିତ୍ରତାର ପ୍ରତୀକ । ଆଧାତ୍ମିକ ବାତାବରଣ ଭିତରେ ପିଲାଙ୍କୁ ଗଢ଼ାଯାଏ । ଛାତ୍ରଛାତ୍ରୀ ସାର୍, ମାମ୍ ନ ଡାକି ତାଙ୍କ ଶିକ୍ଷାଗୁରୁ, ଶିକ୍ଷୟିତ୍ରୀଙ୍କୁ 'ଗୁରୁଜୀ', 'ଗୁରୁମା' ବୋଲି ଡାକନ୍ତି । ଆମ ଓଡ଼ିଆର ପାରମ୍ପରିକ ପ୍ରାର୍ଥନା ବୋଲାଯାଏ । ପ୍ରାର୍ଥନା ପରେ ଗୁରୁଜୀ, ଗୁରୁମାଙ୍କ ପାଦଛୁଇଁ ପ୍ରଣାମ କରାଗଲା ପରେ ପାଠପଢ଼ା । ଖାଲି ପାଠରେ ଶହେ ପ୍ରତିଶତ ନମ୍ବର ରଖି ମେଧାବୀ ବୋଲାଇଲେ ହେବନି । ସେଥିପାଇଁ ନମ୍ରତା, ସୁଶୀଳ ହେବା ଦରକାର । ଆଚରଣ, ଉଚ୍ଚାରଣ ଅଲଗା ହୋଇଗଲେ ମେଧାବୀ ହେବାରେ ମାନେ ରହିବନି । ଛୋଟ ଛୋଟ କଥା, ଛୋଟ ଛୋଟ ଭାବନା ଭିତରେ ଲୁଚି ରହିଛି ବଡ଼ବଡ଼ ସଂସ୍କାର ।



ମୀତା ଜାଣନ୍ତି, ଯଦି ଠିକ୍ ସ୍କୁଲରେ ପିଲା ପଢ଼ିଲେ, ବଢ଼ିଲେ ସେଠି ପରିବାର ଭଳି ଚଳିବେ । ଭଲ ପାଇବାର ବନ୍ଧନରେ ବାନ୍ଧିହେବେ । 'ସତ କହିବାକୁ କିଆଁ ଡରିବି, ସତ କହି ପଛେ ମଲେ ମରିବି' ଭିତରେ ସତ୍ୟକୁ ଜୀବନର ବ୍ରତ କରିନେବେ । ଏମିତି କିଛି ଭାବି ମୀତା ପୁଅ ପାଇଁ ସରସ୍ୱତୀ ଶିଶୁ ମନ୍ଦିରରୁ ଫର୍ମ ମଧ୍ୟ ନେଇ ଆସିଥିଲେ । ହେଲେ ଦେବାଶିଷ ଆଦୌ ମଙ୍ଗିନଥିଲେ ମୀତାଙ୍କ ପସନ୍ଦର ସ୍କୁଲରେ ଚେତନକୁ ପଢ଼ାଇବା ପାଇଁ । ନିଜେ ସେ ଓଡ଼ିଆ ମିଡିୟମରେ ପଢ଼ିଛନ୍ତି ଏଇଥିପାଇଁ ଯେ ବାପାଙ୍କର ସାମର୍ଥ୍ୟ ନଥିଲା ପୁଅ-ଝିଅଙ୍କୁ ଇଂରାଜୀ ମିଡିୟମରେ ପଢ଼ାଇବାକୁ । ଦେବାଶିଷ ଦେଖିଛନ୍ତି, ଇଂରାଜୀ ମାଧ୍ୟମରେ ପଢ଼ିଥିବା ପିଲାମାନେ କେମିତି ଫସ୍‌ଫାସ୍ ଇଂରାଜୀ କୁହନ୍ତି । ସ୍କୁଲ ହେଉ କି କଲେଜ ଓଡ଼ିଆରେ ପଢ଼ିଥିବା ପିଲାମାନଙ୍କୁ ଦୟାର ଦୃଷ୍ଟିରେ ଦେଖନ୍ତି । ଗୋଟାଏ ଅବସୋସ ଆଉ କିଛି ହୀନମନ୍ୟତା ତାଙ୍କ ଭିତରେ ସେହି ପିଲାଦିନରୁ ବସା ବାନ୍ଧିଥିଲା । ବାପା ସିନା ପୁଅଝିଅ ଚାରିଜଣଙ୍କୁ ଅଭାବୀ ସଂସାର ଭିତରେ ଇଂରାଜୀ ମାଧ୍ୟମରେ ପଢ଼ାଇପାରି ନଥିଲେ, ହେଲେ ତାଙ୍କର ତ ଚେତନ ଗୋଟିଏ ବୋଲି ସନ୍ତାନ । ସେ ବି ଭଲ ଉଚ୍ଚ ଦରମାର ଚାକିରିଟେ କରିଛନ୍ତି । ଅଭାବ, ଅସୁବିଧା ନାହିଁ । ନିଜେ ଯେଉଁ ସୁଯୋଗ ପାଇନଥିଲେ, ଆପାତତଃ ପୁଅ ମାଧ୍ୟମରେ ତାହା ପୂରଣ ହେଉ ।

ପୁଅର କେନ୍ଦ୍ରୀୟ ବିଦ୍ୟାଳୟରେ ନାଁ ଲେଖାଗଲା । ସ୍ୱାମୀଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ମୀତା ସିନା କିଛି କହିଲେ ନାହିଁ, ହେଲେ ତାଙ୍କ ଭିତରର ମନ ବୃକ୍ଷରୁ ସତେକି ଡାଳଟିଏ ଭାଙ୍ଗିଗଲା । ଏ ଡାଳ ଭାଙ୍ଗିବା ତାଙ୍କ ପାଇଁ ନୂଆ ନଥିଲା । ସେ ହିସାବ କରୁଥିଲେ ଏହାକୁ ମିଶାଇ ଏଯାଏଁ କେତୋଟି ଡାଳ ଭାଙ୍ଗିଲା । ପ୍ରଥମ ଡାଳ ସେବେ ଭାଙ୍ଗିଥିଲା, ଯେବେ

ଜନ୍ମଦିନରେ ନୂଆ ଫ୍ରକ୍‌ଟିଏ ପିନ୍ଧିବା ପାଇଁ ଜିଦି କରିଥିଲେ । ସେ ଦେଖିଥିଲେ, ଭାଇର ଜନ୍ମଦିନ ଧୁମ୍‌ଧାମ୍‌ରେ ପାଳନ କରାଯାଇ ତା'ର ନୂଆ ଡ୍ରେସ୍ ଆସୁଛି । ତା' ପାଇଁ କାହିଁକି ନୁହେଁ? ହେଲେ ସେ ଜାଣିନଥିଲେ, ତାଙ୍କ ମାଆ ଆକାଶର ତାରା ହେଲା ପରେ ଏ ଯେଉଁ ନୂଆ ମାଆ ସେ କୁଆଡ଼େ ସାବତ ମାଆ । ସେ ଜାଣିନଥିଲେ ସେ ଝିଅଟାଏ, ପରଘରକୁ ଚାଲିଯିବ । ପୁଅତ କୁଳକୁ ଆଗକୁ ନେବ । ଦ୍ୱିତୀୟ ଥର ଡାଳ ଭାଙ୍ଗିଥିଲା ଯେତେବେଳେ ସୁଧୀରଙ୍କୁ ଭଲପାଇ ବାହା ହୋଇପାରି ନଥିଲେ । ସୁଧୀର ଶିକ୍ଷିତ, ସୁନ୍ଦର, ଭଲ ରୋଜଗାର କରୁଥିଲେ ବି ସେମାନଙ୍କ ଭିତରେ ପାଚେରି ହୋଇ ଠିଆ ହୋଇଥିଲା ଜାତି । ସାବତ ମାଆ ତାଙ୍କ ଗାଁର ସଂପର୍କୀୟଙ୍କ ପୁଅ ଦେବାଶିଷଙ୍କୁ ବାଛିଥିଲେ । ମୀତାଙ୍କ କଥା ରହିଲାନି । ସ୍ୱପ୍ନର ଡାଳ ରୁଟ୍ କି ଭାଙ୍ଗିଗଲା । ସେ ମାନିନେଲେ ବାପା-ମାଆଙ୍କର ଚରମ ନିଷ୍ପତ୍ତିକୁ । ସୁଧୀର ରହିଗଲେ ଖୁବ୍ ପଛରେ ଗୋଟାଏ ଭଙ୍ଗା ଡାଳର ଝାଉଁଳା ପତ୍ର ହୋଇ ।

**ସୁଧୀର ରହିଗଲେ ଖୁବ୍ ପଛରେ ଗୋଟାଏ ଭଙ୍ଗା ଡାଳର ଝାଉଁଳା ପତ୍ର ହୋଇ ।**

ଶାଶୂଘରେ ପଶୁ ପଶୁ ପ୍ରଥମରୁ ଚାଳ ବାଜିଲା ଭଳି ଝୁଣ୍ଟିଲେ । ଆଶ୍ଚର୍ଯ୍ୟ କଥାହେଲା, ସେଠାକୁ ଯାଇ ଜାଣିଲେ, ଇଏ ହେଲେ ସାବତ ଶାଶୂ । ସାବତ ମାଆଙ୍କଠାରୁ ଯାଇ ସାବତ ଶାଶୁଙ୍କ ପାଖରେ ପହଞ୍ଚିବାଟା ଥିଲା ମୀତାଙ୍କ ପାଇଁ ମହରଗରୁ କାନ୍ତାରରେ ପଶିବା ଭଳି । ଏକଜିଦିଆ ସ୍ୱଭାବର ସ୍ୱାମୀ ଓ ଶାଶୂଘର ଲୋକଙ୍କୁ ନେଇ ଘରସଂସାର ଚଳାଇବା ଭିତରେ କେତେ କେତେ ଡାଳ ଭାଙ୍ଗିଛି, କେତେ ଡାଳରୁ ପୁଣି କଅଁଳ ଶାଖା ମେଲିଛି । ସେ ଶାଖାର ନାଁ ଆଶାର, ପ୍ରତ୍ୟୟର । ସମୟକ୍ରମେ ସବୁ ଠିକ୍ ହୋଇଯିବ ଏହି ଭରସାରେ ସେ ସମସ୍ତଙ୍କୁ ଆପଣାଇ ନେବାକୁ ଚେଷ୍ଟା କରିଛନ୍ତି । ଭଙ୍ଗା ମନକୁ ଯୋଡ଼ିଛନ୍ତି, ଭଙ୍ଗା ଇଟାରେ ପାହାଚ ବନାଇଛନ୍ତି ଓ ଜୀବନର ପାହାଚ ଚଢ଼ିଛନ୍ତି । ହେଲେ ସେ ଭାବିବା ମୁତାବକ କ'ଣ କିଛି ଠିକ୍ ହୋଇପାରିଛି? ଜୀବନ କ'ଣ ନିଜ ଇଚ୍ଛା ମୁତାବକ ଚାଲେ?

ପୁଅର କେନ୍ଦ୍ରୀୟ ବିଦ୍ୟାଳୟରେ ଆଡମିଶନ ହୋଇଗଲା । ସେ ବି ଏଥର ନିଜ ସହ କମ୍ପ୍ରମାଇଜ୍ କରିନେଲେ । ସରସ୍ୱତୀ ବିଦ୍ୟାମନ୍ଦିରର ପିଲାମାନେ ସମସ୍ତେ କ'ଣ ଭବିଷ୍ୟତରେ ସୁଶୀଳ, ଶୃଙ୍ଖଳ ହେଉଛନ୍ତି? ଇଂରାଜୀ ମିଡିୟମ ସ୍କୁଲରୁ ବାହାରିଥିବା ପିଲାମାନେ ଯେ ସଂସ୍କାର ଶିଖିବେନି, ଇନ୍ଦ୍ରଚନ୍ଦ୍ର ମାନିବେନି ଏହା ବି କ'ଣ ଠିକ୍? ଯେଉଁ ମାଧ୍ୟମରେ ପଢ଼ ନା କାହିଁକି ଶିଖିବାର ମୂଳ ବିଦ୍ୟାଳୟ ତ ନିଜର ଘର, ନିଜର ପରିବେଶ ଆଉ ବଡ଼ ଶିକ୍ଷକ ଶିକ୍ଷୟିତ୍ରୀ ତମର ବାପା-ମାଆ । ଘର କୁମ୍ଭାରଶାଳରୁ ଶିକ୍ଷା ଆରମ୍ଭ ହୁଏ, ଆଉ ତାହା ସ୍କୁଲ, କଲେଜରେ ପହଞ୍ଚେ । ମାଧ୍ୟମ ଅଲଗା ହୋଇପାରେ, ଲକ୍ଷ୍ୟ ତ ଗୋଟିଏ ନା!

ଚେତନ ମେଧାବୀ ଛାତ୍ରଥିଲା । ଗୋଟାଏ ପରେ ଗୋଟାଏ ଶ୍ରେଣୀ ଡେଇଁ ପହଞ୍ଚି ଯାଇଥିଲା କଲେଜରେ । ତା'ପରେ ତା' ଭିତରେ ପରିବର୍ତ୍ତନ ଆରମ୍ଭ ହୋଇଥିଲା, ଯାହା ମୀତାଙ୍କ ଆଖିରୁ ବାଦ୍ ପଡ଼ିନଥିଲା । ମାଆ ସେ କେମିତି ଜାଣିବେନି? ପ୍ରଥମେ ପ୍ରଥମେ ସଞ୍ଜବେଳେ ଠାକୁର ଘରେ ବସି ଧ୍ୟାନ କରିବା କି ପ୍ରାର୍ଥନା ବୋଲିବା ସେ ଛାଡ଼ିଦେଲା । ଟିକିଏ ଟିକିଏ କଥାରେ ଯୁକ୍ତି କରିବାକୁ ଆରମ୍ଭକଲା । ସବୁବେଳେ ଦାମୀ ଜିନିଷ ଖୋଜିଲା । ଦାମୀ ଘଣ୍ଟା, ଦାମୀ ମୋବାଇଲ, ଦାମୀ ପୋଷାକରୁ ଗଡ଼ିଗଲା ଦାମୀ ଗାଡ଼ିଯାଏଁ । ଏସବୁ ପୂରଣ କରିବା କ୍ରମଶଃ ଦେବାଶିଷଙ୍କ ପକ୍ଷରେ ସମ୍ଭବ ହେଲାନାହିଁ । କୌଣସି ପରିସ୍ଥିତିରେ ନିଜକୁ ଚଳାଇ ନେବା ସ୍ୱଭାବ ତା'ର ନଥିଲା । ବରଂ ଯୁକ୍ତି କରୁଥିଲା, ଯେହେତୁ ମୁଁ ଗୋଟିଏ ସନ୍ତାନ, ମୋ'ର ସବୁ ଆବଶ୍ୟକତାକୁ ତମେମାନେ ପୂରଣ କରିବାକୁ ବାଧ୍ୟ । ଏହାପରେ ଆଉ ଗୋଟିଏ କଥା ଲକ୍ଷ୍ୟ କରିଥିଲେ ମୀତା, ବାପା-ମାଆଙ୍କ ପ୍ରତି ସମ୍ମାନ, ଭକ୍ତି, ଶ୍ରଦ୍ଧା ତା' ଭିତରେ କ୍ରମଶଃ କମିଯିବା । ବରଂଚ ମାଆ ଇଂରାଜୀ, ହିନ୍ଦୀରେ ତା'ସହିତ କଥା କହିପାରୁ ନାହାନ୍ତି କି ସାଙ୍ଗସାଥୀ ଆସିଲେ ବାପା ବି ଏତେ ସଠିକ୍ ଭାବରେ ଉଚ୍ଚାରଣ କରିପାରୁ ନାହାନ୍ତି ବୋଲି ସେ ଲଜ୍ଜାବୋଧ କରୁଥିଲା । କେବେ କେବେ ମଫସଲି, ବଣଭାଲୁ, ତମେସବୁ ଘର ଭିତରେ ରହି ଦୁନିଆ ସଂପର୍କରେ କ'ଣ ଜାଣିଛ ବୋଲି କହୁଥିଲା । ଆଚରଣ, ଉଚ୍ଚାରଣରେ ତା'ର ଘୃଣା ଭାବ ବାରିହୋଇ ପଡୁଥିଲା । ଏହା ଯେ ତା'ର ଶିକ୍ଷାର ଦୋଷ ଏକଥା କହିବା ଭୁଲ୍ ହେବ । ବରଂ ତା' ପାଖରେ ଦୁଇଟା ଜିନିଷ ତାକୁ ଧୀରେ ଧୀରେ ଅବାଟକୁ ଟାଣି ନେଉଥିଲା ।

ଗୋଟିଏ ହେଲା କୁସଙ୍ଗ, ଅନ୍ୟଟି ହେଲା ମୋବାଇଲ । ନୂଆପିଢ଼ିର ଏ ପିଲାଙ୍କ ପାଇଁ ବାପା-ମାଆ ଅପେକ୍ଷା ସାଙ୍ଗସାଥୀ, ହସକୁଦ ବଡ଼ । ମୋବାଇଲ ତ ସେମାନଙ୍କର ପୃଥିବୀ । ତାକୁ କେନ୍ଦ୍ରକରି ଶୋଇବା, ବସିବା, ଉଠିବା ସବୁକିଛି । ଏ ଘରେ ମାଆ କି ବାପା କି କେହି ରୋଗରେ ପଡ଼ି ପାଣି ଟୋପାଏ ମାଗୁ ଥାଆନ୍ତୁ, ସେପଟେ କିନ୍ତୁ ମୋବାଇଲରେ ଦେଖୁଥିବା ସିନେମା କି ଗେମ୍ ଛାଡ଼ି ପିଲା ଉଠି ଆସିବାକୁ ନାରାଜ୍ । ସବୁଠାରୁ ସେ ଆଘାତ ପାଇଥିଲେ ସେହିଦିନ, ଯେଉଁଦିନ ଚେତନ କହିଥିଲା, ତମେ ମୋ' ସାଙ୍ଗସାଥୀ ଆସିଲେ ତାଙ୍କ ଆଗରେ ବାହାରିବନି ତ ? ମୋତେ ଲାଜ ଲାଗୁଛି ତମକୁ ମାଆ ବୋଲି ପରିଚୟ ଦେବାକୁ ।

ଧଡ଼୍‌ଧାଡ଼୍, ରୁଟ୍‌ରାଟ୍ ହୋଇ ଡାଳସବୁ ଯାହାଥିଲା ଭାଙ୍ଗି ପଡ଼ିଥିଲା । ଆଖି ଜକେଇ ଆସିଥିଲା । ମାଆ ସେ, ଅଭିଶାପ କେମିତି ଦେବେ ? କାନମୋଡ଼ି, ଚାପଡ଼େ ମାରି ଆକଟ କରିବାର ସମୟ କି ବୟସ ନାହିଁ । ପୁଅ ତାଙ୍କର ଏତେବଡ଼ ହୋଇଯାଇଛି ଯେ ତାଙ୍କର ଲୁଗାକାନି ତା' ମୁହଁ ପୋଛି ଦେଇପାରିବନି କି ହାତ ଲମ୍ବିଯାଇ କାନ ଛୁଇଁପାରିବନି । ନିଜକୁ ମୀତା ସମ୍ଭାଳି ନେଇଥିଲେ । ଗୋଟାଏ ବିଷାଦର ଚାଦର ଘୋଡ଼ାଇ ନେଇଥିଲେ । ଦେବାଶିଷଙ୍କୁ ଏକଥା କହିଲେ, ଆଶ୍ୱାସନା ପାଇବା ତ ଦୂରର କଥା, ନିଆଁରେ ଘିଅ ଢାଳିଲା ଭଳି କହିପାରନ୍ତି, ସେ ଠିକ୍ କହିଛି । ତମେ ତା' ସାଙ୍ଗମାନଙ୍କ ସାମ୍ନାକୁ ନ ଗଲେ କଥା ସରିଲା । ମନେ ପଡ଼ିଗଲା, ଶହେ ବର୍ଷରୁ ଊର୍ଦ୍ଧ୍ୱ ତଳେ ପଢ଼ିଥିବା 'ଡାକମୁନ୍‌ସୀ' ଗପ ଓ ଅସହାୟ, ଅପମାନିତ ବାପ ହରି ସିଂ କଥା । ଗୋପାଳ ତ ଏଇକଥା କହିଥିଲା ତା' ବାପାକୁ । ତା'ର ସାଙ୍ଗସାଥୀ, ମେମ୍ ସାହିବାଙ୍କ ଆଗକୁ ନ ଯିବା ପାଇଁ । ସେଦିନ ସ୍ତ୍ରୀ ହରା ବାପାଟି, ଜୀବନର ସବୁ ବୟସ, ପଇସା, ସ୍ୱପ୍ନ ଓ ସବୁଜତା ଖର୍ଚ୍ଚ କରିଦେଇଥିବା ମଣିଷଟି, ପୁଅର ଏହି କଥା ପଦକ ଭିତରେ କେଉଁ ପ୍ରକାରରେ ଭାଙ୍ଗି ତୁଟି ଯାଇଥିବ, ଆଜି ଶହେ ବର୍ଷ ପାରିହେଲା ପରେ ବି ତା'ର ପ୍ରାସଙ୍ଗିକତାକୁ ମନେ ପକାଇ ମୀତାଙ୍କ ଆଖି ଛଳଛଳ ହୋଇଉଠିଥିଲା । କେତେ ବଦଳିଛି ଏ ପ୍ରସଙ୍ଗ ? ସମୟ - ବର୍ଷ ବଢ଼ିଛି ସିନା ଅବସ୍ଥା, ପରିସ୍ଥିତି ତ ସେଇ ଜାଗାରେ ଅଟକି ଯାଇଛି । ଗୋପାଳମାନଙ୍କ ଜନ୍ମ ଯେମିତି ସରିନାହିଁ, ହରି ସିଂମାନଙ୍କର ଅବସ୍ଥା ବି ସୁଧୁରିନାହିଁ । ଆଜି ଗୋପାଳ ଜାଗାରେ ଚେତନ ଓ ହରିସିଂ ସ୍ଥାନରେ ନିଜକୁ ରଖି ତୁଳନା କରୁଥିଲେ ମୀତା । ଫରକ ଏତିକି, ବାପା ଜାଗାରେ ମାଆଟିଏ ଠିଆ ହୋଇଛି । ଯେଉଁ ମାଆ ପୁଅକୁ ଗର୍ଭରେ ଧାରଣ କରି ଗୁହମୁତ ପୋଛି ବଡ଼ କରିଛି, ଯେଉଁ ମାଆ ପୁଅର ମାଆ ହେବା ପରଠୁ କେବଳ ସ୍ୱପ୍ନ ହିଁ ଦେଖିଆସିଛି ଆଉ ଭରସା ରଖିଛି ଆଜି ଯାହା ହାତଧରି ବାଟ ଚଲାଇବା ଶିଖାଉଛି, କାଲି ସେ ମୋର ହାତଧରି ଚାଲିପାରୁ ନଥିବା ଥକ୍କା ପାଦର, ଶରୀରର ସାହାରା ସାଜିବ । ମୋତେ ବାଟ କଢ଼ାଇନେବ ଅବଶିଷ୍ଟ ଜୀବନକୁ ସାଉଁଟି । ବୃଦ୍ଧକାଳେ ଆଶାର ବାଡ଼ି ପାଲଟିବ ।

"ମୋ' ସାଙ୍ଗସାଥୀ ଆସିଲେ ତାଙ୍କ ଆଗରେ ବାହାରିବନି ତ ? ମୋତେ ଲାଜ ଲାଗୁଛି ତମକୁ ମାଆ ବୋଲି ପରିଚୟ ଦେବାକୁ ।"

ସମୟ ତ ପୃଷ୍ଠା ଓଲଟାଇବ । ସେ କେବେ କାହା ପାଇଁ ଅଟକିଛି ନା ତାଙ୍କ ପାଇଁ ଅଟକିବ ? ପୁଅ ଚାକିରି କଲାଣି । ଦେବାଶିଷ ବି ଚାକିରିରୁ ଅବସର ନେଲେଣି । ପୁଅ ତା' ମନପସନ୍ଦର ଝିଅକୁ ବାହା ହେଲା ବେଳେ ବାପା-ମାଆଙ୍କ ମତାମତ ନେବାକୁ ଜରୁରି ମନେ କଲାନାହିଁ । ବରଂଚ ଆମେ ଗଲେ କାଳେ ବାହାଘର ଭାଙ୍ଗିଯିବ ଭାବି ସେ ଲୁଚାଇଥିଲା । ତା'ର ସାଙ୍ଗ ମାଧ୍ୟମରେ ଯେତେବେଳେ ଜାଣିଲେ, ସେତେବେଳେ ବାହା ହେବାର ତିନିମାସ ହୋଇସାରିଲାଣି । ଅନ୍ୟ ଏକ ସଂପ୍ରଦାୟରେ ବାହା ହୋଇଥିବାରୁ ତାଙ୍କ ଉପସ୍ଥିତି ବାଧା ଦେଇପାରେ ଭାବି ସେ ଏକଥା ଦୂରେଇ ରଖିଥିଲା । ଏଥର ଡାଳ ଭାଙ୍ଗିଲା ନାହିଁ, ସମଗ୍ର ଗଣ୍ଡି ଦୋହଲିଗଲା । ସେ ଦୋହଲିବା ଭିତରେ କେତେ ନା କେତେ ସ୍ୱପ୍ନ, ଭାବପ୍ରବଣତା ତାସଘର ଭଳି ଭୁଶୁଡ଼ି ପଡ଼ିଲା । ତା' ପାଇଁ ସେମାନେ ଦୁହେଁ ଅବାଞ୍ଛିତ ହୋଇଯାଇଥିଲେ ନା ସେ ତା' ଶ୍ୱଶୁର ଘରେ ପିତୃମାତୃହୀନ ବୋଲି ପରିଚୟ ଦେଇ ବିବାହ କରିଥିଲା, ପ୍ରକୃତ ସତ୍ୟ ଜାଣିବାର କୌଣସି ଉପାୟ ନଥିଲା ।

ମୀତା ଡିପ୍ରେସନ ଭିତରକୁ ଧୀରେ ଧୀରେ ଟାଣିହୋଇ ଯାଉଥିଲେ । ନିଃସଙ୍ଗତା ଭିତରେ ସେ କେବଳ ନିଜକୁ ବନ୍ଦକରି ଦୁର୍ଗ ପାଲଟିଗଲେ, ଯେଉଁ ଦୁର୍ଗରୁ ବାହାରିବା ପାଇଁ

ବାଟ ନାହିଁ । ମେଞ୍ଚା ମେଞ୍ଚା ବିଷାଦର ଅନ୍ଧାର ଭିତରେ ସତେକି ସେ ଆଲୁଅ ଟିକକ ପାଇଁ ଅଣ୍ଡାଳି ବୁଲୁଥିଲେ । କେଉଁଠି ଭୁଲ୍ ରହିଗଲା ? ପିଲାଦିନରୁ ବାପା-ମାଆଙ୍କ ଅପଟ, କଥା କଟାକଟି, ମତଭେଦ ଭିତରେ ଚେତନ କ'ଣ ବଳି ପଡ଼ିଗଲା ? ଏମିତିରେ ସେ ଅଭାବ କ'ଣ ଜାଣିପାରିଲା ନାହିଁ । ନିମ୍ନ ମଧ୍ୟବିତ୍ତ ପରିବାରରୁ ଦେବାଶିଷ ଓ ସେ ଆସିଥିଲେ । ଅଭାବକୁ ଦେଖିଥିଲେ, ଭୋକକୁ ଚିହ୍ନିଥିଲେ । ବାଣ୍ଟି ଶିଖିବା ଭିତରେ ସ୍ନେହ, ଭଲପାଇବା ବନ୍ଧାଥିଲା । ହେଲେ ଗୋଟିଏ ଗୋଟିଏ ବାପା-ମାଆଙ୍କର ପୁଅ କି ଝିଅ ହୋଇଥିଲେ ଏ ସୁଯୋଗ ନଥାଏ । ବରଂଚ ସେମାନେ ଅଧିକ ସ୍ୱାର୍ଥପର ହୋଇଯାଆନ୍ତି । କେବଳ ନିଜକଥା ହିଁ ଭାବନ୍ତି । ନିଜକୁ ଗୁରୁତ୍ୱ ଦିଅନ୍ତି । ଚେତନକୁ ଦୋଷ ଦେବା ଅପେକ୍ଷା ସେମାନେ ନିଜକୁ ହିଁ ଦୋଷ ଦେବା ଉଚିତ । ନିଜ ବିଚାର ବା ନିଷ୍ପତ୍ତିରେ ସେମାନେ ତା'ର କ୍ୟାରିୟରର ମୂଳଦୁଆ ପକାଇଛନ୍ତି । କେବେ କ'ଣ ତାକୁ ପଚାରିଛନ୍ତି, ସେ କ'ଣ ପଢ଼ିବାକୁ ଚାହେଁ, କ'ଣ ଭବିଷ୍ୟତରେ ସାଜିବାକୁ ଇଚ୍ଛାକରେ ? କୁମ୍ଭାରଶାଳରେ ମାଟି ଚକଟି ମୂର୍ତ୍ତି ଗଢ଼ିବାର ପ୍ରକ୍ରିୟା ତ ପ୍ରଥମରୁ ବିଗିଡ଼ି ଯାଇଛି । ଏବେ ନିଜ ମନ ମୁତାବକ ମୂର୍ତ୍ତି ହୋଇପାରିଲା ନାହିଁ ବୋଲି କେମିତି କହିବେ ?



ଦେବାଶିଷ ବି ଏବେ ନିଜକୁ ଅନେକଟା ବଦଳାଇ ଦେଇଛନ୍ତି । ଆଉ ସେ ଆଗର ଟାଣପଣ କି ଟିକିଏ ଟିକିଏ କଥାରେ ଯୁକ୍ତି, ଫୋପାଡ଼ିଲା ଭଳି କଥାବାର୍ତ୍ତା ନାହିଁ । ହେଲେ ବର୍ଷା ନ ହେବାରୁ ବୈଶାଖୀ ଖରାରେ ଗଛ ଜଳିଗଲା ପରେ ସେଥିରେ ପାଣି ଢାଳିଲେ କ'ଣ ଆଉ ଗଛ ଜିଇଁ ଉଠିବ ? ଅନେକ ବିଳମ୍ବ ହୋଇଯାଇଛି । ଖାଲି ଗଛ ଜଳିଯାଇନାହିଁ, ଟିକି ବସାରୁ ସବୁଦିନ ପାଇଁ ଶାବକ ଉଡ଼ିଯାଇଛି । ସେ ଯେ କେବେ ବସାକୁ ଫେରିବ ଏ ପ୍ରତ୍ୟୟ ଜମାରୁ ମନରେ ଆସୁନାହିଁ । କାହିଁକି ନା ତାକୁ ଏକ ମୁକ୍ତ, ବିସ୍ତୀର୍ଣ୍ଣ, ନୀଳାଭ ଆକାଶ ମିଳିଯାଇଛି । ଆକାଶର ଖୁବ୍ ତଳେ ରହିଯାଇଛନ୍ତି ତା'ର ସ୍ରଷ୍ଟା, ଯେଉଁମାନେ ତାକୁ ଉଡ଼ିବା ଶିଖାଇଥିଲେ ଦିନେ ।

ଖୁବ୍ ବିଳମ୍ବରେ ଶୋଇଥିଲେ ଗତ ରାତିରେ ମୀତା । ତେଣୁ ସକାଳ ହେଲା ପରେ ବି ଜାଣିପାରି ନଥିଲେ । କପାଳରେ କାହାର ସ୍ପର୍ଶ ପାଇ ଚମକି ଉଠିପଡ଼ିଲେ । କି ଆଶ୍ଚର୍ଯ୍ୟ ଦିନେ ଅଧେ ନାହିଁ, ଦେବାଶିଷ ଦୁଇକପ୍ ଚା' ତିଆରିକରି ତାଙ୍କୁ ଉଠାଉଥିଲେ । ବିଶ୍ୱାସ ହେଉନଥିଲା ତାଙ୍କର ! ତାଙ୍କର ବିସ୍ମୟ ଭାବ ଦେଖି ଦେବାଶିଷ ଅପରାଧ କଲାଭଳି କ୍ଷମା ମାଗିବା ଭଙ୍ଗୀରେ କହୁଥିଲେ, 'ଖୁବ୍ ବିଳମ୍ବ କରିଦେଲି ତୁମକୁ ବୁଝିବାରେ ।' ତାଙ୍କ ମନକଥା ପଢ଼ିନେଲା ଭଳି କହି ଚାଲିଥିଲେ, ବସା ଛାଡ଼ି ଛୁଆ ଉଡ଼ିଗଲେ କ'ଣ ହେଲା, ବସାଟା ଅଛି ନା । ସେ ବସାରେ ଏବେବି ତା'ର ବୁଢ଼ା ବାପା-ମାଆ ଅଛନ୍ତି । ଆମେ କେତେ ମାୟା, ମୋହ ଭିତରେ, ଅବୁଝାପଣକୁ ନେଇ ଏତେବାଟ ଚାଲିଆସିଲୁ ? ଦେଖତ ତଥାପି ବସାକୁ ଜଗି ରହିଛୁ, କେହି ବାଟ ଭାଙ୍ଗି ଦେଇନାହୁଁ । ଅବଶିଷ୍ଟ ଜୀବନ ନିଜେ ନିଜକୁ ବୁଝାଇ ନେଇ ବଞ୍ଚିଯିବା । ଏ ଘଟଣା ପ୍ରଥମକରି କୌଣସି ବାପା-ମାଆଙ୍କ ଜୀବନରେ ଘଟିନାହିଁ । ଖାଲି ପୁନରାବୃତ୍ତି ଯାହା ଚାଲିଛି । ଆଜିକାଲି ପିଲାଙ୍କୁ ଭରସା କଲେ ହେବନି । ତମେ ଭରସା ରଖ, ବାକି ଜୀବନ ଆମେ ଏକାଠି ଏମିତି ଚାଲୁଥିବା । କିଏ ଆଗପଛ ହେଇଯିବ ଆଜିରୁ ଚିନ୍ତାକରି ଲାଭ କ'ଣ ?

ମୀତାଙ୍କର ବିସ୍ମୟ ଏବେସୁଦ୍ଧା ତୁଟିନଥିଲା । ଦେବାଶିଷଙ୍କର ବକ୍ତବ୍ୟ ତାଙ୍କ ପାଇଁ ଗୁଣୁଗୁଣୁ ସୁମଧୁର ସଂଗୀତ ଶୁଣିଲା ଭଳି ଲାଗୁଥିଲା । ତାଙ୍କର ଅନୁଭବ ହେଉଥିଲା, ନାଁ, ଗଛର ଗଣ୍ଡି ସଂପୂର୍ଣ୍ଣ ପଚି ନଷ୍ଟ ହୋଇନାହିଁ । ଏବେ ଏବେ ତ ସେଠି କଅଁର ସବୁଜ ପତ୍ର କେତୋଟି କଅଁଳିଛି । ସେ ପୁଣି ଡାଳ ମେଲିବ, ଡାଳ ବଢ଼ିବ, ଶାଖାପ୍ରଶାଖା ମେଲାଇବ । ଆଉ ଡାଳ ଭାଙ୍ଗିବନି । କାହିଁକି ନା ଝଡ଼ବର୍ଷାର ରାତି ଶେଷ ହୋଇଛି ।

□□

ଲେଖିକାଙ୍କ ଇ-ମେଲ ଠିକଣା:
drkabitabarik@gmail.com


ପ୍ରବନ୍ଧ

# ଆମ କବିତାରେ ବସନ୍ତ



ଦୁର୍ଯ୍ୟୋଧନ ଦାସ

ବସନ୍ତ ଖାଲି ଏକ ଋତୁର ନାଆଁ ନୁହେଁ, ବିରଳ ଅନୁଭବ ମଧ୍ୟ । 'ବସନ୍ତ' ଋତୁଚକ୍ରର ଏକ ନିର୍ଦ୍ଦିଷ୍ଟ ସମୟରେ ବିଶିଷ୍ଟ ଜଳବାୟୁ ମଧ୍ୟରେ ଆସେ । ତାକୁ ପାଛୋଟି ଆଣେ ଫାଲଗୁନ କିଆ-କେତକୀ ଓ ମୁଚୁକୁନ୍ଦର ମଣ୍ଡପକୁ । ଦେବଦାରୁ ଓ ଆମ୍ର କିଶଳୟରେ ତୋରଣ ସଜାଇ ତା' ଉପରେ ଟାଙ୍ଗିଦିଏ ରାଧାତମାଳ ଓ କୃଷ୍ଣଚୂଡ଼ାର ଝାଲେରୀ । ଚୈତ୍ର ପଥର କେଉଁ ମୋଡ଼ରେ ପାରିଦିଏ ସୋରିଷଫୁଲର ହଳଦିଆ ଗାଲିଚ ତ କେଉଁଠି ପଳାଶର ଲୋହିତ କାର୍ପେଟ । କେଉଁଠି କରେ ବଉଳର ବର୍ଷା ତ କେଉଁଠି କରେ ଅଶୋକର ଆସର । ସବୁଠାରେ ବସନ୍ତ ଆଗମନର ବାର୍ତ୍ତା ପ୍ରଚରିତ ହୋଇଯାଏ କୋକିଳର କୁହୁତାନରେ । ଏହି କଥାକୁ ସ୍ୱଭାବ କବି ଗଙ୍ଗାଧର ପ୍ରକାଶ କରିଛନ୍ତି ଅର୍ଦ୍ଧେକ କଳା ଏବଂ ଅର୍ଦ୍ଧେକ ବିଜ୍ଞାନ ବର୍ଣ୍ଣନାରେ ।



ବସନ୍ତ ବିଜୟ ବାରତା
ପ୍ରଚରିଲା ଭୁବନେ
ପତର ଆନୀତ ପାଦପ ପରଭୃତ ପଠନେ
ଗ୍ରହରାଜ କର୍ଣ୍ଣେ ପଡ଼ିଲା ଋତୁ ସମ୍ରାଟ ଭାଷା
ଚଳିଲେ ଉତ୍ତର ପଥରେ ତେଜି ଦକ୍ଷିଣ ଆଶା ।

ତେଣୁ ବସନ୍ତ ଏକ ଉତ୍ତରାୟଣ ଉତ୍ସବ - ଉତ୍ତରିତ ଉତ୍ସାହର ପର୍ବ । ପ୍ରକୃତିର ପରିବର୍ତ୍ତନ ସହିତ ଚିତ୍ତରେ ଚରିଯାଉଥିବା ଉନ୍ମାଦନାର ଚଇତାଳୀ ।

## ସ୍ଥୂଳ ଅନୁଭବ

ଆହାର-ବିହାର-ଭୟ-ମୈଥୁନ ପରି ସ୍ଥୂଳ ଅନୁଭବରେ ନିର୍ମିତ ହୁଏ ମଣିଷର ଭୌତିକ ସତ୍ତା । ପ୍ରେମ-ପ୍ରତାରଣା, ସୁଖ-ଦୁଃଖ ଓ ଆଗ୍ରହ-ନିଗ୍ରହରେ ନିର୍ମିତ ହୁଏ ତା'ର ମାନସିକ ମୂର୍ତ୍ତି । ଆନନ୍ଦ, ତୃପ୍ତି ଓ ଦିବ୍ୟ ଜ୍ଞାନ ଗଢ଼େ ତା'ର ପାରମାର୍ଥିକ ପରିଚୟ । ତେଣୁ ବସନ୍ତ ଯେତେବେଳେ ଅନୁଭବର ଚିତ୍ର ଆଙ୍କେ ସେତେବେଳେ ତାହା ତୁଚ୍ଛ ସମୟ ନ ହୋଇ ହୋଇଯାଏ ଆୟୁଷ ଏବଂ ଜୀବନ ପଲଟିଯାଏ ଡାଏରୀ । କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ମତରେ -

କେଉଁ ପୁଷ୍ପିତ ଅରଣ୍ୟ ଘେରା ଗଭୀର ଗୁମ୍ଫାରେ
ଫଗୁଳ ହରଫେ ଲେଖା ଏକ ମନ୍ତ୍ର ଲେଖା
ସେ କି ମୁଁ ?
ରଙ୍ଗିନ ରହସ୍ୟେ ଭରା ଏକ ପାର୍ଥିବ ଭୂମିକା ! !
ପଳାତକ ସମୟର ମୁଁ ବି ଏକ ଚିହ୍ନ
ନିଜେ ମୁଁ ଫାଲଗୁନ ।

ଋତୁପରିବର୍ତ୍ତନ ଘଟେ ପୃଥିବୀର ଆହ୍ନିକ ଓ ବାର୍ଷିକ ଗତି ଏବଂ କକ୍ଷ ଉପରେ ଅକ୍ଷର ୨୩.୫ ଡିଗ୍ରୀ ଆନତ ସ୍ଥିତି ଯୋଗୁ । ସୂର୍ଯ୍ୟ କିରଣର ଆହରଣ ବିକିରଣ ଉପରେ ନିର୍ଭର କରେ ବାୟୁମଣ୍ଡଳରେ ଉତ୍ତାପ ଏବଂ ପବନର ସଂଚାଳନ । ସଂଗଠିତ ହୁଏ ଜଳ-ଚକ୍ର-ବାଷ୍ପ-ମେଘ-ବୃଷ୍ଟି । ପୃଥିବୀ ହୁଏ ଶସ୍ୟ ଶ୍ୟାମ - ବିଚିତ୍ରବର୍ଣ୍ଣା ରଙ୍ଗର ଫୁଲବନ - ପତ୍ରଝଡ଼ା ଥୁଣ୍ଟା ଗଛର ଶ୍ରୀହୀନ ସୌଷ୍ଠବ । ପାଣିପାଗ ବଦଳିବା ସହିତ ମଣିଷର ଦେହ-ମନରେ ଆସେ ଅନେକ ପରିବର୍ତ୍ତନ । ପ୍ରକୃତିର ଏହି ପରିବର୍ତ୍ତନକୁ ପ୍ରାଣୀମାନେ ଅନୁଭବ କରନ୍ତି ଏକ ନିର୍ଦ୍ଦିଷ୍ଟ ଛନ୍ଦରେ । ତାହାକୁ ବିଜ୍ଞାନରେ କୁହାଯାଉଛି, 'ସରକାଡିଆନ୍ ରିଦମ୍' । ନିଦ୍ରା-ଜାଗରଣ ମଧ୍ୟରେ ଏହି ଛନ୍ଦ ମଣିଷକୁ ଶିଖାଏ ନିଷ୍କପଟ ନୈସର୍ଗିକ ହେବାର କଳା- ପ୍ରକୃତି ପରି ପ୍ରାକୃତିକ ହେବାର କୌଶଳ ।

ପୃଥିବୀର ସବୁ ଆଡ଼େ ଋତୁ ଚିତ୍ର ଏକା ନୁହେଁ କି

ସବୁ ସଭ୍ୟତାରେ ଅନୁଷ୍ଠିତ ଋତୁକାଳୀନ ପ୍ରଥା-ପରମ୍ପରା ଓ ଉତ୍ସବ ଏକା ନୁହେଁ। ପାଶ୍ଚାତ୍ୟ ନିବାସୀମାନେ ଚାରୋଟି ଋତୁର ପ୍ରାବଲ୍ୟ ଅନୁଭବ କରୁଥିବାରୁ ସେମାନଙ୍କ ଚିନ୍ତନରେ ବିକଶିତ ହୋଇଛି ଚାରୋଟି ଋତୁର ପ୍ରଭାବ । ତାଙ୍କ ପାଇଁ 'ବସନ୍ତ' ହେଉଛି ସୁକୁମାର ଶିଶୁ-କିଶୋର- 'ପ୍ରାକ୍-ଯୌବନ'ର ଅବସ୍ଥା (କୋଡ଼ିଏ ବର୍ଷ) । ଗ୍ରୀଷ୍ମକୁ ଯୌବନ, ଶରତକୁ ପ୍ରୌଢ଼ର ଆସନ ଦେଲାବେଳେ ସେମାନେ ଶୀତକୁ ବସାନ୍ତି ବାର୍ଦ୍ଧକ୍ୟ ଆସନରେ । ସେଥିପାଇଁ ଜୋନ୍ କିଟ୍ସ କହିଛନ୍ତି -

'ହି ହାଜ୍ ହିଜ୍ ଲଷ୍ଟି ସ୍ପ୍ରିଙ୍ଗ୍, ହ୍ୱେନ୍ ଫାନ୍ସି କ୍ଲିୟର,
ଟେକ୍ସ ଇନ୍ ଅଲ୍ ବିୟୁଟି ଉଇଥ୍ ଆନ୍ ଇଜି ସ୍ପାନ୍ ।'

**ଛଅଟି ଜୀବନ**

ମାତ୍ର ଜଳବାୟୁର ଉତ୍କର୍ଷରୁ ଭାରତୀୟମାନେ ଛଅଟି ଋତୁ ସହିତ ଛଅଟି ଜୀବନର ଐଶ୍ୱର୍ଯ୍ୟ ଉପଭୋଗ କରନ୍ତି । ବୈଜ୍ଞାନିକ ଦୃଷ୍ଟିକୋଣରୁ ତାର ମଧ୍ୟ ପ୍ରାସଙ୍ଗିକତା ଅଛି । ଏଠାରେ ସେ ସବୁ ବର୍ଣ୍ଣନା କରିହେବ ନାହିଁ; କେବଳ ସଂକ୍ଷେପରେ ସୂଚନା ଦିଆଯାଇପାରେ । ପରିମିତ ଜଳ-ବାୟୁ-ତାପ ସଂଯୋଗରେ ବର୍ଷା ଦିନ ଅଙ୍କୁରୋଦ୍‌ଗମରୁ ଚାରା ମାଧ୍ୟମରେ ଉଦ୍ଭିଦ ସୃଷ୍ଟି କରିପାରୁଥିବାରୁ ପ୍ରାବୃଟ୍‌କୁ ପିଲାବେଳ କହିଲେ ଅତ୍ୟୁକ୍ତି ହେବ ନାହିଁ । କ୍ରମଶଃ ହୃଷ୍ଟପୁଷ୍ଟତା ସହିତ ଶିଶୁକୁ କିଶୋର କରୁଥିବା ଏ ସମୟ ଡାଳ ପତ୍ରରେ ଉଦ୍ଭିଦକୁ ଝଙ୍କାଳିଆ କରୁଥିବା ଶରତ ସହ ତୁଳନୀୟ। ଆସ୍ତେ ଆସ୍ତେ ଜ୍ଞାନ ବିକାଶର ତାଳେ ତାଳେ ମନରେ ଜନ୍ମନିଏ ନୂଆ ନୂଆ ଜିଜ୍ଞାସା । କ୍ରମଶଃ ଖୋଲାପଣ ନିବୁଜ ହୁଏ । ଦେହ ଓ ମନରେ ବିପୁଳ ପରିବର୍ତ୍ତନ ଧରି 'ଯୌବନ' ପ୍ରବେଶ କରେ ବୟସକୁ ବସନ୍ତଋତୁ ପରି। ସମ୍ପର୍କ ସୂତାରେ ନୂଆ ଗଣ୍ଠି ପଡ଼େ ।

**ଚୁମ୍ବନ ଛେରି କରୁ କରୁ ପ୍ରେମିକର ଅଧର ହୋଇଯାଏ ଆରକ୍ତ - ଆଲିଙ୍ଗନରୁ ମୁକୁଳୁ ମୁକୁଳୁ ଫିଟିପଡ଼େ ପ୍ରେମିକା ଗଭାର ଗଜରା ।**

ଜୁଆରିଆ ହୁଏ ପ୍ରେମ-ନଦୀ । ଚୁମ୍ବନ ଛେରି କରୁ କରୁ ପ୍ରେମିକର ଅଧର ହୋଇଯାଏ ଆରକ୍ତ-ଆଲିଙ୍ଗନରୁ ମୁକୁଳୁ ମୁକୁଳୁ ଫିଟିପଡ଼େ ପ୍ରେମିକା ଗଭାର ଗଜରା ଏବଂ ସ୍ୱେଦସିକ୍ତ କାଂଚଲା । ପ୍ରାଚୁର୍ଯ୍ୟ ଓ ସମ୍ଭାବନା ପୂର୍ଣ୍ଣ ଏ ସମୟ। ସବୁଆଡ଼େ ଫୁଲଫୁଟା ସୌନ୍ଦର୍ଯ୍ୟ - ମହମହ ବାସ୍ନା - ଶିହରଣର ସ୍ରୋତ । କ୍ରମଶଃ ଅନୁଭବ ବୁଦ୍ଧି-ବିବେକ-ବିବେଚନାରେ ଗାଢ଼ ହୁଏ । ଉଦାମତାର ଉଲ୍ଲାସରୁ ମନ ଗତି କରେ ସ୍ଥିତପ୍ରଜ୍ଞର ସ୍ଥିରତା ଆଡ଼କୁ । ଏହାକୁ ବିଜ୍ଞାନରେ କୁହାଯାଉଛି ମଧ୍ୟମ ବୟସ (ମିଡିଲ୍ ଏଜ୍) - ପ୍ରୌଢ଼ତ୍ୱ। ଗ୍ରୀଷ୍ମଋତୁ ଏହାର ପ୍ରତୀକ । ପରିପକ୍ୱତାର ଏ ପ୍ରବୃଦ୍ଧ କାଳ ଦେଇପାରେ ପକ୍ୱ ଆମ୍ବର ଚମତ୍କାର ମଧୁରତା - ଭାବ-ଭକ୍ତିର ଉଷ୍ମ ମାଦକତା । ଆସ୍ତେ ଆସ୍ତେ ମାର୍ତ୍ତଣ୍ଡ ଅସ୍ତ ହେଲା ପରି ଶୁଖି ଶୁଖି ଆସେ ସାମର୍ଥ୍ୟର ସରୋବର । ତଥାପି ସେଥିରେ ଥାଏ ଛାୟା ସୃଷ୍ଟି କରି ପାରୁଥିବା କୋମଳ କିରଣ, ଯାହାର ପ୍ରଭାବରେ ବ୍ୟକ୍ତିତ୍ୱରେ ଛାୟା କୃତି ଓ କୃତିତ୍ୱ ହୁଏ ବୃହତ୍ତର । ଏହି ସମୟକୁ ବିଜ୍ଞାନୀମାନେ କହନ୍ତି ଆଦ୍ୟ ବାର୍ଦ୍ଧକ୍ୟ (ୟଙ୍ଗ୍ ଓଲଡ୍)-ଯାହାକୁ ତୁଳନା କରାଯାଇପାରେ ହେମନ୍ତ ସହିତ । ପରେପରେ ଜୀବନ ଭେଟେ ଧୁଡୁଧୁଡୁ ଦେହରେ ଆଶାବାଡ଼ି ଧରି ଜରାଗ୍ରସ୍ତ ବାର୍ଦ୍ଧକ୍ୟକୁ । ଶୀତ ପରି ସେଠାରେ ଥାଏ ଥୁରୁଥୁରୁ ବେପଥୁ ପତ୍ରହରା ବୃକ୍ଷ ପରି ସ୍ମୃତିହରା ମସ୍ତିଷ୍କ - ବାତ୍ୟାହତ ଆଶଙ୍କା ପରି ଆଗତ ମୃତ୍ୟୁ ଭୟ ।

ଧର୍ମଶାସ୍ତ୍ର ଓ ସାହିତ୍ୟରେ ଭାରତୀୟ ପରମ୍ପରା ଯେଉଁ ଋତୁଚୟକୁ ପର୍ଯ୍ୟାପ୍ତ ଆଲୋଚନା କରିଛି ତାହା ହେଉଛି ଶରତ, ହେମନ୍ତ ଓ ବସନ୍ତ । ଧନ ଓ ମନରେ ଦରିଦ୍ର ନ ହୋଇ ନିତ୍ୟ ମଧୁର ବଚନରେ ଶହେଟି ଶରତ ଜନ୍ମ ଜନ୍ମ ଧରି ବଂଚିବାକୁ ଆମେ ଇଚ୍ଛା କରନ୍ତି । ଏହି ମର୍ମରେ ବେଦମନ୍ତ୍ର ହେଉଛି -

ପ୍ରବମାମଃ ଶରଦଃ ଶତମ୍ / ପ୍ରମବାମଃ ଶରଦଃ ଶତମ୍
ଅଦୀନାଃ ସ୍ୟାମ ଶରଦଃ ଶତମ୍ / ଭୂୟଶ୍ଚ ଶରଦଃ ଶତମ୍ ।।

ଶ୍ରମଦ୍‌ଭଗବଦ୍ ଗୀତାରେ ଶ୍ରୀକୃଷ୍ଣଙ୍କ ବାଣୀ ହେଉଛି -

ମାସାନାଂ ମାର୍ଗଶୀର୍ଷୋଽହମୃତୁ୍ୟନାଂ କୁସୁମାକରଃ"(୧୦- ୩୫)

ଅର୍ଥାତ୍ ସେ ହେଉଛନ୍ତି ମାସମାନଙ୍କ ମଧ୍ୟରେ ଉତ୍ତମ ମାସ ମାର୍ଗଶୀର (ହେମନ୍ତ ଋତୁ) ଏବଂ ଋତୁମାନଙ୍କ ମଧ୍ୟରେ ଶ୍ରେଷ୍ଠ ବସନ୍ତ ଋତୁ ।

**ସମ୍ପର୍କର ମହାର୍ଘ ସେତୁ**

ଆମ କବିତାରେ ବସନ୍ତ ବର୍ଣ୍ଣନା କରିବା ଅବସରରେ ବସନ୍ତ ଋତୁରେ ଅନୁଷ୍ଠିତ ହେଉଥିବା ସମ୍ପର୍କର ଏକ ମହାର୍ଘ ସେତୁଠାରେ ଶୁଭ ଦେଇଥାଉ। କାଣ୍ଡକଳସୀ ଯାତ୍ରା,

କନକାଂଜଳି ବନ୍ଧା, ମାଙ୍ଗଳିକ ସାହାନାଇ ବାଦନ ପୂର୍ବରୁ ଶୋଭନ ନିମନ୍ତ୍ରଣ ପତ୍ରରେ ବନ୍ଧୁବାନ୍ଧବ ଓ ସାହିପଡ଼ିଶାଙ୍କୁ ନିମନ୍ତ୍ରଣ କରାଯାଇ ବରକନ୍ୟାଙ୍କୁ ଆଶୀର୍ବାଦ ପ୍ରଦାନ ସହିତ ଭୂରି ଭୋଜନରେ ଆପ୍ୟାୟିତ ହେବା ଲାଗି । ଏଥିପାଇଁ ସ୍ମରଣ କରାଯାଉ ଗୁରୁ ପ୍ରସାଦ ମହାନ୍ତିଙ୍କ କାଳଜୟୀ କବିତାକୁ -

ବସନ୍ତ ସହିତ ଆସେ ବାହାଘର ତିଥି ବ୍ୟାଣ୍ଡବାଜା
ନିମନ୍ତ୍ରଣ କାର୍ଡ ଆସେ, ମାଇକ୍‌ରେ ରାତିସାରା ଗୀତ
ବସନ୍ତ ସହିତ ଆସେ ଆମ୍ବକଷି କଢ଼ ଘରିପାଖେ
ମହୁମାଛି ଡେଣାତଳେ ଆସ୍ତେ ଆସ୍ତେ ତାତୁଥିବା
ଫାଲ୍‌ଗୁନର ଖରା

(ବସନ୍ତ ସହିତ ଆସେ - ଆଶ୍ଚର୍ଯ୍ୟ ଅଭିସାର)

କବି ବିଦ୍ୟୁତ୍‌ପ୍ରଭା ଷଡ଼ଋତୁରକୁ ଛ'ଅଟି ଭଉଣୀ ବୋଲି ପରିକଳ୍ପନା କରି କହନ୍ତି -

"ରୂପେ ନିରୂପମା ଛଅଟି ଭଉଣୀ
ଗୋଟିଏ ଗରଭୁଁ ଜାତ
ମୃଦୁ ପଦପାତେ ଆସନ୍ତି ମରତେ
ଧରି ଜଣେ ଆନ ହାତ ।"

> **ଋତୁ କନ୍ୟାଗଣ ରୂପ ଓ ଗୁଣରେ ପରସ୍ପରଠାରୁ ଭିନ୍ନ । କିନ୍ତୁ କେହି କାହାରିଠାରୁ ନ୍ୟୂନ ନୁହଁନ୍ତି ।**

ଋତୁ କନ୍ୟାଗଣ ରୂପ ଓ ଗୁଣରେ ପରସ୍ପରଠାରୁ ଭିନ୍ନ । କିନ୍ତୁ କେହି କାହାରି ଠାରୁ ନ୍ୟୂନ ନୁହଁନ୍ତି । ପ୍ରତ୍ୟେକଙ୍କ ପାଖରେ ଅଛି ଅନନ୍ୟ ବୈଭବ । ଆଉ ଏହି ବୈଭବର ବିତରଣ ପର୍ବରେ ଅଛନ୍ତି ପୃଥକ୍ ପୃଥକ୍ ସାକ୍ଷୀ । ବର୍ଷାର ସାକ୍ଷୀ ବାରିଦ-କନ୍ୟା ହେଉଥିଲା ବେଳେ ଶରତର ସାକ୍ଷୀ କଇଁ-କାଶତଣ୍ଡୀ । ଶିଶିର, କୁହୁଡ଼ି ଓ ଝାଞ୍ଜି ଯଥାକ୍ରମେ ହେମନ୍ତ, ଶୀତ ଓ ଗ୍ରୀଷ୍ମର ସ୍ମୃତିକୁ ଧରି ରଖୁଥିବା ବେଳେ ମଳୟ ଓ ମୁଚୁକୁନ୍ଦ ହୁଅନ୍ତି ବସନ୍ତର ଗଣ୍ଠିଧନ । ମାତ୍ର ସଖା କନ୍ଦର୍ପ ସର୍ବଦା ଥାନ୍ତି ବସନ୍ତଙ୍କ ପାଖେପାଖେ । ତେଣୁ କନ୍ଦର୍ପ ଯେଉଁଠି ବିଜେ କରନ୍ତି ଅଦିନରେ ବି ସେଠାରେ ହୁଏ ବସନ୍ତର ଆଗମନ । ସେ ଆସନ୍ତି ପାର୍ଷଦଙ୍କ ସହିତ ।

## ଋତୁରାଜ ପାର୍ଷଦ

ଭାରତୀୟ ପରମ୍ପରାରେ ବସନ୍ତକୁ ପୁରୁଷର ମର୍ଯ୍ୟାଦା ଦିଆଯାଇଛି । ସେ ମଧ୍ୟ ଋତୁମାନଙ୍କ ମଧ୍ୟରେ ଶ୍ରେଷ୍ଠ; ତେଣୁ ଋତୁରାଜ । ଶ୍ରୀକୃଷ୍ଣ ନିଜକୁ ଶ୍ରୀମଦ୍‌ଭଗବତ ଗୀତାରେ "ଋତୁଣାଂ କୁସୁମା କର" କହି ଭଗବତ୍ ସତ୍ତାର ଷଡ଼ୈଶ୍ୱର୍ଯ୍ୟ ବସନ୍ତ ନିକଟରେ ସମ୍ଭବପର ବୋଲି ସ୍ୱୀକାର କରିଥାନ୍ତି । ମାତ୍ର ରୋମାନମାନେ ଋତୁମାନଙ୍କୁ ('ହୋରାଇ') ଘରି ଦେବୀ ର ମାନ୍ୟତା, ଦେଇ ମନ୍ଦିରରେ ପୂଜା କରନ୍ତି । ସେହି ଚତୁଃ ଦେବୀ ହେଉଛନ୍ତି 'ଭେର୍' (ବସନ୍ତ), 'ଏଷ୍ଟାସ୍'(ଗ୍ରୀଷ୍ମ), 'ଅଟମ୍ନସ୍'(ଶରତ) ଏବଂ 'ହିଏମ୍‌ସ୍' (ଶୀତ) । କିନ୍ତୁ ଗ୍ରୀକ୍‌ଗଣ ଋତୁଙ୍କୁ ଆଜ୍ଞା, ଶାନ୍ତି ଓ ନ୍ୟାୟର ପ୍ରତୀକ ଭାବେ ଗ୍ରହଣ କରି ସେମାନଙ୍କର ନାମକରଣ ଯଥାକ୍ରମେ 'ଇନୋମିଆ', 'ଇରିନ୍' ଏବଂ 'ଡାଇକ୍' କରିଛନ୍ତି । ଏହି ତ୍ରିଦେବୀ ଖାଲି ଭୌତିକ ବୈଚିତ୍ର୍ୟ ନୁହେଁ, ନାନ୍ଦନିକ ବୈଭବ ଓ ଚାରିତ୍ରିକ ଚୈତନ୍ୟର ପ୍ରକାଶ କରନ୍ତି । ଏଥିରୁ ପ୍ରମାଣିତ ହେଉଛି ସମୟ ସଂଜାତ ଜଳବାୟୁ ଓ ପତ୍ର-ପୁଷ୍ପ-ଫଳ ପରିଚୟ ବାହାରେ ବସନ୍ତ ହେଉଛି ବୃହତ୍ତର ଜୀବନ ବୃତ୍ତ ଓ ବ୍ରହ୍ମ ବିଶ୍ୱାସ ।

## ମଧୁମକ୍ଷିକା

ଗୁଞ୍ଜନରତ ଗାନ୍ଧର୍ବ ବିଦ୍ୟାରେ ଧୂରୀଣ ଷଟ୍‌ପଦ ହେଉଛି ମଧୁମକ୍ଷିକା । ପରିବେଶ ସୁରକ୍ଷାରେ ତା'ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଗୋଟେ ଶ୍ରମିକ ମକ୍ଷିକା ଜୀବନକାଳ ମଧ୍ୟରେ ଚାମଚେ ମହୁ ସଂଗ୍ରହ କରି ପାରୁଥିଲେ ବି ସମାଜ ପାଇଁ ତା'ର ଅବଦାନ ଅତୁଳନୀୟ । ଫୁଲ ଫୁଲ ମଧ୍ୟରେ ପରାଗ ସଙ୍ଗମ କରାଇ ସେ ବଂଶ ବୃଦ୍ଧିକରେ । ଶସ୍ୟଶ୍ୟାମଳା ଓ ପୁଷ୍ପ ଫଳମୟ ହୁଏ ବସୁନ୍ଧରା । ବସନ୍ତ ବର୍ଣ୍ଣନା ଅସଂପୂର୍ଣ୍ଣ ରହିବ ଯଦି ମଧୁପକୁ ବାଦ୍ ଦିଆଯାଏ । କାମଦେବଙ୍କ ଧନୁରେ ଗୁଣର କାର୍ଯ୍ୟ କରନ୍ତି ମହୁମାଛିମାନେ । ତେଣୁ ପ୍ରେମର ପ୍ରାରମ୍ଭରେ ରହିଛି ମଧୁମକ୍ଷିକାର ଉପସ୍ଥିତି । ଏହି ମର୍ମରେ କବି ଡ. ହରିହର ନାୟକ କହନ୍ତି-

ବସନ୍ତ ଆସିଛି ବଉଳ ଫୁଲର ବାସ ଚହଟାଇ,
କୋଇଲିର କୁହୁତାନ ମନ୍ଦ ମନ୍ଦ ମଳୟ ପବନ...
କାମଶର ପ୍ରୟୋଗ କଲେଣି
ପଞ୍ଚଫୁଲ ଏକାକାର ହୋଇ....
କେମିତି ରହିବି ସ୍ଥିର
ମଧୁମକ୍ଷିକା ରସ ଶୋଷିଲେଣି ।

(କେତେ କଣ୍ଟା କେତେ ଫୁଲ)

କବି ଏମିଲ ଡିକ୍‌ସନ ମଧୁମକ୍ଷିକାକୁ ପ୍ରଶଂସାର ପ୍ରତୀକ

କରି କହିଛନ୍ତି – "ଫେମ୍ ଇଜ୍ ଏ ବୀ, ଇଟ୍ ହାଜ୍ ଏ ସଙ୍ଗ୍, ଇଟ୍ ହାଜ୍ ଏ ଷ୍ଟିଙ୍ଗ୍ – ଆହ୍, ଇଟ୍ ହାଜ୍ ଏ ୱିଙ୍ଗ୍" । ବସ୍ତୁତଃ ପ୍ରଶଂସା ଉଡ଼ାଇପାରେ ଉଚ୍ଚରେ – ଦଂଶନ କରିପାରେ ଈର୍ଷାର ନାହୁଡ଼ରେ । ମଧୁମକ୍ଷିକା ମମତାମୟ ପ୍ରଣୟର ପ୍ରତୀକ । ପ୍ରେମ ପାଇଁ ସେ ବଂଚିପାରେ ମରି ବି ପାରେ – ଉଭୟରେ ତା'ର ସାର୍ଥକତା।

**କୋକିଳ**

ନୀରବ ଥିବା କୋଇଲି ଆମ୍ର କୁଂଜରେ ହଠାତ୍ ସଙ୍ଗୀତ ଗାନ କଲେ ବୁଝିବାକୁ ହେବ ଆସିଯାଉଛି ବସନ୍ତ । ତାର ମଧୁର ଧ୍ୱନିକୁ ଅରଣ୍ୟରେ ଧ୍ୟାନରତ ମୁନିଋଷିଙ୍କ ବାଣୀ ବୋଲି କହିଛନ୍ତି ଉତ୍କଳମଣି ଗୋପବନ୍ଧୁ । ଖାଲି ସେତିକି ନୁହେଁ ଏଥିରେ ଜାତୀୟତାର ଜାଗରଣ ମନ୍ତ୍ର ଅଛି ବୋଲି ସେ ବିଶ୍ୱାସ କରନ୍ତି । ମହତପଣିଆ ରୂପ ଓ ଆଭିଜାତ୍ୟରେ ନ ଥାଏ; ଥାଏ ବିଶାଳ ବ୍ୟକ୍ତିତ୍ୱରେ । ତେଣୁ ସେ କହିଛନ୍ତି:

ଗୁଣ ଥିଲେ ରୂପର କି ଅଛି ପ୍ରୟୋଜନ
ରୂପ ଅଟଇ କେବଳ ବାହ୍ୟ ଆଭରଣ,
ଧନ୍ୟ ଧନ୍ୟରେ ବିହଙ୍ଗ
କି ହେବ ବା ହେଲେ ତୋର ଅସୁନ୍ଦର ଅଙ୍ଗ ?
(କୋକିଳ – ଅବକାଶ ଚିନ୍ତା)




**ମଳୟ**

ବସନ୍ତର ବନ୍ଧୁ ମଳୟ – ଏଥିରେ ଦ୍ୱିରୁକ୍ତି ନାହିଁ । ନାତିଶୀତୋଷ୍ଣ ଅନୁଭବର ରୂପକାର ହେଉଛି ମଳୟ – ତାର ନାମ ବି ଚୋରା ଚଇତାଳି। ଦେହକୁ ସଲସଲ କରୁଥିବା ଏ ପବନ ମନକୁ କରେ ଶିହରିତ – ରୋମାଞ୍ଚିତ – ଉଲ୍ଲସିତ । ଭକ୍ତ କବିଙ୍କ ବର୍ଣ୍ଣନାରେ ଏହାର ଏକ ଝଲକ ଏହିପରି –

ଆସଇ ବସନ୍ତ ଶିଶିର ଅନ୍ତେ / ଦିଶଇ ଧରଣୀ ଋରୁ କେମନ୍ତେ
ଦକ୍ଷିଣ ଦିଗରୁ ବହେ ମୃଦୁଳ / ପରିମଳମୟ ମଳୟାନିଳ।
(ବସନ୍ତ)

କବି ଭାବନାରେ ମଳୟ ରଥ ହୋଇ ପ୍ରେମିକାକୁ ନେଇଯାଏ ଜହ୍ନ-ଦର୍ପଣରେ ମୁଖ ଦେଖିବା ପାଇଁ

ଏବେ ବି ତୋ ଦେହ ବଗିଚାରେ / ଫୁଲ ଫୁଟା ଋତୁର ରାଜତ୍ୱ
ଥାକ ଥାକ ସ୍ୱପ୍ନ ଅଗଣାରେ / କାବ୍ୟମୟ ଯୌବନର ରାସ
ତୁ ବି ମଳୟ ରଥରେ ବସି / ଜହ୍ନରେ ଦେଖୁଛ ମୁହଁ
ଗୋଟାଉଛୁ ଧୂଳି ମଖା ହେନାର ସୁବାସ
(ପ୍ରୀତିସ୍ୱିଦା ପାଇଁ ପଦେ – କରୁଣାକର ବେଉରିଆ)

କାଳିଦାସ ସିନା ମେଘକୁ ପ୍ରେମିକର ଦୂତ କହି ପ୍ରେମିକା ପାଖକୁ ପଠାଇଥିଲେ ବିରହର ଖବର, ମାତ୍ର ରାଧାମୋହନ ଗଡ଼ନାୟକ ମଳୟକୁ ପ୍ରେମିକାର ଦୂତ କରି ପଠାଇଛନ୍ତି ପ୍ରେମିକ ପାଖକୁ।

"ମଳୟ ହାତରେ ବିକଳେ କାତରେ ପଠାଇଲା ମୋର ପ୍ରିୟା
ଗୋଟିଏ ସୁରଭି ସନ୍ଦେଶ / ଗୋଟିଏ ମଦିର ଆଶ୍ଳେଷ
ବୁଝିଛି ମୋର ହିୟା
ଲୁବ୍ଧ ମଳୟ ରଙ୍ଗରେ / ମାଖି ହୋଇ ତାହା ଅଙ୍ଗରେ
ମୋହ ପାଖାପାଖି ଉଡ଼ିଯାଇଅଛି ଓହୋ କେଡ଼େ ଦଗାଦିଆ।"

କବି ଦେବ ଦୁର୍ଲ୍ଲଭ ଦାସ 'ରହସ୍ୟ ମଂଜରୀ' ପୁସ୍ତକରେ ବସନ୍ତ କନ୍ଦର୍ପ ସହିତ ଆସେ ବୋଲି କହିଚନ୍ତି ।

"ଅଇଲା ବସନ୍ତ ଋତୁ ଅନଙ୍ଗ ସଙ୍ଗତେ
ବହିଲା କି ମଳୟ ପବନ ଗନ୍ଧ ତୁଲେ
ପଲ୍ଲବିଲେ ତରୁ ଲତା ଫୁଟିଗଲେ ଫୁଲେ।"

**ହଳଦୀ ବସନ୍ତ**

ବସନ୍ତ ଆସିଲେ ହଳଦିଆ ଲୁଗା ପିନ୍ଧି ମୁଣ୍ଡକୁ କଳା ବସ୍ତ୍ରରେ ଢାଙ୍କି ହଳଦୀବସନ୍ତ ଲୁଚକାଳି ଖେଳନ୍ତି ଆମ୍ବ ଗଛରେ । ସଦା ଚଳଚଞ୍ଚଳ ସେମାନଙ୍କର ସ୍ଥିତି । ହିନ୍ଦୁ ସଂସ୍କୃତିରେ ହରିଦ୍ରା ବର୍ଣ୍ଣର ବୈଭବ ସ୍ୱତନ୍ତ୍ର । କନ୍ୟାଙ୍କୁ ହଳଦୀ ପାଣିରେ ସ୍ନାନ କରାଇ ହରିଦ୍ରା ବସ୍ତ୍ର ପିନ୍ଧାଇ ଅଣାଯାଏ ବିବାହ ବେଦୀକୁ। ବରକନ୍ୟାଙ୍କ କାନ୍ଧରେ ପଡୁଥିବା ଗଣ୍ଠିଆଳର ରଙ୍ଗ ମଧ୍ୟ ହଳଦିଆ । ହଳଦୀବସନ୍ତକୁ ଶୁଭ-ଶାନ୍ତ-ସୌଭାଗ୍ୟର ପ୍ରତୀକ ଭାବରେ ଗ୍ରହଣ କରାଯାଏ । ବଙ୍ଗ ପ୍ରଦେଶର ଏକ ଆଖ୍ୟାୟିକା ଅନୁସାରେ ଜଣେ ବଣିକ ଘରଣୀ ଶାଶୁ ଅତ୍ୟାଚାରରେ ଅତିଷ୍ଠା ହୋଇ ବିଷ ପିଇ ଆତ୍ମହତ୍ୟା କରିଥିଲେ। ମଲା ପୂର୍ବରୁ ସେ ଏକ କଳା ହାଣ୍ଡିରେ ଢାଙ୍କି ଦେଇଥିଲେ ନିଜର ମୁଣ୍ଡ । ଦେବୀ ତାଙ୍କ ଭକ୍ତଙ୍କ ଏ କରୁଣ ପରିଣତିକୁ ସହିପାରିଲେ ନାହିଁ । ସେ ତାଙ୍କୁ ସ୍ପର୍ଶକରି କହିଦେଲେ ହଳଦୀବସନ୍ତ । ମାତ୍ର

ମୁଣ୍ଡରେ କଳାହାଣ୍ଡି ଥିବାରୁ ତାହା ଏଯାବତ୍ ଧାରଣ କରିଛି ସେହି ରଙ୍ଗ । ଏହି କିଂବଦନ୍ତିଟି କବି କବିତାରେ ରୂପ ନେଇଛି ଏହିପରି -

କାଠୁଏ ହଳଦୀ ଦେହେ ମାଖି ଦେଇ
ମୁଣ୍ଡରେ ଆଟିକା ଢାଙ୍କି
ଶାଶୁ ଗଂଜଣାରେ ବୁଜି ଦେଲୁ ଆଖି
ଦୁର୍ଗାଙ୍କୁ ମନରେ ଧାୟୀ
ଦେବୀଙ୍କ ପରଶ ପାଇ
ହେଲୁ 'ବେନେ ବଉ' ବଣିକ ଘରଣୀ
ହଳଦୀବସନ୍ତ ପକ୍ଷୀ ।

ଉକ୍ତ ଆଖ୍ୟାୟିକାର ଏକ ପୁଷ୍କଳ ପରିଣତି ପରି ଲାଗେ କବି ରତିକାନ୍ତ ବେହେରାଙ୍କ କବିତା । ବଣିକ-ବଧୂର ଅପୂର୍ଣ୍ଣ ଇଚ୍ଛା ଓ ଅତୃପ୍ତ ପ୍ରଣୟର ସଫଳ ରୂପାୟନ ପାଇଁ ବୋଧହୁଏ ହଳଦୀବସନ୍ତର ଜନ୍ମ । ତାର କାମଭୁକ୍ କଞ୍ଚା କଞ୍ଚା ସ୍ମୃତିର ପରିପୃକ୍ତି ପାଇଁ ସେ ରଚନା କରୁଛି ଗୁପ୍ତ ଅଭିସାର ।

ମଖମଲ ହଳଦିଆ ପାଟ /
ଦିଶିଯାଏ ପେଟ ପିଠି ମନ
ଦାଗ ସବୁ ସାତ ପୁରୁଷର / ଛିଟା
ଛିଟା ସ୍ମୃତି ସବୁ
ଦରକଞ୍ଚା କାମଭୁକ୍ ଫଳ
ଗୈରିକର ରଙ୍ଗେ ଅରଣ୍ୟରେ / ଯେତେ ସବୁ ଗୁପ୍ତ ଅଭିସାର ।

(ହଳଦୀବସନ୍ତ)

**ବଣିକ-ବଧୂର ଅପୂର୍ଣ୍ଣ ଇଚ୍ଛା ଓ ଅତୃପ୍ତ ପ୍ରଣୟର ସଫଳ ରୂପାୟନ ପାଇଁ ବୋଧହୁଏ ହଳଦୀବସନ୍ତର ଜନ୍ମ ।**

## ଅବିର

ରଙ୍ଗ ଓ ରୋମାଞ୍ଚର ଋତୁ ବସନ୍ତ । ରଙ୍ଗୋଲି ଓ ଫଗୁ ଖେଳର ମୁଖ୍ୟ ଉପାଦାନ ଅବିର । ହୋଲି ଓ ଠାକୁରଙ୍କ ମେଲଣରେ ଅବିର ସୃଷ୍ଟି କରେ ଭଳି ଭଳି ରଙ୍ଗର ଆତସବାଜି। ମାତ୍ର କବି ଭାନୁଜୀ ରାଓ କହନ୍ତି ସବୁଠାରୁ ଆନନ୍ଦଦାୟକ ଓ ଅଲିଭା ଅବିର ହେଉଛି ହୃଦୟର ରଙ୍ଗ - ପ୍ରେମର ବର୍ଣ୍ଣବିଭା।

ଚିରସ୍ଥାୟୀ ସେହି ରଙ୍ଗ ହୃଦୟରେ ଥରେ / ଲାଗିଗଲେ ଆଉ ଛାଡ଼େ ନାହିଁ

ଯେତେ ଧୋଇଲେ ବି / ସେ ରଙ୍ଗ ମଉଳେନି ତିଳେ

ହୃଦୟକୁ ରଙ୍ଗାଇବ ହୃଦୟ ରଙ୍ଗରେ / ମନରେ ଛାଟିଦିଅ ମନର ଫଗୁକୁ।

(ଅବିର)

ବସନ୍ତରେ ନରନାରୀମାନେ ରଙ୍ଗ ଉତ୍ସବରେ ମାତିଲା ବେଳେ ବନଭୂମିରେ ପ୍ରକୃତି ରଚନାକରେ ବର୍ଣ୍ଣୋତ୍ସବ । ପୁଷ୍ପାୟିତ ତରୁଲତାମାନେ ପୁଷ୍ପବତୀ ତରୁଣ-ତରୁଣୀ ସାଜି ରଙ୍ଗ ଖେଳରେ ମଜ୍ଜି ଯାଆନ୍ତି । କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ବର୍ଣ୍ଣନାରେ ପତ୍ର, କଢ଼ ଓ ପରାଗରେଣୁ ଯଥକ୍ରମେ ହୋଇଛନ୍ତି ରଙ୍ଗ, ପିଚକାରୀ ଏବଂ ଅବିର । ବନ୍ଧୁ କନ୍ଦର୍ପ ସହିତ ହୋଲି ଖେଳିଛନ୍ତି ବସନ୍ତ ।

ଅତି ରସମୟ ବସନ୍ତ ସମୟ ବିଚିତ୍ର ପ୍ରମେୟ ତାହାର
ମିତ୍ର ଅନଙ୍ଗଙ୍କୁ ପ୍ରବଳ କରାଇ ଆଚରି ଚର୍ଚ୍ଚର ବିହାର
ଆଗତେ ଆରୋପିଲା ନାଗେଶ୍ୱରକୁ
ଋତୁରାଜ ପଦୁଁ ସେ ରଜ ଘେନିଲା ରହିଁ ପ୍ରଫୁଲ୍ଲ କେଶରକୁ ।

## ନୈରାଶ୍ୟରେ ଆଶାର ଆସାର

ଏବେ ଉଜୁଡ଼ି ଯାଉଛି ପ୍ରକୃତି । ମଣିଷର ଆଁ ଭିତରେ ନିଶ୍ଚିହ୍ନ ହୋଇଯାଉଛି ବଣ ଜଙ୍ଗଲର ସୁଷମା । ଆମ୍ବ-ପଣସ-ମୁଚୁକୁନ୍ଦ ନାହାନ୍ତି ରାସ୍ତା କଡ଼ରେ ଛାୟା-ସୁବାସ ଓ ସୌନ୍ଦର୍ଯ୍ୟ ଦେବା ପାଇଁ । ବାୟୁମଣ୍ଡଳ ପ୍ରଦୂଷିତ ହେଲା ପରି ମଣିଷର ମନ ବି ହୋଇଯାଇଛି ଅପବିତ୍ର । ବସନ୍ତର ବିଭୋରତା ବନ୍ଧା ପଡ଼ିଯାଇଛି ବଜାର ମନସ୍କ ବେପାରୀଙ୍କ ନିକଟରେ । ତେଣୁ କବୀ ପ୍ରଭାତ ନଳିନୀ ମହାପାତ୍ର କ୍ଷୋଭ ପ୍ରକାଶ କରି ଉଚ୍ଚାରଣ କରନ୍ତି :

ବସନ୍ତ କେବଳ ଆସେ ସୌଦାଗରୀ ସଭ୍ୟତାର ଅନ୍ଧ ଅହଂକାରେ

ବସନ୍ତ ଯେ ଧନୀକର ଇସ୍ତାହାର ଭୋଗୀର କଳ୍ପନା
ବୁଝେ ନାହିଁ କେବେ କାହିଁ ଭୋକିଲା ପେଟର ଭୋକ
ଦୁଃଖୀ ଆଖି ଲୁହ ଧାର,
କେବେ ଯାଏ କେବେ ଆସେ
ସେ ଜାଣେ ତା' ନିଜର ଠିକଣା ।

(ବସନ୍ତ କାହାପାଇଁ)

ପରିବର୍ତ୍ତିତ ସାମାଜିକ ମୂଲ୍ୟବୋଧ ଓ କ୍ଷତବିକ୍ଷତ ବିଳାସ-ବିପଣୀରେ ବସନ୍ତର ସ୍ୱର ଖଣ୍ଡିତ ହୋଇ ପଡୁଛି ବୋଲି କବି ଡ. କ୍ଷୀରୋଦ ସାମଲ ଦୁଃଖ ପ୍ରକାଶ କରନ୍ତି ଏହି ପଙ୍କ୍ତିରେ।

ବସନ୍ତ ନୁହଁଇ ଋତୁ ଆବେଗର
ରଙ୍ଗିଲା ଚେତନା
ଅଜସ୍ର କାମନା ଫୁଟେ
ଦେହ ତରୁ ଶାଖାରେ ଶାଖାରେ
କଅଁଳେ କାମନା ପତ୍ର ଛନଛନ
XXX
ମୋ' ପାଇଁ ବସନ୍ତ ସୃଜେ
ହତାଶା ଓ ଅନେକ ଯାତନା।
(ପୁଷ୍ପପୁରରେ ବସନ୍ତ)

ଅନିୟମିତ ପାଣିପାଗର ନିର୍ଯାତନା ନା ନିୟମିତ ପ୍ରକୃତିକୁ ବିକୃତ କରୁଥିବା ମନୋବୃତ୍ତି ବସନ୍ତକୁ ଅଭିଶପ୍ତ କରୁଛି କହିହେବ ନାହିଁ । ବସନ୍ତ ଖାଲି ବିବର୍ଣ୍ଣ ହେଉନାହିଁ ରୂପରେ ବିଷଣ୍ଣ ହେଉଛି ଅବବୋଧର । ଗୀତି କବିତାରେ କବୀ ପ୍ରୀତିଲତା ପଣ୍ଡା ଏହାର ଚିତ୍ର ଆଙ୍କିଛନ୍ତି ଏହିପରି -

ପଳାଶ ଫୁଲର ଓଠ ପାଖୁଡ଼ାରେ
ମୁଠା ମୁଠା ଅବସୋସ
କୃଷ୍ଣଚୂଡ଼ାର ଗହଳ ପେଣ୍ଟାରେ
ଶିରୀଛଡ଼ା ଫିକା ହସ
ସରି ସରି ଆସେ ରାତିର ବୟସ
ସପନ ଗଲାଣି ସରି । (ବସନ୍ତ)

ବସନ୍ତ ନିତ୍ୟ ନୂତନ ଚେତନାର ସ୍ୱର - ଅନବଦ୍ୟ ସମ୍ପର୍କର ସେତୁ - ରହସ୍ୟମୟ ଅନୁଭବର ଅଭିବ୍ୟକ୍ତି । ସେ ପ୍ରକୃତିରେ ଯେତିକି, ପ୍ରବୃତ୍ତିରେ ସେତିକି। ଭୌତିକ ବିଶ୍ୱରେ ତାହା ନୈତିକ ବିଶ୍ୱାସ - ଜୈବିକ ଜିଜ୍ଞାସାରେ ଆନନ୍ଦର ଆକର। ତେଣୁ କବି ଡକ୍ଟର ଶଶଧର ଦାସ ବସନ୍ତକୁ ଭେଟିଛନ୍ତି

**ବସନ୍ତ ନିତ୍ୟ ନୂତନ ଚେତନାର ସ୍ୱର - ଅନବଦ୍ୟ ସମ୍ପର୍କର ସେତୁ- ରହସ୍ୟମୟ ଅନୁଭବର ଅଭିବ୍ୟକ୍ତି ।**

ଗେଣ୍ଡା ପୁଅ ହୋଇ ମାଆର ପଣତ କାନିରୁ ଛବିନେଲା ନେବାର। କୋକିଳର କୁହୁ ଧ୍ୱନିରେ ଆବିଷ୍କାର କରିଛନ୍ତି ପ୍ରେମିକାର ଶୃଙ୍ଗାର ସଂଳାପ । ଏପରିକି ସନ୍ତ୍ରାସ ବାଦୀଙ୍କ ବନ୍ଧୁକରେ ଝରି ପଡ଼ିଥିବା ଯୁବକମାନଙ୍କୁ କରିଛନ୍ତି କୃଷ୍ଣଚୂଡ଼ାର ପ୍ରତୀକ । ତାହା ହେଉଛି -

ବସନ୍ତ ମାନେ ଗୋଟେ ଫୁଲ
କୋଇଲିର ସ୍ୱର / ଫଗୁଣର ରଙ୍ଗ
ବଂଚିବାର ଆଉ ଏକ ନୂତନ ବିସ୍ମୟ
ଯିଏ ଝରିପଡୁଛନ୍ତି ଅବେଳରେ / ସେମାନେ ବସନ୍ତ ।
(ବସନ୍ତ ଆସିଛି)

ମୋ' ବିଚାରରେ ପ୍ରତ୍ୟେକ କବି ହେଉଛନ୍ତି ବସନ୍ତ। କାରଣ ସେମାନେ ଚିର ଆନନ୍ଦ, ସୌନ୍ଦର୍ଯ୍ୟ ଓ ସୋହାଗର ଉପାସକ - କ୍ରାନ୍ତି ଓ କାନ୍ତିର ଦର୍ଶକ- ଭାବ ଓ ଭୂତିର ବିସ୍ମୟ ଉବାଚ -

ମୁଁ'ତ ନିଜେ ନବ ରସେ ବର୍ଣ୍ଣାଢ଼୍ୟ ବସନ୍ତ
ହୃଦୟେ ଧରିଛି ରକ୍ତ - ନୀଳ ରଙ୍ଗ ପିଚକାରୀ
ନିଶ୍ୱାସରେ ପ୍ରୀତି ମଳୟ ସୁରଭି
ମନରେ ଅଶୋକ - ନିଆଳୀ - ମଲ୍ଲିକା
ଆମ୍ର - ପଦ୍ମ - ନୀଳକଇଁ - ପୁଷ୍ପ ପଞ୍ଚବାଣ
ବିଶ୍ୱାସ କୁହୁରେ ନିଧୂବନ କରେ ନିମନ୍ତ୍ରଣ ।
(ମୁଁ ନିଜେ ବସନ୍ତ)

□□

ଲେଖକଙ୍କ ଇ-ମେଲ୍ ଠିକଣା:
drdasorissa@yahoo.com

**ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ସୁଲଭ ମୂଲ୍ୟରେ।**

Google Play Books

ପ୍ରତି ସଂଖ୍ୟାର ମୂଲ୍ୟ-
ଟ.୨୩.୬୦
(ତେଇଶି ଟଙ୍କା ଏବଂ ଷାଠିଏ ପଇସା ମାତ୍ର)

**ଅନୁଭୂତି**

# ପୋଷ୍ୟପୁତ୍ର



ଆନଂଦ ଚଂଦ୍ର ପହି

୧୯୫୯ ମସିହା ବେଳର କଥା । ମୁଁ ଆମ ଗାଁ ମାଇନର ସ୍କୁଲରୁ ପାଠପଢ଼ା ସାରି ଘରେ ବସିଥିଲି । କାରଣ ଆମ ଗାଆଁରେ ହାଇସ୍କୁଲ ନଥିଲା । ହଠାତ୍ ଦିନେ ମୋ' ଧଳପଡ଼ିଆଣୀ ଖୁଡ଼ୀ ମୋତେ ପାଖକୁ ଡ଼ାକି ଖୁବ୍ ଆଦର କରି କହିଲେ – ଆନିଆଁ ! (ଖୁଡ଼ି ମୋତେ ଶ୍ରଦ୍ଧାରେ ଆନିଆଁ ଡ଼ାକନ୍ତି) ତୁମେ ଭଲ ପାଠ ପଢୁଥିଲ । ଆଗକୁ ଆଗକୁ ପଢ଼ିଲେ, ଡ଼ାକ୍ତର, ଇଂଜିନିୟର ହେବ । ଭବିଷ୍ୟତରେ ଜଣେ ବଡ଼ ମଣିଷ ହୋଇ ତୁମ ପହି ପରିବାରର ନାଆଁ ରଖିବ । କିନ୍ତୁ ତୁମ ବାପା ବୋଉ ତୁମକୁ ପାଠ ପଢ଼ାଇ ପାରୁନାହାନ୍ତି । ତୁମେ ଢେଙ୍କାନାଳ କିମ୍ବା ଭୁବନ ହାଇସ୍କୁଲରେ ପଢ଼ିଲେ ଅନେକ ଟଙ୍କା ଖର୍ଚ୍ଚ ହେବ । ତା'ପରେ ତୁମେ କଲେଜରେ ପଢ଼ିବ । ଏତେ ଟଙ୍କା ଖର୍ଚ୍ଚକରି ପାଠ ପଢ଼ାଇବାକୁ ତୁମ ବାପା, ବୋଉଙ୍କ ପାଖରେ ଧନ ନାହିଁ । ତୁମେ ଯଦି ମୋ' କଥାରେ ରାଜି ହେବ ତେବେ ତୁମେ ଯେତେ ପାଠପଢ଼ିବ, ମୁଁ ତୁମକୁ ସେତେ ପାଠ ପଢ଼ାଇବି ।



**ପାଠ ପଢ଼ିବାକୁ ଚାହେ**

ମୁଁ ଖୁସିରେ କାନ୍ଦି ପକାଇଲି । ଆଶାର ବିଜୁଳିଟିଏ ମୋ' ମନ ଆକାଶରେ ଝଲସି ଉଠିଲା । ଦୁଇ ହାତରେ ଆଖିରୁ ଲୁହ ପୋଛୁପୋଛୁ ଖୁବ୍ ଉତ୍କଣ୍ଠିତ ହୋଇ କହିଲି-ଖୁଡ଼ୀ ! ମୁଁ ତୁମର ସମସ୍ତ କଥାରେ ରାଜି । ମୋତେ କ'ଣ କରିବାକୁ ହେବ କୁହ ? ମୁଁ ପାଠ ପଢ଼ିବାକୁ ଚାହେ । ସେଥିପାଇଁ ଯାହା କରିବାକୁ ପଡ଼ିବ ମୁଁ ସବୁ କରିବାକୁ ପ୍ରସ୍ତୁତ ।

ଖୁଡ଼ୀ ମୋତେ ତାଙ୍କ କୋଳକୁ ଆଉଯାଇ ନେଇ କହିଲେ-ମୁଁ ତୁମକୁ ପୁଅ କରିନେବି । ମୋର ପୁଅ, ଝିଅ ନାହାନ୍ତି । ତୁମେ ମୋ' ପୁଅ ହୋଇ ମୋ' ପାଖରେ ସବୁ ଦିନ ରହିବ । ଏକଥା କାଗଜରେ ଲେଖା ହେବ । ତୁମ ବାପା ସେ କାଗଜରେ ଦସ୍ତଖତ କରିଦେବେ । ତୁମଠି ତାଙ୍କର କିଛି ଦାବି ରହିବ ନାହିଁ । ଏତକ ହୋଇଗଲେ ତୁମେ ଯେତେ ପାଠ ପଢ଼ିବ ମୁଁ ପଢ଼େଇବି ।

ମୁଁ ଖୁଡ଼ୀଙ୍କ ମୁହଁକୁ ଚାହିଁଲି । ତାଙ୍କ ଆଖିରେ ମଧ୍ୟ ଲୁହ ଆସିଯାଇଥିଲା । ସେତେବେଳକୁ ଧଳପଡ଼ିଆଣୀ ଖୁଡ଼ୀ ଓ ନୀଳଦାଦାଙ୍କ ବିଭାଘର ପ୍ରାୟ ପନ୍ଦର ବର୍ଷ ଅତିକ୍ରମ କରି ଯାଇଥିଲେ ବି ସେମାନେ ନିଃସନ୍ତାନ ଥିଲେ । ନୀଳଦାଦା ଟେଲିଫୋନ୍ ବିଭାଗରେ ଚାକିରି କରୁଥିଲେ ଓ ଖୁଡ଼ୀଙ୍କ ବାପଘର ଜମିଦାର ଘର ପରି ଖୁବ୍ ଧନୀଘର ଥିଲେ । ତାଙ୍କର ପୋଷ୍ୟପୁତ୍ର ହେଲେ ମୋତେ ନିଶ୍ଚୟ ଉଚ୍ଚଶିକ୍ଷାର ସମସ୍ତ ସୁବିଧା ମିଳିବ । ମୋ' ଭବିଷ୍ୟତ ଉଜ୍ଜ୍ୱଳ ହେବ । ମୁଁ ମନେମନେ ଭାବିଲି ମୋ' ବାପା ବୋଉଙ୍କର ଆଉ ଗୋଟିଏ ପୁଅ ଓ ଝିଅ ଅଛି । ସେମାନେ ଚାହାନ୍ତି ମୁଁ ଅଧିକ ପାଠପଢ଼େ । ତେଣୁ ଏମିତି ଗୋଟେ ସୁଯୋଗ ମିଳିଛି ବୋଲି ସେମାନେ ଜାଣିଲେ ନିଶ୍ଚୟ ଖୁସିହେବେ । ମୁଁ ତତ୍କ୍ଷଣାତ୍ କହିଲି-ତୁମ କଥାରେ ମୁଁ ରାଜି । ମୋ'ର ଇଚ୍ଛା ମୁଁ ବହୁତ ପାଠପଢ଼ିବି । ତୁମେ କାଗଜପତ୍ର ପ୍ରସ୍ତୁତ କର, ମୁଁ ମୋ' ବାପା ବୋଉଙ୍କୁ ନିଶ୍ଚୟ ରାଜି କରାଇଦେବି ।

**ବାପାଙ୍କ ଖୁସି**

କଅଁଳା ବାଛୁରୀ ଖୁସିରେ ଡ଼ିଆଁ ମାରିବା ପରି ମୁଁ ଡ଼େଇଁ ଡ଼େଇଁ ଚାଲିଗଲି ମୋ' ବାପାଙ୍କ ପାଖକୁ । ମୋ' ବାପା ସେତେବେଳେ ଆମ ଆମ୍ବତୋଟାରେ ଥିଲେ । ମୁଁ ତାଙ୍କ

ଆଗରେ ଏକା ନିଃଶ୍ୱାସରେ ସବୁ କଥା କହିଗଲି। ମୋ’ ବାପା ଖୁବ୍ ସରଳ, ଅକପଟ ଓ ନିର୍ମଳ ହୃଦୟର ଲୋକ। ତାଙ୍କ ମନରେ ଛନ୍ଦ, କପଟ ନଥାଏ। ମୋ’ କଥା ଶୁଣୁଶୁଣୁ ତାଙ୍କ ମୁହଁ ଖୁସିରେ ଫାଟି ପଡ଼ିଲା। ସିଏ ମୋ’ ଦେହ ମୁଣ୍ଡ ଶ୍ରଦ୍ଧାରେ ଆଉଁଶି ପକାଇ କହିଲେ- ମୁଁ ଜାଣେ ତୁ ନିଶ୍ଚୟ ବହୁତ ପାଠ ପଢ଼ିବୁ। ଆମ ପହି ପରିବାର ଆଉ ଆମ ଗାଆଁର ନାଁ ରଖିବୁ। ତୁ ନୀଳର ପୁଅ ହୋଇ ତା’ପାଖକୁ ଚାଲିଗଲେ କ’ଣ ହେଲା, ତୁ ଏଇ ଗାଆଁରେ ଆଉ ଆମ ପରିବାର ଭିତରେ ରହିବୁ। ସବୁ ଦିନ ତୋତେ ମୁଁ ଦେଖିବି। ତୁ ପାଠପଢ଼ି ବାବୁ ହେଲେ ମୁଁ ଖୁସି ହେବି। କଥାରେ ଅଛି- ହାତୀ ବନସ୍ତରେ ରହିଲେ ବି ରାଜାଙ୍କର। ତୁ ଯୋଉଠି ରହ, ତୁ ମୋ’ ପୁଅ। ମୁଁ ଏକଥାରେ ରାଜି। ତୁ ତୋ’ ବୋଉକୁ ରାଜିକରା।

ଖୁସି ହୋଇ ମୁଁ ଘରକୁ ଫେରିଲି। ଘରେ ପହଞ୍ଚି ବୋଉକୁ କୁଣ୍ଢେଇ ପକାଇ କହିଲି- ମୁଁ ଅଧିକ ପାଠ ପଢ଼ିଲେ ତୁ ଖୁସି ହେବୁନା ବୋଉ ? ଆମର ଟଙ୍କା ନାହିଁ ମୋତେ ପାଠ ପଢ଼ାଇବା ପାଇଁ। କିନ୍ତୁ ଗୋଟେ କାମ କଲେ ମୁଁ ବହୁତ ପାଠ ପଢ଼ି ପାରିବି।

**କାନ୍ଦିଲା ବୋଉ**

ବୋଉ କିଛି ନକହି କେବଳ ଆଖିରୁ ଲୁହ ଗଡ଼ାଇ ସକ୍‌ସକ୍ ହୋଇ କାନ୍ଦି ପକାଇଲା। ଆଉ କହିଲା- ତୁ ତମ ଘରର ପରିସ୍ଥିତି କଥା ଭଲ ଭାବରେ ଜାଣିଛୁ। ଜେଜେବାପା ଜମିବାଡ଼ି ସବୁ ନିଜ ହାତରେ ରଖି ପୁଅମାନଙ୍କୁ କେମିତି ତାଙ୍କଠୁ ଅଲଗା କରିଦେଲେ। ତୋ’ର ଯୋଉ ଦାଦାମାନେ ଚାକିରି କରିଛନ୍ତି ସେମାନେ ରୋଜଗାର କରୁଛନ୍ତି, ଭଲରେ ଚଳୁଛନ୍ତି। ତୋ’ ବାପା ଚାଷକାମ ଛଡ଼ା ଅନ୍ୟ କିଛି କାମ ଜାଣନ୍ତି ନାହିଁ। ଚାଷ କରିବାକୁ ତୋ’ ବାପାଙ୍କ ପାଖରେ ଜମି ନାହିଁ କି ହଳ, ବଳଦ, ବିହନ, ସାର କିଛି ବୋଲି କିଛି ନାହିଁ। ଆମେ ଶୂନ ଆଶ୍ରାରେ ଚଳୁଛେ। ଭାଗ ବଖରା ଜମି ଚାଷ କରି କେବଳ ପରକୁ ପୋଷିବା କଥା। ସେଇ ଧାନ, ଚାଉଳରୁ ସବୁ ଖର୍ଚ୍ଚ। ଲୁଗା ପଟା, ବନ୍ଧୁବାନ୍ଧବ ସବୁ ସେଇଥିରୁ। ତୋତେ ବିଦେଶରେ ରଖି ପାଠ ପଢ଼ାଇବାକୁ ଆମର ବଳ ନାହିଁ।

ମୁଁ କହିଲି- ତୁ କାନ୍ଦନା ବୋଉ ! ଗୋଟେ ଅଲଗା ବାଟ ଅଛି। ମୁଁ ଯେତେ ଇଛା ସେତେ ପାଠ ପଢ଼ିବି; କିନ୍ତୁ ଆମକୁ କିଛି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ। ମୁଁ ଯାହା କହିବି ତୁ ସେଇଆ କଲେ ମୁଁ ଭୁବନ ହାଇସ୍କୁଲରେ ପଢ଼ିବି। ବାପା ରାଜି ଅଛନ୍ତି।

ବୋଉ ତା’ଆଖିରୁ ଲୁହ ପୋଛୁ ପୋଛୁ କହିଲା- ମତେ କ’ଣ କରିବାକୁ ପଡ଼ିବ କହ, ମୁଁ ଆଗ ଶୁଣେ।

ମୁଁ ଖୁସିହୋଇ କହିଲି- ଧଳପଢ଼ିଆଣୀ ଖୁଡ଼ୀ କହୁଛନ୍ତି, ସିଏ ମତେ ପୁଅ କରିନେବେ ଆଉ ପାଠ ପାଢ଼ାଇବେ। ତୁ ଏଥିରେ ରାଜିନା ?

ଏ କଥା ଶୁଣିବା ପରେ ମୋ’ ବୋଉର ମୁହଁ ଶୁଖି କଳା ଦିଶିଲା। ସେ କହିଲା- ମୁଁ ମୋର ଏତେ ସୁନ୍ଦର ଓ ଏଡ଼େ ବଡ଼ ପୁଅକୁ ଆଉ କାହାକୁ ଦେଇପାରିବି ନାହିଁ। ମୋ’ ଛାତି ଫାଟିଯିବ। ମୋ’ ପୁଅ ଭାଗ୍ୟରେ ଥିଲେ ସିଏ ପାଠ ପଢ଼ିବ, ନହେଲେ ଏମିତି ଦରପାଠୁଆ ହୋଇ ଚାଷକରି କିମ୍ବା କିଛି ବ୍ୟବସାୟ କରି ପେଟ ପୋଷିବ।

**“ମୁଁ ମୋର ଏତେ ସୁନ୍ଦର ଓ ଏଡ଼େ ବଡ଼ ପୁଅକୁ ଆଉ କାହାକୁ ଦେଇପାରିବି ନାହିଁ। ମୋ’ ଛାତି ଫାଟିଯିବ।”**

ମୋ’ ବୋଉ ଏତକ କହି ମୋତେ କୁଣ୍ଢାଇ ବହୁତ ସମୟ ଯାଏ କାନ୍ଦିଲା। ବୋଉର କାନ୍ଦଣା ଦେଖି ମୋ’ ଆଖିରେ ବି ଲୁହ ରହିଲା ନାହିଁ। ମୋ’ ବାପା ବୋଉଙ୍କର ଏ ପରସ୍ପର ବିରୋଧୀ ମତାମତ ମୁଁ ନୀଳଦାଦା ଓ ଖୁଡ଼ୀଙ୍କୁ ଜଣାଇ ଦେବା ଆଗରୁ ତାହା ତାଙ୍କ ପାଖରେ ପହଞ୍ଚି ସାରିଥିଲା। ଏମିତି ଘଟିବ ବୋଲି ମୋର ଧାରଣା ନଥିଲା। ମୋ’ ବୋଉ ମୋତେ କେତେ ଭଲପାଏ ତାହା ମୁଁ ଏଥିରୁ ଜାଣି ପାରିଲି। ତଥାପି ମୋ’ ମନ ବହୁତ ଦୁଃଖ ହେଲା। ମୋତେ ଲାଗିଲା ଯେମିତି ଖୁବ୍ ଗୋଟାଏ ବଡ଼ ସୁଯୋଗ ମୋର ହାତଛଡ଼ା ହୋଇଗଲା।

ସେଦିନ ମୋ’ ବୋଉକୁ ମୁଁ କିଛି କହିଲି ନାହିଁ। ତଥାପି ମୁଁ ଆଶା ଛାଡ଼ିନଥିଲି। ସଂଧ୍ୟାବେଳକୁ ଯାଇ ଦାଦା, ଖୁଡ଼ୀଙ୍କୁ କହିଲି- ମୋ’ ବାପା ରାଜି ଅଛନ୍ତି। ମୋ’ ବୋଉ କେବଳ ରାଜି ହେଉନାହିଁ। ତାର ମାଆ ମନ ପ୍ରଥମେ ପ୍ରଥମେ ବୁଝୁନାହିଁ। ମୁଁ ତାକୁ ବୁଝେଇ ରାଜି କରାଇ ଦେବି।

ମୋର ଏ କଥା ମୋ’ ଦାଦା, ଖୁଡ଼ୀଙ୍କୁ ବିଶେଷ ପ୍ରଭାବିତ କଲାନାହିଁ।

ମୁଁ ମୋ’ ବୋଉକୁ ଯେତେ ବୁଝାଇଲି, ମୋ’ ବାପା

ଯେତେ ବୁଝାଇଲେ ଓ ଆମ ସାଇପଡ଼ିଶା ଯିଏ ଯେତେ ବୁଝାଇଲେ ମୋ' ବୋଉ ଆଦୌ ବୁଝିଲା ନାହିଁ।

**ଖୁଡ଼ୀଙ୍କ ଗାଆଁ**

ଏମିତି ଏମିତି ରଜ ପାଖ ହେଲା। ରଜ ଯିବାର ପନ୍ଦର କୋଡ଼ିଏ ଦିନ ଭିତରେ ହାଇସ୍କୁଲରେ ନାଆଁଲେଖା ଆରମ୍ଭ ହେବା କଥା। ରଜକୁ ଖୁଡ଼ୀଙ୍କ ମଝିଆଁ ଭାଇ ଘନମାମୁ ଆମ ଗାଆଁକୁ ଆସିଥିଲେ। ଖୁଡ଼ୀ ତାଙ୍କ ସହିତ ବାହାରିଲେ ବାପଘରକୁ ଯିବାପାଇଁ। ତାଙ୍କ ବାପଘର ଢ଼େଙ୍କାନାଳ ଜିଲ୍ଲାର ସର୍ବବୃହତ୍ ଗାଆଁ ଭୁବନ ପାଖରେ ଥିବା ଧଳପଡ଼ା ଗାଆଁରେ। ଖୁଡ଼ୀ ତାଙ୍କ ବାପଘରକୁ ଯିବାବେଳେ ମୋତେ କହିଲେ- ଆନିଆଁ! ତମେ ମୋ' ସାଙ୍ଗରେ ଆମ ଗାଆଁକୁ ଯିବ?

ମୋ' ମନ ଆକାଶରେ ପୁଣି ଚେନାଏ ସୁନେଲି ଆଶାର ବାଦଲ ଦେଖାଦେଲା। ମୁଁ ଆଗ୍ରହର ସହିତ ଖୁଡ଼ୀଙ୍କ ସାଙ୍ଗରେ ତାଙ୍କ ବାପଘର ଗାଆଁକୁ ଯିବାକୁ ବାହାରିଲି। ମୋ' ବାପା କିମ୍ବା ବୋଉ କେହି ବାରଣ କଲେନାହିଁ। ମୁଁ ଖୁଡ଼ୀଙ୍କ ସହିତ ଧଳପଡ଼ା ଗଲି। ମୁଁ ଖୁଡ଼ୀଙ୍କ ସହିତ ଶଗଡ଼ ଗାଡ଼ିରେ ବସିବା ବେଳେ ମୋ' ବାପା ଓ ବୋଉ ସେଠି ଉପସ୍ଥିତ ଥିଲେ। ସେତେବେଳେ ମୋଟର ଗାଡ଼ି ନଥିଲା। ଗୋଟିଏ ଛପରଦିଆ ଶଗଡ଼ଗାଡ଼ିରେ ଖୁଡ଼ୀ ବସିଲେ। ତାଙ୍କ ପାଖରେ ମୁଁ ବସିଲି। ମୁଁ ସେଇ ଶଗଡ଼ଗାଡ଼ିରେ ବସି ମୋ' ବୋଉକୁ ଚାହିଁଲି। ମୋ' ବୋଉ ତା' ମୁହଁରେ ଓଢ଼ଣା କାନିକୁ ଚାପିଧରି କାନ୍ଦୁଥିଲା। ସତେ ଯେମିତି ତା' ପୁଅକୁ ତାଠୁ କିଏ ଛଡ଼ାଇ ନେଉଛି।

**ମୋ' ବୋଉ ତା' ମୁହଁରେ ଓଢ଼ଣା କାନିକୁ ଚାପିଧରି କାନ୍ଦୁଥିଲା। ସତେ ଯେମିତି ତା' ପୁଅକୁ ତା'ଠୁ କିଏ ଛଡ଼ାଇ ନେଉଛି।**

ମୁଁ ଖୁଡ଼ୀଙ୍କ ସହିତ ତାଙ୍କ ବାପଘର ଗାଆଁକୁ ଯିବାପରେ ଆମ ଗାଆଁରେ ପ୍ରଚାରିତ ହୋଇଗଲା ଯେ ମୋ' ନୀଳଦାଦା ମୋତେ ପୋଷ୍ୟପୁତ୍ର କରି ନେଇଗଲେ। ଭୁବନ ହାଇସ୍କୁଲରେ ମୋ' ନାଆଁ ଲେଖାଇ ମୋତେ ପାଠ ପଢ଼ାଇବେ। ଏକଥା ସତ ନ ହୋଇଥିଲେ ମଧ୍ୟ ମୋ' ମନରେ ବି ସେମିତି ଗୋଟେ ଧାରଣା ସୃଷ୍ଟିହେଲା। ମୋ' ମନର ଗୋଟେ କୋଣରେ ପାଠପଢ଼ାର କ୍ଷୀଣ ଆଶା ରେଖାଟିଏ ମିଞ୍ଜିମିଞ୍ଜି ହୋଇ ଜଳିବାକୁ ଲାଗିଲା।

ମୁଁ ଧଳପଡ଼ାରେ ପହଞ୍ଚିବା ପରେ ଦେଖିଲି ଖୁଡ଼ୀଙ୍କ ବାପଘର ସତରେ ଖୁବ୍ ଧନୀଘର। ସେ ଅଞ୍ଚଳର ଛୋଟକାଟର ଗୋଟେ ଜମିଦାର ଘର। ଖୁଡ଼ୀଙ୍କର ତିନି ଭାଇ। ସବା ବଡ଼ଭାଇ ବନମାଳୀ ବିଶ୍ୱାଳ ଭୁବନ ହାଇସ୍କୁଲର ବିଜ୍ଞାନ ଶିକ୍ଷକ। ତାଙ୍କ ତଳଭାଇ ଘନଶ୍ୟାମ ଓ ସବାସାନ ମୋହନ। ମୁଁ ସେମାନଙ୍କୁ ବନମାଳୀମାମୁ, ଘନମାମୁ ଓ ମୋହନମାମୁ ଡ଼ାକୁଥିଲି। ଭୁବନ ହାଇସ୍କୁଲ ଧଳପଡ଼ାଠାରୁ ମାତ୍ର ପାଞ୍ଚ, ସାତ କିଲୋମିଟର ଦୂରଥିଲା। ବନମାଳୀମାମୁ ପ୍ରତିଦିନ ସାଇକେଲ୍ ଚଢ଼ି ଭୁବନ ହାଇସ୍କୁଲକୁ ପାଠ ପଢ଼ାଇବାକୁ ଯାଉଥିଲେ। ଘନମାମୁ ଓ ମୋହନମାମୁ ହଳିଆ, ମୂଲିଆଙ୍କ ଦ୍ୱାରା ଚାଷକାମ ବୁଝୁଥିଲେ ଏବଂ ମହାଜନୀ କାରବାର କରୁଥିଲେ। ଅଜାଙ୍କର ଅନେକ ଦିନ ତଳୁ ଦେହାନ୍ତ ହୋଇଯାଇଥିଲା, କିନ୍ତୁ ଆଈ ଅର୍ଥାତ୍ ଖୁଡ଼ୀଙ୍କ ମାଆ ଜୀବିତ ଓ ସୁସ୍ଥ ଥିଲେ। ଆଈ ମୋତେ ଭାରି ସ୍ନେହ, ଆଦର କରୁଥିଲେ।

**ଅମାର ଘର**

ତାଙ୍କ ଘରଠୁ ପ୍ରାୟ ଦୁଇ ଶହ ମିଟର ଦୂରରେ ତାଙ୍କର ଗୋଟିଏ ଅମାର ଘର ଥିଲା। ତାକୁ ଅମାର ଖଞ୍ଜା କହୁଥିଲେ। ସେ ଖଞ୍ଜାରେ ଆଠ ବଖରା ଧାନ ଅମାର ଥିଲା। ଆଉ ଗୋଟିଏ ବଡ଼ ବଖରା ଥିଲା ଯେଉଁଥିରେ ଧାନ ନଥିଲା। ସେ ବଖରାରେ ଗୋଟିଏ କାଠ ଖଟ ପଡ଼ିଥିଲା। ଖଟ ଉପରେ ବିଛାଯାଇଥିଲା ଗୋଟିଏ ଛଅ ଇଞ୍ଚ ମୋଟା ତୁଳା ଗଦି ଓ ସଫା ବେଡ଼ସିଟ୍। ତକିଆଟି ତୁଳାର ନଥିଲା; ଥିଲା ପମ୍ପଦିଆ। ମୁଁ ଯା'ପୂର୍ବରୁ ଏ ପମ୍ପଦିଆ ତକିଆ କେବେ ଦେଖି ନଥିଲି କି ବ୍ୟବହାର କରିନଥିଲି। ସେ ବଖରାରେ ମଧ୍ୟ ଆଉ ଦୁଇଟି ଷ୍ଟିଲ୍ ଚେୟାର ପଡ଼ିଥିଲା। ସବୁଠୁ ଭଲ କଥା , ସେ ବଖରାରେ ଗୋଟିଏ ବହିପୂର୍ଣ୍ଣ କାଠ ଆଲମାରି ଥିଲା। ମୋ'ର ଅଧିକାଂଶ ସମୟ କଟୁଥିଲା ଏଇ ଅମାର ଖଞ୍ଜାରେ। ଅମାର ଖଞ୍ଜାର ଚାରି ପାଖରେ ଖୁବ୍ ଉଚ୍ଚ ପାଚେରି ବୁଲିଥିଲା। ପାଚେରି ଭିତରେ କେତୋଟି ଫଳନ୍ତି ନଡ଼ିଆଗଛ ଓ ଆମ୍ବଗଛ ଥିଲା। ଗୋଟିଏ କୂଅ ଥିଲା, କିଛି ଫୁଲଗଛ ମଧ୍ୟଥିଲା। ମୁଁ ଦିନବେଳେ ଏଇ ଅମାର ଖଞ୍ଜାରେ ବସୁଥିଲି, ବହି ପଢୁଥିଲି ଓ ଶୋଉଥିଲି; କିନ୍ତୁ ରାତି ବେଳକୁ ମାମୁଘର ମୁଖ୍ୟ ଖଞ୍ଜାକୁ ଫେରି ଆସୁଥିଲି।

ଆଈ ତାଙ୍କ ଗାଆଁ ଗୁଡ଼ିଆ ଦୋକାନରୁ ବରା, ଗୁଲୁଗୁଲା, ବାଇଗିଣି, ପକୁଡ଼ି, ଲଡୁ ଆଉ ଜଲିବି କିଣି ମୋତେ ଖାଇବାକୁ ଦେଉଥିଲେ। ଅମାର ଖଞ୍ଜାର ଗଛରୁ ପାଚିଲା ଆମ୍ବ ଝଡୁଥିଲା ଓ ମୁଁ ତାକୁ ଖାଉଥିଲି। ବନମାଳୀମାମୁ ମୋତେ ବିଭିନ୍ନ ପାଠ ପଚାରି ମୋର ଜ୍ଞାନ ପରୀକ୍ଷା କରୁଥିଲେ। ମୁଁ ତାଙ୍କର ସମସ୍ତ ପ୍ରଶ୍ନର ଠିକ୍ ଉତ୍ତର ଦେଉଥିଲି। ଆଈ, ତିନି ମାମୁ ଓ ମାଇଁମାନେ ମୋ' ବୁଦ୍ଧି, ଗୁଣ ଓ ଜ୍ଞାନକୁ ଖୁବ୍ ତାରିଫ କରୁଥିଲେ ଏବଂ ଖୁବ୍ ସ୍ନେହ ଆଦର କରୁଥିଲେ। ସେମାନଙ୍କ ବ୍ୟବହାରରେ ମୁଁ ଯେତିକି ଯେତିକି ଘନିଷ୍ଠତା ଦେଖୁଥିଲି ମୋ' ଭିତରେ ପାଠ ପଢ଼ିବା ଇଚ୍ଛାଟା ସେତିକି ସେତିକି ବଳଶାଳୀ ହେଉଥିଲା।



ଜୁଲାଇ ମାସ ଯାଇ ଅଗଷ୍ଟ ମାସ ଦଶ ତାରିଖ ହେଲା। ଭୁବନ ହାଇସ୍କୁଲରେ ମୋ' ନାମ ଲେଖାହେବା ବିଷୟରେ ମୁଁ କିଛି ହେଲେ ସୁରାକ କି ସୂଚନା ପାଇଲି ନାହିଁ। ଭୁବନ ହାଇସ୍କୁଲରେ ଶିକ୍ଷକତା କରୁଥିବା ବନମାଳୀ ମାମୁଙ୍କୁ ପଚାରି ବୁଝିଲି ହାଇସ୍କୁଲରେ ନାମଲେଖା ଶେଷ ତାରିଖ ଥିଲା ଅଗଷ୍ଟ ଆଠ ତାରିଖ।

ହାଇସ୍କୁଲରେ ନାମ ଲେଖାଇବାର ମୋର ଆଉ କୌଣସି ସମ୍ଭାବନା ନାହିଁ ବୋଲି ମୁଁ ଜାଣିବା ପରେ ଆମ ଗାଆଁକୁ ଫେରିଯିବାକୁ ଜିଦ୍ ଧରିଲି। ମୋ' ପାଇଁ ଭୁବନରୁ ନୂଆ ପ୍ୟାଣ୍ଟ, ସାର୍ଟ କିଣାହୋଇ ଆସିଲା। ଖୁଡ଼ୀ ତାଙ୍କ ବାପଘରେ ଆଉ କିଛି ଦିନ ରହିଲେ। ମୁଁ ଆମ ଗାଆଁକୁ ଫେରିଲି ତାଙ୍କ ଗାଆଁର କୌଣସି ଜଣେ ଲୋକର ସାଇକେଲ୍ ପଛରେ ବସି। ମତେ ଆମଘର ଲୋକମାନେ ଅସମୟରେ ଦେଖି ଆଶ୍ଚର୍ଯ୍ୟ ହେଲେ। ମୁଁ ଏତେ ଦିନ ଧଳପଡ଼ାରେ ରହିବା ଯୋଗୁ ସେମାନେ ଧରିନେଇ ଥିଲେ, ମୁଁ ଭୁବନ ହାଇସ୍କୁଲରେ ନାଆଁ ଲେଖାଇ ପାଠ ପଢ଼ିଲି। ଆମ ସାହି ଲୋକମାନେ ମୋତେ କହିଲେ-ତୋ' ବୋଉ ପୋଷ୍ୟପୁତ୍ର କରିଦେବାକୁ ରାଜି ହେଲାନାହିଁ। ସିଏ କେମିତି ତୋତେ ହାଇସ୍କୁଲରେ ପାଠ ପଢ଼ାଇ ଥାଆନ୍ତେ ?

**ପୁଣି କାନ୍ଦିଲା ବୋଉ**

ମୁଁ ଫେରି ଆସିବା ଦିନ ମୋ' ବୋଉ ମୋତେ କୋଳରେ ଧରି ପୁଣି ଥରେ କାନ୍ଦିଲା। ତା' ଦୁଇ ଆଖିରୁ ଲୁହର ଅବାରିତ ଧାର ଛୁଟିଲା। ତା'ପୁଅ ତା'ପାଖକୁ ଫେରି ଆସିଛି, ଏଇ ସୁଖର ଲୁହ ଗୋଟିଏ ଆଖିରେ ଏବଂ ଅନ୍ୟ ଆଖିର ଲୁହଥିଲା ତା'ପୁଅ ପାଠ ନପଢ଼ି ପାରିବା ଜନିତ ଦୁଃଖର।

ସେ ବର୍ଷଟା ମୁଁ ପାଠ ପଢ଼ିବାର ସୁଯୋଗରୁ ବଞ୍ଚିତ ହେଲି। ଖୁଡ଼ୀ ତାଙ୍କ ଗାଆଁରୁ ଫେରିଲେ ଆଉ ଦୁଇ ମାସ ପରେ। ଖୁଡ଼ୀ ତାଙ୍କ ଗାଆଁରେ ରହିବା ଭିତରେ ବନମାଳୀ ମାମୁଙ୍କ ବଡ଼ପୁଅ ସ୍ୱରୂପକୁ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିବାକୁ ସ୍ଥିରକଲେ। ସ୍ୱରୂପ ସେତେବେଳେ ଖୁବ୍ ଛୋଟ ଥିଲା। ବୋଧହୁଏ ତିନି ଚାରି ବର୍ଷର ଶିଶୁ।

କିନ୍ତୁ ତା'ପରବର୍ଷ ଅର୍ଥାତ୍ ୧୯୬୦ ମସିହାରେ ଆମ ଗାଆଁ ଲୋକଙ୍କ ଉଦ୍ୟମରେ ଆମ ଗାଆଁ ନିହଲ ପ୍ରସାଦରେ ଗୋଟିଏ ହାଇସ୍କୁଲ ଖୋଲିଲା। ମୁଁ ସେଇ ହାଇସ୍କୁଲରେ ପଢ଼ିବାର ସୁଯୋଗ ପାଇଲି ଓ ଯଥା ସମୟରେ ମାଟ୍ରିକ ପରୀକ୍ଷା ଦେଇ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହେଲି ଓ କଲେଜ ପାଠ ପଢ଼ିବା ପାଇଁ ଯୋଗ୍ୟତା ଅର୍ଜନ କଲି।

□□

ଲେଖକଙ୍କ ଇ-ମେଲ୍ ଠିକଣା:
anandapahi@gmail.com

'ସାହିତ୍ୟ ଚର୍ଚ୍ଚା' ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ଅଛି:
www.sahityacharcha.com

**ସାକ୍ଷାତକାର**

# ପ୍ରବୀଣ କଥାକାର ଆର୍ଯ୍ୟ ଯଜ୍ଞଦତ୍ତଙ୍କ ସହ ଅନ୍ତରଙ୍ଗ ଆଳାପ

**ଆର୍ଯ୍ୟ ଯଜ୍ଞଦତ୍ତ ଓଡ଼ିଆ ସାହିତ୍ୟ ଜଗତରେ ଜଣେ ପ୍ରବୀଣ କଥାକାର ଭାବରେ ସୁପରିଚିତ। ବର୍ତ୍ତମାନ ତାଙ୍କର ବୟସ ୭୭ ବର୍ଷ। ତାଙ୍କର ଏ ଯାବତ୍ ୧୧ଟି ଗଳ୍ପ ସଂକଳନ ସହିତ ଅନ୍ୟ କେତେକ ପୁସ୍ତକ ମଧ୍ୟ ପ୍ରକାଶିତ। ସେ ସିଣ୍ଡିକେଟ୍ ବ୍ୟାଙ୍କରେ ବହୁ ବର୍ଷ ଧରି କାର୍ଯ୍ୟ କରିବାପରେ ୨୦୦୯ ମସିହାରେ ଅବସର ଗ୍ରହଣ କରିଥିଲେ। ଖୋର୍ଦ୍ଧା ଜିଲ୍ଲାର ଗୋହଳ ଗ୍ରାମରେ ଥିବା ତାଙ୍କର ବାସଭବନରେ ତା'ଙ୍କୁ ଭେଟିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ ନିହାର ଶତପଥୀ।**



**ସାହିତ୍ୟ ଚର୍ଚ୍ଚା:** କିଛିଦିନ ତଳେ ଫେସବୁକ୍‌ରେ ଆପଣ ଭର୍ତ୍ତୃହରିଙ୍କର ଗୋଟିଏ କଥନ ଉଦ୍ଧାର କରିଥିବାର ଦେଖିଲୁ, 'ଏହି ସଂସାରରେ ଘାସ, ଜଳ ଓ ସନ୍ତୋଷ ଉପରେ ନିର୍ଭର କରି ଚଳୁଥିବା ହରିଣ, ମାଛ ଓ ସଜ୍ଜନଙ୍କ ପ୍ରତି ଶିକାରୀ, ଧୀବର ଦୁର୍ଜନ ବିନା କାରଣରେ ବୈରଭାବ ପୋଷଣ କରିଥାଆନ୍ତି। ଆପଣ ମଧ୍ୟ ସେହି ସଜ୍ଜନଙ୍କ ମଧ୍ୟରୁ ଜଣେ ବୋଲି ଆମର ଧାରଣା; ଅବଶ୍ୟ ଆପଣଙ୍କର କେହି ବଇରି ନ ଥିବେ।

**ଆର୍ଯ୍ୟ ଯଜ୍ଞଦତ୍ତ:** ଏ ତିନୋଟି ନିରୀହ ପ୍ରାଣୀ; ଏମାନଙ୍କ ଉପରେ ସବୁବେଳେ ଅତ୍ୟାଚାର ହେଉଥାଏ। ମାଛର ମିତ୍ର ମଣିଷ ନୁହେଁ; ସେ ତାକୁ ମାରି ଖାଇବ ହିଁ ଖାଇବ। ଆଉ ହରିଣ ଓ ସିଂହଙ୍କ କଥା; ସିଂହ ତା'କୁ ମାରି ଖାଇବ। ସେମିତି ଜଣେ ସାଧାରଣ, ସରଳ ପ୍ରକୃତିର ମଣିଷର ବି ଶତ୍ରୁ ଅଛନ୍ତି। ତେଣୁ ସମସ୍ତଙ୍କର ଶତ୍ରୁ ଅଛନ୍ତି। କେହି ଅଜାତଶତ୍ରୁ ନୁହଁ; ବରଂ ସମସ୍ତେ ଜାତଶତ୍ରୁ। ମୁଁ ବା କେମିତି ବ୍ୟତିକ୍ରମ ହେବି!

**ସାହିତ୍ୟ ଚର୍ଚ୍ଚା:** ଗୋଟିଏ କଥା ମନକୁ ଆସେ; ଓଡ଼ିଆ ସାହିତ୍ୟ ପ୍ରତି ଆପଣଙ୍କର ଏତେ ମୂଲ୍ୟବାନ ଅବଦାନ ଥିବା ସତ୍ତ୍ୱେ ଆପଣ କାହିଁକି କୌଣସି ଆଖିଦୃଶିଆ ସରକାରୀ ପୁରସ୍କାର ଏ ଯାବତ୍ ପାଇନାହାନ୍ତି, ବିଭିନ୍ନ ସଭା ଓ ସମିତିରେ କେତେକ ସମ୍ବର୍ଦ୍ଧନା ଓ ପୁରସ୍କାରକୁ ଛାଡ଼ି?

**ଆର୍ଯ୍ୟ ଯଜ୍ଞଦତ୍ତ:** ସରକାରୀ ପୁରସ୍କାର ପାଇଁ ମୋ'ର ଯୋଗ୍ୟତା ଆସିନାହିଁ, ଯେଉଁ ରକମ ଯୋଗ୍ୟତା ପାଇଁ ଆଜିକାଲି ଏସବୁ ସ୍ୱୀକୃତି ମିଳିବାର ଦେଖାଯାଏ; ସେହି ଯୋଗ୍ୟତା ମଧ୍ୟ ମୁଁ ଆବଶ୍ୟକ କରେନାହିଁ।

**ସାହିତ୍ୟ ଚର୍ଚ୍ଚା:** କୁହାଯାଏ ଯେ ଲବି ନ କଲେ ଆମ ରାଜ୍ୟରେ ପୁରସ୍କାର ମିଳେନାହିଁ। ଏହିଭଳି ଚେଷ୍ଟା ଆପଣ କେବେ କରିନାହାନ୍ତି କି?

**ଆର୍ଯ୍ୟ ଯଜ୍ଞଦତ୍ତ:** ମୋ' ଜୀବନରେ ମୁଁ ଏ ପର୍ଯ୍ୟନ୍ତ କୌଣସି ଲବି କରିନାହିଁ। କୌଣସି ଗୋଷ୍ଠୀରେ ମିଶିନାହିଁ, କି ସଭାସମିତି ଆଦିକୁ ମଧ୍ୟ ବେଶି ଯାଏନାହିଁ।

**ସାହିତ୍ୟ ଚର୍ଚ୍ଚା:** ପୁରସ୍କାରମାନଙ୍କର ସୁଦୃଷ୍ଟିରୁ ବଞ୍ଚିତ ହେଉଥିବା ଯୋଗ୍ୟ ଲେଖକମାନଙ୍କ ପାଇଁ ପ୍ରତିବର୍ଷ ବିଶିଷ୍ଟ କଥାକାର କୃପାସାଗର ସାହୁ ନିଜର ବ୍ୟକ୍ତିଗତ ଉଦ୍ୟମ ଓ ସମ୍ବଳରେ ଏକ ଲକ୍ଷ ଟଙ୍କା ମୂଲ୍ୟର ଯେଉଁ ପୁରସ୍କାର ଦିଅନ୍ତି, ଆପଣ ଥରେ ସେଥିରେ ସମ୍ମାନିତ ହୋଇଥିବା ଆମେ ଜାଣୁ।

**ଆର୍ଯ୍ୟ ଯଜ୍ଞଦତ୍ତ:** ହଁ, ୨୦୨୪ ମସିହାରେ।

**ସାହିତ୍ୟ ଚର୍ଚ୍ଚା:** ଏହା ଆପଣଙ୍କ ପ୍ରତି ହୋଇଥିବା ଅବିଚାରର ଏକ ଆଂଶିକ ଉପଶମ ବୋଲି ଆମେ ଭାବୁ।

**ଆର୍ଯ୍ୟ ଯଜ୍ଞଦତ୍ତ:** ଯେଉଁଦିନ ଏହି ପୁରସ୍କାରଟି ଦିଆଗଲା, ସେଦିନର କଥା କହୁଛି। ସେଦିନ ସୌମ୍ୟ ରଞ୍ଜନ ପଟ୍ଟନାୟକ ଥାଆନ୍ତି ମୁଖ୍ୟବକ୍ତା। କୃପାସାଗର ସାହୁ ମହାଶୟ ପ୍ରଥମେ ତାଙ୍କ ବକ୍ତବ୍ୟରେ କହିଲେ ଯେ ଆର୍ଯ୍ୟ ବାବୁଙ୍କୁ କିଏ ପୁରସ୍କାର ଦେବେ କି ନ ଦେବେ ତାହା ଆମେ ଜାଣିନୁ; କିନ୍ତୁ ତାଙ୍କୁ ଆଜି ଯୋଗ୍ୟ ବୋଲି ଭାବିଲୁ, ଏଣୁ ପୁରସ୍କାରଟି ଦେଲୁ। ଏହି ଭାଷଣର ପ୍ରତିକ୍ରିୟାରେ ସୌମ୍ୟ ରଞ୍ଜନ ପଟ୍ଟନାୟକ କହିଲେ ଯେ ଆମେ କେବେ ସରକାରୀ ପୁରସ୍କାରକୁ ଆଶା କରିବା ଉଚିତ ନୁହେଁ, କାରଣ ତାହା ଚାପମୁକ୍ତ ହୋଇନ ଥାଏ। ସେଭଳି ପୁରସ୍କାର ନ ପାଇଥିବା ପାଇଁ ଆମେ ଦୁଃଖିତ ହେବା କଥା ମଧ୍ୟ ନୁହେଁ।

**ସାହିତ୍ୟ ଚର୍ଚ୍ଚା:** ଆଜିକାଲିର କଥାସାହିତ୍ୟ ଉପରେ ମତ ଦେଇ ଆପଣ ଥରେ କହିଥିଲେ ଯେ ସେଥିରେ ଚିତ୍ର, ଚରିତ୍ର ଓ ଚିତ୍ରାୟନ ନକାରାତ୍ମକତାରେ ପରିପୂର୍ଣ୍ଣ, କାହାଣୀ ଭାଗ କପୋଳକଳ୍ପିତ ଏବଂ ଜନଜୀବନଠାରୁ ଯୋଜନ ଦୂରରେ। କାହିଁକି ଏମିତି ମନେକରନ୍ତି ଆପଣ ?

**ଆର୍ଯ୍ୟ ଯଜ୍ଞଦତ୍ତ:** ସତ କହିବି; ଫକୀର ମୋହନଙ୍କଠାରୁ ଆରମ୍ଭ କରି ଗୋଦାବରୀଶ ମହାପାତ୍ରଙ୍କ ପର୍ଯ୍ୟନ୍ତ ଗଳ୍ପସାହିତ୍ୟର ଯେଉଁ ଧାରା ଥିଲା, ସେଥିରେ ଅଙ୍କିତ ଥିଲା ଆମ ସମାଜର ଏକ ନିଚ୍ଛକ ଚିତ୍ର। ତା'ପରେ ବହୁତ ଜଣ ଗାଳ୍ପିକ ମିଛରେ ବୌଦ୍ଧିକତାର ଦ୍ୱାହିଦେଇ ଗଳ୍ପର ମୋଡ଼ରେ ଯେଉଁ ପରିବର୍ତ୍ତନ ଆଣିଲେ, ତାହା ସ୍ପୃହଣୀୟ ନ ଥିଲା। ସେମାନେ ସମାଜଠାରୁ ଦୂରେଇଗଲେ। ତା'ପରେ, ଚାକିରିଆ ବର୍ଗରେ ରହି ଯେଉଁମାନେ ସାହିତ୍ୟସେବା କଲେ, ସେମାନେ ମଧ୍ୟ ସମାଜର ପ୍ରକୃତ ଚିତ୍ର ଦେବାକୁ କୁଣ୍ଠିତ ହେଲେ; ଏବଂ ସାହିତ୍ୟକୁ ସମାଜଠାରୁ ଦୂରେଇ ନେଲେ। କେବଳ ପ୍ରେମ ଓ ଉଦ୍ଭଟତା ଉପରେ ସେମାନେ ଅଧିକ ଭରସା କଲେ। ସେମାନଙ୍କର ସାହିତ୍ୟ ଯେମିତି କାହାରିକୁ ବାଧିବ ନାହିଁ, ସେଥିପ୍ରତି ସତର୍କ ମଧ୍ୟ ହେଲେ; କାରଣ ସେମାନେ ସରକାରୀ ଚାକିରିରେ ଥିଲେ। ବିଭିନ୍ନ ପୁରସ୍କାର-କମିଟି ଓ ଅନୁଷ୍ଠାନ ମଧ୍ୟ ସେମାନଙ୍କର ତତ୍ତ୍ୱାବଧାନରେ ରହିଲା। ସେମାନଙ୍କ ରଚିତ ଦର୍ଶନକୁ ଯେଉଁମାନେ ଗ୍ରହଣ କଲେ ଏବଂ ପ୍ରଚାର, ପ୍ରସାର କଲେ ସେଇମାନେ ହିଁ ସାହିତ୍ୟିକ ବୋଲାଇଲେ।

**ବହୁତ ଜଣ ଗାଳ୍ପିକ ମିଛରେ ବୌଦ୍ଧିକତାର ଦ୍ୱାହିଦେଇ ଗଳ୍ପର ମୋଡ଼ରେ ଯେଉଁ ପରିବର୍ତ୍ତନ ଆଣିଲେ, ତାହା ସ୍ପୃହଣୀୟ ନ ଥିଲା।**

**ସାହିତ୍ୟ ଚର୍ଚ୍ଚା:** ସମାଲୋଚକମାନଙ୍କର ମତ ଯେ ଆପଣ କୌଣସି ଗାଳ୍ପିକଙ୍କ ଦ୍ୱାରା ପ୍ରଭାବିତ ହୋଇନାହାନ୍ତି। ଆପଣ ନିଜେ ହିଁ ନିଜର ଆଦର୍ଶ, ଏହା ସତ କି ?

**ଆର୍ଯ୍ୟ ଯଜ୍ଞଦତ୍ତ:** ଏଇଟା ସତ ନୁହେଁ; କାରଣ ମୁଁ ଯେତେବେଳେ ପଢୁଥିଲି ଅଷ୍ଟମ କି ନବମ ଶ୍ରେଣୀରେ, ଆମ ବହିରେ ରବି ଠାକୁରଙ୍କର ଗଳ୍ପ ଥିଲା। ମୁଁ ସେଇ ବୟସରେ ତାଙ୍କର ପ୍ରତ୍ୟେକଟି କାହାଣୀ ପଢ଼ିବା ଆରମ୍ଭ କଲି ଏବଂ ଏହା ମୋ'ର ଛାତି ଭିତରଟା ରୁନ୍ଧି ଦେଉଥିଲା। ଅଜାଣତରେ ମୋ'ର ତାଙ୍କର ଗଳ୍ପ ପ୍ରତି ଗୋଟିଏ ଦୁର୍ବାର ଅନୁରକ୍ତି ଆସିଗଲା। ତା'ପରେ କଲେଜ ଜୀବନରେ ପଢ଼ିଲି ଓସ୍କାର ୱାଇଲ୍ଡଙ୍କର 'ହାପି ପ୍ରିନ୍ସ୍'। ସେହି ଉଦ୍ଧମାନର ଗଳ୍ପଟି ମୋ' ମନରେ ଛାପିହୋଇ ରହିଗଲା। ଏସବୁ ଦ୍ୱାରା ମୁଁ ଅନେକ ମାତ୍ରାରେ ପ୍ରଭାବିତ ହେଲି।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ଆଦର୍ଶର କଥା ଯେହେତୁ ପଡ଼ିଛି, ଆପଣଙ୍କର ନିଜ ନାମଟି ଆର୍ଯ୍ୟ ସମାଜ ଜନିତ ଶବ୍ଦ ଜଡ଼ିତ ଥିବାର ଦେଖି ଆମର ମନେହୁଏ ଯେ ସେହି ଆର୍ଯ୍ୟ ସମାଜୀୟ ଆଦର୍ଶର କିଛିଟା ପ୍ରତିଫଳନ ମଧ୍ୟ ଆପଣଙ୍କ ଗଳ୍ପରେ ମଧ୍ୟ ପଡ଼ିଥିବ।

**ଆର୍ଯ୍ୟ ଯଜ୍ଞଦତ୍ତ:** ନିଜର ଜ୍ଞାତସାରରେ ମୋ'ର କୌଣସି ଗଳ୍ପ ଏହି ଆଦର୍ଶ ଦ୍ୱାରା ପ୍ରଭାବିତ ହୋଇଛି ବୋଲି ମୁଁ ଭାବେ ନାହିଁ; ହୁଏତ ଅଚେତନ ଭାବରେ କେଉଁଥିରେ

କେମିତି ପଡ଼ିଥାଇପାରେ।


**ସାହିତ୍ୟ ଚର୍ଚ୍ଚା:** ଆର୍ଯ୍ୟ ସମାଜ ସହିତ ଆପଣ କିଭଳି ଭାବରେ ସଂପୃକ୍ତ ହେଲେ ?

**ଆର୍ଯ୍ୟ ଯଜ୍ଞଦତ୍ତ:** ବାପା ଜଣେ ଶୁଦ୍ଧ ଆର୍ଯ୍ୟସମାଜୀ ଥିଲେ। ଏଣୁ ତାଙ୍କର ଏହି ପ୍ରଭାବ ମୋ' ଉପରେ ପଡ଼ିଥିଲା।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ଗୋଟିଏ ଚର୍ଚ୍ଚିତ ଗଳ୍ପ ହେଉଛି, 'ଦୂତ'। ଏଇଟି ଆପଣ କେବେ ଲେଖିଥିଲେ ?

**ଆର୍ଯ୍ୟ ଯଜ୍ଞଦତ୍ତ:** ଏହା ଲେଖା ହୋଇଥିଲା ୧୯୯୦ ମସିହାର ପାଖାପାଖି।

**ସାହିତ୍ୟ ଚର୍ଚ୍ଚା:** ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା, ଏହାର ଉଭୟ, ନାୟକ ଓ ନାୟିକା ହେଉଛନ୍ତି ମାନବେତର ଚରିତ୍ର। ଯୋଡ଼ିଏ ପାରା ଓ ସେମାନଙ୍କ ପରିବାରକୁ ନେଇ ଗଳ୍ପଟି ଗଢ଼ିଉଠିଛି। ଏମାନଙ୍କୁ ନେଇ ଗଳ୍ପଟିଏ ଲେଖିବାର ଭାବନା ଆପଣଙ୍କ ମନକୁ କେମିତି ଆସିଲା ?




**ଆର୍ଯ୍ୟ ଯଜ୍ଞଦତ୍ତ:** ଏହା ପଛରେ ଗୋଟିଏ କାହାଣୀ ଅଛି। କେନ୍ଦ୍ରାପଡ଼ା ସହରରେ ସେତେବେଳେ ଦଙ୍ଗା ହୋଇଥାଏ। ସେତିକିବେଳେ ସେ କାଳର ଜଣେ ସୁବିଦିତ ଲେଖକ ଓ ପ୍ରକାଶକ ଜଣେ ଝିଅଙ୍କୁ ବିବାହ କରିବା ଉଦ୍ଦେଶ୍ୟରେ ନେଇ ଚାଲିଆସିଲେ। ତା'ଙ୍କ ଭାଇଙ୍କ ସହିତ ମୋ'ର ପରିଚୟ ଥାଏ। ସେ ମୋ' ପାଖକୁ ଆସି କହିଲେ, 'ଭାଇ ଜଣେ ଝିଅକୁ ଧରି ପଳାଇଆସିଛି। ଟିକିଏ ଆସ, କେମିତି ରେଜିଷ୍ଟ୍ରି ଅଫିସକୁ ଯାଇ ସେମାନଙ୍କର ବିବାହ କରାଇଦେବା। ମୁଁ ସେତେବେଳେ ସେହି ରେଜିଷ୍ଟ୍ରି ବିବାହର ଜଣେ ସାକ୍ଷୀ ଭାବରେ ଦସ୍ତଖତ କରିବାକୁ ଯାଇଥିଲି। ସେଠି ଦେଖିଲି ଯେ ପାଖରେ ଥିବା ମନ୍ଦିରରୁ ପାରାଟିଏ ଉଡ଼ିଯାଇ ମସଜିଦ୍ ଉପରେ ବସିପଡ଼ିଲା।

**ସାହିତ୍ୟ ଚର୍ଚ୍ଚା:** ଏହା ଦେଖି ଆପଣ ତେବେ ନିଜର ଗଳ୍ପ ପାଇଁ ଗୋଟିଏ ପ୍ରଭାବଶାଳୀ ଥିମ୍ ପାଇଗଲେ।

**ଆର୍ଯ୍ୟ ଯଜ୍ଞଦତ୍ତ:** ମୁଁ ଭାବିଲି, ଧର୍ମ ତ ଆମ ମଣିଷଙ୍କ ଭିତରେ ଅଛି। ପାରାଟିର ଘର କେଉଁଠି, ତା'ର ଧର୍ମ ବା କ'ଣ ? ଏହା ମୋତେ ଗଭୀର ଭାବରେ ସ୍ପର୍ଶକଲା।

**ସାହିତ୍ୟ ଚର୍ଚ୍ଚା:** ଆପଣ ଏହି ଗଳ୍ପରେ ସର୍ବଧର୍ମ ସମଭାବର ବାର୍ତ୍ତା ଦେଇଛନ୍ତି। ଗଳ୍ପଟିର ଗଢ଼ଣଗତ ଚମତ୍କାରିତା ମଧ୍ୟ ଏହାର ଆଉ ଏକ ଲକ୍ଷଣୀୟ ଦିଗ। ଏଇଟିକୁ ବୋଧହୁଏ ଆମେ ତୁଳନା କରିପାରିବା ଅଚ୍ୟୁତାନନ୍ଦ ପତିଙ୍କ 'ଅଶୁଭ ପୁତ୍ରର କାହାଣୀ' ସହିତ; ଯଦିଓ ଏହାର ଥିମ୍ ଟିକିଏ ଅଲଗା।

**ଆର୍ଯ୍ୟ ଯଜ୍ଞଦତ୍ତ:** ଏଇଟି ବହୁ ପାଠକଙ୍କୁ ସ୍ପର୍ଶ କରିପାରିଥିବା ମୁଁ ଅନୁଭବ କରିଛି ଏବଂ ଏହା ହିନ୍ଦୀ, ମାଲୟାଲାମ ଓ ଇଂରାଜୀ ଆଦି କିଛି ଭାଷାରେ ଅନୂଦିତ ହୋଇଛି ମଧ୍ୟ।

**ସାହିତ୍ୟ ଚର୍ଚ୍ଚା:** ଓଡ଼ିଆ ସାହିତ୍ୟରେ, ସାହିତ୍ୟିକମାନଙ୍କ ଭିତରେ ଗୋଷ୍ଠୀବାଦ ମୁଣ୍ଡ ଟେକିଥିବାର ଅଭିଯୋଗ ହୁଏ। କିଏ କେଉଁ ଗୋଷ୍ଠୀର, ତାହାରି ଉପରେ ନିର୍ଭର କରୁଛି ସାହିତ୍ୟିକମାନଙ୍କର ସ୍ୱୀକୃତି। ଏ ବିଷୟରେ ଆପଣଙ୍କର ମତ କ'ଣ ?

**ଆର୍ଯ୍ୟ ଯଜ୍ଞଦତ୍ତ:** ମୋ'ର ବିଶ୍ୱାସ ଯେ ସାହିତ୍ୟିକଟିଏ କାହାର ଅନୁଗତ ନୁହେଁ ବା ହେବା ଉଚିତ ନୁହଁ। ଆଉ ଅନୁଗତଟିଏ ମଧ୍ୟ କସ୍ମିନ୍ କାଳେ ସାହିତ୍ୟିକ ହୋଇପାରିବ ନାହିଁ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କୁ ବୟସ ବର୍ତ୍ତମାନ ୭୭ ବର୍ଷ। 'ବିଶ୍ୱାସର ଗାର' ନାମକ ଆପଣଙ୍କର ଶେଷ ବହିଟି ପ୍ରକାଶିତ ହୋଇଥିଲା ୨୦୨୦ ମସିହାରେ। ଏହାପରେ ଆପଣ ଲେଖାଲେଖି ବନ୍ଦ କରିଦେଇଛନ୍ତି କି ?

**ଆର୍ଯ୍ୟ ଯଜ୍ଞଦତ୍ତ:** କରୋନା କାଳରେ ମୋ'ର ମଝିଆ ପୁଅର ଦେହାନ୍ତ ହୋଇଗଲା। କରୋନା କଟକଣା ଯୋଗୁଁ ବାପା-ମାଆ ହିସାବରେ ବାଙ୍ଗାଲୋରରେ ଆମେ ତା'ର ଶେଷ ଦର୍ଶନ ଟିକିଏ ବି ପାଇଲୁ ନାହିଁ। ପୁତ୍ରଶୋକ ମୋ' ଉପରେ ଦାରୁଣ ମାନସିକ ପ୍ରଭାବ ପକାଇଲା, ଯାହା ଫଳରେ ମୁଁ ଆଉ ଲେଖିପାରିଲି ନାହିଁ। ଏଇଟା ତ ପ୍ରଥମ କାରଣ; ଦ୍ୱିତୀୟଟି ହେଲା ବୟସଜନିତ କଷ୍ଟ। ବାର୍ଦ୍ଧକ୍ୟ ସଂପର୍କିତ ଅସୁସ୍ଥତା ହେତୁ ଲେଖିବା ପାଇଁ ଆଉ ସ୍ପୃହା ଆସୁନାହିଁ। ଆଉ ଗୋଟିଏ କାରଣ ହେଲା, ଆମ ସାହିତ୍ୟରେ ଲେଖକ ଜଣେ ଏବେ ଆଉ

ଲେଖିବା ପାଇଁ ଉତ୍ସାହବର୍ଦ୍ଧକ ପରିବେଶ ପାଇପାରୁ ନାହିଁ।

**ସାହିତ୍ୟ ଚର୍ଚ୍ଚା:** ତେବେ ମୁଖ୍ୟତଃ ପୁତ୍ରଶୋକରେ ଆପଣଙ୍କ କଲମ ଯେ ଥମିଯାଇଛି, ଏହି ଶୋକକୁ ସାମନା କରିଥିବା ଆପଣଙ୍କ ଧର୍ମପତ୍ନୀ ଶ୍ରୀମତୀ ଗାୟତ୍ରୀ ଆର୍ଯ୍ୟ କିନ୍ତୁ ସେହି ବିଷାଦକୁ ଲାଘବ କରିବା ପାଇଁ କଲମ ଚାଳନା କରିବା ଆରମ୍ଭ କରିଛନ୍ତି ଏବଂ ଫଳରେ ଉଚ୍ଚମାନର ଉପନ୍ୟାସଟିଏ ଲେଖିପାରିଛନ୍ତି। ଆପଣ ମଧ୍ୟ ତାଙ୍କ ଭଳି ରଚନାପ୍ରବଣ ରହିପାରିଲେ ଭଲହୁଅନ୍ତା।

**ଆର୍ଯ୍ୟ ଯଜ୍ଞଦତ୍ତ:** ଲେଖିବା ପାଇଁ ମାନସିକ ଧୈର୍ଯ୍ୟ ମୋ'ର ଆଉ ନାହିଁ। ଅବଶ୍ୟ ପୁତ୍ରଶୋକର ସାମ୍ନା କରିବା ପାଇଁ ସାହିତ୍ୟର ରଚନା ମୋ'ର ପତ୍ନୀଙ୍କୁ ଅନେକ ବଳ ଯୋଗାଇଛି।

**ସାହିତ୍ୟ ଚର୍ଚ୍ଚା:** ୧୯୮୦ ମସିହାରୁ ଆପଣ ଲେଖାଲେଖି କରିଆସୁଛନ୍ତି। ସେହି ଅଶୀ ଦଶକର ପାଠକ, ଆଉ ଏବର ପାଠକଙ୍କ ମଧ୍ୟରେ ତୁଳନା କଲେ ଆପଣ ବିଶେଷ କିଛି ଫରକ ଅନୁଭବ କରନ୍ତି କି ?

**ଆର୍ଯ୍ୟ ଯଜ୍ଞଦତ୍ତ:** ମୁଁ ଯେତେବେଳେ ୧୯୮୦ରେ ନୂଆ ନୂଆ ଗପ ଲେଖିଲି, ସେତେବେଳେ 'ଝଙ୍କାର'ରେ ମୋ'ର ଗପ ପ୍ରକାଶିତ ହେଲା; ତା'ପରେ ମଧ୍ୟ ସେଥିରେ ମୋ'ର ଆହୁରି କେତେକ ଗପ ବାହାରିଲା। ପ୍ରତ୍ୟେକ ଗପ ପାଇଁ ପାଠକମାନଙ୍କଠାରୁ ସେତେବେଳେ ୧୫ରୁ ୨୦ଟି ପର୍ଯ୍ୟନ୍ତ ଚିଠି ପାଉଥିଲି। ଚିଠି ପାଇଲେ ମୁଁ ଏମିତି ଉଦ୍‌ବୁଦ୍ଧ ହୋଇଯାଏ ଯେ ପ୍ରତିଦିନ ଅପେକ୍ଷା କରି ରହିଥାଏ ଡ଼ାକବାଲାକୁ। ନିୟମିତ ଭାବରେ ପାଠକୀୟ ମତାମତ ପାଇବାର ସୌଭାଗ୍ୟ ମୋ'ର ରହିଥିଲା। ସେହି ପ୍ରଥାଟା ଚାଲିଥିଲା ଥିଲା ୨୦୦୦, ଏପରିକି ୨୦୦୫ ମସିହା ପର୍ଯ୍ୟନ୍ତ ମଧ୍ୟ। ତାପରେ ଯେଉଁ ମୋବାଇଲ୍ ଯୁଗ ଆସିଲା, ସେଥି ଜରିଆରେ ଆସୁଥିବା ମତାମତ ସବୁ କ୍ଷଣିକ ହୋଇଗଲା।

**ସାହିତ୍ୟ ଚର୍ଚ୍ଚା:** ତା'ହେଲେ ଆଜିକାଲି ପାଠକମାନେ ଲେଖାଟିଏ ପଢ଼ିବା ପରେ ବେଶି ଭାବରେ ନିରବତା ଅବଲମ୍ବନ କରୁଛନ୍ତି।

**ଆର୍ଯ୍ୟ ଯଜ୍ଞଦତ୍ତ:** ମୋ'ର ହୃଦ୍‌ବୋଧ ହେଉଛି ଯେ ଏବେ ସମସ୍ତେ ପଲ୍ଲବଗ୍ରାହୀ ହୋଇଗଲେ; ସମସ୍ତଙ୍କର ପାପୁଲିରେ ଗୋଟିଏ ଗୋଟିଏ ମୋବାଇଲ୍ ଫୋନ୍। ଏହା ହେଉଛି ପରିବର୍ତ୍ତନର ଗୋଟିଏ ମୁଖ୍ୟ କାରଣ।

**ଏବେ ସମସ୍ତେ ପଲ୍ଲବଗ୍ରାହୀ ହୋଇଗଲେ; ସମସ୍ତଙ୍କର ପାପୁଲିରେ ଗୋଟିଏ ଗୋଟିଏ ମୋବାଇଲ୍ ଫୋନ୍।**

**ସାହିତ୍ୟ ଚର୍ଚ୍ଚା:** ତେବେ ଗପର ସ୍ତର ଓ ପ୍ରକୃତି ଉପରେ ମଧ୍ୟ ପାଠକୀୟ ପ୍ରତିକ୍ରିୟା ନିର୍ଭରଶୀଳ ବୋଲି ଆମେ କହିପାରିବା କି ?

**ଆର୍ଯ୍ୟ ଯଜ୍ଞଦତ୍ତ:** ଆପଣଙ୍କୁ ଏ ବିଷୟରେ କହୁଛି; ନିକଟରେ ଗୋଟିଏ ପତ୍ରିକାରେ ବାହାରିଥିବା ଗୋଟିଏ ଗପ ପଢ଼ି ମୋତେ ବାର ଜଣ ପାଠକ ଫୋନ୍ କରିଥିଲେ। ରୋଚକ କଥା ହେଲା, ମୋତେ ଫୋନ୍ କରିଥିବା ସେହି ୧୨ ଜଣ ଯାକ ପାଠକ ଥିଲେ ଅବସରପ୍ରାପ୍ତ ହେଡମାଷ୍ଟର।

**ସାହିତ୍ୟ ଚର୍ଚ୍ଚା:** ତେବେ ସେହି ଗଳ୍ପଟି ଅବସରପ୍ରାପ୍ତ ହେଡମାଷ୍ଟରଙ୍କ ଜୀବନ ଉପରେ ଆଧାରିତ ଥିଲା, ବୋଧହୁଏ !

**ଆର୍ଯ୍ୟ ଯଜ୍ଞଦତ୍ତ:** ହଁ, ଆପଣ ଠିକ୍ ଅନୁମାନ କରିଛନ୍ତି।

**ସାହିତ୍ୟ ଚର୍ଚ୍ଚା:** ଆପଣ ବ୍ୟାଙ୍କ୍‌ରେ ନିଜର ଚାକିରି କାଳରେ ଦେଶର ବିଭିନ୍ନ ବଡ଼ ବଡ଼ ସହରରେ ସମୟ କଟାଇଛନ୍ତି। ଆପଣଙ୍କର ଅବସର ଜୀବନ କିନ୍ତୁ ଏହି ଛୋଟିଆ ଗୋହଳ ଗ୍ରାମର ପ୍ରକୃତିଘେରା ପରିବେଶ ଭିତରେ କଟାଇବାକୁ କାହିଁକି ପସନ୍ଦ କଲେ ?

**ଆର୍ଯ୍ୟ ଯଜ୍ଞଦତ୍ତ:** ମୁଁ ମଫସଲିଆ ଲୋକ; ଗ୍ରାମୀଣ ଚିନ୍ତାଧାରା ମୋ'ର। ମାଟିତଳୁ ବାହାରୁଥିବା ପାଣିରେ ମୋ'ର ସନ୍ତୋଷ; ଭୁବନେଶ୍ୱରର ଟେକା ପାଣିରେ ମୁଁ ଚଳିପାରିବି ନାହିଁ। ଏଠି ବାଡ଼ିରେ ଶାଗ, ପରିବା ହେଉଛି; ଶୁଦ୍ଧ କ୍ଷୀର ଟିକିଏ ମିଳୁଛି। ଏଣୁ ଏଇ ପରିବେଶ ମୋ' ପାଇଁ ବେଶ୍ ଅନୁକୂଳ।

**ସାହିତ୍ୟ ଚର୍ଚ୍ଚା:** ଶେଷରେ ପଚାରିବାକୁ ଚାହିବୁ, ଓଡ଼ିଆ କଥାସାହିତ୍ୟର ଭବିଷ୍ୟତକୁ ଆପଣ କେମିତି ଦେଖନ୍ତି ?

**ଆର୍ଯ୍ୟ ଯଜ୍ଞଦତ୍ତ:**ଏବେ ଛପା ପୃଷ୍ଠାରେ ଦିଶୁଥିବା ଗପରେ ହୁଏତ କିଛି ପରିବର୍ତ୍ତନ ଆସିପାରେ; କିନ୍ତୁ ଏହା ଅନ୍ୟ କେତେକ ରୂପରେ ତିଷ୍ଠିଯିବ; ଯେମିତିକି ଇ-ବୁକ୍, ଅଡିଓ ବୁକ୍, ଟି.ଭି ତଥା ଭିଡିଓ ଇତ୍ୟାଦି। ଅର୍ଥାତ୍ ଗଳ୍ପ ନିଜ ପାଇଁ ଗୋଟିଏ ନୂଆ ମାଧ୍ୟମ ଖୋଜିନେବ।

**ସାହିତ୍ୟ ଚର୍ଚ୍ଚା:** ଆଜିର ଏହି ମନୋରମ ବାର୍ତ୍ତାଳାପ ପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ ଜଣାଉଛୁ।


ଗଳ୍ପ

# ଅନ୍ତର୍ଦ୍ଦେଶୀୟ ପତ୍ର



ସୁନୀତା କର

ଆଲମିରାର ମଝିଥାକରୁ ଡ୍ରେସ୍ କିଛି ଖୋଜୁଖୋଜୁ ନଜର ପଡ଼ିଲା ଜୟାର, ତା'ର ଏକ ବହୁ ମୂଲ୍ୟ ଜିନିଷ ଉପରେ। ତା'ର ଛୁଆଁରେ ଏକ ଅଜଣା ଶିହରଣରେ ଥରି ଉଠିଲା ହାତ, ଆଉ ତା'ସହ ସମଗ୍ରଚିତ୍ତ। ଅଢ଼େଇ ଦଶନ୍ଧିରୁ ଅଧିକା ହେଲାଣି, ଖୁବ୍ ଯତ୍ନରେ ସାଇତି ରଖିଛି ସେ ଏଇଟିକୁ। ଯେମିତି କାହାରି ନଜରରେ ଆସିବନି। ସେଥିଲାଗି ଏଇ ଲୁଗାପଟା ସନ୍ଧିରେ ସେ ପୂରେଇ ଦେଇଥିଲା, ସେଇଟା ପୁଣି ଗୋଟେ ପୁରୁଣା ଡ୍ରେସ ଭିତରେ।




ହଁ, ଡ୍ରେସ୍‌ଟି ପୁରୁଣା ସତ, ହେଲେ ସ୍ମୃତି ତା'ର ତାଜା। ହେଇଟି କାଲି ପରି ଲାଗୁଛି, ସେଦିନ ସଂଧ୍ୟାବେଳେ ମନ୍ଦିର ପଛପଟେ ଦେଖାକରିବା ବେଳେ, ଗୋଟେ ପ୍ୟାକେଟ୍ ତରବର ହୋଇ ତା' ହାତରେ ଧରେଇ ଦେଇଥିଲେ। ତାଙ୍କ ବାପା ଆଉ ମାଆଙ୍କ ସହ ସେ ଆସିଥାଆନ୍ତି ଠାକୁର ଦର୍ଶନରେ, ଆଉ ଜୟା- ତା' ସାଥିଙ୍କ ସହ। ସେପଟୁ ମାଆଙ୍କର ଡାକ ଶୁଣି ଅମର ଚାଲି ଯାଉ ଯାଉ କହିଲେ- କାଲି ଏଇଟା ପିନ୍ଧିକି ଆସିବ, ହଁ, ସଂଧ୍ୟାବେଳେ ଉପରମୁଣ୍ଡ ନଦୀ ପାଖକୁ।

ଟିକେ ହସିଦେଇ ହାତ ହଲେଇ ମୁଣ୍ଡ ଟୁଙ୍ଗାରି ଦେଇଥିଲା ଜୟା। ସାଙ୍ଗମାନେ ଖୋଜି ଖୋଜି ତା'କୁ ଆସିଯିବେ, ତେଣୁ ଚଟାପଟ ପ୍ୟାକେଟଟି ବ୍ୟାଗ୍‌ରେ ପୂରେଇ ଦେଇ ଆଗପଟକୁ ଆସି ସଂଧ୍ୟା ଆଳତୀର ଭିଡ଼ରେ ହଜେଇ ଦେଇଥିଲା ନିଜକୁ।

ନୀଳପରୀଟିଏ ପରି ଦିଶୁଥିଲା ଜୟା, ସେଇ ରୂପେଲି ରଙ୍ଗର ଏମ୍ବ୍ରୋଡେରି କରା ନୀଳ ସଲୱାର ପଞ୍ଜାବୀରେ। ସୂର୍ଯ୍ୟ ଏଇ କିଛି କ୍ଷଣ ହେଲା ସେପାରିକୁ ଭ୍ରମଣରେ ଚାଲିଗଲେଣି। ସୁନେଲୀ ଆଭା ତାଙ୍କର ଛିଞ୍ଚାଡ଼ି ହୋଇ ଟିକେ ଟିକେ କୋଉଠି ଲେସିହୋଇ ରହିଯାଇଛି ଶାନ୍ତ ସୁନ୍ଦର ଆକାଶଟିରେ। ସେ ବି କିଛିକ୍ଷଣ ପରେ ଉଭେଇଯିବ। ହଁ, ସଂସାରର ନିୟମ ତ ସେମିତି। କେଉଁଟା ବି ଚିରସ୍ଥାୟୀ ନୁହେଁ। ସବୁର ଆସିବା ଓ ଯିବା ସମୟ ରହିଛି।

ଗୋଟିଏ ପଥର ଉପରେ ବସି ରହିଛନ୍ତି ଅମର ଓ ଜୟା, ପାଦ ଦୁଇଟି ପାଣିରେ। ଖୁବ୍ ଭଲ ଲାଗୁଛି। ପ୍ରକୃତିର ଏ ଶୋଭାରେ ନିମଗ୍ନ ରହି, ଦୁହେଁ ଦୁହିଁଙ୍କର ଅନ୍ତରଙ୍ଗ ମୁହୂର୍ତ୍ତ ସବୁକୁ ମୁଠେଇ ଧରିବାର ପ୍ରୟାସରେ। ହେଲେ, ସମୟ ତ ସେ, ଯେତେ ଜୋରରେ ମୁଠେଇଲେ ବି କେଉଁ ଫାଙ୍କରେ ଖସିଯିବ, ଜଣାପଡ଼ିବନି। ଅନ୍ଧାରରାଣୀ ତା'ର ଓଢ଼ଣିରେ ଢାଙ୍କି ଦେଲାଣି ଆଖପାଖର ବିଲବଣକୁ। କୁନି କୁନି ତାରା ସବୁ ଆଖି ଖୋଲି ମିଟ୍‌ମିଟ୍ କରି ଚାହିଁଲେଣି। ନା, ଆଉ ଡେରି କଲେ ତେଣେ ଘରେ ଖୋଜାପଡ଼ିବ। ଉଠିବାକୁ ହେବ ଏଠୁ।

ତା' ପରଦିନ ଅମର ଚାଲିଯିବ ତା' କର୍ତ୍ତବ୍ୟର ଆହ୍ୱାନରେ। ଦେଖା ମିଳୁ ମିଳୁ ଗଡ଼ିଯିବ ପୁଣି କିଛି ମାସ। ଏଇ ଦିନଗୁଡ଼ିକ ଚାତକୀ ପରି ଚାହିଁ ରହିଥାଏ ଜୟା। ଆଉ ବିଳମ୍ବ ନକରି ଘରେ ଜଣେଇ ଦେଲେ ଭଲ ହେବ ଭାବି ଦୁହେଁ ସ୍ଥିର କଲେ ପରଦିନ ହିଁ ଘର ଲୋକଙ୍କୁ ତାଙ୍କ ନିଷ୍ପତ୍ତି ବିଷୟରେ ଅବଗତ କରେଇବେ। ଯେମିତିକି ଏହା ପରେ ଅମର ଯେବେ ଆସିବ ବାହାଘରର ତିଥି ଠିକ୍ ହୋଇ ରହିଥିବ। ବରକନ୍ୟା ବେଶରେ ଫୁଲର ମହକରେ ବିଭୋର ହୋଇ ଦୁହେଁ ଘୁରି ବୁଲୁଥିଲେ ସ୍ୱପ୍ନର ରାଇଜରେ। ଜାଣି ତ ନଥିଲେ

ଶୀତୁଆ ସକାଳର କୁହୁଡ଼ି ପରଦା ପରି ଏ ସ୍ୱପ୍ନରାଇଜ କେତେବେଳେ ତା'ର ଅସ୍ତିତ୍ୱ ହରାଇ ବସିବ। କିଏ ଜାଣିଥିଲା, ଏହାପରେ ଅମର ଯେବେ ଫେରିବ, ସେ ଆସିବ ଫୁଲମାଳ ପିନ୍ଧି, ତ୍ରିରଙ୍ଗାରେ ଘୋଡ଼େଇ ହୋଇ ଏକ ନୀରବ ଶୋଭାଯାତ୍ରାରେ।

ଏଥର ଯିବା ପୂର୍ବରୁ ସବୁଥର ପରି ପୁଳେ ନାଲି ନୀଳ, ସବୁଜ, ଗୋଲାପୀ ଏପରି ରଙ୍ଗିନ ଲଫାପା ସେ କିଣି ନେଇଥିଲା। ଜୟାକୁ ସେ ଚିଠି ଏଇଥିରେ ହିଁ ପଠାଏ। ରଙ୍ଗିନ ଲଫାପା ଦେଖିଲେ ପୋଷ୍ଟ ପିଅନ ବୁଢ଼ା ମଉସା ବି ଜାଣିଯାଏ, ପାକୁଆ ପାଟିରେ ହସ ଟିକେ ଖେଳେଇ ଜୟାର ହାତକୁ ହିଁ ବଢ଼ାଏ ସେଇଟି, ଘର ଲୋକ କାହାକୁ ବି ଦିଏନି। ଲାଜକୁଳୀ ଲତାଟିଏ ପରି ଲାଜେଇ ଯାଏ ଜୟା, ଆଉ ମଉସାଙ୍କୁ ମନେ ମନେ ଧନ୍ୟବାଦ ଦିଏ।

କିନ୍ତୁ ଶେଷ ଚିଠିଟି ଅମରଠାରୁ ଆସିଥିଲା ଏଥର ରଙ୍ଗିନ୍ ଲଫାପାରେ ନୁହେଁ, ଏକ ଅନ୍ତର୍ଦ୍ଦେଶୀୟ ପତ୍ରରେ। ଡାକ ମଉସା ଜୟାର ବୋଉ ହାତରେ ଧରେଇ ଦେଇ ଚାଲିଗଲା। ସେ ବା କୋଉ ପଢ଼ି ଶିଖିଛନ୍ତି? କାହାର କୋଉଠୁ ଚିଠି ଆସିଥିବ ଭାବି ଡାଣ୍ଡଘର ଟେବୁଲଟା ଉପରେ ଥୋଇ ଦେଇ ରୋଷେଇ ଲାଗି ଚାଲିଗଲେ। ବାପା ଯାଇଛନ୍ତି ପାଖ ସହରକୁ କିଛି କାମରେ। ଜୟାର ଦୃଷ୍ଟିରେ ପଡ଼ିଲା ଚିଠିଟି। ଅଣଦେଖା କରି ଚାଲି ଯାଉ ଯାଉ ହଠାତ୍ ହାତ ଅକ୍ଷର ଦେଖି ଫେରିଆସି ଖୋଲିଲା ତାକୁ।

**ନିର୍ବାକ ହୋଇ ଚାହିଁ ରହିଥିଲା ଜୟା। ଦେଖୁଥାଏ ସେ - ଅଗ୍ନିରେ ଆହୁତି ହୋଇ ପଡୁଛନ୍ତି ଗୋଟିଏ ପରେ ଗୋଟିଏ ଚିଠି।**

ମାତ୍ର ଦୁଇଲାଇନ୍‌ର ଚିଠି। ଥରି ଉଠିଲା ଜୟା। କାରଗିଲ୍ ଯୁଦ୍ଧରେ ସାମିଲ ହୋଇଛି ଅମର। ମାଟି ମାଆକୁ ମୁକ୍ତ କରି ଫେରିଆସିବ ପୁଣି ଗାଁ ମାଟିକୁ, ସେତେ ପର୍ଯ୍ୟନ୍ତ ଅପେକ୍ଷା।

ହେଲେ ଏ ଅପେକ୍ଷା ଯେ ତା'ଲାଗି ଚିରଦିନର ଅପେକ୍ଷା ହୋଇ ରହିଯିବ, ଜାଣିନଥିଲା ଜୟା। ହଁ, ଶଙ୍କା ତ ଥିଲା। ଗାଁ ଠାକୁରାଣୀଙ୍କୁ ଆକୁଳ ହୋଇ ଡାକିବା ଛଡ଼ା ଆଉ କିଛି ତା' ମୁଣ୍ଡରେ ପଶୁ ନଥିଲା। ଚିଠିଟିକୁ ନେଇ ଲୁଚେଇ ଦେଲା ସେ ଆଲମିରା ଭିତରେ। କିଏ ଜାଣେ, ବାପା ମାଆଙ୍କର ଏ ବିଷୟ ଉପରେ ପ୍ରତିକ୍ରିୟା କ'ଣ ହେବ!

ଅମର ଫେରିଥିଲା, ଫୁଲରେ ସଜେଇ ହୋଇ। ବରବେଶରେ ନୁହେଁ, ଏକ ସହିଦର ବେଶରେ। କାହିଁକି କେଜାଣି ଟୋପାଟେ ବି ଲୁହ ତା' ଆଖିରୁ ସେଦିନ ଝରିନଥିଲା। କାହିଁକି କାନ୍ଦିବ ଯେ! ସେ କ'ଣ ଏତେ ସ୍ୱାର୍ଥପର ହୋଇପାରିବ? ନିସ୍ୱାର୍ଥପର ହେବା ତ ତାକୁ ଅମର ହିଁ ଶିଖେଇ ଦେଇଯାଇଛି। ତା'ର 'ଅମର' ଆଜି ଅମର ହୋଇ ରହିଯାଇଛି ସବୁଦିନ ପାଇଁ। ମାଟି ମାଆ ପାଇଁ ସେ ତା'ର ଜୀବନ ଦେଇପାରିଲା, ଆଉ ଜୟା ତା'ର ଏ ଭୌତିକ ସୁଖ ଟିକକ ପାଇବାର ଲାଳସାକୁ ଜଳାଞ୍ଜଳି ଦେଇପାରିବନି? ହଁ, ପାରିବ ସେ। ସେଇତ ପ୍ରେମ - ଅମର ଓ ତା' ଭିତରେ। ଅମରର ମାଟିର ଶରୀରଟି ମାଟିରେ ମିଶିଯାଇଥିଲା, ହେଲେ ସୁନ୍ଦର ଆତ୍ମାଟି ତ ତା' ପାଖରେ ଅଛି। ଏବେବି ଆଖି ଖୋଲିଲେ ଅନୁଭବ କରେ, ସେ ତା' ପାଖରେ ବସିଛି ଆଉ ଆଖି ବନ୍ଦ କଲେ ଲାଗେ, ଯେପରି ସମଗ୍ର ସତ୍ତା ତା'ର କେବଳ ଅମରମୟ।

ସେଥିଲାଗି ଜୟା ଏଡ଼ାଇଯାଇଥିଲା ଯେତେସବୁ ବିବାହ ପ୍ରସ୍ତାବ। ବିବାହ କ'ଣ ଦୁଇଟି ଶରୀରର ମିଳନ?

ନୁହେଁ ନା!

ତେବେ??

ଯଦି, ଏହା ଦୁଇଟି ଆତ୍ମାର ମିଳନ, ତାହା ତ ହୋଇସାରିଛି ବହୁ ଆଗରୁ। ଅମର ଆଉ ଜୟା-ଦୁହେଁ ଦୁହିଁଙ୍କର।

ଏପରି ବୁଝେଇ ଦେଇଥିଲା ଜୟା ଘରଲୋକଙ୍କୁ। ରାଗରେ ଗୋଟେ ଦିନ ବାପା ତା'ର ଯେତେ ସବୁ ଚିଠି ଅମର ଦେଇଥିଲେ - ସେ ସମସ୍ତ ରଂଗିନ ଲଫାପା ଜୟାର ଆଲମିରାରୁ କାଢ଼ି ଜଳାଇ ଦେଇଥିଲେ। ନିର୍ବାକ ହୋଇ ଚାହିଁ ରହିଥିଲା ଜୟା। ଦେଖୁଥାଏ ସେ - ଅଗ୍ନିରେ ଆହୁତି ହୋଇ ପଡୁଛନ୍ତି ଗୋଟିଏ ପରେ ଗୋଟିଏ ଚିଠି, ହଁ, ସେମାନଙ୍କୁ ବି ତାଙ୍କର ତ୍ୟାଗର ପରାକାଷ୍ଠା ଦେଖାଇବାକୁ ହେବ, ଏ ମହାଯଜ୍ଞରେ। ଅମର ପ୍ରତିଥିବା ହୃଦୟର ବନ୍ଧନ ସେଦିନ ଆହୁରି ଦୃଢ଼ ହୋଇଯାଇଥିଲା ଜୟାର, ମନ ଆହୁରି ଟାଣ। ପରିଷ୍କାର ଭାବରେ ଶୁଣେଇ ଦେଇଥିଲା ତା'ର ଶେଷ ନିଷ୍ପତ୍ତି - ଜୀବନ ସାରା ଅନ୍ୟ କାହାରିକୁ ସେ ବିବାହ କରିପାରିବ ନାହିଁ, ଜୋରଜବରଦସ୍ତ କଲେ ସେ ବି ଏ ଚିଠିଗୁଡ଼ାକ ଭଳି ଝାସ ଦେଇଦେବ।

ବୋଉ ବୁଝିପାରିଥିଲା ତା' ମନର କଥା। ଜଣକୁ

ପତି ଭାବରେ ଗ୍ରହଣ କରିସାରିବା ପରେ ଅନ୍ୟ ସହ ସଂପର୍କ – ଏ ତ ଏକ ସୁସ୍ଥ ମନରେ ଭାବି ବି ହେବନି। ବୁଝେଇ ଦେଇଥିଲା ବାପାଙ୍କୁ। ଅସ୍ୱାଭାବିକ ଭାବରେ ନିରବି ଯାଇଥିଲେ ସେ। ଗୋଟିଏ ସର୍ତ୍ତ ଥିଲା ତାଙ୍କର – ତୁ ଏ ଗାଁ ଛାଡ଼ି କୁଆଡ଼େ ଯିବୁନି। ସବୁବେଳେ ମୋ’ ପାଖରେ ରହିବୁ।

**ସେଦିନ ବାପା ସବୁ ରଙ୍ଗିନ ଲଫାପା ଅଗ୍ନିରେ ବିସର୍ଜନ କରିଦେଇଥିଲେ, ଲୁଚିକି ରହିଯାଇଥିଲା – ଏ ଅନ୍ତର୍ଦ୍ଦେଶୀୟ ପତ୍ରଖଣ୍ଡିକ।**

ରାଜି ହୋଯାଇଥିଲା ଜୟା। ନର୍ସିଂ ଟ୍ରେନିଂ ନେଇ ଗାଁ ପାଖ ଡାକ୍ତରଖାନାରେ ନର୍ସ ହୋଇ ଚାକିରି କରିବାର ନିଷ୍ପତ୍ତିରେ ବାପାଙ୍କର ସହମତି ଥିଲା।

ସେଦିନ ବାପା ସବୁ ରଙ୍ଗିନ ଲଫାପା ଅଗ୍ନିରେ ବିସର୍ଜନ କରିଦେଇଥିଲେ, ଲୁଚିକି ରହିଯାଇଥିଲା – ଏ ଅନ୍ତର୍ଦ୍ଦେଶୀୟ ପତ୍ରଖଣ୍ଡିକ, ଅମରଙ୍କର ଶେଷ ଚିଠି, ଶେଷ ସନ୍ତକ, ସେଇଟି ପୁଣି ସେଇ ନୀଳରଙ୍ଗର ଡ୍ରେସ୍‌ର ପ୍ୟାଣ୍ଟ ପକେଟରେ, ଯେଉଁଟାକି ବେଶି ପିନ୍ଧେନି ସେ, କାଳେ ଚିରିଯିବ, ସେଇ ଆଶଙ୍କାରେ। ଅମରର ଶେଷ ଉପହାର ଅନ୍ତତଃ ସବୁଦିନ ଲାଗି ତା’ ପାଖରେ ଅକ୍ଷତ ହୋଇ ରହିବା ଦରକାର ନା!

ଦିନେ ନୁହେଁ କି ମାସେ ନୁହେଁ, ଛବିଶ ବର୍ଷର ସମୟ, ବୋହିଯାଇଛି, ଆମ ଗାଁ ଘୋଡ଼ାହାଡ଼ ନଦୀର ପାଣିଭଳି। ମନେପଡୁଛି ଶେଷଥର ଲାଗି ସେ ନଦୀ କୂଳରେ ପଥର ଉପରେ...

ଘର ଭିତରକୁ ପଶିଆସିଲେ ଜୟା ବୋଉ, ଖଟଟା ଉପରେ ବସିଛି ଝିଅ ତାଙ୍କର ମୂର୍ତ୍ତିଟିଏ ପରି, ହାତରେ ଗୋଟିଏ ଅନ୍ତର୍ଦ୍ଦେଶୀୟ ପତ୍ର। ଆଖିରୁ ବୋହି ଆସିଥିବା ଦୁଇଧାର ଲୁହ ଶୁଖିଯାଇଛି। ଧୀରେ ଚିଠିଟି ନେଇ ଖୋଲି ଦେଖିଲେ। ମନେ ପଡ଼ିଗଲା –

କେତେ ନ ଖୋଜିଛନ୍ତି ଏଇ ଚିଠିଟି ସେଦିନ ସେ, କୁଆଡ଼େ ଗଲା ବୋଲି! ଜୟା ବି ମନା କରିଥିଲା ଦେଖିନି କହି।

କୁଣ୍ଢେଇ ଧରିଲେ ସେ ତା’କୁ। ଏତେ ବଡ଼ ଦୁଃଖର ପାହାଡ଼କୁ ଏକା ଏକା ସଭିଙ୍କ ନଜର ଉହାଡ଼ରେ ଧରି ବାଟ ଚାଲୁଛି ଝିଅ ତାଙ୍କର, ଏକଥା ଭାବି ଆହୁରି ଜୋରରେ ଜାବୁଡ଼ି ଧରି ମୁଣ୍ଡଟିକୁ ତା’ର ନିଜ ଛାତି ଉପରକୁ ଆଉଜାଇ ଆଣିଲେ।

ସବୁଜ ରଙ୍ଗର ଅନ୍ତର୍ଦ୍ଦେଶୀୟ ପତ୍ରଟି ପଙ୍ଖାର ପବନରେ ଆନନ୍ଦରେ ଡେଇଁ ଡେଇଁ ଘୂରି ବୁଲୁଥାଏ ଘର ଭିତରେ ଏପାଖରୁ ସେପାଖ, ଆଉ ଜୟାର ଦୃଶ୍ୟପଟରେ – ସବୁଜ ଗହମ କ୍ଷେତରେ ହାତରେ ହାତ ମିଳେଇ ପରମ ଆହ୍ଲାଦରେ ଘୂରି ବୁଲୁଛନ୍ତି ସେ ଦୁହେଁ, ନରମ ପତ୍ର ସବୁକୁ ଛୁଇଁଛୁଇଁ।

□□

ଲେଖିକାଙ୍କ ଇ-ମେଲ୍ ଠିକଣା:
sunitakarboi@gmail.com

PROZOSYS
TECHNOLOGIES PVT. LTD.
+91 9777060101
Call us now!

DESIGN, DEVELOPMENT & MARKETING SERVICES

Contact for :

- Website Designs
- Website Development
- Web Application Development
- Mobile Application Development
- eCommerce Website Development
- Software Development
- Google Ads Services
- Search Engine Optimization
- Digital Marketing Services
- Web Hosting
- Logo Design
- Domain Registration

Contact No:- +91 9777060101, 9777980101, Address:- N6/315, Jayadev Vihar, Bhubaneswar
Website:- www.prozosys.com, Email Id :- info@prozosys.com



ପ୍ରବନ୍ଧ

# ଓଡ଼ିଆ ଗଳ୍ପରେ ପ୍ରାଚୀନ କାହାଣୀର ଅନୁବର୍ତ୍ତନ

ବିଶ୍ୱନାଥ ସାହୁ

ପ୍ରାଚ୍ୟ-କଥା-ପରମ୍ପରା ବହୁ ପ୍ରାଚୀନ ଓ ସମୃଦ୍ଧ । ଲୋକସାହିତ୍ୟଠୁ ଆରମ୍ଭକରି ବ୍ୟାଖ୍ୟାନ (କାଳ୍ପନିକ କଥା) ଓ ବ୍ୟାଖ୍ୟାୟିକା (ବ୍ୟକ୍ତିମୂଳକ ବା ଐତିହାସିକ କଥା) ପର୍ଯ୍ୟନ୍ତ ଏହା ପ୍ରଲମ୍ବିତ । ବେଦ, ବେଦାନ୍ତ, ପୁରାଣ, ପଞ୍ଚତନ୍ତ୍ର, ବହୁତ୍ କଥା, କଥାସରିତ ସାଗର, ବେତାଳ ପଞ୍ଚବିଂଶତି, ହିତୋପଦେଶ, ଜାତକ-କଥା ଆଦି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଆଧୁନିକ ସାହିତ୍ୟକୁ ପ୍ରଭାବିତ କରିଆସିଛି । ଏହାଦ୍ୱାରା ପ୍ରଭାବିତ ସ୍ରଷ୍ଟା ଅନୁକରଣ ଓ ସ୍ୱୀକରଣ ମାଧ୍ୟମରେ ପ୍ରାଚୀନ କାହାଣୀର ପୂର୍ଣ୍ଣଭାବ, ଭାବାଂଶ, ଚରିତ୍ର, ପରିବେଶ ଆଦିକୁ ଊଣା-ଅଧିକ ନିଜ ନୂତନ ସର୍ଜନାରେ ଆରୋପିତ କରିବାକୁ କୁଣ୍ଠାବୋଧ କରିନାହିଁ । ସୁତରାଂ ପ୍ରାଚୀନ କାହାଣୀ ନୂତନ କଳେବରରେ ପୁଣିଥରେ ପାଠକକୁ ଭିନ୍ନ ଏକ ସାରସ୍ୱତ ରସବୋଧ ଦେବାକୁ ସକ୍ଷମ ହୋଇଛି । ସମଗ୍ର ବିଶ୍ୱସାହିତ୍ୟରେ ଏପରି ପ୍ରଭାବ ବା ଦୃଷ୍ଟାନ୍ତ ବିରଳ ନୁହେଁ ।



ପ୍ରାଚୀନ ପ୍ରତି ସବୁବେଳେ ମଣିଷର ଏକ ଦୁର୍ବାର ମୋହ ରହିଆସିଛି । ଅର୍ବାଚୀନ ସର୍ବଦା ପ୍ରାଚୀନ ସହ ନିଜକୁ ତଉଲେ, ଶିଖେ ଓ ଆବଶ୍ୟକ ଅନୁସାରେ ସୁଧାରେ ମଧ୍ୟ । ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଏହି ସିଂହାବଲୋକନ ଆମ୍ଭେ ଦେଖିପାରିବା, ସେ ଦୈନନ୍ଦିନ ଜୀବନଶୈଳୀରେ ହେଉ ବା କୌଣସି ସର୍ଜନ କ୍ଷେତ୍ରରେ । ସାହିତ୍ୟ ସର୍ଜନାରେ ମଧ୍ୟ ଯୁଗେ ଯୁଗେ ସ୍ରଷ୍ଟାଗଣ ନୂତନ ସୃଷ୍ଟି ପାଇଁ ଅତୀତକୁ ଅନାଇ ଦେଖିଛନ୍ତି । ଅତୀତରୁ ଲଭିଛନ୍ତି ପ୍ରେରଣା । ସାହିତ୍ୟରେ ମିଥ୍-ପ୍ରସଙ୍ଗ ଏଥିରୁ ଉତ୍ସୃଷ୍ଟ । ଗଳ୍ପ କ୍ଷେତ୍ରରେ ପ୍ରାଚୀନ କାହାଣୀ, ରୂପକ, ଅଲୌକିକ ବା ଉପଦେଶାତ୍ମକ ଗଳ୍ପ ଆଦିକୁ ଅନୁସରଣ କରି ନୂତନ ଭାବ, ଭଙ୍ଗୀ ଓ ଉଦ୍ଦେଶ୍ୟ ଦେଇ ନୂଆ ଏକ ଗଳ୍ପ ଗଢ଼ାଯାଏ । ଏହାକୁ ଓଡ଼ିଆ ସମାଲୋଚକମାନେ 'ଉଦ୍‌ବର୍ତ୍ତନ', 'ଅନୁବର୍ତ୍ତନ' ଆଦି ଶବ୍ଦରେ ଅଭିହିତ କରିଛନ୍ତି । ଯଦି ଗଳ୍ପଟିଏ ପାଠ କଲାମାତ୍ରେ ତହିଁରେ ଅନ୍ୟ ଏକ ପଠିତ ଗଳ୍ପର ଉପସ୍ଥିତି ବା ଛାୟାକୁ ପାଠକ ଅନୁଭବକରେ; ତେବେ ତାହା ଅନୁବର୍ତ୍ତିତ ହୋଇଥିବାର ଜଣାଯାଏ । ଲୋକକଥା, କୌଣସି ପୌରାଣିକ କିଂବଦନ୍ତୀ ବା ଇତିହାସରୁ ଲେଖକମାନେ ସଂଗ୍ରହ କରନ୍ତି ଏ ପ୍ରକାର ଗଳ୍ପର କଥାବସ୍ତୁ । ଏଥିରେ ଗାଳ୍ପିକର ଲକ୍ଷ୍ୟ ହେଉଛି – 'ଏହାକୁ ସାଂପ୍ରତିକ ସମୟ ସହ ସଂଯୋଜନ କରି ବ୍ୟକ୍ତିର ଚରିତ୍ର ଓ ଆଚରଣର ବିବିଧ ପ୍ରଚ୍ଛନ୍ନ ଦିଗକୁ ଭିନ୍ନ ଭିନ୍ନ ଭାବରେ ଆଲୋକିତ କରିବ ।'(୧)

### ଇଚ୍ଛାକୃତ ଅନୁବର୍ତ୍ତନ

ଡ. ପ୍ରକାଶ କୁମାର ପରିଡ଼ାଙ୍କ ମତରେ – 'ଅନୁବର୍ତ୍ତନ ଇଚ୍ଛାକୃତ ଭାବେ କରାଯାଏ । ପ୍ରସିଦ୍ଧ ପୂର୍ବତନ ସୃଷ୍ଟିର ଶୈଳୀ, କଥ୍ୟ, ଭାବ, ଆତ୍ମା ଓ ଉଦ୍ଦେଶ୍ୟ ପ୍ରଭୃତିକୁ ପରିବର୍ତ୍ତିତ ସମସ୍ୟା ଓ ପରିବେଶ ଭିତ୍ତିରେ ସଚେତନ ଭାବେ ପରବର୍ତ୍ତୀ ସୃଷ୍ଟିରେ ପ୍ରୟୋଗ କରିଯିବାକୁ 'ଅନୁବର୍ତ୍ତନ' କୁହାଯାଏ । ଅନୁସରଣ ବା ଅନୁକୃତି ଦୋଷ-ଦୁଷ୍ଟ । ମୌଳିକ ଚିନ୍ତା ପ୍ରକଟ କରିନପାରିବାର ଅକ୍ଷମତାଜନିତ ଦୁର୍ବଳତା । ମାତ୍ର ଅନୁବର୍ତ୍ତନ ଏକ ଗୁଣ, ଏକ କଳା । ଏହି କଳାରେ ଯେ ପାରଦର୍ଶୀ ସେ ଅପେକ୍ଷାକୃତ ଉଚ୍ଚକୋଟୀର ସ୍ରଷ୍ଟା ।'(୨) ସେ ପୁଣି କହନ୍ତି –

'ଏଥିରେ ମୂଳ ଗଳ୍ପଟି ସମଗ୍ରତଃ, ଆଂଶିକ, ସୂଚନାତ୍ମକ ଏବଂ ବେଳେ ବେଳେ କେବଳ ଚରିତ୍ର ଏପରିକି ଗଳ୍ପଟିର 'ନାମ' ମାତ୍ର ଅନୁବର୍ତ୍ତିତ ହୋଇପାରେ ।' (୩) ପୁନଶ୍ଚ ଡ. ଗୁରୁଚରଣ ବେହେରା ଲୋକକାହାଣୀକୁ ଅନୁବର୍ତ୍ତନ କରିବାର ତିନିଗୋଟି କାରଣ ନିର୍ଦ୍ଧାରଣ କରି କହନ୍ତି – 'ଲୋକକାହାଣୀର ସରଳ ଅଭିବ୍ୟକ୍ତି ଓ ପରିଚ୍ଛନ୍ନ ପରିସୀମା ଆଧୁନିକ ଗଳ୍ପକୁ ଭାବଗତ ଓ ଗଠନଗତ ଶୃଙ୍ଖଳା ପ୍ରଦାନକରେ । ଗଳ୍ପଟିର ଛାଞ୍ଚ ରୂପେ ଗଳ୍ପଟିକୁ ସଂଗଠନ ଓ ଶୃଙ୍ଖଳାର ସୂତ୍ରରେ ବାନ୍ଧିରଖେ । ଦ୍ୱିତୀୟତଃ, ଏହି କାହାଣୀଗୁଡ଼ିକ ସାଧାରଣ ମାନସରେ ପ୍ରତିଷ୍ଠିତ ହୋଇଥିବାରୁ ଗଳ୍ପଟିକୁ ବେଶ୍ ବୋଧଗମ୍ୟ କରିପାରେ ଓ ଏହାର ଗଠନ କ୍ଷେତ୍ରକୁ ବ୍ୟାପକ କରେ । ତୃତୀୟତଃ, ଲୋକକାହାଣୀକୁ ଉଜ୍ଜୀବିତ କରୁଥିବା ଆଦିମତା ଓ ପ୍ରାଣପ୍ରାଚୁର୍ଯ୍ୟ ଗଳ୍ପଟିକୁ ବେଶ୍ ଜୀବନ୍ତ ଓ ଚିତ୍ତାକର୍ଷକ କରି ଗଢ଼ିତୋଳେ ।(୪)

**ଲୋକକାହାଣୀକୁ ଉଜ୍ଜୀବିତ କରୁଥିବା ଆଦିମତା ଓ ପ୍ରାଣପ୍ରାଚୁର୍ଯ୍ୟ ଗଳ୍ପକୁ ଜୀବନ୍ତ ଓ ଚିତ୍ତାକର୍ଷକ କରି ଗଢ଼ିତୋଳେ ।**

ମୌଳିକ ଗଳ୍ପ ଓ ଅନୁବର୍ତ୍ତିତ ଗଳ୍ପ ମଧ୍ୟରେ ସାମାନ୍ୟତମ ପାର୍ଥକ୍ୟ ରହିଛି । ସାର୍ଥକ ସ୍ୱୀକରଣ ମାଧ୍ୟମରେ ପାର୍ଥକ୍ୟର ଏହି କ୍ଷୀଣରେଖାକୁ ପ୍ରତିଭାବାନ ସ୍ରଷ୍ଟା କୁଶଳତାର ସହିତ ଅତିକ୍ରମ କରେ । ତେବେ ଓଡ଼ିଆ ଗଳ୍ପରେ ପ୍ରାଚୀନ କାହାଣୀର ଅନୁବର୍ତ୍ତନ କଥା ବିଚାର କଲାବେଳେ ସର୍ବପ୍ରଥମେ ମନେପଡ଼ନ୍ତି ଗାଳ୍ପିକ ଚନ୍ଦ୍ରଶେଖର ନନ୍ଦ । ବୈଷ୍ଣବଚରଣ ସାମଲଙ୍କ ମତରେ – 'ଚନ୍ଦ୍ରଶେଖର ଆଦିପର୍ବରେ ଉପନିଷଦ ଓ ବୌଦ୍ଧଯୁଗର କାହାଣୀକୁ ନେଇ ପ୍ରଥମେ ଗଳ୍ପ ଲେଖିବା ସହିତ ଲୋକବିଶ୍ୱାସ ଓ ଲୋକଗଳ୍ପ ଆଧାରରେ ପ୍ରଥମେ ଗଳ୍ପ ଲେଖିଛନ୍ତି ।'(୫) 'ଛାନ୍ଦୋଗ୍ୟ ଉପନିଷଦ'ରେ ଥିବା ଏକ କାହାଣୀକୁ ଭିତ୍ତିକରି ତାଙ୍କର 'ସତ୍ୟକାମ ଜାବାଳ' ଗଳ୍ପ ଓ 'କଠୋପନିଷଦ' ଆଧାରରେ ସେ 'ନଚିକେତା' ଗଳ୍ପ ଲେଖିଛନ୍ତି । ମୂଳ ଉପନିଷଦୀୟ କାହାଣୀକୁ ନିଜସ୍ୱ ଭାଷା ଓ ଶୈଳୀରେ ଗାଳ୍ପିକ ପୁନର୍ଲିଖନ କରିଛନ୍ତି ମାତ୍ର । ପୁଣି ତାଙ୍କର 'ଆହତ ପକ୍ଷୀ' ନାମକ ଗଳ୍ପ ବୌଦ୍ଧଯୁଗୀୟ କାହାଣୀକୁ କେନ୍ଦ୍ରକରି ଲେଖାଯାଇଛି । ମାତ୍ର ଏହାକୁ ଅନୁବର୍ତ୍ତନ କୁହାଯିବ ନା ନାହିଁ ତାହା ଏକ ପ୍ରଶ୍ନବାଚୀ ନିଶ୍ଚୟ । ଦୀର୍ଘ ସମୟ ପରେ ଅର୍ଥାତ୍ ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଆ ଗାଳ୍ପିକମାନେ ଏହାକୁ ଗଳ୍ପ ରଚନାର ଅନ୍ୟ ଏକ ଆଙ୍ଗିକ ଭାବରେ ସ୍ୱୀୟ ରଚନାରେ ପ୍ରୟୋଗ କରିଛନ୍ତି । ଗାଳ୍ପିକ ମହାପାତ୍ର ନୀଳମଣି ସାହୁ ସମ୍ଭବତଃ ଏ କ୍ଷେତ୍ରରେ ପ୍ରଥମ । ୧୯୬୩-୬୪ ମସିହାରେ 'ଝଙ୍କାର' ପତ୍ରିକାରେ ତାଙ୍କର 'ସମୁଦ୍ର, ନୀଳକୁଣ୍ଡ ଓ ନୀଳବର୍ଣ୍ଣର ଶୃଗାଳ ଉପାଖ୍ୟାନ' ଗଳ୍ପଟି ପ୍ରକାଶ ପାଇଥିଲା । ପରେ ୧୯୭୬ ମସିହାରେ ମନୋଜ ଦାସଙ୍କ ଲେଖନୀରୁ 'ଝଙ୍କାର' ପୂଜାସଂଖ୍ୟାରେ 'ପ୍ରାପ୍ତ ବୟସ୍କର ପଞ୍ଚତନ୍ତ୍ର' ଶୀର୍ଷକରେ ଏ ଧରଣର ତିନିଗୋଟି ଗଳ୍ପ ପ୍ରକାଶ ପାଇଲା । ଠିକ୍ ସେହିପରି ୧୯୭୮ ମସିହାରେ 'ଝଙ୍କାର' ପତ୍ରିକାରେ ନିମାଇଁ ଚରଣ ପଟ୍ଟନାୟକଙ୍କ 'ଗଙ୍ଗଦତ୍ତ ଉପାଖ୍ୟାନ', 'ଅନ୍ୟ ପିଙ୍ଗଳକ ଅନ୍ୟ ସଂଜୀବକ', 'ଅଶ୍ୱତ୍ଥ ତରୁରେ ଝଡ଼' ଓ 'ଅକାଳ ଚଟ୍ଟକ' ଶୀର୍ଷକରେ ଚାରିଗୋଟି ଗଳ୍ପ ପ୍ରକାଶ ପାଇଲା । ପୁନଶ୍ଚ ଗାଳ୍ପିକ କଇଳାଶ ପଟ୍ଟନାୟକ ୧୯୮୮ରୁ ୧୯୯୩ ମସିହା ମଧ୍ୟରେ ପଞ୍ଚତନ୍ତ୍ର ଆଧାରିତ ପ୍ରାୟ ଦଶରୁ ଊର୍ଦ୍ଧ୍ୱ ଗଳ୍ପ ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ କରିଥିଲେ । ସେ ଗଳ୍ପଗୁଡ଼ିକ ହେଉଛି – 'ମାତୁଳ ରହସ୍ୟ', 'ବ୍ୟାଘ୍ର ଚର୍ମାବୃତ୍ତ ଗର୍ଦ୍ଦଭ କଥା', 'ବ୍ରାହ୍ମଣ ଓ ଚାରିଶଠ କଥା', 'ବାନର ମକର କଥା', 'ସିଂହ ଓ ଶଶକ କଥା', 'ଧର୍ମବୁଦ୍ଧି ପାପବୁଦ୍ଧି କଥା', 'ନୀଳବର୍ଣ୍ଣ ଶୃଗାଳ କଥା' ଇତ୍ୟାଦି ।(୬) ଏହିପରି ନିଜ ଗଳ୍ପଗୁଡ଼ିକରେ ପ୍ରାଚୀନ କାହାଣୀର ଅନୁବର୍ତ୍ତନ କରିଥିବା ଓଡ଼ିଆ ସାହିତ୍ୟର କେତେଜଣ ପ୍ରମୁଖ ଗାଳ୍ପିକଙ୍କ ବିଷୟରେ ନିମ୍ନରେ ଆଲୋଚନା କରାଗଲା ।

**ଆଦ୍ୟ ରଥୀ**

ଓଡ଼ିଆ ସାହିତ୍ୟରେ ସଚେତନ ଭାବରେ ପ୍ରାଚୀନ କାହାଣୀକୁ ଅନୁବର୍ତ୍ତନ କରି ଗଳ୍ପ ଲେଖିବାରେ ମହାପାତ୍ର ନୀଳମଣି ସାହୁ ପ୍ରଥମ । ଏକ ସାକ୍ଷାତକାରରେ ସେ କହନ୍ତି – 'ମୁଁ ପ୍ରଥମକରି ପଞ୍ଚତନ୍ତ୍ରକୁ ଓଡ଼ିଆ ଗଳ୍ପରେ ସ୍ଥାନ ଦେଇଛି । ମୋ' ପୂର୍ବରୁ କୌଣସି ଗାଳ୍ପିକ ଏଭଳି ଚେଷ୍ଟା କରିନାହାନ୍ତି । ଏ କ୍ଷେତ୍ରରେ ମୁଁ କେତେଦୂର ସଫଳ କି ବିଫଳ ତାହା ସାହିତ୍ୟିକମାନେ ବିଚାର କରିବେ ।' (୭) ଗାଳ୍ପିକଙ୍କ ଅନୁବର୍ତ୍ତନଧର୍ମୀ ଗଳ୍ପମାନଙ୍କ ମଧ୍ୟରେ ରହିଛି – 'ସମୁଦ୍ର, ନୀଳକୁଣ୍ଡ ଓ ନୀଳବର୍ଣ୍ଣର ଶୃଗାଳ ଉପାଖ୍ୟାନ', 'ଚାରିଶଠ

କଥା', 'ଚଷାଝିଅ ଓ ରଜାପୁଅ କଥା', 'ଗୋଟିଏ ମର୍କଟର ଆତ୍ମକାହାଣୀ' ଇତ୍ୟାଦି ।

ଗୁଣାତ୍ମକ ଦୃଷ୍ଟିରୁ ଏବଂ ପରିମାଣାତ୍ମକ ଦୃଷ୍ଟିରୁ ଗାଳ୍ପିକ ମନୋଜ ଦାସ ପ୍ରାଚୀନ କାହାଣୀକୁ ଅନୁବର୍ତ୍ତନ କରିବାରେ ସବୁଠୁ ସଫଳ ଗାଳ୍ପିକ । ତେଣୁ ତାଙ୍କୁ ଓଡ଼ିଆ ସାହିତ୍ୟର ଆଧୁନିକ ବିଷ୍ଣୁଶର୍ମା କୁହାଯାଏ । ମନୋଜ ଦାସଙ୍କ ଲୋକକାହାଣୀର ଅନୁବର୍ତ୍ତନକୁ ନେଇ ଆଲୋଚକ ଗୁରୁଚରଣ ବେହେରାଙ୍କ ମତ ପ୍ରଣିଧାନଯୋଗ୍ୟ । ସେ ଏହାକୁ ତିନି ଶ୍ରେଣୀରେ ବିଭକ୍ତ କରି କହନ୍ତି – 'ପ୍ରଥମ ଶ୍ରେଣୀର ଗଳ୍ପରେ ଲୋକକାହାଣୀର ଉପାଦାନ ଥାଏ, କିନ୍ତୁ କଳେବର ଆଧୁନିକ ଗଳ୍ପର । 'ଅପହୃତ ଟୋପିର ରହସ୍ୟ', 'ଶଶକର ମନସ୍ତତ୍ତ୍ୱ', 'ମନୁଷ୍ୟ ମର୍କଟ ସମ୍ବାଦ', 'ବାଘ', 'ବିହଙ୍ଗ', 'ବିଲେଇ', 'ଭୂତୁଣୀ ଏକ ବିଦାୟ'ର ପଶୁ, ପକ୍ଷୀ, ଭୂତ ଏକ ଏକ ସାଂକେତିକ ଚିତ୍ର ଅଟନ୍ତି । ତାଙ୍କର ଦ୍ୱିତୀୟ ପ୍ରକାର ଗଳ୍ପର କଥନଭଙ୍ଗୀ, ବର୍ଣ୍ଣନା, ଶୈଳୀ, ଚରିତ୍ର, ଉପସ୍ଥାପନା ଓ ଘଟଣାବିନ୍ୟାସ ଲୋକକାହାଣୀ ପରି । ଅବାସ୍ତବତା, ଅତିରଞ୍ଜନ, ଅଲୌକିକତା, ଅତିପ୍ରାକୃତିକତା, ଅତିଭୌତିକତାରେ ପୂର୍ଣ୍ଣ ଏହି ଗଳ୍ପଗୁଡ଼ିକ ଲୋକକାହାଣୀର ଭ୍ରମ ସୃଷ୍ଟି କରନ୍ତି । 'ସାତଜଣ ପ୍ରବୀଣ', 'ଛାତ୍ରୀ ଓ ପ୍ରଭାତ', 'ସେମାନଙ୍କ ସମ୍ପର୍କରେ ଶେଷ ଖବର', 'ଲୁଜୁର୍ଭା ପର୍ବତରେ ଏକ ଦ୍ୱିପ୍ରହର' ରୂପକଥାର ରୂପ ଓ ଶୈଳୀ ନେଇ ଲିଖିତ । ତାଙ୍କର ତୃତୀୟ ଶ୍ରେଣୀର ଗଳ୍ପଗୁଡ଼ିକ ପ୍ରତିଷ୍ଠିତ ଲୋକକାହାଣୀର ଆଧୁନିକ ଅର୍ଥକରଣ । 'ନିର୍ବୋଧ ଭୃତ୍ୟ', 'ବୟସ୍କମାନଙ୍କ ପାଇଁ ପଞ୍ଚତନ୍ତ୍ର ୧, ୨ ଓ ୩'ରେ ସେ କେତୋଟି ଲୋକକାହାଣୀ ପରିସୀମାକୁ ଅପରିବର୍ତ୍ତିତ ରଖି ଭିତରେ ଗଳ୍ପାଂଶକୁ ସାମାନ୍ୟ ପରିବର୍ତ୍ତନ, ପରିବର୍ଦ୍ଧନ କରିଛନ୍ତି । ଆଧୁନିକ ଜୀବନ ଓ ଘଟଣାର ଛାୟାରେ ପଞ୍ଚତନ୍ତ୍ରର ଗଳ୍ପଗୁଡ଼ିକୁ ନୂଆରୂପ ଓ ଅର୍ଥ ପ୍ରଦାନ କରିଛନ୍ତି ।(୮)



ଏହାବ୍ୟତୀତ ତାଙ୍କର 'ଅବୋଲକରା କାହାଣୀ' ସଂକଳନର ସମସ୍ତ ଗଳ୍ପ, 'ଆବୁପୁରୁଷ ଓ ଅନ୍ୟାନ୍ୟ କାହାଣୀ'ର 'ରାଜକନ୍ୟା', 'ମନୋଜ ପଞ୍ଚବିଂଶତି'ର 'କଳ୍ପବଟ' ଓ 'ବାକ୍‌ପଟୁହଂସ', 'ଲକ୍ଷ୍ମୀର ଅଭିସାର'ର, 'କିମ୍ଭୀରିଣୀ', 'ବାଘାରୋହଣ', 'କନ୍ୟାୟନ', 'କିମ୍ବଦନ୍ତୀର ଉପସଂହାର', 'ଭୂତୁଣୀ ଏକ ବିଦାୟ' ଆଦି ଅନେକ ଗଳ୍ପ ଏ ଶ୍ରେଣୀର । ପ୍ରାଚୀନ ଭିତରେ ନୂତନତାର ପ୍ରଲେପ ଦେଇ ଲେଖିଥିବା ଏ ଗଳ୍ପସମୂହ ପାଠକଲେ ଲାଗିବ ସତେ ଯେପରି ପାଠକ ଏକ ମୌଳିକ ଗଳ୍ପ ପଠନ କରୁଛି ।

ପ୍ରାଚୀନ ଭାରତୀୟ ସାହିତ୍ୟ ଓ ସଂସ୍କୃତିର ରୂପାୟଣ ଗାଳ୍ପିକ ଅଚ୍ୟୁତାନନ୍ଦ ପତିଙ୍କ ଗଳ୍ପଗୁଡ଼ିକର ଏକ ପ୍ରମୁଖ ଦିଗ । ସମୃଦ୍ଧ ପ୍ରାଚୀନ ଭାରତୀୟ ସାହିତ୍ୟକୁ ଗଭୀର ମନଯୋଗ ସହକାରେ ଅଧ୍ୟୟନକରି, ତା'ର ନିଷ୍କର୍ଷକୁ ଅନୁବର୍ତ୍ତନ ମାଧ୍ୟମରେ ନୂତନ ଗଳ୍ପରୂପ ଦେବାରେ ସେ ସିଦ୍ଧହସ୍ତ । ଏଥିପାଇଁ ଉଭୟ କଥିତ ଓ ଲିଖିତ ସାହିତ୍ୟକୁ ସେ ମୂଳଉତ୍ସ ଭାବରେ ଗ୍ରହଣ କରିଥିବାର ଦେଖାଯାଏ । ଓଡ଼ିଆ ଲୋକକାହାଣୀକୁ ଆଧାରକରି ସେ ଲେଖିଛନ୍ତି ଅନେକ ଗଳ୍ପ । ଯଥା: 'ହଳଦୀପାଣି', 'ମାମୁଘର କଟୁରୀ କଥା', 'ଅଗନା ଅଗନି ବନସ୍ତ', 'ଟୁଆଁଟିଏ ଟୁଇଁଟିଏ', 'ଅବୋଲକରାର ଅନୁଚିନ୍ତା', 'ନୃପତି' ଆଦି । କିଛି ଗଳ୍ପରେ ଲୋକକାହାଣୀର ପ୍ରଭାବ ଆଂଶିକ ଥିବାବେଳେ କିଛିରେ ବେଶି ରହିଛି । ଆଉ କିଛି ଗଳ୍ପରେ ଚରିତ୍ର ବା କାହାଣୀର ନାମମାତ୍ର ଗ୍ରହଣ କରାଯାଇଅଛି । ପୁନଶ୍ଚ ପ୍ରାଚୀନ କାବ୍ୟ-କବିତା, ପୁରାଣ ତଥା କଥାଗ୍ରନ୍ଥାଦିରୁ ଉପାଦାନ ସଂଗ୍ରହକରି ଗାଳ୍ପିକ 'ଊନବିଂଶ ପର୍ବ', 'ଶ୍ୱେତ ମାତଙ୍ଗ' ଓ 'ମାର୍କଣ୍ଡସା ଉପାଖ୍ୟାନ', 'ପଞ୍ଚତନ୍ତ୍ରର ପରକଥା', 'ମୌନାବତୀର ଯାନ' ଆଦି ଗଳ୍ପ ରଚନା କରିଛନ୍ତି। ଯଥା: ମହାଭାରତର ଅଷ୍ଟାଦଶ ପର୍ବ ପରେ ସୁପରିକଳ୍ପିତ ଊନବିଂଶ ପର୍ବର କାଳ୍ପନିକ କଥା 'ଊନବିଂଶ ପର୍ବ' ଗଳ୍ପର କଥାବସ୍ତୁ ।

**ପରୀକ୍ଷାଧର୍ମୀ ଗଳ୍ପ**

ଗାଳ୍ପିକ ଉତ୍ତମ କୁମାର ପ୍ରଧାନଙ୍କ ଛଅଗୋଟି ଗଳ୍ପ

ସଂକଳନରେ ରହିଛି ଷାଠିଏରୁ ଊର୍ଦ୍ଧ୍ୱ ପରୀକ୍ଷାଧର୍ମୀ ଗଳ୍ପ । ଏଗୁଡ଼ିକ ମଧ୍ୟରେ ପ୍ରାଚୀନ କାହାଣୀ ଅନୁବର୍ତ୍ତନରେ ରଚିତ ଗଳ୍ପଗୁଡ଼ିକ ହେଉଛି, 'ବୁଢ଼ିଆଣୀ ଓ ବୃଦ୍ଧ ପ୍ରଜାପତି', 'ଶେଷ ପୁତ୍ତଳିକାର କାହାଣୀ', 'ଗୋଟିଏ ହତ୍ୟାକାଣ୍ଡର ବିବରଣୀ', 'ବାଘ ବାଘୁଣୀର କାହାଣୀ' ଇତ୍ୟାଦି । ପ୍ରାଚୀନ କାହାଣୀର ଆଙ୍ଗିକରେ ଗଳ୍ପ ଲେଖିବାକୁ ପସନ୍ଦ କରୁଥିବା ଅନ୍ୟଜଣେ ପ୍ରତିନିଧିସ୍ଥାନୀୟ ଗାଳ୍ପିକ ହେଉଛନ୍ତି ହୃଷିକେଶ ପଣ୍ଡା । ପ୍ରାଚୀନ କାହାଣୀର ଅନୁବର୍ତ୍ତନରେ ସେ ଲେଖିଯାଇଛନ୍ତି, 'ପଣ୍ଡିତେ ଓ ଅବୋଲକରା କଥା', 'ଏକ ଦାର୍ଶନିକ ହାତୀ କଥା', 'ରାଣୀ ଓ ଡାହାଣୀ କଥା', 'ସିସିଫସ ଓ ବୋଣ୍ଡା', 'ରାଜାଙ୍କର ସ୍ୱପ୍ନ', 'ଦୟା', 'ସିଂହ ଶାବକ ଖାଦତି ଇତି ଅପବାଦ', 'ଶିଆଳ ଓ କୋକିଶିଆଳ କଥା', 'ଗୌଡ଼ଟୋକା ଓ ବୁଢ଼ୀ ଅସୁରୁଣୀ କଥା', 'ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି' ଆଦି ଅନେକ ଗଳ୍ପ ।

ଗାଳ୍ପିକା ଲତା ମହାନ୍ତିଙ୍କ 'କଲୁରୀ ବେଣ୍ଟ ଓ ଅନ୍ୟାନ୍ୟ କଥା ଉପକଥା' ସଂକଳନଟି ଏକ ଭିନ୍ନ ଧରଣର ଗଳ୍ପଗ୍ରନ୍ଥ । ଏହାକୁ ସେ 'ପଞ୍ଚତନ୍ତ୍ର'ର ସମସ୍ତ ମୂଲ୍ୟବୋଧରେ ବିଶ୍ୱାସ କରୁଥିବା ବ୍ୟକ୍ତିବିଶେଷଙ୍କୁ ଉତ୍ସର୍ଗ କରିଛନ୍ତି । ଏଥିରେ ସର୍ବମୋଟ ୫୭ଟି ଗଳ୍ପ ରହିଛି । ପ୍ରାୟ ସବୁ ଗପ ଦୁଇପୃଷ୍ଠା ମଧ୍ୟରେ ସୀମିତ । ଅଧିକାଂଶ ଗଳ୍ପର ମୂଳଉତ୍ସ ହେଉଛି, ଆମ ପ୍ରାଚୀନ କଥାଗ୍ରନ୍ଥ, ଲୋକକଥା, ପୁରାଣ କିମ୍ବା ଇତିହାସ । ଲୋକପ୍ରିୟ ପ୍ରସିଦ୍ଧ କାହାଣୀଗୁଡ଼ିକୁ ଭିନ୍ନ ମୋଡ଼ ଦେଇ ଦୃଷ୍ଟିଭଙ୍ଗୀରେ ସ୍ୱାତନ୍ତ୍ର୍ୟ ଆଣି ଗାଳ୍ପିକା ନିଜର ବୁଦ୍ଧିମତ୍ତା ଦେଖାଇଛନ୍ତି । ଚତୁରତାର ସହ ପ୍ରାଚୀନ କାହାଣୀର କଥାବସ୍ତୁ ଭିତରକୁ ଆଧୁନିକ ମଣିଷ ଅବିନାଶ ଓ ରତିକାନ୍ତ ଚରିତ୍ରକୁ ଯୋଡ଼ି ଦେଇଛନ୍ତି । ଏ ଦୁହେଁ ତାଙ୍କ ଅଧିକାଂଶ ଗଳ୍ପର ଚରିତ୍ର ଅଟନ୍ତି । ଏମାନେ ଗଳ୍ପପ୍ରିୟ । କେଉଁଠି ଗଳ୍ପ କହୁଛନ୍ତି ତ କେଉଁଠି ଶୁଣୁଛନ୍ତି, ଆଉ କେଉଁଠି ପଶିଯାଉଛନ୍ତି ଗଳ୍ପ ଭିତରକୁ ।

କଟକର ଆର୍ଯ୍ୟ ପ୍ରକାଶନ ୧୯୯୬ ମସିହାରେ 'ଗଧ ଉପାଖ୍ୟାନ' ଶୀର୍ଷକରେ କଥାକାର ସୂର୍ଯ୍ୟମଣି ତ୍ରିପାଠୀଙ୍କ ଏକ ଗଳ୍ପ ସଂକଳନ ପ୍ରକାଶ କରିଥିଲା । ଏଥିରେ ସର୍ବମୋଟ ନଅଟି ଗଳ୍ପ ରହିଛି । ଯଥା: 'ଗଧ ଉପାଖ୍ୟାନ', 'ବିଡ଼ାଳ ଉପାଖ୍ୟାନ', 'ବ୍ରହ୍ମ ରାକ୍ଷସ ଉପାଖ୍ୟାନ', 'ମଶାଣି ଉପାଖ୍ୟାନ' ଓ 'କୀର୍ତ୍ତନ ଉପାଖ୍ୟାନ' ପ୍ରଭୃତି । ଏଥିରେ ଥିବା ଅନେକ ଗଳ୍ପ କୌଣସି ଲୋକକାହାଣୀ ବା ଶୁଣାକଥା ଆଧାରରେ ଲେଖାଯାଇଅଛି । ଢାଞ୍ଚା ବା ଉପସ୍ଥାପନ ଶୈଳୀ ମଧ୍ୟ ଲୋକକାହାଣୀ ଭଳି । 'ଭୂତ ଉପାଖ୍ୟାନ'ର ଆରମ୍ଭକୁ ଦେଖାଯାଉ – 'ଗୋଟିଏ ଗାଁରେ ଜଣେ ମହାଜନ ଥିଲା । ସେ ଯେମିତି ରାଗୀ, ସେମିତି କାମୀ । ଦାୟରେ ପଡ଼ି ତାଙ୍କଠାରୁ କେହି ଟଙ୍କା ଧାର୍ ନେଲେ ତା' ଅବସ୍ଥା ସରିଲା ।' (୯)

**ପ୍ରାଚ୍ୟ ଓ ପାଶ୍ଚାତ୍ୟର ସମ୍ମିଶ୍ରଣ**


ସମକାଳୀନ ଓଡ଼ିଆ ଗଳ୍ପସାହିତ୍ୟ କ୍ଷେତ୍ରରେ କଇଲାଶ ପଟ୍ଟନାୟକ ଏକ ଜଣାଶୁଣା ନାମ । ଗଳ୍ପ ରଚନାରେ ସେ ଯେତେ ଆଧୁନିକ, ସେତେ ପ୍ରାଚୀନପ୍ରିୟ । ତେଣୁ ତାଙ୍କ ରଚନାରେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସମ୍ମିଶ୍ରଣ ଦେଖିବାକୁ ମିଳେ । ଏହି ବୈଶିଷ୍ଟ୍ୟ ତାଙ୍କ ଗଳ୍ପର ଉଭୟ ଆଙ୍ଗିକ ଓ ଆତ୍ମିକ ନିର୍ମାଣରେ ପରିଲକ୍ଷ୍ୟ । ପ୍ରାଚୀନ କାହାଣୀର ଅନୁବର୍ତ୍ତନରେ ଗଳ୍ପ ରଚନା କରିବାରେ ପରିମାଣ ଦୃଷ୍ଟିରୁ ମନୋଜ ଦାସଙ୍କ ପରେ ଗାଳ୍ପିକ କଇଲାଶ ପଟ୍ଟନାୟକ ଦ୍ୱିତୀୟ ସଫଳ ଗଳ୍ପସ୍ରଷ୍ଟା । ତାଙ୍କର ପ୍ରତ୍ୟେକ ସଂକଳନରେ ଏ ଧରଣର ଗଳ୍ପ ଚାକ୍ଷୁସ କରାଯାଇଥାଏ । ପ୍ରସିଦ୍ଧ ଲୋକକାହାଣୀ ଚରିତ୍ର ଅବୋଲକରାକୁ ନେଇ ଗାଳ୍ପିକ ଗଢ଼ିଛନ୍ତି 'ଶୁଣ ଅବୋଲକରା' ଗଳ୍ପ ସଂକଳନ । ଏଥିରେ ଥିବା ପନ୍ଦରଗୋଟି ଗଳ୍ପ ଲୋକକାହାଣୀଧର୍ମୀ । ଇଶପଙ୍କ ଫେବୁଲ୍ସଗୁଡ଼ିକର ଭାବାନୁବାଦ କରି ଗାଳ୍ପିକ ଶହେଗୋଟି ଗଳ୍ପର ସଂକଳନ କରିଛନ୍ତି ତାଙ୍କର 'ଇଶପର ଇନ୍ଦ୍ରଜାଲ' ଗଳ୍ପ ସଂକଳନରେ । 'ମାୟାମଣ୍ଡଳ' ଗଳ୍ପ ସଂକଳନର କୋଡ଼ିଏରୁ ଊର୍ଦ୍ଧ୍ୱ ଗଳ୍ପ, 'ବିନୋଦ ଦ୍ୱାଦଶ' ସଂକଳନର ବାରଗୋଟି ଗଳ୍ପ, 'ସତ ଏକଶତ' ସଂକଳନର 'ଅନ୍ଧାରିବିଜେ', 'କୂପମଣ୍ଡୁକ', 'ନୀଳବର୍ଣ୍ଣ ରାଜା', 'ଶୁଆସାରୀ କାହାଣୀ', 'ସ୍ୱୟମ୍ବର' ଆଦି ଗଳ୍ପଗୁଡ଼ିକ ଅନୁବର୍ତ୍ତନଧର୍ମୀ ଗଳ୍ପ ପର୍ଯ୍ୟାୟର ।

**କଇଲାଶ ପଟ୍ଟନାୟକଙ୍କ ଗଳ୍ପ ରଚନାରେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସମ୍ମିଶ୍ରଣ ଦେଖିବାକୁ ମିଳେ ।**

ଗଳ୍ପର ଆଙ୍ଗିକ ଓ ଆତ୍ମିକରେ ପରୀକ୍ଷାନିରୀକ୍ଷା କରୁଥିବା ଓଡ଼ିଆ ଗାଳ୍ପିକମାନଙ୍କ ମଧ୍ୟରେ ସତ୍ୟପ୍ରିୟ ମହାଳିକ ଜଣେ ଧୂରୀଣ ସ୍ରଷ୍ଟା । ଏହି ପରୀକ୍ଷା ମଧ୍ୟରେ ପ୍ରାଚୀନ ଗଳ୍ପର ଛାୟାରେ ଗଳ୍ପ ଲେଖିବା ତାଙ୍କର ଅନ୍ୟ ଏକ ପ୍ରୟୋଗାତ୍ମକ କୌଶଳ ।

'ଗୋକର୍ଣ୍ଣିକା' ପତ୍ରିକାରେ ୧୯୮୭ ମସିହା ଅଗଷ୍ଟ ମାସରେ 'ଚାରିସଙ୍ଗାତ କଥା' ଗଳ୍ପ ପ୍ରକାଶ ପାଇବା ପରେ ଏହା ଖୁବ୍ ଜନାଦୃତ ଲଭିଥିଲା । ତେଣୁ ଏ ଧରଣର ତାଙ୍କର ଅନେକ ଗଳ୍ପ ଯଥା: 'ରାଜତନ୍ତ୍ର', 'କଉଣସି ଲୋକକଥାର ଜଣେ ରାଜା', 'ମୁଖାବ୍ୟାଘ୍ର', 'ବୃତ୍ତି', 'ସିଂହାସନ କଥା', 'ଘାତକ' ଆଦି ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଥିଲା । ପରେ ଏସବୁ ଗଳ୍ପ ତାଙ୍କର 'କଥାତନ୍ତ୍ର' ସଂକଳନରେ ସଂକଳିତ ହୋଇଥିଲା ।

ଠିକ୍ ସେହିପରି ଗାଳ୍ପିକ ସୁରେନ୍ଦ୍ର ମହାନ୍ତିଙ୍କ 'ସାରିପୁତ୍ତ', 'ଅମ୍ବାପଲ୍ଲୀ', 'ମଧୁମତ୍ତାର ରାତ୍ରି', 'ଯାଯାବର ଓ ଜାୟା' ଏବଂ 'ପିତା ଓ ପୁତ୍ର' ଆଦି ଗଳ୍ପ ବୌଦ୍ଧଯୁଗୀୟ କାହାଣୀକୁ ଭିତ୍ତିକରି ରଚିତ । ରତ୍ନାକର ଚଇନିଙ୍କ 'କଥା ରତ୍ନାକର' ଗଳ୍ପ ସଂକଳନରେ ପୁରାଣର କଥାବସ୍ତୁ ଓ ଚରିତ୍ରଙ୍କୁ କେନ୍ଦ୍ରକରି ଲେଖାଯାଇଥିବା କିଛି ଗଳ୍ପ ସ୍ଥାନିତ, ଯଥା: 'ତୁମେ କୃଷ୍ଣ', 'ଜଳିଜଳି ଜୟଦ୍ରଥ', 'ଦଧିଚି', 'ଶରଶଯ୍ୟା', 'ଇନ୍ଦ୍ରଦ୍ୟୁମ୍ନର ଆତ୍ମକଥା' ଇତ୍ୟାଦି । ତାଙ୍କର କେତେକ ଗଳ୍ପରେ କେବଳ ପୌରାଣିକ ଚରିତ୍ରର ନାମମାତ୍ର ଶୀର୍ଷଗରେ ବ୍ୟବହାର କରାଯାଇଛି । ଏହାବ୍ୟତୀତ ଗାଳ୍ପିକ ପ୍ରଦୀପ ଦାଶଙ୍କ 'ସସେମିରା' ଗଳ୍ପ ସଂକଳନର କିଛି କିଛି ଗଳ୍ପର ଶୀର୍ଷକ, ଉପସ୍ଥାପନ ଶୈଳୀ ତଥା ଗଳ୍ପ ମଧ୍ୟସ୍ଥ ପ୍ରସଙ୍ଗ ଭିତରେ ପାଠକ ପ୍ରାଚୀନ କାହାଣୀର ଛାୟାକୁ ଅନୁଭବ କରିପାରେ । ଗାଳ୍ପିକ ଭୁବନେଶ୍ୱର ବେହେରାଙ୍କ 'ଗଙ୍ଗଦତ୍ତର ପ୍ରତ୍ୟାବର୍ତ୍ତନ' ଏ ଧରଣର ଅନ୍ୟ ଏକ ଗଳ୍ପ ।




**ଅବୋଲକରା ଡାଆଁର କାହାଣୀ**

ବିଶିଷ୍ଟ ସ୍ତମ୍ଭକାର, ସାହିତ୍ୟିକ ସ୍ୱରାଜ ମିଶ୍ର ଲୋକପ୍ରିୟ ପତ୍ରିକା ପୌରୁଷ ପାଇଁ ୨୦୧୫ରୁ ୨୦୧୭ ମଧ୍ୟରେ ବିଭିନ୍ନ ବିଷୟକ କୌତୁହଳୋଦ୍ଦୀପକ ତଥ୍ୟଗୁଡ଼ିକୁ ରୋଚକ ଶୈଳୀରେ ଅବୋଲକରା ଡାଆଁରେ ୨୬ଗୋଟି କାହାଣୀ ଲେଖନ୍ତି ଏବଂ ଏହା ଏକତ୍ର ୨୦୧୯ ମସିହାରେ 'ନୂଆ ଅବୋଲକରା କାହାଣୀ' ଶୀର୍ଷକରେ ପୁସ୍ତକାକାରରେ ପ୍ରକାଶ ପାଏ । ଏହା ଏତେ ଲୋକପ୍ରିୟ ହୁଏ ଯେ 'ପୌରୁଷ'ରେ ପୁଣି ୨୦୨୧ ମସିହାରୁ ଲେଖକ ଧାରାବାହିକ ଭାବରେ ଏହି ଲେଖା ଆରମ୍ଭ କରନ୍ତି 'ପୁନଶ୍ଚ ଅବୋଲକରା' ଶୀର୍ଷକରେ ଏବଂ ୨୦୨୩ ମସିହାରେ ପୁସ୍ତକାକାରରେ ପ୍ରକାଶ ପାଏ । ଏଥିରେ ରହିଛି ୨୩ ଗୋଟି କାହାଣୀ । ମୁଖବନ୍ଧରେ ଏପରି ଏକ ସଂକଳନର ଉଦ୍ଦେଶ୍ୟ ସଂପର୍କରେ ଲେଖକ କହନ୍ତି – 'ଗପ ପରି ଲାଗୁଥିଲେ ହେଁ, ଏଗୁଡ଼ିକ ଆଦୌ ମନଗଢ଼ା କାହାଣୀ ନୁହେଁ । XXX ମୋଟାମୋଟି ମୂଳ ଉଦ୍ଦେଶ୍ୟ ହେଲା, ରୋଚକ ଭଙ୍ଗୀରେ କାହାଣୀର ସ୍ପର୍ଶଦେଇ ପ୍ରାମାଣିକ ତଥ୍ୟଗୁଡ଼ିକୁ ପାଠକଙ୍କ ସାମ୍ନାରେ ଥୋଇବା ।' (୧୦) ସ୍ୱରାଜ ମିଶ୍ରଙ୍କ ଏ ଉଭୟ ସଂକଳନ ଅନୁବର୍ତ୍ତନଧର୍ମୀ ଓଡ଼ିଆ ଗଳ୍ପ ରଚନା ଧାରାରେ ଏକ ବଳିଷ୍ଠ ସଂଯୋଗ ।

ସଂପ୍ରତି ପ୍ରାଚୀନ କାହାଣୀର ଅବଲମ୍ବନରେ ରଚିତ ଓଡ଼ିଆ ଗଳ୍ପର ଆଦୃତି ଅନସ୍ୱୀକାର୍ଯ୍ୟ । ଅତୀତକୁ ଭଲପାଉଥିବା 'ଉତ୍ତର ଆଧୁନିକତା' ଏଭଳି ଗଳ୍ପକୁ ଲେଖକର ଏକ ବିଶିଷ୍ଟ ଶୈଳୀ ଭାବରେ ଗୁରୁତ୍ୱ ଦେଇଛି । 'ପଞ୍ଚତନ୍ତ୍ର', 'କଥାସରିତ ସାଗର' ଆଦି ଯେମିତି ପାଠକଙ୍କୁ ଆଚ୍ଛନ୍ନକରି ରଖୁଥିଲା, ତା'ର ଅନୁବର୍ତ୍ତନରେ ରଚିତ ଏହି ଧରଣର ଗଳ୍ପ ମଧ୍ୟ ପାଇଛି ଏତାଦୃଶ ପ୍ରତୁଳ ପାଠକୀୟ ଶ୍ରଦ୍ଧା । କୁହାଯାଇପାରେ, ପ୍ରାଚୀନ କାହାଣୀ ଆଧୁନିକ କ୍ଷୁଦ୍ରଗଳ୍ପକୁ ପ୍ରଭାବିତ ଓ ପରିପୁଷ୍ଟ କରିଛି । ତଥାପି ଓଡ଼ିଆ ଗଳ୍ପର ଏ ଅଧ୍ୟାୟ ଅଦ୍ୟାବଧି ଚର୍ଚ୍ଚା ଦୃଷ୍ଟିରୁ ଅବହେଳିତ । ଏହାସତ୍ତ୍ୱେ ଆଶ୍ୱାସନାର ବିଷୟ ଯେ, ସ୍ୱାଧୀନତା ପରବର୍ତ୍ତୀ ଗାଳ୍ପିକମାନଙ୍କ ପାଇଁ ଅନୁବର୍ତ୍ତନ ଶୈଳୀ ଏକ ବିଶିଷ୍ଟ ଆଙ୍ଗିକ ଭାବରେ ଉଭାହୋଇ ଲୋକପ୍ରିୟତା ହାସଲ କରିଛି ।

**ପ୍ରାନ୍ତଟୀକା:**

୧. ପାଣ୍ଡବ, ଡ. ଶତ୍ରୁଘ୍ନ, 'କଥାଶିଳ୍ପୀ ମନୋଜ ଦାସ', ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ, ପ୍ରଥମ

ସଂସ୍କରଣ ୧୯୯୪, ପୃ-୭୭ ।

୨. ପରିଡ଼ା, ଡ. ପ୍ରକାଶ କୁମାର, 'ଗଳ୍ପ ବିଚାର ବିମର୍ଶ', ବିଶ୍ୱ ବୁକ୍ସ, ବାଲୁବଜାର, କଟକ, ୭୫୩୦୦୨, ପ୍ରଥମ ପ୍ରକାଶ-୨୦୦୪, ପୃ-୮ ।

୩. ପରିଡ଼ା, ଡ. ପ୍ରକାଶ କୁମାର 'କଥାତତ୍ତ୍ୱ: କଥାରୂପ', ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, ଅରୁଣୋଦୟ ମାର୍କେଟ, କଟକ-୧୨, ଦ୍ୱିତୀୟ ସଂସ୍କରଣ ୨୦୦୫, ପୃ-୪୯-୫୦ ।

୪. କର, ପ୍ର. ବାଉରୀବନ୍ଧୁ (ସଂ), 'ସାହିତ୍ୟ ସାଧକ ମନୋଜ ଦାସ', ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦ ବିହାରୀ, କଟକ-୭୫୩୦୦୨, ପ୍ରଥମ ସଂସ୍କରଣ ୨୦୦୬, ପୃ-୩୯ ।

୫. ସାମଲ, ବୈଷ୍ଣବ ଚରଣ (ସଂ), 'ଚନ୍ଦ୍ରଶେଖର ନନ୍ଦ ଗଳ୍ପ ସମଗ୍ର', ମୁଖବନ୍ଧ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ୧ମ ସଂସ୍କରଣ ୨୦୨୧, ପୃ-୧୫ ।

୬. ପିଏଚଡି ଥେସିସ୍, 'ଓଡ଼ିଆ ଗଳ୍ପରେ ପ୍ରାଚୀନ କାହାଣୀର ଛାୟା', ସୁରେନ୍ଦ୍ର କୁମାର ବେହେରା, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ, ପଶ୍ଚିମବଙ୍ଗ, ୧୯୯୯, ପୃ-୫୨-୫୩ ।

୭. 'ତତ୍ରୈବ', ପୃ-୫୩ ।

୮. କର, ପ୍ର. ବାଉରୀବନ୍ଧୁ (ସଂ), 'ସାହିତ୍ୟ ସାଧକ ମନୋଜ ଦାସ', ପୃ-୪୨-୪୩ ।

୯. ତ୍ରିପାଠୀ, ସୂର୍ଯ୍ୟମଣୀ, 'ଗଧ ଉପାଖ୍ୟାନ', ଆର୍ଯ୍ୟ ପ୍ରକାଶନ, ଲିଙ୍କରୋଡ୍, କଟକ-୧୨, ପ୍ରକାଶ କାଳ, ୧୯୯୬, ପୃ-୩୧ ।

୧୦. ମିଶ୍ର, ସ୍ୱରାଜ, 'ପୁନଶ୍ଚ ଅବୋଲକରା', ଆମ ଓଡ଼ିଶା, ଭୁବନେଶ୍ୱର, ପ୍ରଥମ ପ୍ରକାଶ ୨୦୨୩, ମୁଖବନ୍ଧ ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
biswanathsahu8@gmail.com

**ପ୍ରକାଶ ପାଇଛି**





ଏଥିରେ ଅଛି

- ପୁସ୍ତକ ପ୍ରକାଶନ ଓ ସଂପାଦନାର କେତେକ ଦିଗ
- ପ୍ରକାଶକ ଓ ପ୍ରକାଶନର ସୋପାନ
- ପୁସ୍ତକ ପ୍ରକାଶନର ସ୍ୱକୀୟ ଶୈଳୀ
- ଅନୁବାଦ ପୁସ୍ତକର ସମ୍ପାଦନା
- କମ୍ପୋଜିଂଠାରୁ ମୁଦ୍ରଣ ପର୍ଯ୍ୟନ୍ତ
- ଓଡ଼ିଆ ବହିର ବିତରଣ ଓ ବିପଣନ
- ଚିତ୍ର ସମ୍ପାଦନା ଓ ଚିତ୍ରଭାଷା
- ମୁଖବନ୍ଧଠାରୁ ପୃଷ୍ଠବନ୍ଧ ପର୍ଯ୍ୟନ୍ତ
- ବହି ବିଚାର: ପୁସ୍ତକ ସମୀକ୍ଷା
- ବହିର ଭବିଷ୍ୟତ

ମୂଲ୍ୟ ଟ.୧୨୦ ମାତ୍ର

Available at all leading Book Stores.
Also available at amazon
It may also be downloaded as an e-book from Google PlayBooks.

ପ୍ରକାଶକ:
Mobile: 9368772506
Email: info@sahityacharcha.com



ଧାରାବାହିକ ବ୍ୟଙ୍ଗ

# ମୃଗୁଣୀ ଜାଲରେ ବ୍ୟାଧ

ଅଜୟ କୁମାର ମିଶ୍ର

ଜାଲମାଡୁଆ, ପୋଲୁହଭଙ୍ଗା ମାଛମାନେ ହୁଏତ ଥୋପ ଲୋଭରେ ପୁଣି ଜାଲ ଜଞ୍ଜାଳରେ ପଡ଼ିପାରନ୍ତି; ମାତ୍ର ଘଣ୍ଟୁଆ ଜାତକରେ ଏମନ୍ତ ଭ୍ରମ କେବେ ବି ଘଟିନାହିଁ । ତରକାକାଉ, ଶତବର୍ଷ ଆୟୁ - ତରକାକାଉଠୁଁ ଘଣ୍ଟୁଆ ଆଉ ତରକା, ଆଉ ଚାଆଁରା । ଅନ୍ୟମାନଙ୍କୁ ଚାହିଁ ଜଳକା ସଜେଇ, ଦରକାର ହେଲେ ଡୋଳା ପିଞ୍ଛଡ଼ା ପଡ଼ିବା ବେଳକୁ ଆଖି କଜ୍ଜ୍ୱଳକୁ ବି ଝାମ୍ପି ନେଇ ପାରିବାର ଷୋଳଣା ଦକ୍ଷତା ତା'ର । କିନ୍ତୁ ଏମିତି କେବେ କରିନାହିଁ । ତା' ସହିତ ଯେଉଁମାନେ ଏ ଖେଳ ଖେଳିଛନ୍ତି, ତାଙ୍କୁ ସତରପଟା କହି ତାଙ୍କ ଟାଙ୍କ ହୁଗାଳି ପକେଇଛି । ଗାରେଜ୍ ମେକାନିକ୍ ବାଇକ ହୁଗାଳି ବୟାଳିଶି କି ବାଉନଖଣ୍ଡ କଲା ଭଳିଆ, ଘଣ୍ଟୁ ଏମାନଙ୍କ ବଡ଼ିକୁ ଗୁଣ୍ଡ ଗୁଣ୍ଡକରି, ପାର୍ଟସ୍‌ତକ ହୁଗାଳି ଦେଇଛି ।




**କଣ୍ଠକୋକିଳାର କୁହୂ**

ହଠାତ ସ୍ମାର୍ଟ କାନଫୁଙ୍କାରେ ଶୁଣାଗଲା କୌଣସି କଣ୍ଠକୋକିଳାର ମନ୍ଦ୍ର-ମଧୁର କୁହୂ । ଏମନ୍ତ ଶୁଣିବା ମାତ୍ରେ ହୁଏତ ଆଉ କୌଣସି ପୁରୁଷର ଉହୁ ଉଠିବା ସ୍ୱାଭାବିକ । ଘଣ୍ଟୁ କିନ୍ତୁ ତା' ଭିତରର ଆବେଗଗୁଡ଼ାକୁ ହେଭି ବ୍ରେକ୍ ଦେଇ ସ୍ଥିର ସ୍ୱରରେ ଗମ୍ଭୀର ଉଚ୍ଚାରଣକଲା - "କିଏ ? କାହିଁକି ଖୋଜୁଛନ୍ତି, କାମ କ'ଣ ?" ସେ ପାଖରୁ ହନିଟ୍ରାପିଆଣୀର ସିରାଳିଆ ସୁର- "ସାର୍ ଆପଣ ଫ୍ରି ଅଛନ୍ତି ? ଦୁଇ ମିନିଟ୍ ଟାଇମ୍ ସ୍ପେୟାର କରିପାରିବେ ?" ଏପଟୁ ଘଣ୍ଟେ ଦୃଢ଼ ମଝଲା ଗାମ୍ଭୀର୍ଯ୍ୟ ରଖି ମଧ୍ୟମ ଗଳାରେ ଉତ୍ତରିଲେ - 'ବି କୁଇକ୍, ଯାହା କହୁଛ ତୁରନ୍ତ କୁହ ।' ହନିଟ୍ରାପୁଣୀ - ସାର୍ ଆପଣଙ୍କ ଗାଡ଼ିରେ ବକ୍ସାଇଡୁ ବ୍ୟାଟେରୀ ୟୁଜ୍ କରୁଛନ୍ତି । ଆପଣ "ହଁ ପେଟ୍ରୋଲ ପମ୍ପରେ ତେଲ ପକାଇବା ସମୟରେ ଗୋଟାଏ କୁପନ୍ ଫିଲପ କରିଥିଲେ । ସେଇ କୁପନ ନମ୍ବରଟା ଆମ ଲଟେରିରେ ଆସିଛି । ଆପଣଙ୍କୁ କିଛି ଫ୍ରି ଗିଫ୍ଟ ମିଳୁଛି, ତା' ସହିତ ଦଶ ହଜାର ଟଙ୍କାର ଗିଫ୍ଟ ଭାଉଚର୍ ବି ।"

ଘଣ୍ଟୁ ଥାନରେ ଆଉ କିଏ ଥିଲେ ଉଚ୍ଛୁଳି ଉଠିଥାନ୍ତା । ଘଣ୍ଟୁ କିନ୍ତୁ ତାଙ୍କ ଇମୋସନକୁ ହ୍ୟାଣ୍ଡବ୍ରେକ୍ ଲଗେଇଦେଇ କହିଲେ - 'ଆପଣଙ୍କୁ ଧନ୍ୟବାଦ । କିନ୍ତୁ ମୁଁ ତ କୌଣସି ପେଟ୍ରୋଲ ପମ୍ପରେ କିଛି ବି କୁପନ ଫିଲପ୍ କରିନାହିଁ । ଆପଣ ଭୁଲ୍ ଖବରଦେଇ ମତେ ବିଭ୍ରାନ୍ତ କରନ୍ତୁନି ପ୍ଲିଜ୍ ।' ଟ୍ରାପୁଣୀ ଅଠା, ଭାରି ମିଠା, ସହଜରେ ଛାଡ଼ିବନି, କଥାର ଫେବିକଲ୍ ଯୋଡ୍ ଦେଇ କହିଲା - 'ସାର୍ ଆପଣ ନ ହେଲେ, ଆପଣଙ୍କ ପୁଅ କି ଝିଅ ହୁଏତ ଆପଣଙ୍କ ନାମରେ କୁପନ ଫିଲପ୍ କରିଦେଇଥିବେ ।' ଘଣ୍ଟୁ ମନେ ମନେ ବିଚାରିଲା - ତା'ର ତ ଏଯାଏ 'ଯଥା ରାବଣସ୍ୟ ମନ୍ଦୋଦରୀ, ଯଥା ରାମସ୍ୟ ସୀତା' ହୋଇନାହିଁ । ପୁଅ, ଝିଅ କ'ଣ ଶୂନ୍ୟରୁ ବର୍ଷିଲେ ? ତଥାପି ତୁଣ୍ଡ ଉପରେ ଡବଲ୍ ବ୍ରେକ୍ ଦେଇ କହିଲା - 'ହୁଏତ ଆମ ଟୋକା କରିଥାଇପାରେ ମାମ୍ । ଟ୍ରାପୁଣୀର ଉତ୍ସାହ ପାରଦ ଉଚ୍ଛୁଳିଲା ।' ବୋଇଲା ଆପଣଙ୍କୁ ସାର୍ ଆମ କମ୍ପାନୀ ତରଫରୁ ରିକ୍ୱେଷ୍ଟ, ଆପଣ ସମୟ କରି ଗିଫ୍ଟ ରିସିଭ୍ କରିନିଅନ୍ତୁ ।' ଅତି କଦରରେ ଫାସ ପାତିଥିଲା ଟ୍ରାପୁଣୀ । ଆଗେ ସିନା ବ୍ୟାଧ ଫାସରେ ମୃଗୁଣୀ ପଡୁଥିଲା, ଏବେ କିନ୍ତୁ ଏମନ୍ତ ହନିଟ୍ରାପୁଣୀ ମୃଗୁଣୀ ଫାଶରେ ବ୍ୟାଧମାନେ ଷୋଳଣା ଘାଇଲା ହେଉଛନ୍ତି, ବ୍ୟାଧର ଚମଡ଼ା ଜାଲ୍ ଛିଡୁଚି, ଚମଚାଗୁଣୀମାନଙ୍କ ଚମ-ଚମକରେ ।

ମଧ୍ୟାନ୍ତର ମାତ୍ର ଦୁଇଦିନ, ସେପଟୁ ଆଇଲା, ମୃଗୁଣୀ ଟ୍ରାପୁଣୀ କଣ୍ଠକୋକିଳାର କୁହୂ-କୁହକିଆ ସୁର । ଦି'ଦିନ ଭିତରେ ଜାଲମାଡୁଆ ଘଣ୍ଟୁ, ତା' ଉର୍ବର ମଗଜରେ ପୁରାଣର ପବନାସ୍ତ୍ର, ହଜାସ୍ତ୍ର ଭଳି ବାମ୍ଫୁଆଣି ଅସ୍ତ୍ରଟିକୁ ଘସିମାଜି ଶାଣ

ଦେଇସାରିଥିଲା । କେବଳ ହନିଟ୍ରାପୁଣୀର କାନଫୁଙ୍କାକୁ ଅପେକ୍ଷାଥିଲା । ଘଣ୍ଟୁର ମାହେନ୍ଦ୍ର, ତେଣୁ ଆଇଲା ଡକରା । ଘଣ୍ଟୁ ଏଥର ମନଜିଣା ଫାସିଜାଲ ପାତିଲା । ବିଚାରିଲା, ରହଲୋ ଟ୍ରାପୁଣୀ, ଯିବୁ କୁଆଡ଼େ, ଏଇଠି ଡୋର ଖାଇବୁ, ତତେ ପେଡ଼ିରେ ପଇଠ ନକଲା ଯାଏଁ ମୁଁ କି ଘଣ୍ଟୁ ବେ !

ଚୋରାପୀରତିଆଙ୍କ ଗୁପୁଚୁପୁ କଣ୍ଠରେ କହିଲା – 'ମାମ୍ ଏବେ ମିଟିଂ ଅଛି, ଏଇଟା ମୋ' ହ୍ୱାଟସପ୍ ନମ୍ବର । ଯାହା କହିବାକଥା, ଇଚ୍ଛାଥିଲେ ମତେ ଯୋଡ଼ି ଦିଅନ୍ତୁ ଓ ମେସେଜ୍ କରନ୍ତୁ । ଘଣ୍ଟୁ ବାସିତୋରାଣି କଥା କହୁ କହୁ ହନିଟ୍ରାପୁଣୀ ସଂଗେ ସଂଗେ ତାକୁ ନିଜ ସ୍ମାର୍ଟଫୋନ୍‌ରେ ଆଖିପିଛୁଳାକେ ନୋ-ସେକେଣ୍ଡରେ ଯୋଡ଼ିଦେବା ସହିତ ଦୁଇ ତିନୋଟି ହିରୋଇନିଆଁ ଫଅଟ୍ ମଧ ଛାଡ଼ିଦେଲେ । ଘଣ୍ଟେ ଦେଖିଲେ, ହନିଟ୍ରାପୁଣୀଙ୍କ ଫଟୋ, ସତରେ ଏମନ୍ତ ନାୟିକା ଗାନ୍ଧୀଙ୍କ 'କାଟିପିନ୍ଧ'କୁ ଗାଡ଼ା ସମ୍ମାନ ଦେଇ କାଟିକୁଟି ସର୍ବସଂକ୍ଷିପ୍ତ ପରିଧାନରେ ଅଛନ୍ତି । ଏଥିରୁ ଘଣ୍ଟେ ହନିଟ୍ରାପୁଣୀଙ୍କ ଭିତିରି ଉଦ୍ଦେଶ୍ୟକୁ ପୂରା କଳିନେଲେ ।

**ଘଣ୍ଟୁର ମନକଥା ଜାଣିବାରେ ସ୍ୱୟଂ ବେଦବର ବ୍ରହ୍ମାଙ୍କ ସ୍କାନର୍ ବି ଅଚଳ ହେଇଯିବ ।**

## ମେସେଜ୍ ବିନିମୟ

ରାତିର ନିଷିଦ୍ଧ ପହର । ବେଳ ଅବେଳ ଥୟ ନାହିଁ । ଘଣ୍ଟୁ ଓ ରସିକାଙ୍କ ଭିତରେ ଚାଲିଲା ମେସେଜ୍ ବିନିମୟ । ରସିକାକୁ ଘଣ୍ଟୁ ରହସ୍ୟମୟ ଲାଗିଲେ । ଯେମନ୍ତ ପ୍ରକାରର ଖୋଲାମେଲା ମେସେଜ୍ ଦେଲେ ବି ଘଣ୍ଟୁ ଟିପେ ଟଳିବାର ନାହିଁ । ହନିଟ୍ରାପୁଣୀ ମନେକଲେ, ଏଇଟା ଗୋଟାଏ ବ୍ରହ୍ମଚାରୀ ନା ତା'ହେଲେ ଅଣପୁରୁଷା ? କେଡ଼େ କେଡ଼େ ଋଷି ଟଳିପଡ଼ିଛନ୍ତି କାମିନୀ ମାୟାରେ । ଏଇଟାକୁ କ'ଣ କେମନ୍ତ ପ୍ରକାରେ ବାୟା କରିବା ନିଶାରେ ଲାଗିଲା ହନିଟ୍ରାପୁଣୀ । ଜୀବନରେ କାହାକୁ ନିଜର ସତ ପରିଚୟ ଦେଇନଥିବା ଘଣ୍ଟୁ ପାଞ୍ଚ ବଡ଼ ପ୍ରପଞ୍ଚ, ଘଣ୍ଟୁ ମନକଥା ଜାଣିବାରେ ସ୍ୱୟଂ ବେଦବର ବ୍ରହ୍ମାଙ୍କ ସ୍କାନର୍ ବି ଅଚଳ ହେଇଯିବ, ଅଥଚ ଘଣ୍ଟୁଙ୍କ ଚିନ୍ତନକୁ ଟିପେ ବି ଯାଞ୍ଚ କରାଯିବା ସମ୍ଭବ ନୁହେଁ ।

ସେଦିନ ରାତିରେ ଆସିଲା ହନିଟ୍ରାପୁଣୀଙ୍କ ଘନ ଘନ ମେସେଜ. ଘଣ୍ଟୁ ମଠୁଆବଳଦଠାରୁ ଆଉ ମଠକଲେ । ଅତି ଅଥୟ ହେଇ ମଧୁରିଆ ମଧୁରିଆ ମହୁମଖା ମେସେଜ୍ ଆସିଲା । ଘଣ୍ଟୁ ଉତ୍ତରିଲେ – ମାମ୍ ଆପଣଙ୍କ ନିଷ୍ଠାକୁ ମୋର ସଲାମ୍ । ଆପଣ କମ୍ପାନୀର ଗୋଟେ ଗୋଟେ କଷ୍ଟ୍ୟୁମର ପାଇଁ ଏମତ ସମୟ ଦେଉଛନ୍ତି, କମ୍ପାନୀ ନିଶ୍ଚୟ ଆପଣଙ୍କୁ ହାଇପ୍ୟାକେଜ୍ ଦେଉଥିବ । ଆପଣ ବୋଧେ କଲ୍ ୟୁନିଟ୍‌ର ହେଡ୍ ଥିବେ । ପ୍ୟାକେଜ୍ କେତେ ? କିଛି ସମୟ ମେସେଜ୍ ମଞ୍ଚରେ ସଂଳାପ ବନ୍ଦ, ପରେ ଅବଶ୍ୟ ଟ୍ରାପୁଣୀ ଉତ୍ତରେ 'ଏଇ ଟ୍ୱେଣ୍ଟିଫାଇଭ୍' । ଫୋନ୍ ଭାଉଚର, ମିଡ୍ ଡେ ମିଲ୍, ପେଟ୍ରୋଲ ଖର୍ଚ୍ଚ ଏକ୍ସଟ୍ରା । ଘଣ୍ଟୁ ଲେଖିଲେ, ହା ହା ହା ହା । ଏତେ କମ୍‌କୁ ଏତେ କଥା ? ବହୁତ ଲେବର୍, ଏତେ ଅଳ୍ପ ପ୍ୟାକେଜ୍ । ଆପଣଙ୍କ ଭଳି ଜଣେ ହାଇ ଏଜୁକେଟେଡ୍ ବିଉଟିଫୁଲ୍ ଲେଡିଙ୍କ ଏଡ଼େ କାମର ମୂଲ କ'ଣ ଏଇୟା ? ମତେ ଭଲ ଲାଗୁନାହିଁ । ଏମନ୍ତ ପଦ୍ମତୋଳାରେ ତମ୍ପୁଣୀଙ୍କ ଫଁ ଫଁ ପାରଦ ତଳକୁ ଖସିଗଲା, ରୁବାବ୍ କୁଆଡ଼େ, ପହିଲି ବର୍ଷାର କୁଆପଥର ମାଡ଼ ଭଳିଆ ମିଳେଇଗଲା । କହିଲେ, ନେକ୍ସଟ ଚାନ୍ସ୍ ପର୍ଯ୍ୟନ୍ତ ଏମିତି ଚାଲିବ ସାର୍ । କ'ଣ କରିବା ?

## ତ୍ୱରିତ ଆନସର୍

ଘଣ୍ଟୁ ଏଥର ଜାଇଁଲା, ହରିଣୀ ଏଥର ଫାସରେ ପଡ଼ିବ । ନିଜେ ଅତି କଅଁଳିଆ ଗଳାରେ କହିଲା – 'ମାମ୍, ଆପଣ ମାଇଣ୍ଡ୍ ନକଲେ ଗୋଟାଏ ପ୍ରପୋଜାଲ୍ ଦିଅନ୍ତି ।' ତତ୍‌କ୍ଷଣାତ୍ ତ୍ୱରିତ ଆନସର୍, 'ସାର୍, ନିର୍ଭୟରେ କୁହନ୍ତୁ, ସବୁଥିରେ ମୁଁ ରାଜି ।' ଘଣ୍ଟୁ ବଖାଣିଲା – 'ଆପଣ ସେ କମ୍ପାନୀ ପାଇଁ ଦିନରାତି ଉଜାଡ଼ିଦେଇ କାମ କରୁଛନ୍ତି । ଆପଣଙ୍କୁ ଆମ କମ୍ପାନୀର ଅଫର୍ ଦେଉଚୁ । ମାତ୍ର ଏଇଟ୍ ଆୱାର, ମନ୍ଥଲି ପ୍ୟାକେଜ୍ – ଆରାଉଣ୍ଡ୍ ଫର୍ଟିଫାଇବ୍ ପ୍ଲସ୍ । ସେଠି ଯେଉଁ କାମ ଏଠି ବି ସେଇ କାମ ।' ମେସେଜ୍ ଦେଖୁ ଦେଖୁ ଟ୍ରାପୁଣୀ ଲେଖି – 'ଇଜ୍ ଇଟ୍ ସାର ? ମତେ କାହିଁକି ବିଶ୍ୱାସ ହେଉନି । ଆପଣ ଦୟାକଲେ ମୁଁ ଏ କମ୍ପାନୀ ଛାଡ଼ିଦେବି । ମତେ କଷ୍ଟ୍ୟୁମର ଯୋଗାଡ଼ କରିବାକୁ ଟାରଗେଟ୍ ଦିଆଯାଇଛି । ଟୁ ମନ୍ଥ'ର ସାଲାରୀ ମିଳିନି । ବଡ଼ କଷ୍ଟରେ ଅଛି ସାର୍, ଆପଣ ପ୍ଲିଜ୍ ପ୍ଲିଜ୍ ପ୍ଲିଜ୍ କିଛି କରନ୍ତୁ ସାର୍ ।'

ଏମନ୍ତ ସୁଯୋଗ ଉଣ୍ଡୁଥିଲା ଘଣ୍ଟୁଆ । କହିଲା, ଡୋଣ୍ଟଓରି, ମୁଁ ଆପଣଙ୍କ ପ୍ରବ୍ଲେମ୍ ସଲ୍‌ଭ କରିଦେବି । କିନ୍ତୁ.... ? ସେପଟୁ ଆଇଲା 'ସାର୍, କିନ୍ତୁ ପୁଣି କ'ଣ ? ମୁଁ ସବୁ କିନ୍ତୁରେ

ଏଗ୍ରି ସାର୍ ।' ଘଣ୍ଟୁ କହିଲା ଆପଣଙ୍କ ଆଡ୍ରେସ୍ ଦେଲେ ମୁଁ ଅଫର୍ ଲେଟର୍ ପଠାଇଦେବି । ମାତ୍ର ଆମ ହାତରେ ସର୍ତ୍ତ ଅଛି । ଟ୍ରାପୁଣୀ କହିଲେ – 'ସବୁ ସର୍ତ୍ତରେ ରାଜି ସାର୍ । ପ୍ଲିଜ୍ ତୁରନ୍ତ କୁହନ୍ତୁ ।' ଟ୍ରାପୁଣୀର ଏମନ୍ତ ତାଡୁଣିଆଁପଣ ଦେଖି ଘଣ୍ଟୁ ମାଇଲା ଖାଞ୍ଚେ । ମନେ ବିଚାରିଲା, ପତ୍ନୀଙ୍କ କନିଷ୍ଠ ଭଗ୍ନୀ – ରହ ଏଥର ଯିବୁ କୁଆଡ଼େ ? ତୋ' ମାୟାରେ ଅନେକ ରାମଚନ୍ଦ୍ରଙ୍କୁ ଘାଇଲା କରିଚୁ, ସୀତାଙ୍କୁ ବେଘର କରି ଲଙ୍କା ଟ୍ରାନ୍ସଫର କରିଛୁ । ତୁ ପାତିଥିବା ଜାଲରେ ତୁ ନିଜେ ଫାଶି ଖାଇବୁଲୋ ଧନମଣି ! ଥୟଧର, ଥୟଧର । ସେପଟୁ ଆସିଲା – 'ସାର୍ କ'ଣ ସର୍ତ୍ତ କୁହନ୍ତୁ ପ୍ଲିଜ୍ ।'

**ତାଓ୍ୱା ତାତିଚି**

ଘଣ୍ଟୁ ଏଥର ଜାଇଁଲା ଏବେ ତାଓ୍ୱା ତାତିଚି, ରୁଟି ଜଲ୍‌ଦି ସେକି ହେଇଯିବ । କହିଲା – ମାମ୍ ଆପଣ ଯାହା ଭାବୁଚନ୍ତି, ସେମିତି ବିଶେଷ ସର୍ତ୍ତ କିଛି ନାହିଁ । କେବଳ ଆପଣ, ଆପଣଙ୍କ କମ୍ପାନୀର ନିହାତି ଶହେଜଣ କଷ୍ଟ୍ୟୁମରଙ୍କ ଫୋନ୍ ନମ୍ବର ଓ ଡାଟା ମେସେଜ୍ କରିଦେଲେ କାମ କମ୍ପିଲିଟ୍ । ଓକେ ? କିଛି ସମୟ ନେଇ ଟ୍ରାପୁଣୀ ବୋଇଲେ – 'ଏ ଗୋଟାଏ କଥା, ନିଶ୍ଚୟ ଆପଣଙ୍କୁ ୧୦୦% ମେସେଜ୍ କରିଦେବି । କାଲି ସିଷ୍ଟମରୁ ଆପଣଙ୍କୁ ଆଗେ ମେସେଜ୍, ତା'ପରେ ଅଫିସ୍ କାମ । ଠିକ୍ ଅଛି ସାର ? ଘଣ୍ଟୁ ଏତକ ଦେଖି ଅଫ୍‌ଲାଇନ୍ ହେଇଗଲା ।



ପରଦିନ ଘଣ୍ଟୁ ସ୍ମାର୍ଟଫୋନ୍‌ରେ ଶହେ କ'ଣ ଛ'କୋଡ଼ି ଲୋକଙ୍କ କାନଫୁଙ୍କା ନମ୍ବର, ସେମାନଙ୍କ ଠା, ଠିକଣା ପାଇଗଲା, ପରେ ଛୋଟ ଗୋଟେ ଥ୍ୟାଙ୍କସ୍ ଟାଇପ୍ କରି ଅଫଲାଇନ୍ ହେଇଗଲା । ଦି'ଦିନ କାଳ ଟ୍ରାପୁଆଣୀ ସହ କିଛି ବି ଯୋଗାଯୋଗ ନକରି, ତା' ଉତ୍କଣ୍ଠାକୁ ଝୁଲେଇ ରଖିଲା । ତେଣୁ ଆସୁଥିବା କଲ୍ ବା ମେସେଜକୁ ଅଣଦେଖା କଲା । ବେଶ ବଦଳାଇ ଖୋଜିଲୋଡ଼ି ଟ୍ରାପୁଆଣୀ ଅଫିସ୍‌ରେ ପହଞ୍ଚିଲା । ଟ୍ରାପୁଆଣୀ ତା' ପାଖକୁ ଭେଜିଥିବା ଅର୍ଦ୍ଧବସନ ଫଟୋ ସହ ମିଳେଇ ଖୋଜୁଥିଲା ଏଠି ସତରେ ଟ୍ରାପୁଆଣୀ କିଏ ? ଉଣ୍ଡାଉଣ୍ଡି କରି ଜାଇଁଲା ଯେ ମିଛ ଫଟୋ ପଠାଇ ଟ୍ରାପୁଆଣୀ ତାକୁ ସମାନେ ଠିକିଛି । ଘଣ୍ଟୁ ରୁମ୍ ମୂଳ ଯାକ ବୁଦ୍ଧି ଗଜାମାରୁଛି, ଏଇ ସାମାନ୍ୟ କାମରେ ସେ ହାର୍ ମାନନ୍ତା କେମିତି ?

ଘଣ୍ଟୁ ସେଠିକା ହାଲତ ଉଣ୍ଡିଲା । ଦେଖିଲା, ସେଠି ଗଡ଼କନ୍ୟା, ସମସ୍ତେ ଦ୍ରୌପଦୀ ଭଳିଆ ଚୁଟି ମୁକୁଳା । ଭାବିଲା– ଧନ୍ୟରେ ଦଇବ, ପଞ୍ଚସତୀଙ୍କ ଥାନରେ ଏକ୍ସଟ୍ରା ସତୀଟିଏ ଆଡ୍‌କରି ଏଠି ଛଅଚୁଟି ମୁକୁଳୀଙ୍କୁ ଏକାଠି ଷ୍ଟକ୍ କରିଚୁ ? ଜଣେ ତାକୁ ପଚାରିଲା, କେଉଁଠୁ ଆସିଛନ୍ତି, ଆପଣଙ୍କ କୁପନ ନମ୍ବର କୁହନ୍ତୁ । ଘଣ୍ଟୁ ସଙ୍ଗେ ସଙ୍ଗେ ଟ୍ରାପୁଣୀ ଦେଇଥିବା କୁପନ ନମ୍ବର ଜଣାଇବାରୁ ଦ୍ୱିତୀୟା ଚୁଟିମୁକୁଳି ତାକୁ ଭିତରକୁ ନେଇଗଲା । ଆଉ ଗୋଟେ ଚୁଟିମୁକୁଳୀ ଟ୍ରେରେ ପାଣିଗ୍ଲାସ୍ ଧରି ଘଣ୍ଟୁକୁ ଆତିଥ୍ୟ ଦେଲା । କହିଲା ସାର୍ କୋଲଡ୍ ନାଁ କଫି ? ସଙ୍ଗେ ସଙ୍ଗେ ଘଣ୍ଟୁ ଅରଡରେ କଫି ଆସିଲା, ଘଣ୍ଟୁ ଢୋକୁ ନ ଢୋକୁଣୁ, ତା' ସାମନାକୁ ଅନ୍ୟଜଣେ ଚୁଟିମୁକୁଳୀ ଆସି କାଗଜ କଲମ ଫର୍ମାଧରି ଘଣ୍ଟୁର ଠା, ଠିକଣା, ବୁଝି ତାକୁ ପଲିସି ବିଷୟ ବୁଝାଇଲା । ଘଣ୍ଟୁ ବିରକ୍ତ ହେବାରୁ ଅନ୍ୟଜଣେ ମୁକୁଳିତକେଶା, ଅତି ନରମ ଗଳାରେ ଘଣ୍ଟୁକୁ ମନେଇବାକୁ ଲାଗିଲା । ଘଣ୍ଟୁ ଟ୍ରାପୁଣୀଙ୍କ ଠିକଣା ପଚାରିଲା, ଉତ୍ତର ମିଳିଲା, ସେ ଏଠି ନୁହେଁ, ଆମ କଲ୍ ଅଫିସ୍‌ରେ ମୁଖ୍ୟ ଭାବେ କାମ କରନ୍ତି ।

**ମାୟାଚାରିଣୀ ସୂର୍ପଣଖା**

ସାମନାରେ ବସିଥିବା ସେଇ ମୁକ୍ତକେଶିନୀ ଯେ ହନିଟ୍ରାପୁଣୀ – ଘଣ୍ଟୁଆ ଭଲଭାବରେ ଜାଣିଗଲେ । କାରଣ ସାମନାରେ ଘଣ୍ଟୁ ବାରବାର ସେଇ ନମ୍ବରକୁ ଡାକୁଥିଲେ, ନିରବ ମୁଡରେ ଫୋନ୍ ଥିଲେ ବି, ସମ୍ମୁଖସ୍ଥ ହନିଟ୍ରାପୁଣୀ ବାରବାର ଆଙ୍ଗୁଠି ଟିପରେ ବନ୍ଦ କରୁଥିଲେ । ଘଣ୍ଟୁ ଶେଷରେ ବାଧହୋଇ ତତ୍‌କ୍ଷଣାତ୍ ମେସେଜ୍ ଭେଜୁ ଭେଜୁ ଟ୍ରାପୁଣୀ ହଠାତ୍ 'ଏକ୍ସକ୍ୟୁଜ୍ ପ୍ଲିଜ୍ କହି ଠା ଛାଡ଼ିଲେ ଓ ନେପଥ୍ୟରୁ ପାଲଟା ମେସେଜ୍ ପେଶିଦେଇ, ପୁଣି ଟେବୁଲକୁ ଆସିଲେ । ଘଣ୍ଟୁ ମନରୁ ଉଠି ଆସୁଥିବା ହସଟାକୁ ଜାମ୍ ଦେଇ ଚାପିଦେଲେ, ଓର ଉଣ୍ଡି କହିଲେ – 'ସବୁ ମେସେଜ୍ କମ୍ପ୍ଲାଇ କରୁଛନ୍ତି, ଏଠି ଛଦ୍ମରୂପ କାହିଁକି ? ଆପଣଙ୍କ ସୂର୍ପଣଖାପଣ ମୋ' ଲେନ୍‌ସରେ ସ୍କାନ୍ ହେଇ ଧରାପଡ଼ିଗଲାଣି । ଟିକେ ପଦାକୁ ଆସନ୍ତୁ ।' ଏଥର ପଶ୍ଚାଧାବନ

କଲେ ସେଇ ମାୟାଚାରିଣୀ ସୂର୍ପଣଖା । ବାହାରେ ଘଣ୍ଟୁ ତାକୁ କୁଢ଼ କୁଢ଼ ସାବାସୀରେ ପୋତି ପକାଇ ତତ୍‌କ୍ଷଣାତ୍ ପ୍ରସ୍ଥାନିଲେ ।

**ଆଗରୁ ବ୍ୟାଧ ଜାଲରେ ପଡୁଥିଲା ମୃଗୁଣୀ, ଏବେ ମୃଗୁଣୀ ଜାଲରେ ମହାବ୍ୟାଧମାନେ ଛନ୍ଦି ହେଇ ବିକଳ ।**

ଠିକ୍ ଦୁଇଦିନ କାଳ, ସୂର୍ପଣଖା ମେସେଜରେ କୌଣସି ଉତ୍ତର ନଦେଇ, ନିଜ ଆଗାମୀ କାମ ଠିକଣା କଲେ । ଏମିତି ରାଜଧାନୀର ବିଭିନ୍ନ କାର୍ଯ୍ୟାଳୟର ସୂର୍ପଣଖାମାନଙ୍କୁ ଘନ ଘନ ଗସ୍ତକରି ତଲାସ କରି ବିଶ୍ୱାସ ଜନ୍ମାଇଲେ । କମ୍ପାନୀ ବିରୋଧରେ ସେମାନେ କାମ କରୁଛନ୍ତି ଓ ସେମାନଙ୍କ ଅସଲମୁଖା ଖୋଲି ଦିଆଯିବାର ଘନ ଘନ ଧମକ ଦେଲେ । ଧମକ ଭିତରେ ମାସିକିଆ ବଟି ପାଇ ଘଣ୍ଟୁ ସନ୍ତୁଷ୍ଟ । ଏଇ ମୁକ୍ତାକେଶା ସୂର୍ପଣଖାମାନେ କେଉଁ ଗାଁ ଭୂଇଁରୁ ଆସି ରାଜଧାନୀରେ ଲୋକଙ୍କୁ ମୃଗୁଣୀ ମାୟାରେ ପୂରା ଖିଆରର କିଛି ଅଂଶନେଇ ଘଣ୍ଟୁ ବି ଥୟା କେଉ ଥୟ ପଡିଲେ କି ? ଘଣ୍ଟୁ କିନ୍ତୁ ରାମଚନ୍ଦ୍ର ମାହାପ୍ରୁଙ୍କ ଭଳି ସୁନାହରିଣୀ ମୋହରେ ପଡିନଥିଲା । ଏଣିକି ଠା-ଠିକଣା ଖୋଜିଲୋଡ଼ି, କାଗଜପତ୍ର ଘଣ୍ଟାଘଣ୍ଟି କରି ବହୁ ସୂର୍ପଣଖାଙ୍କୁ ରେଗୁଲାର୍ ବଟି କରୁଥିଲା । ଆପଣମାନେ ବିଚାରିବେ ଦଶରଥ ଜ୍ୟେଷ୍ଠ ସନ୍ତାନ ରାମଙ୍କଠାରୁ ଘଣ୍ଟୁର ବୁଦ୍ଧି କେତେ ସରସା ।

ଆଗରୁ ବ୍ୟାଧ ଜାଲରେ ପଡୁଥିଲା ମୃଗୁଣୀ, ଏବେ ମୃଗୁଣୀ ଜାଲରେ ମହାବ୍ୟାଧମାନେ ଛନ୍ଦି ହେଇ ବିକଳ । ରାମଚନ୍ଦ୍ର ମାହାପ୍ରୁ

□□

ଲେଖକଙ୍କ ଇ-ମେଲ୍ ଠିକଣା:
ajayamishraodia@gmail.com

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।
୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ।
୩. ଯେକୌଣସି ସଂଖ୍ୟାରେ ଗୋଟିଏ କିମ୍ବା ଦୁଇଟି ମାତ୍ର କବିତା ପ୍ରକାଶ ପାଏ । କବିତାରେ ଆତ୍ମମୁଖୀ, ଅର୍ଥାତ୍ 'ମୁଁ' କିମ୍ବା 'ମୋର' ଭଳି ପ୍ରଥମ ପୁରୁଷ ଏକବଚନଯୁକ୍ତ ଶବ୍ଦ ଥିଲେ ତାହା ପ୍ରକାଶ ପାଏନାହିଁ।
୪. ପତ୍ରିକାରେ କେବଳ ଭାଷା ଓ ସାହିତ୍ୟ ଉପରେ ଆଧାରିତ ପ୍ରବନ୍ଧମାନ ପ୍ରକାଶିତ ହୁଏ। ଅବଶ୍ୟ କେବଳ ରଥଯାତ୍ରା ଓ ଦଶହରା ଅବସରରେ ପ୍ରକାଶିତ ସଂଖ୍ୟାରେ ଏହାର କିଛି ବ୍ୟତିକ୍ରମ ହୋଇଥାଏ।
୫. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍‌ସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।
୬. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ୱଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।
୭. ପତ୍ରିକାଟି ପ୍ରତିମାସ ନିୟମିତ ଭାବରେ ପ୍ରକାଶ ପାଏ। ଏଣୁ ଲେଖା ପଠାଇବାର ଶେଷ ତାରିଖ କିଛି ନାହିଁ।
୮. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ। ଏପରିକି ଫେସ୍‌ବୁକ୍ ଇତ୍ୟାଦିରେ ପ୍ରକାଶିତ ଲେଖା ମଧ୍ୟ ପଠାନ୍ତୁ ନାହିଁ।
୯. କବି ଓ ଲେଖକମାନଙ୍କୁ ଅନୁରୋଧ, ପୂର୍ବରୁ ଆମର ପତ୍ରିକାଟି କେବେ ଥରଟିଏ ହେଲେ ପଢ଼ିନଥିଲେ, ଦୟାକରି କୌଣସି ଲେଖା ପଠାନ୍ତୁ ନାହିଁ।
୧୦. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।
୧୧. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।
୧୨. ଲେଖକମାନଙ୍କ ପାଖକୁ ମାନଦେୟ ସ୍ୱରୂପ ଛଅ ମାସ ପାଇଁ ପତ୍ରିକା ପଠାଇବାର ବ୍ୟବସ୍ଥା ଅଛି। ମାତ୍ର ସାହିତ୍ୟ ଚର୍ଚ୍ଚା ପରିବାରର ସଦସ୍ୟମାନଙ୍କୁ ଏହି ମାନଦେୟ ପ୍ରେରିତ ହୁଏନାହିଁ।
୧୩. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବାକୁ ନିବେଦନ।
୧୪. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।
୧୫. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସମ୍ପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସମ୍ପାଦନା ମଣ୍ଡଳୀର ରହିଛି।



ଗଳ୍ପ

# ପର୍ଣ୍ଣମୋଚୀ

ରବି ପଣ୍ଡା

ସକାଳୁ ସକାଳୁ କବାଟ ଖୋଲିଦେଲେ ଦମକାଏ ଶୀତଳ ପବନ ସୁପର୍ଣ୍ଣାର ଦେହସାରା ହାତ ବୁଲେଇଦିଏ ।

ସେ ଜାଣେ ଢିଲା ନାଇଟି ତଳେ ଥିବା ତାର ଡହକା ଦେହଟି ପାଇଁ ଏ ଥିରିଛୁଆଁ ଖୁବ୍ ଅକୁଳାଣ । ଯେମିତି ସେ କୁହୁଳାନିଆଁ ଉପରେ ପୁଳାଏ ଶୁଖିଲା ପତ୍ର ।

ସେ ବୋଉ ଉପରେ ରାଗେ ।

କହେ, କ'ଣ ଭାବି ସେ ତା' ନାଁ ଦେଇଥିଲା ସୁପର୍ଣ୍ଣା! ପୁଣି ତା' ଜନ୍ମଦିନକୁ ସ୍ମରଣୀୟ ରଖିବାକୁ ଦୁଆର ମୁହଁରେ ଲଗେଇଥିଲା ଗଛ । ସେ ଗଛରେ ନା ଅଛି ଗହଳ ପତ୍ର! ଫୁଲ ନା ଫଳ!!



ଏ ବାପ ମାଆମାନେ ଏତେ ପ୍ରଗଳ୍ଭ କାହିଁକି ହେଇପଡ଼ନ୍ତି ଛୁଆଟେ ଜନ୍ମହେଲେ! ଯଦିଓ ଜାଣନ୍ତି ତା'ର ଭବିଷ୍ୟତ ନିୟନ୍ତା ଆଦୌ ନୁହନ୍ତି ସେମାନେ । ହାୟ...

ସୁପର୍ଣ୍ଣା ଯେତିକି ଅନ୍ୟମନସ୍କ ହେଇପଡୁଥିଲା, ସେତିକି ହେଇପଡୁଥିଲା ଆବେଗପ୍ରବଣ ।

ତା' ଜୀବନର କ୍ରମବିକାଶ ପରି ଦିନେ ଥିଲା ତା'ର ପଲ୍ଲବନ । ଏବେ କିନ୍ତୁ ଯେମିତି ସବୁ ଅଟକି ଯାଇଛି, ତା'ର ସମ୍ମୋହନ, ତା'ର ଉଚ୍ଚାଟନ ।

ଖୁବ୍ ବର୍ଷିବ ବୋଲି ଉତ୍ତରପୂର୍ବ କୋଣରୁ ଭାସି ଆସିଥିବା ମେଘଖଣ୍ଡ ତା' ଆକାଶକୁ ଆଶ୍ୱାସନାମୟ କରି ଅପସରି ଯାଇଥିଲା କୁଆଡ଼େ ଫେରାର ମୌସୁମୀପରି ।

ଯେମିତି ଅରଣ୍ୟ, ଅରଣ୍ୟବାସ ।

ଏବେ ସେ ଯାହାକୁ ଭାବୁଛି ତା' ଜୀବନର ଏକ ଅନାକାଂକ୍ଷିତ ସ୍ୱପ୍ନ, ଅକ୍ଷତ କରିପକାଉଥିବା ଗୋଟେ ଦୂରନ୍ତ ସମ୍ଭାବନା ।

ସେ ବୋଉକୁ ପଚାରିଥିଲା ଏକଥା । ଗଛକଥା ।

ବୋଉ ଗୋଟେ ଉଦାସ ଦୀର୍ଘଶ୍ୱାସ ଛାଡ଼ି ବିକଳ ବାକ୍ୟଟିଏ ଖାଲି କହିଥିଲା, ସବୁଗଛ ଉଧାଏନା ସୁ...

ତାକୁ ଲାଗିଥିଲା, ବୋଉ ଯେମିତି ତାକୁ ହିଁ ଏକଥା କହୁଛି ।

ସେଇଦିନଠାରୁ ସୁପର୍ଣ୍ଣା ଆଉ ସେ ଗଛକୁ ଚାହେଁନା । ତା' ନାଁକୁ ବି ବଦଳେଇ ଦେଇଚି । ତାକୁ କିଏ ସୁପର୍ଣ୍ଣା ଡାକିଲେ ସେ କହେ, ନା ନା... ମୁଁ ସୁପର୍ଣ୍ଣା ନୁହେଁ, ମୁଁ ପର୍ଣ୍ଣମୋଚୀ ।

କ୍ରାନ୍ତୀୟ ଗୁଳ୍ମ ଅରଣ୍ୟ ମଝିରେ ଠିଆହେଇଥିବା ଗୋଟେ ଥୁଣ୍ଟାଗଛ ।

ଆଜି କିନ୍ତୁ ସକାଳ ଅଲଗା ଲାଗୁଚି । ରୁନ୍ଧି ହେଇଚି ପବନ । ତମାମ ପୃଥିବୀ ଯେମିତି ଭାରାକ୍ରାନ୍ତ ।

ସୁପର୍ଣ୍ଣା କାଲି ରାତିସାରା ଶୋଇନାହିଁ । ପ୍ରଚଣ୍ଡ ଗୁଳୁଗୁଳି ସାଙ୍ଗକୁ ତା' ଜୀବନର ବିଷଣ୍ଣ ଅଧ୍ୟାୟଗୁଡ଼ିକ ପୃଷ୍ଠା ପରେ ପୃଷ୍ଠା ଓଲଟି ତାକୁ ଆକ୍ରାମାକ୍ରା କରିଛି ରାତିସାରା । ସାରା ପୃଥିବୀ ଶୋଇଗଲା ବେଳେ କିଏ ଜାଣୁଥିବ ସୁପର୍ଣ୍ଣା ପର୍ଣ୍ଣମୋଚୀ ଅରଣ୍ୟଟେ ପରି ଡହ ଡହ ତାତିରେ ଡବଡବ ଲୁହରେ, ଅସହାୟ ଦୀର୍ଘଶ୍ୱାସରେ ବିତାଇ ଦେଉଚି ରାତି ପରେ ରାତି । ଅରଣ୍ୟର ପ୍ରେମିକପଣ ଅପ୍ରମାଣିତ ହୋଇଗଲା ପରେ, ତା' ପାଖରେ ଥିବା ଉଚ୍ଚଶିକ୍ଷାର ପ୍ରମାଣପତ୍ର ଦମ୍ଭ ଜାହିର କରିବାରେ ଅସମର୍ଥ ହେବା ପରେ ଓ ଅଳ୍ପ ବୟସରେ ବାପାକୁ ହରେଇ ବିଧବା ମାଆର ଆଶ୍ରା ହେବାର ନିରାଶମୟ ପରିଣତି ପାଖରେ, ସେ ବାରମ୍ବାର ହାରି ଚାଲିଛି । ଗୋଟେ ଦଗ୍ଧ ଆକାଶ ତଳେ

ଯେମିତି ସେ ପଢ଼ିଚି ଗୋଟେ ବିଦଗ୍ଧ ପୃଥିବୀ ।

ସେଇଥିପାଇଁ ତ ସେ ଘୋଷଣା କରିଚି, ସେ ଆଉ ସୁପର୍ଣ୍ଣା ନୁହେଁ, ବରଂ...

**ଉଠି ଆସୁଥିବା ସୂର୍ଯ୍ୟର ହାଲ୍‌କା ଲାଲ ହଳଦୀ ରଙ୍ଗର କିରଣରେ ପତ୍ରର ନାଲି କଟାରିଆ ରଙ୍ଗ ଜଣାଇ ଦେଉଚି ତା'ର ଆକସ୍ମିକ ଉପସ୍ଥିତି ।**

ସେ ତା'ର ଅଖଣ୍ଡ ଅନ୍ୟମନସ୍କତା ଭିତରେ ଜାଣିପାରିନାହିଁ ବୋଉ କେତେବେଳୁ ବିଛଣାରୁ ଉଠିଆସି ଠିଆ ହେଇଚି ସେଇ ଗଛମୂଳେ । ଉଦାସ ଆଖି ତା'ର ଘୂରିବୁଲୁଚି ସେଇ ଥୁଣ୍ଟା ଗଛର ଡାଳରେ ଡାଳରେ, ଜୀବନ ଯୋଉଠି ଟାଙ୍ଗର, ଆଉ ସମ୍ଭାବନା ନ ଥାଏ ବଞ୍ଚିବାର । ନିଃଶ୍ୱାସ ପ୍ରଶ୍ୱାସ ଦାୟରେ – ଖାଲି ବଞ୍ଚି ରହିବା କଥା ।

ହଠାତ ବୋଉ ଡାକି ଉଠିଲା, ସୁ... ସୁ..., ଦେଖିଲୁ...

ସୁପର୍ଣ୍ଣାର ତନ୍ଦ୍ରା କଟିଗଲା । ସେ ଦୌଡ଼ିଲା ଗଛମୂଳକୁ... ବୋଉ ପାଖକୁ... କ'ଣ ଦେଖେଇବାକୁ ବୋଉ ଏତେ ବ୍ୟସ୍ତ ହେଲାପରି ତାକୁ ଡାକୁଚି!

ଥୁଣ୍ଟା ଗଛର ସବା ଉଚ୍ଚା ଡାଳ ଅଗରେ ଦେଖାଯାଉଚି – କଅଁଳପତ୍ର ଦୁଇଟି । ଉଠି ଆସୁଥିବା ସୂର୍ଯ୍ୟର ହାଲ୍‌କା ଲାଲ ହଳଦୀ ରଙ୍ଗର କିରଣରେ ପତ୍ରର ନାଲି କଟାରିଆ ରଙ୍ଗ ଜଣାଇ ଦେଉଚି ତା'ର ଆକସ୍ମିକ ଉପସ୍ଥିତି । ବୋଉ ମୁହଁରେ ଧାରେ ସରୁ ହସ ନେସିହେଇ ଯାଉଚି ।

ଘର ଭିତରେ ଫୋନ୍ ରିଂ ହେଉଚି ।

ଏତେ ସକାଳୁ କିଏ ?

ସୁପର୍ଣ୍ଣା ଝପଟୁଥିଲା ଭିତରକୁ ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
rabipanda97@gmail.com



ପଢ଼ନ୍ତୁ ! ବୈଷ୍ଣବ ଚରଣ ସାମଲଙ୍କ

**ରମ୍ୟରଚନା ସମଗ୍ର**

ପୃଷ୍ଠାସଂଖ୍ୟା : ୧୪୨୮, ମୂଲ୍ୟ : ଟ.୧୩୫୦

ଧାରା ଶ୍ରୀରାଧା ଟ୍ରଷ୍ଟ, ଭୁବନେଶ୍ୱର




*ପ୍ରକାଶ ପାଇଲା*

**ମଧୁରମ୍ ମଧୁରାଧିପତି**

**ଲେଖକ: ବଳଦେବ ମହାରଥା**


'ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ' ଆନୁକୂଲ୍ୟରେ, ରଥଯାତ୍ରା ଉପଲକ୍ଷେ ପ୍ରକାଶ ପାଇଆସୁଥିବା ଅନନ୍ୟ ସଂକଳନର ପ୍ରଚ୍ଛଦପଟର ଭାବଭୂମିରେ ରହିଛି ଧର୍ମ, ଦର୍ଶନ ଓ ବିଜ୍ଞାନର ଅପୂର୍ବ ସମ୍ମିଶ୍ରଣ । ଏଥିରେ ଆଧାତ୍ମିକତାର ସ୍ୱର ଓ ସଂଳାପ ଯେପରି ଚିତ୍ରକରଙ୍କର ତୂଳୀର ଯାଦୁକରୀ ସ୍ପର୍ଶରେ ଜୀବନ୍ତ ରୂପ ଧାରଣ କରିଛନ୍ତି ।

ପ୍ରକାଶିତ ପୁସ୍ତକଟିରେ ସେହି ପ୍ରଚ୍ଛଦପଟ ଚିତ୍ରଗୁଡ଼ିକ ସହିତ ଜଡ଼ିତ ଅନେକ ଅନୁଭୂତି ଉପସ୍ଥାପନ କରିଛନ୍ତି ଚିତ୍ରଦେବ ଶ୍ରୀ ବଳଦେବ ମହାରଥା ।

**ପୃଷ୍ଠା: ୧୬୬ ମୂଲ୍ୟ: ୨୫୦ଟଙ୍କା**

**ପ୍ରକାଶକ: ମହାବୀର ପ୍ରକାଶନ, ପୁରୁଣାବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର**

**ଫୋନ୍: ୯୪୩୭୫୭୪୬୪୯**



ପ୍ରବନ୍ଧ

# ଆମ ସମାଲୋଚନା ସାହିତ୍ୟର ଲକ୍ଷଣ

ପ୍ରଫୁଲ୍ଲ କୁମାର ତ୍ରିପାଠୀ

ଏବେ ଆମ ସାହିତ୍ୟରେ ସର୍ବେକ୍ଷଣକାରୀ, ବିଶ୍ଳେଷଣକାରୀ ଓ ସମାଲୋଚକଗଣ ଯେଉଁ ପ୍ରକାର କାର୍ଯ୍ୟକଳାପରେ ବ୍ୟସ୍ତ ଥିବାର ଦେଖାଯାଉଛି, କୌଣସି ବିଷୟର ଅବବୋଧ ନିମନ୍ତେ ତାହା ଆଦୌ ସହାୟକ ହୋଇପାରୁନାହିଁ । ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ ସକାଶେ ତାତ୍କାଳିକ ବ୍ୟଗ୍ରତା ସହକାରେ ବିଶ୍ଳେଷଣ ନାମରେ ଯାହା ପ୍ରକାଶିତ ହେଉଛି, ତହିଁରେ ତଥ୍ୟ ଓ ସତ୍ୟର ପରିମାଣ ସର୍ବନ୍ୟୂନ ହୋଇଥିବା ସ୍ଥଳେ ଅସତ୍ୟ କଳ୍ପନା ହିଁ ସର୍ବାଧିକ ପରିମାଣରେ ଦେଖିବାକୁ ମିଳୁଛି । ଏ ଧରଣର ଗତାନୁଗତିକ ବିଶ୍ଳେଷଣାତ୍ମକ କାର୍ଯ୍ୟ ସଂପାଦନ ବେଳେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ/ପ୍ରଶ୍ନକୁ ଏଡ଼ାଇ ଦିଆଯାଉଥିବା ଯୋଗୁଁ ଶେଷ ପର୍ଯ୍ୟନ୍ତ କେବଳ ଖଣ୍ଡିତ ଚିତ୍ରାବଳୀ ହିଁ ଦେଖିବାକୁ ମିଳୁଛି ।



ବହୁ ଯନ୍ତ୍ରାଂଶରେ ତିଆରି ହୋଇଥିବା ସାଇକେଲ୍ ଭଳି ଗୋଟିଏ ଯନ୍ତ୍ରକୁ ଖଣ୍ଡଖଣ୍ଡ କରି ଫିଟାଇ ପୁଣି ଯୋଡ଼ି ଦେଇହେବ, କିନ୍ତୁ ଗୋଟିଏ ପଥର ତିଆରି ମୂର୍ତ୍ତିକୁ ଥରେ ଖଣ୍ଡଖଣ୍ଡ କରି ଭାଙ୍ଗିଦେଲେ ତାହା ଚିରଦିନ ପାଇଁ ନଷ୍ଟ ହୋଇଯାଏ । ସାହିତ୍ୟକୃତିର ମୁଖ୍ୟ ଉପାଦାନ ଶବ୍ଦ ହୋଇଥିଲେ ସୁଦ୍ଧା କେବଳ ଶବ୍ଦ-ବିଶ୍ଳେଷଣ ଦ୍ୱାରା ସାହିତ୍ୟର ରସାସ୍ୱାଦନ ଆଦୌ ସମ୍ଭବ ନୁହେଁ । ଅନୁରୂପ ଭାବରେ ଗୋଟିଏ ଚିତ୍ରର ଭାବାସ୍ୱାଦନ କେବଳ ରେଖା ଓ ରଙ୍ଗର ବିଶ୍ଳେଷଣ ଦ୍ୱାରା ସମ୍ଭବ ନୁହେଁ । ଅନ୍ୟପ୍ରକାରେ କହିଲେ, ଯେଉଁ ବାହ୍ୟ ଉପାଦାନଗୁଡ଼ିକର ସମନ୍ୱୟ ଯୋଗୁଁ କୌଣସି ସାହିତ୍ୟ ବା କଳାକୃତି ଗଠିତ ହୋଇଥାଏ, ସେହି ଉପାଦାନଗୁଡ଼ିକର ବିଶ୍ଳେଷଣ ଯେତେ ପୁଂଖାନୁପୁଂଖ ହେଲେ ସୁଦ୍ଧା ତାହା ଆମର ସାହିତ୍ୟ ବା କଳାବୋଧ ନିମନ୍ତେ ସହାୟକ ହୋଇନପାରେ । ସାହିତ୍ୟ ରଚନାରେ ବ୍ୟବହୃତ ଶବ୍ଦଗୁଡ଼ିକର ଶବ୍ଦତାତ୍ତ୍ୱିକ ବା ବ୍ୟାକରଣିକ ବିଶ୍ଳେଷଣ ବଦଳରେ ସେଗୁଡ଼ିକର ପାରସ୍ପରିକ ସଂପର୍କ ସନ୍ଧାନ ଦ୍ୱାରା ହିଁ ଆମେ ଈପ୍‌ସିତ ଭାବଭୂମିରେ ପହଞ୍ଚିପାରିବା ।

ଅନେକ ଛୋଟ ଛୋଟ ଅଂଶ ଦ୍ୱାରା ସାହିତ୍ୟ ଗଠିତ ହୋଇଥିଲେ ସୁଦ୍ଧା ଗୋଟିଏ କବିତା ବା ଗଳ୍ପକୁ ଆମେ ଏକ 'ଏକକ' ରୂପେ ଗ୍ରହଣ କରିବା । ଆମୂଳଚୂଳ ଅଧ୍ୟୟନ ଯୋଗୁଁ ଆମ ମନରେ ଯେଉଁ ପ୍ରତିକ୍ରିୟା ବା ପ୍ରଶ୍ନ ଜାତହୁଏ, ତହିଁର ପର୍ଯ୍ୟାୟକ୍ରମିକ ବିଶ୍ଳେଷଣ ଓ ଉତ୍ତର ସନ୍ଧାନ ଦ୍ୱାରା ହିଁ ଆମେ ସାହିତ୍ୟର ରସ ଆସ୍ୱାଦନ ସହିତ ତାହାର ଉତ୍କର୍ଷ, ସାଧାରଣତ୍ୱ, ଅପକର୍ଷ ଇତ୍ୟାଦି ପ୍ରତିପାଦନ କରିପାରିବା ।

**ଉଦ୍ଧୃତି ସଂଗ୍ରହ**

ଆଉ ଏକ ଧରଣର ସମାଲୋଚନାକୁ କେବଳ 'ଉଦ୍ଧୃତି ସଂଗ୍ରହ' ନାମରେ ହିଁ ନାମିତ କରାଯାଇପାରିବ । ଏ ଧରଣର କାର୍ଯ୍ୟରେ ଲିପ୍ତ ରହୁଥିବା ବ୍ୟକ୍ତି ଗୋଟିଏ ନିର୍ଦ୍ଦିଷ୍ଟ ବିଷୟରେ ବିଭିନ୍ନ କବି ଲେଖକଙ୍କର ମତ ଉଦ୍ଧାରକରି ଯେଉଁ ନିଷ୍କର୍ଷରେ ପହଞ୍ଚିଛନ୍ତି, ତାହାର ସାହିତ୍ୟିକ ପ୍ରାସଙ୍ଗିକତା ପ୍ରାୟ ନଥାଏ । ଯଥା: ଚନ୍ଦ୍ର, ଶୈଶବ, ଘାସ, କୋଣାର୍କ ଇତ୍ୟାଦି ବିଷୟରେ ପାଞ୍ଚ, ପନ୍ଦର ବା ପଚାଶ ଜଣ କବିଙ୍କର ବକ୍ତବ୍ୟ ଉଦ୍ଧାରକରି ଯେଉଁ ବିଶ୍ଳେଷଣ କରାଯାଇପାରିବ ତହିଁରୁ ଚନ୍ଦ୍ର, ଶୈଶବ, ଘାସ ବା କୋଣାର୍କ ଇତ୍ୟାଦିକୁ ତ ବୁଝି ହେବନାହିଁ; ଆହୁରି ମଧ୍ୟ ସଂପୃକ୍ତ କବିମାନଙ୍କର କବିତାକୁ ସୁଦ୍ଧା ବୁଝି ହେବନାହିଁ । ଏ ପ୍ରକାର କାର୍ଯ୍ୟ ମୁଖ୍ୟତଃ 'ସଂଗ୍ରାହକ'ମାନଙ୍କର କାର୍ଯ୍ୟ ହୋଇଥିଲେ ସୁଦ୍ଧା, ଆମ ସାହିତ୍ୟରେ ଏହା ସମାଲୋଚକମାନଙ୍କ ଦ୍ୱାରା

ସଂପାଦିତ ହୋଇଆସୁଛି ।

ଏବେ ପ୍ରଶ୍ନ ଉଠୁଛି, ଯଦି ସମାଲୋଚକମାନେ ପ୍ରଚାର କରିବେ ନାହିଁ, ସଂଗ୍ରହ କରିବେନାହିଁ, ମତ-ମନ୍ତବ୍ୟ ଦେବେନାହିଁ, ତା'ହେଲେ ସେମାନେ କରିବେ କ'ଣ ? ଗୋଟିଏ ଶବ୍ଦରେ ଏହି ପ୍ରଶ୍ନର ଉତ୍ତର ହେବ: ବିଶ୍ଳେଷଣ ।

ବିଭିନ୍ନ ଉପାଦାନର ଏକତ୍ରାବସ୍ଥାନ ଯୋଗୁଁ ଯାହା ତିଆରି ହୋଇଥାଏ, ତାହାର ବିଶ୍ଳେଷଣ ନିମନ୍ତେ ପ୍ରଥମେ ପ୍ରତ୍ୟେକ ଉପାଦାନକୁ ଗଠିତ କୃତିଠାରୁ ବିଘଟିତ କରିପାରିଲେ ପ୍ରତ୍ୟେକ ଉପାଦାନର ପରିମାଣାତ୍ମକ ଭାଗମାପ ଏବଂ ଉପାଦାନ ସମୂହର ପାରସ୍ପରିକ ନିର୍ଭରଶୀଳତା ଜଣାପଡ଼ିବ । ଏ ଦୁଇଟି କଥା ଜଣାପଡୁଥିବା ହେତୁ କୃତିର ବସ୍ତୁନିଷ୍ଠ ବିଶ୍ଳେଷଣ ହୋଇପାରିବ ଏବଂ ସମାଲୋଚକ ଯାହା କହିବେ, ତାହା ସମର୍ଥନ ବା ବିରୋଧ ହେବନାହିଁ କିମ୍ବା ତାଙ୍କର ପୂର୍ବଗଠିତ ମତକୁ ପ୍ରତିପାଦନ କରିବା ଭଳି ଦୃଷ୍ଟାନ୍ତ ବା ଉଦାହରଣ ହେବନାହିଁ । କିନ୍ତୁ କଳାକୃତିରେ ଯାହା ଥିବ ତାହା ସ୍ପଷ୍ଟରୂପେ ଜଣାପଡ଼ିଯିବ । ଏତିକି ଜାଣିଲା ପରେ ଯଦି ପାଠକ ନିର୍ଦ୍ଦିଷ୍ଟ କଳାକୃତିର ସମ୍ମୁଖୀନ ହେବେ, ତା'ହେଲେ ତାଙ୍କୁ ହତାଶ ହେବାକୁ ପଡ଼ିବନାହିଁ । ସ୍ରଷ୍ଟା, ବିଶ୍ଳେଷକ ଓ ପାଠକ ପରସ୍ପରଠାରୁ ସମାନ ଦୂରତ୍ୱରେ ଅବସ୍ଥାନ କରିବା ଯୋଗୁଁ ପ୍ରତ୍ୟେକ ପକ୍ଷ ସମାନ ସ୍ୱାଧୀନତା ଉପଭୋଗ କରିପାରିବେ । ଏହି ସ୍ୱାଧୀନତା ହିଁ ସେମାନଙ୍କୁ କଳା-ସଂପୃକ୍ତି-ଜନିତ ଶୁଦ୍ଧ ଭାବ ଦେଇପାରିବ । ପାଠକ, ଶ୍ରୋତା, ଦର୍ଶକ ବା କଳାଗ୍ରାହୀ ମନରେ ଭାବାନ୍ତର ସୃଷ୍ଟି କରିବା ଉଦ୍ଦେଶ୍ୟରେ ହିଁ କଳାକାର ଯେହେତୁ ନିଜ ମନର ଭାବକୁ ପ୍ରକାଶ କରନ୍ତି, ଏହି ଭାବକୁ ଚିହ୍ନି ତାହାର ସଂପ୍ରସାରଣରେ ସହାୟକ ହେବା ହିଁ ପ୍ରତ୍ୟେକ ସମାଲୋଚକ, ବିଶ୍ଳେଷକ ବା ସମୀକ୍ଷକଙ୍କ କର୍ତ୍ତବ୍ୟ ହେବା ଆବଶ୍ୟକ । ଏପରି ହେଲେ ଆମର ବିଶ୍ଳେଷଣ-ପଦ୍ଧତିରେ ଯେଉଁ ଅଭାବ, ତ୍ରୁଟି ଓ ବ୍ୟତିକ୍ରମ ସବୁ ରହିଛି, ତାହା ସମୟକ୍ରମେ ଦୂରେଇଯିବ । ସାହିତ୍ୟ ସମାଲୋଚନା ମୂଳନୀତି ଓ ସିଦ୍ଧାନ୍ତର ବନ୍ଧନରୁ ମୁକ୍ତ ହେବ ।

**ଗୋଟିଏ ଉତ୍କୃଷ୍ଟ କଳାକୃତି ଆମକୁ ଅତି ସଂଗୋପନରେ, ଧୀର କିନ୍ତୁ ନିଶ୍ଚିତ ଭାବରେ ପ୍ରଭାବିତ କରିଥାଏ ।**

ଯେଉଁ ବସ୍ତୁ ଆମର ପସନ୍ଦ ହୁଏ, ତାକୁ ଆମେ ନିଜର କରିନେଉ । କିନ୍ତୁ ଯେଉଁ କୃତି ଆମର ପସନ୍ଦ ହୁଏ, ତାକୁ ଆମେ କରୁ କ'ଣ ? ଆମେ ହୁଏତ ବହିଟିଏ, ଚିତ୍ରଟିଏ କିମ୍ବା କ୍ୟାସେଟ୍‌ଟିଏ କିଣି ନିଜ ଘରକୁ ଆଣିପାରୁ । କିନ୍ତୁ ସାହିତ୍ୟ, ଚିତ୍ର କିମ୍ବା ସଂଗୀତକୁ ପସନ୍ଦ କରିବା ନିମନ୍ତେ ଏସବୁକୁ ଧାରଣ କରୁଥିବା ବସ୍ତୁ ଉପରେ ଆମର ମାଲିକାନା ଯଥେଷ୍ଟ ନୁହେଁ । ବହି ପଢ଼ିବା, ଚିତ୍ର ଦେଖିବା କିମ୍ବା ସଂଗୀତ ଶୁଣିବା ଯୋଗୁଁ ଯେଉଁ ଭାବ ଜାତହୁଏ, ସେହି ଭାବକୁ ନିଜର କରିପାରିଲେ ହିଁ ଆମେ କୃତିର ଗୁଣଗ୍ରାହୀ ହୋଇପାରିବା ।


**ବ୍ୟକ୍ତିଗତ ରୁଚି**

ନିଜର ବ୍ୟକ୍ତିଗତ ରୁଚି ବା ଆଗ୍ରହକୁ ସୁହାଇବା ଭଳି କଳାକୃତିର ଗ୍ରାହକ ହେବାରେ କିଛି ଆପତ୍ତି ନାହିଁ, କିନ୍ତୁ ପ୍ରତ୍ୟେକ କଳାକୃତିକୁ ଏହି ରୁଚି ବା ଆଗ୍ରହର ଯୁକ୍ତିହୀନ ଦୃଢ଼ୋକ୍ତି ଦ୍ୱାରା ବିରୋଧ ବା ସମର୍ଥନ କରିହେବନାହିଁ । ଯେଉଁ ଧରଣର କଳାକୃତି ପ୍ରତି ଆମ ମନରେ ବଦ୍ଧମୂଳ ବିରୋଧିତା ରହିଛି, ସେହି ଧରଣର କଳାକୃତିକୁ ବରଂ ଏଡ଼ାଇ ରଖିବା ଉଚିତ । କେବଳ ତ୍ରୁଟି ସନ୍ଧାନ କରୁଥିବା ବ୍ୟକ୍ତି ଅଯଥା ନିଜର ସମୟ ନଷ୍ଟ କରନ୍ତି ।

କଳାକୃତିର ବିଶ୍ଳେଷଣ ବା ସମାଲୋଚନା ଦ୍ୱାରା ଆମେ ଯେହେତୁ ପାଠକ ମନରେ ସେଥିପ୍ରତି ଆଗ୍ରହ ସୃଷ୍ଟି କରିବାକୁ ଚେଷ୍ଟାକରୁ, ମୂଳତଃ ଏହା ଏକ ପ୍ରଚାରାତ୍ମକ କାର୍ଯ୍ୟ । ଏଭଳି ପ୍ରଚାର ଦ୍ୱାରା ଆକୃଷ୍ଟ ହୋଇ ପାଠକ ଯଦି କଳାକୃତିର ସମ୍ମୁଖୀନ ହୁଅନ୍ତି, ତା'ହେଲେ ଏହି ପଠନ, ଦର୍ଶନ ବା ଶ୍ରବଣର ପ୍ରଭାବ ସାମୂହିକ ହେବ କି ସାମୟିକ, ତାହା କଳାକୃତିର ଅନ୍ତର୍ନିହିତ ଗୁଣାବଳୀ ଉପରେ ନିର୍ଭରଶୀଳ; ବିଶ୍ଳେଷଣର ପ୍ରଚାରାତ୍ମକତା ଉପରେ ଆଦୌ ନୁହେଁ । ତେଣୁ ବିଶ୍ଳେଷକ ବା ସମାଲୋଚକର ଭୂମିକା କେବଳ ଜଣେ ଯୋଗସୂତ୍ରକାରୀର ଭୂମିକା ସହିତ ତୁଳନୀୟ ।

ଗୋଟିଏ ଉତ୍କୃଷ୍ଟ କଳାକୃତି ଆମକୁ ଅତି ସଂଗୋପନରେ, ଧୀର କିନ୍ତୁ ନିଶ୍ଚିତ ଭାବରେ ପ୍ରଭାବିତ କରିଥାଏ । କେତେଥର ପଢ଼ିଲେ ବା କେତେବେଳ ପର୍ଯ୍ୟନ୍ତ ଦେଖିଲେ ଓ ଶୁଣିଲେ ଗୋଟିଏ କବିତା, ଚିତ୍ର କବିତା ବା ସଂଗୀତକୁ ଆମେ ଆତ୍ମସାତ୍ କରିପାରିବା ତାହା କହିହେବନାହିଁ । ତେବେ ଏକଥା ସତ ଯେ ତାତ୍କାଳିକ ପ୍ରଭାବ

ଉତ୍ପାଦନ କରୁଥିବା କୃତିଗୁଡ଼ିକର ପ୍ରଭାବ କେବଳ ସାମୟିକ ହିଁ ହୋଇଥାଏ । ଯେଉଁ 'ଜୋକ୍'ଟି ପ୍ରଥମଥର ପଢ଼ିଲା କ୍ଷଣି ହସ ଉତ୍ପନ୍ନ କରିପାରେ, ଦ୍ୱିତୀୟ, ତୃତୀୟ କି ଚତୁର୍ଥଥର ପଢ଼ିଲେ ତାହାର ପ୍ରଭାବ ମ୍ଳାନ ହୋଇଯାଏ । କିନ୍ତୁ, ଉତ୍କୃଷ୍ଟ କଳା ବା ସାହିତ୍ୟ କୃତିର ବାରମ୍ବାର ପଠନ ଦ୍ୱାରା ଆମେ ପରସ୍ତ ପରସ୍ତ ବାହ୍ୟାବରଣ ଭେଦକରି ସେହି ରଚନାର ମୂଳ ଆତ୍ମାକୁ ଚିହ୍ନିପାରୁ । ସବୁ କବିତାରେ ଏହି ଆତ୍ମା ନଥାଏ କି ସବୁ ପାଠକ ଏତେ ଧୈର୍ଯ୍ୟଶୀଳ ନୁହନ୍ତି । ପାଠକ ମନରେ ଏହି ଧୈର୍ଯ୍ୟ ଉତ୍ପନ୍ନ କରିବା ଉଦ୍ଦେଶ୍ୟରେ ହିଁ ସାହିତ୍ୟର ବିଶ୍ଳେଷଣ ହେବା ଆବଶ୍ୟକ । ଧୈର୍ଯ୍ୟର ସହିତ ପଢ଼ିଲେ, ଦେଖିଲେ ବା ଶୁଣିଲେ ଆମେ କୃତିର ଗଭୀରତା ଜାଣିପାରୁ । କବିତାରେ ବ୍ୟବହୃତ କିଛି ଶବ୍ଦ ସମାହାର କିମ୍ବା ଧାଡ଼ି ଅଥବା ପଦ ଆମକୁ ବାରମ୍ବାର ନିଜ ଆଡ଼କୁ ଟାଣନ୍ତି । ସେଗୁଡ଼ିକର ଅସାଧାରଣତ୍ୱ ଓ ଅନନ୍ୟତା ଆମକୁ ମୁଗ୍ଧ କରେ । ଶବ୍ଦର ଶକ୍ତି ଉପରେ ଆମର ଆସ୍ଥା ଆହୁରି ଟିକିଏ ବଢ଼ିଯାଏ । ସୁଭାଷିତ ପଦଟିଏ ଶୁଣିଲେ ତାକୁ ନିଜର କରିନେବାକୁ ଇଚ୍ଛାହୁଏ । କବିତା ସହିତ ପାଠକର ସଂପର୍କ ଆହୁରି ନିବିଡ଼ ଓ ଅନ୍ତରଙ୍ଗ ହୋଇଉଠେ ।




ଯେଉଁ ବିଷୟ ପ୍ରତି ପାଠକ ମନରେ ଆଗ୍ରହ ଥାଏ, ତାହା ଯେଉଁ ଢଙ୍ଗରେ ପ୍ରକାଶିତ ହୋଇଥିଲେ ସୁଦ୍ଧା ପାଠକର ଆଦରଣୀୟ ହୋଇଥାଏ । ଉଦାହରଣ ସ୍ୱରୂପ ଆମର ବିଶାଳ ପୁରାଣ ଓ ଧର୍ମ-ଭିତ୍ତିକ ସାହିତ୍ୟକୁ ନିଆଯାଇପାରେ । ଅନ୍ୟାନ୍ୟ ସାହିତ୍ୟିକ ଉତ୍କର୍ଷ ନଥିବା ସତ୍ତ୍ୱେ ସନ୍ନିହିତ ବିଷୟ ଯୋଗୁଁ ଏଗୁଡ଼ିକ ଯୁଗାନୁକ୍ରମେ ପାଠକୀୟ ଶ୍ରଦ୍ଧାଲାଭ କରିଚାଲିଛନ୍ତି । ଅଥଚ ଅନ୍ୟାନ୍ୟ ସୁଲିଖିତ ସାହିତ୍ୟ ପ୍ରତି ପାଠକୀୟ ଆଗ୍ରହ ଜାତ ହେଉନାହିଁ, କାରଣ ସେହି ସାହିତ୍ୟର ବିବୃତ ବିଷୟ ସହିତ ପାଠକ ପ୍ରାୟ ଅପରିଚିତ । ପରିଚିତ ବା ଜଣା ବିଷୟରେ ଅଧିକ ଜାଣିବା ପାଇଁ ଆମର ଯେପରି ଆଗ୍ରହ, ସଂପୂର୍ଣ୍ଣ ଅପରିଚିତ ବା ଅଜଣା ବିଷୟରେ ଟିକିଏ ସୁଦ୍ଧା ଜାଣିବା ପାଇଁ ଆମର ସେପରି ଆଗ୍ରହ ନଥିବା ଯୋଗୁଁ ଏ ଅବସ୍ଥା । ସବୁ ବିଷୟ ପ୍ରତି ଆଗ୍ରହୀ ହେବା ଭଳି ମାନସିକତା ନଥିବା ଯୋଗୁଁ ଆମ ସାହିତ୍ୟର ବିଷୟ-ତାଲିକା ବ୍ୟାପକ ଓ ବିବିଧତାମୟ ହୋଇପାରୁନାହିଁ । ଯେକୌଣସି ସରଳ ବା ସାଧାରଣ ବିଷୟକୁ କୁଶଳ ଶବ୍ଦ ପ୍ରୟୋଗ ଦ୍ୱାରା ଜଟିଳ ବା ଅସାଧାରଣ ରୂପେ ପରିବେଷଣ କରିବା, ଏହା କବିକର୍ମ ହୋଇନପାରେ । ଯେକୌଣସି ଜଟିଳ କବିତାକୁ ଆଭୂଷଣ-ବିବର୍ଜିତ କରି ସରଳାର୍ଥ ରଚନା କରିବା, ଏହା ସମାଲୋଚକୀୟ କର୍ମ ନୁହେଁ । କବିତାର ବିଷୟଗତ ଓ ଗଠନଗତ ବାସ୍ତବତାକୁ ସ୍ୱୀକାର କରିବା ସହିତ ପାଠକକୁ ସେଥି ସହ ଯୋଡ଼ିବା ହିଁ ମୁଖ୍ୟ ସମାଲୋଚକୀୟ କାର୍ଯ୍ୟ ।

### ଅତିରଞ୍ଜିତ ପ୍ରଶଂସା

ନିଜକୁ ଭଲ ଲାଗୁଥିବା କବିତାର ଅତିରଞ୍ଜିତ ପ୍ରଶଂସା ଓ ପ୍ରଚାର କାର୍ଯ୍ୟକୁ ମୁଖ୍ୟ ଏବଂ ଅଧିକାଂଶ କ୍ଷେତ୍ରରେ ଏକମାତ୍ର ଧ୍ୟେୟ ମନେକରୁଥିବା ବ୍ୟକ୍ତି ଶେଷ ପର୍ଯ୍ୟନ୍ତ ଜଣେ ନିର୍ଦ୍ଦିଷ୍ଟ କବିଙ୍କର ଭାବମୂର୍ତ୍ତି ଗଠନକାରୀ ଜନସଂପର୍କ ସହାୟକ ହୋଇପାରନ୍ତି, କେବେହେଲେ ସମାଲୋଚକ ହୋଇପାରିବେ ନାହିଁ । ଏଭଳି ବ୍ୟକ୍ତି କୌଣସି କବିଙ୍କର ଅଣ-ସାହିତ୍ୟିକ ବ୍ୟକ୍ତିତ୍ୱ ଦ୍ୱାରା ଏତେ ଅଧିକ ପ୍ରଭାବିତ ହୋଇପଡ଼ିଥାନ୍ତି ଯେ କବିତାକୁ କବିଠାରୁ ଅଲଗାକରି ବିଚାର କରିବାରେ ବୌଦ୍ଧିକ ପ୍ରବଣତା ତାଙ୍କର ନଥାଏ । ସାମୂହିକ ଭାବରେ କବିମାନଙ୍କର ଅବଦାନ, ଭୂମିକା ଓ ସ୍ଥାନ ପ୍ରସଙ୍ଗରେ ବିଶେଷଣାତ୍ମକ ବାକ୍ୟ ରଚନା ଏମାନଙ୍କ ନାହିଁ । ବ୍ୟକ୍ତି ଜଣକ ରାଜା ହୁଅନ୍ତୁ କି ରଙ୍କ, ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଚିକିତ୍ସକ କେବଳ ଗୋଟିଏ ପଦ୍ଧତି ଓ ଏକ ପ୍ରକାରର ଯନ୍ତ୍ରପାତି ବ୍ୟବହାର କରନ୍ତି । କିନ୍ତୁ କଳା ବିଶ୍ଳେଷକମାନେ ଏପର୍ଯ୍ୟନ୍ତ କଳାକାର ବା କବିଙ୍କ ବ୍ୟକ୍ତିତ୍ୱ ଅନୁଯାୟୀ ଭିନ୍ନ ଭିନ୍ନ ପଦ୍ଧତି ଅବଲମ୍ବନ କରୁଛନ୍ତି । ଫଳତଃ ଯେଉଁ ପାତର-ଅନ୍ତର ବା ପ୍ରିୟା-ପ୍ରୀତି ତୋଷଣକୁ ଆମେ ରାଜନୀତି ଓ ପ୍ରଶାସନ କ୍ଷେତ୍ରରେ ବ୍ୟାଧି ବୋଲି ମନେକରୁ, ତାହା କଳା ବିବେଚନା କ୍ଷେତ୍ରରେ କିଛି କମ୍ ପ୍ରଚଳିତ ନୁହେଁ ।

ରାଜତନ୍ତ୍ରର ଅନେକ ଦୁର୍ଲକ୍ଷଣ ଦ୍ୱାରା ଆମର କଳାକ୍ଷେତ୍ର ଏବେ ସଂକ୍ରମିତ । ଏ ଅବସ୍ଥାକୁ ଅଧିକ ଦିନ ଚାଲିବାକୁ ଦିଆଗଲେ ଆମ ସାହିତ୍ୟର ଇତିହାସ ଆମକୁ ମିଛ ମିଛ ଲାଗିବ । ପ୍ରମାଣହୀନ ଅସଂଖ୍ୟ ପ୍ରଶଂସା-ବାକ୍ୟରେ ମଣ୍ଡିତ ହୋଇଥିବେ ଆମର କବିଗଣ, ଅଥଚ ସେମାନଙ୍କର କବିତାରେ ପ୍ରଶଂସା କଲାଭଳି କିଛି ନଥିବ । ଏହାଦ୍ୱାରା ସମାଲୋଚକମାନଙ୍କର ସୁବିଧାବାଦ ତ ଧରାପଡ଼ିବ, କିନ୍ତୁ ତାହା ହେଲେ ସୁଦ୍ଧା ମୂଳ କବି ବା କବିତାର କୌଣସି କଲ୍ୟାଣ ହେବନାହିଁ ।

କୌଣସି ନିର୍ଦ୍ଦିଷ୍ଟ କାଳଖଣ୍ଡର ସାହିତ୍ୟ ଆଲୋଚନା ବେଳେ ସମାଲୋଚକ ଜଣେ ଇତିହାସକାରର ଭୂମିକା ଗ୍ରହଣ କରନ୍ତି । ସେହି ସମୟସୀମା ମଧ୍ୟରେ ପ୍ରକାଶିତ କୃତି ସମୂହର ଆଲୋଚନା ଦ୍ୱାରା ହିଁ ତତ୍କାଳୀନ ସାହିତ୍ୟିକ ପରିବେଶ ପରିସ୍ଫୁଟିତ ହୋଇପାରିବ । ଏଭଳି ସ୍ଥଳେ ନିଜ ରୁଚି ମୁତାବକ ଅଳ୍ପ କେତେଜଣ କବି ଲେଖକଙ୍କୁ ମୁଖ୍ୟ ଚର୍ଚ୍ଚାର ବିଷୟକରି ଅନ୍ୟ ସମସ୍ତଙ୍କୁ ପାଠକଙ୍କର ଦୃଷ୍ଟି ଆଢୁଆଳରେ ରଖିବାର ଅସ୍ୱାସ୍ଥ୍ୟକର ପରମ୍ପରା ଯୋଗୁଁ ଆମ ସାହିତ୍ୟର ଐତିହାସିକ ଚିତ୍ର ଏପର୍ଯ୍ୟନ୍ତ ସ୍ୱଚ୍ଛ ହୋଇପାରୁନାହିଁ । ସାହିତ୍ୟର ଇତିହାସ ଲେଖିବାକୁ ଆଗଭର ହୋଇଥିବା ବ୍ୟକ୍ତିବିଶେଷ ପକ୍ଷରେ ଏ ପ୍ରକାର ଅନୁଦାରତା ଶୋଭନୀୟ ନୁହେଁ । ଯାହା ଆଦୌ ସାହିତ୍ୟ ପଦବାଚ୍ୟ ନୁହେଁ, ତହିଁର ଆଲୋଚନାକୁ ହୁଏତ ଏଡ଼ାଇ ଦିଆଯାଇପାରେ, କିନ୍ତୁ ତଥାକଥିତ ଗୌଣ ସାହିତ୍ୟିକମାନଙ୍କର ନାମୋଲ୍ଲେଖ ସୁଦ୍ଧା ନ କରିବା ଦ୍ୱାରା ତଥ୍ୟ ଲୋପ ଭଳି ଐତିହାସିକ ତ୍ରୁଟି ଘଟିଯାଇପାରେ । ନିଜର ପ୍ରିୟ ଲେଖକମାନଙ୍କର ବାରମ୍ବାର ନାମୋଚ୍ଚାରଣ କରୁଥିବା ସାହିତ୍ୟ ସମାଲୋଚକ ବସ୍ତୁତଃ ନିଜର ସୀମିତ ଅଧ୍ୟୟନ ଏବଂ ପକ୍ଷପାତିତା ହିଁ ପ୍ରକାଶ କରନ୍ତି । ଇତିହାସର ନାମ ତାଲିକାର ପ୍ରସ୍ତୁତି କାର୍ଯ୍ୟ ସହିତ ବ୍ୟକ୍ତିଗତ ପସନ୍ଦ ନାପସନ୍ଦର କୌଣସି ସଂପର୍କ ନାହିଁ ।

**ତଥାକଥିତ ଗୌଣ ସାହିତ୍ୟିକମାନଙ୍କର ନାମୋଲ୍ଲେଖ ସୁଦ୍ଧା ନ କରିବା ଦ୍ୱାରା ତଥ୍ୟ ଲୋପ ଭଳି ଐତିହାସିକ ତ୍ରୁଟି ଘଟିଯାଇପାରେ ।**

## ବୌଦ୍ଧିକ କାର୍ଯ୍ୟ

ସାହିତ୍ୟର ସମାଲୋଚନା ଏକ ବୌଦ୍ଧିକ କାର୍ଯ୍ୟ । ଏହାଦ୍ୱାରା ଆଲୋଚ୍ୟ କୃତିର ଗୁଣାଗୁଣ ନିର୍ଣ୍ଣୟ ସହିତ କିଛି ନିଷ୍ପତ୍ତି ପ୍ରକାଶିତ ହୁଏ । ପ୍ରକାର ଭେଦରେ ଏହା ବ୍ୟାଖ୍ୟାତ୍ମକ, ବିଶ୍ଲେଷଣାତ୍ମକ, ପ୍ରଭାବାତ୍ମକ, ସୈଦ୍ଧାନ୍ତିକ, ତୁଳନାତ୍ମକ, ନୈତିକ, ସମାଜତାତ୍ତ୍ୱିକ, ଆଦିରୂପାତ୍ମକ, ଆଳଙ୍କାରିକ ଓ ଭାଷାତାତ୍ତ୍ୱିକ ଇତ୍ୟାଦି ହୋଇପାରେ । ମାର୍କ୍ସଙ୍କର ରାଜନୈତିକ ଦର୍ଶନ, ଫ୍ରୟେଡ୍‌ଙ୍କ ମନୋବୈଜ୍ଞାନିକ ସିଦ୍ଧାନ୍ତ, ଜୁଙ୍ଗଙ୍କ ଆଦିରୂପ-ସଂପର୍କିତ ବିଚାର ପରିପ୍ରେକ୍ଷୀରେ ସୁଦ୍ଧା ସାହିତ୍ୟର ଆଲୋଚନା ହୋଇପାରେ । ଏହା ବସ୍ତୁନିଷ୍ଠ କିମ୍ବା ବ୍ୟକ୍ତିନିଷ୍ଠ ଅଥବା ସ୍ୱାନୁଭୂତିମୂଳକ ହୋଇପାରେ । ଏଭଳି ଆଲୋଚନା ମଧ୍ୟରେ କୃତିକାରଙ୍କ ଜୀବନୀ, ଇତିହାସ ଓ ମୂଳପାଠର ବିଭିନ୍ନ ଉପଲବ୍ଧତା ରୂପାବଳୀର ପାଣ୍ଡିତ୍ୟପୂର୍ଣ୍ଣ ଅଧ୍ୟୟନ ସନ୍ନିବେଶିତ ହୋଇପାରେ । ବିଭିନ୍ନ ଦର୍ଶନଗ୍ରାହୀ ମନୋଭାବ-ସଂପନ୍ନ ସମାଲୋଚକ ସାମାଜିକ, ନୈତିକ ଓ ଅନ୍ୟାନ୍ୟ ମୂଲ୍ୟବୋଧଭିତ୍ତିକ ଧାରଣା ପରିପ୍ରେକ୍ଷୀରେ ସାହିତ୍ୟ କୃତିର ଯେଉଁ ମୂଲ୍ୟ ବା ମାନ ନିର୍ଦ୍ଧାରଣ କରନ୍ତି, ତାହାର ପ୍ରାସଙ୍ଗିକତା ମୂଳକୃତି ଭଳି ମୂଲ୍ୟବାନ ହୋଇଥାଏ ।

ଏଭଳି ବହୁମୁଖୀ ବିଶ୍ଲେଷଣ ଯୋଗୁଁ ସାହିତ୍ୟ ଏପର୍ଯ୍ୟନ୍ତ ଯାହା ହରାଇଛି, ତାହା ଫେରିପାଇବାର ସମ୍ଭାବନା ଅଛି । ପାଠକବର୍ଗର ସାହିତ୍ୟ-ଦୃଷ୍ଟି ପୂର୍ବାପେକ୍ଷା ସୂକ୍ଷ୍ମ ଓ ଗଭୀର ହେବାର ବିଶ୍ୱାସ ଅଛି ଏବଂ ସାହିତ୍ୟକାରମାନଙ୍କର ନିର୍ଦ୍ଦିଷ୍ଟ ଅବଦାନ ଓ ଭୂମିକା ସ୍ପଷ୍ଟ ରୂପେ ପରିଭାଷିତ ହେବାର ଆଶା ଅଛି । ଓଡ଼ିଆ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ସକ୍ରିୟତା ପ୍ରଦର୍ଶନ କରୁଥିବା ବ୍ୟକ୍ତିବିଶେଷଙ୍କର ଯୁଗାନୁରୂପ ଅଭିମୁଖୀକରଣ ଦ୍ୱାରା ହିଁ ଏହି ସମ୍ଭାବନା, ବିଶ୍ୱାସ ଓ ଆଶାର ବାସ୍ତବ ରୂପାୟନ ଘଟିପାରିବ । ଏ ସମସ୍ତ ଓ ଅନ୍ୟାନ୍ୟ କାରଣରୁ ଓଡ଼ିଆ ସମାଲୋଚକମାନଙ୍କର ସାମୂହିକ ମନୋଭାବ ବର୍ତ୍ତମାନ ଅପେକ୍ଷା ଅଧିକ ସ୍ୱଚ୍ଛ ହୋଇଯିବା ଆମ ସମସ୍ତଙ୍କର କାମ୍ୟ । ଓଡ଼ିଆ ସାହିତ୍ୟ ସମାଲୋଚନା ଭଳି ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଅଧିକ ସାବଲୀଳ ଓ ଗ୍ରହଣଯୋଗ୍ୟ କରିବା ନିମନ୍ତେ ସମସ୍ତ ସଂପୃକ୍ତ ପକ୍ଷ ଏକ ସାମୂହିକ ପ୍ରୟାସରେ ଲିପ୍ତ ହୋଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ଉଦ୍ଦେଶ୍ୟରେ ଯାତ୍ରାରମ୍ଭ କରିବାର ସମୟ ହେଲାଣି ।

ସମାଲୋଚନା ସହିତ ସଂପୃକ୍ତ ଚାରିଗୋଟି ଦିଗର କଥା ବିଚାର କରାଯାଉ ।

'କ୍ରିଟିସିଜମ୍': ଗୁଣ ଅଗୁଣ ବିଚାର, ନିର୍ଣ୍ଣୟ ଓ ନିଷ୍ପତ୍ତି ପ୍ରକାଶ

'କ୍ରିଟିକ୍': ଏହି କାର୍ଯ୍ୟ ସାଧନରେ ରୁଚି ରଖୁଥିବା ବ୍ୟକ୍ତି

'ଆନାଲିସିସ୍': ବସ୍ତୁକୁ ଭାଗଭାଗ କରି ସୂକ୍ଷ୍ମ ପରୀକ୍ଷଣ

'କ୍ରିଟିସିଜମ୍' ଅର୍ଥାତ୍ ସମାଲୋଚନା କାର୍ଯ୍ୟ ପାଇଁ ବିଭିନ୍ନ ଧରଣ ରହିଛି ଯଥା: ବ୍ୟାଖ୍ୟାତ୍ମକ, ବିଶ୍ଳେଷଣାତ୍ମକ, ସାମାଜିକ, ନୈତିକ ମୂଲ୍ୟବୋଧଭିତ୍ତିକ, ମୂଲ୍ୟାୟନ, ଆଦର୍ଶମୂଳକ, ପ୍ରଭାବାତ୍ମକ, ବସ୍ତୁନିଷ୍ଠ, ବ୍ୟକ୍ତିନିଷ୍ଠ, ସ୍ୱାନୁଭୂତିମୂଳକ, ବିବିଧ ଦର୍ଶନାଶ୍ରୟୀ, ସୈଦ୍ଧାନ୍ତିକ, ସାପେକ୍ଷିକ, ତୁଳନାତ୍ମକ, ନୈତିକ, ମାର୍କସବାଦୀ, ଫ୍ରୟେଡ୍‌ବାଦୀ, ଔପଚାରିକ, ଆଦିରୂପାତ୍ମକ, ଜୀବନାଲେଖ୍ୟ ଆଶ୍ରିତ, ଐତିହାସିକତା, ପାଠ୍ୟ ସାମଗ୍ରୀ – ଆଶ୍ରିତ, ଚିନ୍ତନର ଇତିବୃତ୍ତ ।

ଅର୍ନ୍ତବିଶ୍ଳେଷଣ : ସଂସ୍କୃତିର ଅନ୍ୟାନ୍ୟ ଦିଗ ସହିତ ସାହିତ୍ୟର ବିଶ୍ଳେଷଣ ।

ଦର୍ଶନାତ୍ମକ : ସାହିତ୍ୟ କୃତିର ବାସ୍ତବିକ ରୂପ ଦର୍ଶନ ।

ପଦ୍ୟକୁ ଗଦ୍ୟ ରୂପରେ, ସାହିତ୍ୟିକ ଗଦ୍ୟକୁ ସରଳ ଗଦ୍ୟରେ ରୂପାନ୍ତର କରିବା କାମର ନାମ 'ଅନ୍ୱୟ' ।

ଅତୀତ କାଳର ସାହିତ୍ୟ ଅଧ୍ୟୟନ ପାଇଁ ପାଣ୍ଡିତ୍ୟ ଦରକାର, କିନ୍ତୁ ଏ ପ୍ରକାର ପାଣ୍ଡିତ୍ୟ ନଥାଇ ସୁଦ୍ଧା ନିଜ ସମୟର ସାହିତ୍ୟ ବିଶ୍ଳେଷଣ କରିବା ।

'ଡାଇଲେଟାଣ୍ଟିଜମ୍': 'ପଲ୍ଲବଗ୍ରାହିତା' ଓ ତତ୍କାଳ ପ୍ରତିକ୍ରିୟା ପ୍ରକାଶ କରିବାର ଆବଶ୍ୟକତା ଅଛି କି ନାହିଁ ତାହା ବିଚାରଣୀୟ । ପାଶ୍ଚାତ୍ୟ ଓ ପ୍ରାଚ୍ୟ ଉଭୟ କ୍ଷେତ୍ରର ବିଦ୍ୱତ୍‌ଜନଙ୍କର ଆଲୋଚକୀୟ ପଦ୍ଧତି ମଧ୍ୟରେ ସମନ୍ୱୟ ସ୍ଥାପନ ହେବା ପୂର୍ବରୁ ସାହିତ୍ୟ-ରସାସ୍ୱାଦନ ବ୍ୟକ୍ତି-ନିରପେକ୍ଷ ହୋଇପାରିବ ନାହିଁ । ସାହିତ୍ୟ ରଚନା ଏକ ଆବେଗିକ କାର୍ଯ୍ୟ ହୋଇପାରେ, କିନ୍ତୁ ସେହି ସାହିତ୍ୟର ବିଶ୍ଳେଷଣ ନିମନ୍ତେ ଆବେଗ-ବିହୀନତା ହିଁ ସର୍ବାଗ୍ରେ ଆବଶ୍ୟକ । କୌଣସି ସାହିତ୍ୟକାରଙ୍କ ଭାବମୂର୍ତ୍ତିକୁ ଉଜ୍ଜ୍ୱଳ କରିବା ପାଇଁ କିମ୍ବା କୃତିକୁ ମହିମା-ମଣ୍ଡିତ କରିବା ପାଇଁ ନିଷ୍ଠାପର ସମାଲୋଚକଗଣ ଆଗ୍ରହୀ ହେବା କଥା ନୁହେଁ । କିନ୍ତୁ ଓଡ଼ିଶାରେ ଅନେକ ଅଧ୍ୟାପକ-ସମାଲୋଚକ କ୍ଷମତାଶାଳୀ ବ୍ୟକ୍ତିଙ୍କର ସ୍ତୁତି କରୁଥିବାର ଶୋଚନୀୟ ସ୍ଥିତି ସହିତ ଓଡ଼ିଶାର ସାହିତ୍ୟ ରସିକଗଣ ଏକ ପ୍ରକାର ବୁଝାମଣା କରିଛନ୍ତି । ସ୍ପଷ୍ଟବାଦିତାକୁ ଏଯାଏଁ ଉତ୍ତମଗୁଣ ବୋଲି କେହି ସ୍ୱୀକାର କରନ୍ତି ନାହିଁ ।

**କୌଣସି ସାହିତ୍ୟକାରଙ୍କ ଭାବମୂର୍ତ୍ତିକୁ ଉଜ୍ଜ୍ୱଳ କରିବା ପାଇଁ କିମ୍ବା କୃତିକୁ ମହିମା-ମଣ୍ଡିତ କରିବା ପାଇଁ ନିଷ୍ଠାପର ସମାଲୋଚକଗଣ ଆଗ୍ରହୀ ନ ହୁଅନ୍ତୁ ।**

□□

ଲେଖକଙ୍କ ଇ-ମେଲ୍ ଠିକଣା:
prafullatripathy@rediffmail.com



କବିତା

# ତୁଠପଥର

ପ୍ରଦୀପ କୁମାର ଦାସ



ତୁଠପଥରରେ, ତୁଠପଥର ତୁ
ଅତୀତ ଦିନର ସାକ୍ଷୀ
ନିରବରେ କିଆଁ ଶୋଇରହିଅଛୁ
ପତାଇ ତୋହର ଛାତି ?

ସୁଖର ସକାଳ ଆଗାମୀ ସଂଧ୍ୟା
କୁଆଁରୀ କନିଆଁ ଚାନ୍ଦମୁହଁ ହସ
ବିଧବା ତରୁଣୀ ରାହା
ଦେଖୁଛୁ ନିରବେ ଯାହା

ରାତିରେ ପବନ, ଶୀତଳ ଜ୍ୟୋତ୍ସ୍ନା
ଆକାଶରୁ ଯେବେ ଆସେ
ଓହ୍ଲାଇ ତୋହର ପାଶେ
ନୀଳ ସୁଶୀତଳ କୋମଳ ଲହରୀ
ତୋର ଦୁଇ ପାଦ ଘଷେ

ସୂର୍ଯ୍ୟ ଉଇଁଲେ ପୂର୍ବ ଦିଗଂତରେ
ସୁନାନାକୀ ଝିଅ ଆସି
ତୋ' ପିଠିରେ ରହି ବସି
ଦେହରେ ହଳଦୀ ମାଖେ
ନୂଆ କୁଳବଧୂ ମୁକୁଳାଇ କେଶ
ଧୁଏ ତା'ର ଦେହ
ପୋଖରୀ ଘାଟରେ ଟିକେ

ପ୍ରଣୟ ପ୍ରଣୟୀ ବିରହ କାହାଣୀ
ଶୁଣିଥିବୁ ଧୀରେ ଧୀରେ
କଅଁଳ ପାଦର ନୂପୁରର ତାଳ
ଶୁଣିଛୁ ତୁ ଏକାନ୍ତରେ
ଗାଁ ପରିବାର ସୁଖ ଦୁଃଖ କଥା
ଶୁଣିଛୁ ସଖୀଙ୍କ ମେଳେ
ହିସାବ ରଖିଛୁ ବାରେ



ଅନୁଭବିଅଛୁ ସୁଖୀ ମଣିଷର
ସୁମଧୁର ବ୍ୟବହାର
ଅନୁଭବିଛୁ ବି ଦୁଷ୍ଟ ଲୋକଙ୍କର
ନିରିମମ ଅତ୍ୟାଚାର

କେତେ ଯେ ଦୂଷଣ କଷଣ ସହିଛୁ
ସଫା ହୃଦୟରେ ତୋର
ଅନେକ ପିଢ଼ିର ହିସାବ ରଖିଛୁ
ଧନ୍ୟ ଇତିହାସ ତୋର
ଧନ୍ୟ ତୁ ତୁଠ ପଥର

□□

ଲେଖକଙ୍କ ଇ-ମେଲ୍ ଠିକଣା:
pradeepdasjsr58@gmail.com



ଅନୁବାଦ

# ମିସିଙ୍ଗ୍ ମ୍ୟାନ୍

ମୂଳ ଉର୍ଦ୍ଦୁ: ଗଜନଫର ଅନୁବାଦ: ସୁକୋମଳ ଦାଶ



**ମୋ’** ଘର କାନ୍ଥରେ ମୋ’ ପସନ୍ଦର ରଙ୍ଗ କାମ ଏଇ ଆରମ୍ଭ ହୋଇଥିଲା ବେଳକୁ ରଙ୍ଗ ଦେଖି ମୋ’ର ପିଲାଙ୍କ ନାକ ଓ ଭୂଲତା କୁଞ୍ଚିତ ହୋଇଗଲା।

ପୁଅ କହିଲା, ‘ପାପା! ଇଏ କିଭଳିଆ ରଙ୍ଗ ବାଛିଲେ? ପ୍ଲିଜ୍, ୟା’କୁ ରୋକନ୍ତୁ।’

‘ହଁ ପାପା! ଏ ରଙ୍ଗ ବିଲକୁଲ ବି ଢଙ୍ଗର ଲାଗୁନି। ହାଲୁକା ବାଇଗଣୀ ନ ହେଲେ ଅନ୍ୟ କୌଣସି ଅତ୍ୟାଧୁନିକ ରଙ୍ଗ କରାନ୍ତୁ।’ ଝିଅ ବି କହିଉଠିଲା।

‘କାହିଁକି? ଏ ରଙ୍ଗରେ ଅସୁବିଧା କଣ?’ ମୁଁ ପଚାରିଲି।

‘ପାପା! ଏ ରଙ୍ଗ ବହୁତ୍ ନିରସ ଓ ନିଷ୍ପ୍ରଭ ଲାଗୁଛି। ଏଥିରେ ଘରର ବ୍ୟୁଟି ହିଁ ନଷ୍ଟ ହେଉଛି।’ ପୁଅ ଗୋଟିଗୋଟି କରି ରଙ୍ଗର ଅବିଗୁଣ ବଖାଣିଗଲା।

‘ହଁ ପାପା! ସନ୍ନୀ ଠିକ୍ କହୁଛି। ଅତି ବେଢ଼ଙ୍ଗିଆ ରଙ୍ଗଟେ।’ ଝିଅ ସମର୍ଥନ କଲା।

‘ନା, ନା, ଏ ରଙ୍ଗଟା ବେଶ୍ ସୁନ୍ଦର। ଏହାହିଁ ଉପଯୁକ୍ତ।’

‘କ’ଣ ପାପା! ଆପଣଙ୍କ ଟେଷ୍ଟ୍ ବି କ’ଣ ହୋଇଗଲାଣି ଯେ! ଦେଖନ୍ତୁ ଘରକୁ ରଙ୍ଗ ବିଲକୁଲ ବି ମାନୁନି। ପ୍ଲିଜ୍, ୟାକୁ ବନ୍ଦ କରନ୍ତୁ।’ ପୁଅ ପ୍ରାୟ ବାଧ କରିବସିଲା।

‘ଫର୍ ଗଡ୍ସ ଶେକ୍ ପାପା! ଏ ରଙ୍ଗ କରାନ୍ତୁନି।’ ଝିଅ ବି ଆହୁରି ଚାପ ପ୍ରୟୋଗ କଲା।

‘ନା, ଏ ରଙ୍ଗ ହିଁ ଉପଯୁକ୍ତ। ମତେ ଭଲ ଲାଗେ।’ ମୁଁ ମୋ’ର ନିଷ୍ପତ୍ତିରେ ଅଟଳ।

‘ପାପା! ଆପଣ ତ ଜିଦ୍ ଧରିଲେଣି,’ ପୁଅ କହିଲା।

‘ଆପଣ ଜିଦ୍ ଧରୁଛନ୍ତି ପାପା!’ ଭଉଣୀ, ଭାଇର ହଁରେ ହଁ ଭରିଲା।

‘ହଁ, ମୁଁ ଜିଦ୍ ଧରୁଛି, ମୁଁ ଜିଦଖୋର, ଆଉ ଏବେ ତାହା ହିଁ ହେବ ଯାହା ମୁଁ ଚାହିଁବି।’ ମୋ’ ସ୍ୱର ଶୈଳୀ କର୍କଶ। ପିଲାଏ ନିରାଶ ହୋଇ ଘର ଭିତରକୁ ଚାଲିଗଲେ।

‘ଆପଣ ଜିଦ୍ ଧରୁଛନ୍ତି,’ ଉକ୍ତିଟି ବିଷାକ୍ତ ବାଣଟିଏ ଭଳି ମୋ’ର ଅବବୋଧକୁ ବିନ୍ଧିଦେଲା। ମୋର ସମଗ୍ର ସତ୍ତା ଟଣକିଉଠିଲା।


**‘ଆପଣ ଜିଦ୍ ଧରୁଛନ୍ତି,’ ଉକ୍ତିଟି ବିଷାକ୍ତ ବାଣଟିଏ ଭଳି ମୋ’ର ଅବବୋଧକୁ ବିନ୍ଧିଦେଲା। ମୋର ସମଗ୍ର ସତ୍ତା ଟଣକିଉଠିଲା।**

ସହସା ଗୁଡ଼ାଏ ଦୃଶ୍ୟ ମୋ’ର ଆଖିଆଗରେ ଆସି ଉଭାହେଲା। ମୁଁ ମୋ’ର ସାମର୍ଥ୍ୟ ଅନୁପାତରେ ଇକରାର କଲୋନୀରେ ଘର ପାଇଁ ପ୍ଲଟ୍ ଖଣ୍ଡେ ନେବାକୁ ଚାହିଁଥିଲି, ହେଲେ ସେ ଖଣ୍ଡକ ମତେ ସରସୀଦ ନଗର ଭଳିଆ ମହଙ୍ଗା ଅଂଚଳରେ କିଣିବାକୁ ପଡ଼ିଲା। ମୁଁ ଧଳା ରଙ୍ଗର ମାରୁତି ଖଣ୍ଡେ ପସନ୍ଦ କରିଥିଲି, ହେଲେ ଷ୍ଟିଲ୍ ଗ୍ରେ ରଙ୍ଗର ସେଣ୍ଟ୍ରୋ ଖଣ୍ଡେ ଆସିଲା। ମୁଁ ପିଲାଙ୍କୁ ୟୁନିଭର୍ସିଟି ସ୍କୁଲରେ ଦେବାକୁ ଚାହିଁଥିଲି, ହେଲେ ଲେଡି ଫାତିମା ସ୍କୁଲରେ ସେମାନଙ୍କ ନାମ ଲେଖାହେଲା।

ଏସବୁ କ୍ଷେତ୍ରରେ ସେମାନଙ୍କ ମର୍ଜି ଚଳିଥିଲା। ଏତିକି ନୁହଁ, ଟିଭି, ଫ୍ରିଜ୍, ସୋଫା, ପଲଙ୍କ, ପ୍ରତିଟି ବସ୍ତୁ ସେମାନଙ୍କ ମର୍ଜି ମୁତାବକ, ଉହାଡ଼େ ସେମାନଙ୍କ ଜିଦ୍ ଛପିରହିଥିଲା। ତଥାପି ସେମାନେ କହିବେ ଜିଦ୍ ମୁଁ କରୁଛି, କୋଉଠି ରହିଲା ମୋର ଜିଦ୍? କୋଉଠି ଚଳିଛି ମୋର ମର୍ଜି?

ମୁଁ ମୋର ଜିଦ୍ ଓ ମୋର ମର୍ଜିର ସନ୍ଧାନ କରିବସିଲି। ଅଳ୍ପ ସମୟପରେ ସେମାନଙ୍କ ମା’ ଘରୁ ବାହାରିଲେ ଓ ମୋ’ ପାଖକୁ ଆସି ଧୀରେ କହିଲେ – ‘ଅଯଥାରେ କାହିଁ ପିଲାଙ୍କ ମୁଡ୍ ଖରାପ କରୁଛ? ସେମାନଙ୍କ କଥାଟା ମାନି ନେଉନ

କାହିଁକି ? ଯା' ହେଲେ ବି ଏ ଘରେ ତ ସେମାନେ ହିଁ ରହିବେ, ଆମେ ତମେ କେତେ ଦିନର ବା ଅତିଥି ? ଆମର କି ଆବଶ୍ୟକତା ଅଛି, ତାଙ୍କ ଉପରେ ଆମ ପସନ୍ଦ ଲଦିଦେବା ?' ନୂଆ ଘରଖଣ୍ଡିକୁ ନେଇ ଦୁହେଁ କେତେ ଉତ୍ସାହିତ ନଥିଲେ, କେତେ ଖୁସି ନଥିଲେ, ହେଲେ ତମ ଜିଦ୍, ସେମାନଙ୍କ ଖୁସି, ଉତ୍ସାହ, ହର୍ଷ ଓ ଉଲ୍ଲାସ ସବୁରେ ଭଙ୍ଗା ପକାଇଦେଲା। ବିଚରାମାନେ ଉଦାସ, ମନମାରି ବସିଛନ୍ତି। ଥରେ ଭାବିଛ, କଥାଟା ତାଙ୍କ ପାଠପଢ଼ା ଆଦି ଉପରେ କି ଦୁଷ୍ପ୍ରଭାବ ପକାଇବ ? ଏଇ ରଙ୍ଗର ଗଣ୍ଡଗୋଳ ସେମାନଙ୍କ ପାଠପଢ଼ାକୁ ସୁନିଶ୍ଚିତ ରଙ୍ଗହୀନ କରିଦେବ। ଖୋଦାକେଲିୟେ, ମାନିଯାଅ। ଦୟାକରି କାମ ବନ୍ଦକରାଅ।



ପତ୍ନୀ, ଚିରାଚରିତ ପୈତୃକ କର୍ତ୍ତବ୍ୟ ଓ ପିଲାଳିଆ କଟାଳର ନିଗୂଢ଼ ଦର୍ଶନ ବୁଝାଇ ପିଲାଙ୍କ ପାଠପଢ଼ାର ଦ୍ୱାହିଦେଇ ମତେ ସଂପୂର୍ଣ୍ଣ ମୂକ କରିଦେଲେ।

ମୁଁ କେବେ ବି ଚାହିଁନି ମୋ' ପିଲାଏ ଉଦାସ ହୁଅନ୍ତୁ ବୋଲି। ସେମାନଙ୍କ ମୁହଁର ରଂଗ ବେରଙ୍ଗ ହୋଇଯାଉ ବୋଲି। ସେମାନଙ୍କ ଆଖିର ଜ୍ୟୋତି ନିଷ୍ପ୍ରଭ ହୋଇଯାଉ ବୋଲି। ସେମାନଙ୍କ ହୃଦୟ ନୈରାଶ୍ୟରେ ଭରିଯାଉ ବୋଲି।

ସେମାନଙ୍କ ନୈରାଶ୍ୟ କଥା ଶୁଣି ସେମାନଙ୍କ ମଉଳାମୁହଁମାନ ମୋ' ଆଖି ଆଗରେ ଫୁଟିଉଠିଲା। 'ଠିକ୍ ଅଛି, ତୁମମାନଙ୍କ ଯାହା ମର୍ଜି, କର। ମୁଁ ଆଉ କିଛି କହିବିନି।'

ପ୍ରତିଥର ଭଳି ଏଥର ବି ଏତକ କହି ମୁଁ ଗୁମ୍ ମାରିଗଲି। ବିଗ୍ମି ବି ହୃଷ୍ଟ ପ୍ରଫୁଲ୍ଲ ଚିତ୍ତରେ ପିଲାଙ୍କୁ ସୁଖବର ଶୁଣାଇବାକୁ ବାହାରିଗଲେ ଓ ମୁଁ ଅଭ୍ୟାସ ମୁତାବକ ମୋ'ର ଅତୀତ ରୋମନ୍ଥନରେ ଲାଗିଗଲି।

'ଅବ୍'ବା! ଅବ୍'ବା!'

'କଣ ଅବ୍'ବା ଅବ୍'ବା ଚିଲ୍ଲାଉଛୁ, କିଛି କହୁନୁ କାହିଁକି ?'

'ଅବ୍'ବା, ମୁଁ ଗାଆଁର ମଦରାସାରେ ପଢ଼ିବିନି। ସହରର ମିଶନ ସ୍କୁଲକୁ ଯିବି।'

'କଣ କହିଲୁ ? ତେବେ ତୁ ମଦରାସାରେ ପଢ଼ିବୁନି ? ମିଶନ ସ୍କୁଲକୁ ଯାଇ କିରସ୍ତାନ ବନିବୁ! ଖବରଦାର, ଆଉଥରେ କେବେ ସେଠିକି ଯିବା କଥା ଯଦି ଉଠାଇଛୁ...' ଏବଂ ସାଥେ ସାଥେ ମୋର ଓଠରେ ଜାବ ପଡ଼ିଗଲା। ପାଟି ଅଠା ମାରିଗଲା। ମୋ' ଆଖିର ଜ୍ୟୋତି ନିଷ୍ପ୍ରଭ ପଡ଼ିଗଲା।

'ଅବ୍'ବା! ଅବ୍'ବା!'

'ପୁଣି ଅବ୍'ବା ଅବ୍'ବା ହେଲୁ ? କେତେଥର ତତେ କହିଲିଣି, ଖନେଇ ଖନେଇ କଥା କହନା। ଯାହା କହୁଛୁ, ସିଧାସଳଖ କହ।'

'ଜୀ ଅବ୍'ବା!'

'କହ, କ'ଣ କହୁଛୁ ?'

'ଅବ୍'ବା, ମତେ ରଂଗୀନ ସାଇକେଲ ଖଣ୍ଡେ ଲୋଡ଼ା। ନୀଳ ହ୍ୟାଣ୍ଡେଲ୍, ନାଲିଆ ଫ୍ରେମ୍ ବାଲା ଯାହାର ଚକମାନ ପତଳା ହଳଦିଆ ରଙ୍ଗେଇ ହୋଇଥାଏ।'

'ନା, ହର୍କ୍ୟୁଲସ୍ ଠିକ୍ ରହିବ। ତାହା ବେଶ୍ ମଜବୁତ।'

'ନା, ମତେ କିନ୍ତୁ ତାହା ହିଁ ଲୋଡ଼ା।'

'ମୁଁ କହିଲିନା, ତୋ' ପାଇଁ ହର୍କ୍ୟୁଲସ ସାଇକେଲ ଆସିବ।'

'ନା, ମୁଁ ହର୍କ୍ୟୁଲସ ଚଢ଼ିବିନି। ମତେ ରଙ୍ଗୀନ ସାଇକେଲ ଲୋଡ଼ା।'

ଚଡ଼ାଟ୍ 'ନେ, ଏଇ ହେଲା ତୋର ରଙ୍ଗୀନ ସାଇକେଲ। ଆଉଥରେ ଯଦି ଜିଦ୍ କରିଛୁ ମାରିମାରି ତୋର ଗାଲ ଫଟେଇଦେବି।'

ମୁଁ ସେଇଠୁ ଉଠି କାନ୍ଦିକାନ୍ଦି ମୋ' କୋଠରିକୁ ଚାଲିଗଲି। ଖଣ୍ଡିଆ ଇଟା ନିର୍ମିତ କୋଠରିରେ ବସି ଅନେକ ବେଳଯାଏଁ ସୁଁ ସୁଁ ହେଲି।

ରହିରହି ମୋ' ମନରେ ଏଇ ଭାବନା ଆସୁଥାଏ, ଅବ୍'ବା ମୋ' ପାଖକୁ ଆସନ୍ତେ ଓ ମୋ' ଲୁହ ପୋଛିଦିଅନ୍ତେ। ଆହା ଚୁଚୁକରି ଦି'ପଦ ବୋଧଦିଅନ୍ତେ। ହେଲେ ଅବ୍'ବା

ଆସିଲେନି। ଏଇ ଭାବନା ସଂଭବତଃ ଏଇ କାରଣରୁ ଆସୁଥିଲା, ଥରେ ମୁଁ ଅସୁସ୍ଥ ପଡ଼ିଥିଲା ବେଳକୁ ସାରାରାତି ଅବ୍'ବା ମୋ' ପାଖରେ ଜଗି ବସିଥିଲେ। ମୋ'ର ମଥାରେ ପାଣି ପଟି ଦେଇ ମତେ ବୋଧ ଦେଉଥାନ୍ତି।

ମୁଁ ଅଳ୍ପ ବଡ଼ ହେଲା ପରେ ବି ମୋର କଥାକୁ ଅଣଶୁଣା କରିଦିଆଗଲା। ମୁଁ ଆଲୀଗଡ଼ ମୁସଲିମ ୟୁନିଭର୍ସିଟିରେ ପଢ଼ିବାକୁ ଚାହିଁଲି ହେଲେ ଅବ୍'ବା ବିହାର ୟୁନିଭର୍ସିଟିରେ ମୋର ନାମ ଲେଖାଇଲେ। ମୁଁ ମୋ'ର ପସନ୍ଦର ଝିଅଟିକୁ ବାହାହେବାକୁ ଇଚ୍ଛା ପ୍ରକଟକଲାରୁ ଉତ୍ତରରେ ଅବ୍'ବାଙ୍କ ଚଙ୍ଗେଜୀ ସୁଲଭ ହେଣ୍ଡାଳରେ ନାଦିର ସୁଲଭ ଅଲଙ୍ଘ୍ୟ ଆଦେଶର ବିସ୍ଫୋରଣ ଘଟିଥିଲା।

ଅତୀତର ସ୍ମୃତିସମୂହ ମତେ ଆହୁରି ଶୋକାକୁଳ କରିଦେଲା। ମୋର ହତାଶା ବୋଧ ଆହୁରି ଗହରେଇଗଲା ମୋର ଆଖି ବି ଓଦାଳିଆ ହୋଇଗଲା।

**ମୋ' ପିଲାମାନଙ୍କ ଜିଦ୍ ପୂରା କରିବାରେ ମୋ'ର ହୃଦୟ ଖଣ୍ଡିଆ ହୋଇଛି, ମୋ'ର ସ୍ୱାଭିମାନ କ୍ଷତାକ୍ତ ହୋଇଛି।**

'ତମେ ଏତେ ବିବ୍ରତ କାହିଁକି ? ପିଲାଙ୍କ ଅଭିଳାଷକୁ ସମ୍ମାନ ଦେବା ତ ବାପମା'ଙ୍କ ପରମ କର୍ତ୍ତବ୍ୟ ନା! ତାଙ୍କରି ଜିଦ୍ ଆଗରେ ନଇଁବାକୁ ତ ବାପମାଙ୍କୁ ହିଁ ପଡ଼େ। ଯାହାହେଉ ସଂତାନର ଖୁସି ହିଁ ତ ବାପମାଙ୍କ ଖୁସି। ଏଥିରେ ଏତେ ବିବ୍ରତ ହେବା, ମନମରା ହେବା କାହିଁକି...'

ମୋ'ର ମନେ ହେଲା, ମୋର ବିଓ୍ୱୀ ମୋର ମୁଣ୍ଡପଟେ ଛିଡ଼ା ହୋଇ ମତେ ସାନ୍ତ୍ୱନା ଦେଉଛି ଯଦିଓ ସେ କିଚେନ୍ କାମରେ ବ୍ୟସ୍ତ।

ମୁଁ, ପିଲାଙ୍କ ଉପରେ ମୋ'ର ନୈରାଶ୍ୟର ପ୍ରଭାବ କଳିବା ଉଦ୍ଦେଶ୍ୟରେ ମୋ'ର କୋଠରିରୁ ଉଠି ସେମାନଙ୍କ କୋଠରି ପଟେ ଚାଲିଗଲି। ଉଭୟ ସନ୍ତାନ ଟିଭିରେ କୌଣସି ହାସ୍ୟରସାତ୍ମକ ସିରିଆଲ୍ ଦେଖିବାରେ ନିମଗ୍ନ ଓ ମୋର ଆଗମନର ସେମାନେ ନୋଟିସ୍ ବି କଲେନି।

ମୁଁ ପ୍ରାୟତଃ ମୋ'ର ପିଲାଙ୍କୁ ଖୁସି କରିବା ପ୍ରୟାସରେ ସ୍ୱୟଂ ଉଦାସ ହୋଇଛି। ସେମାନଙ୍କ ଜିଦ୍ ପୂରା କରିବାରେ ମୋ'ର ହୃଦୟ ଖଣ୍ଡିଆ ହୋଇଛି, ମୋର ସ୍ୱାଭିମାନ କ୍ଷତାକ୍ତ ହୋଇଛି। ଅଂତରରେ ଇଚ୍ଛା ପ୍ରବଳ ହେଲା, ମୋର ମାନସିକ ଦୁରବସ୍ଥା ପିଲାଏ ବୁଝନ୍ତେ, ମୋ'ର ନୈରାଶ୍ୟର କାରଣ ପଚାରନ୍ତେ, ଦୁଃଖପ୍ରକାଶ କରନ୍ତେ କିନ୍ତୁ ପ୍ରତିଥର ସେମାନେ ନିଜ ସଫଳକାମ ଜିଦର ଖୁସିରେ ମତେ ଭୁଲିଯାଉଥିଲେ।

ମୁଁ ଚୁପ୍-ଚାପ୍ ମୋର କୋଠରିକୁ ଫେରିଆସିଲି। କିଛି କାଳ କୋଠରିର ଛାତକୁ ନିରବରେ ଅନାଇରହିଲି। ପୁଣି କୋଠରି ଛାଡ଼ି ବାହାରିଗଲି।

ଅଟକି ରହିଥିବା ରଙ୍ଗକାମ ପୁଣିଥରେ ଆରମ୍ଭ ହୋଇଥିଲା। କାନ୍ଥ ଉପରେ କୌଣସି ଗୋଟିଏ ନୂତନ ରଙ୍ଗ ଚଢ଼ିଚାଲିଥିଲା ଯାହା ପୂର୍ବ ରଙ୍ଗକୁ ଝାପ୍ସା କରିଚାଲିଥିଲା। ଗୋଟିଏ ରଙ୍ଗ ଫିକା ଓ ଅନ୍ୟଟି ଗାଢ଼ା ହେଉଥିବା କିଛି ବେଳ ଦେଖିଲି।

ପୁଣି ବାହାରୁ ଭିତରକୁ ଆସିଗଲି। ପିଲାଏ ଚିରାଚରିତ ସିରିଆଲ ଦେଖାରେ ନିମଗ୍ନ। ବିଓ୍ୱୀ କିଚେନରେ ବ୍ୟସ୍ତ। ମୁଁ ମୋ'ର କୋଠରିରେ ଆସି ପଲଙ୍କ ଉପରେ ଲୋଟିଗଲି।

କାନ୍ଥରୁ ଉଭୟ ରଙ୍ଗ ଉତୁରି ମୋର ଆଖିରେ ପ୍ରବେଶ କଲେ। ଉଭୟ ରଙ୍ଗ ଜୁଳୁଜୁଳା ପୋକ ଭଳି ମୋ' ସହ ଲୁଚକାଳି ଖେଳିଲେ। ଅଚାନକ ମୋର ଆଖି ଆଗରେ ମୋ'ର ଘର ଫୁଟିଉଠିଲା।

ପ୍ରଥମେ ମୂଳଦୁଆ। ମୂଳଦୁଆରୁ ମୋ'ର ଆବଶ୍ୟକତାମାନ ବି ଫୁଟିଦିଶିଲା ଯାହାଙ୍କ କବର ଉପରେ ମୂଳଦୁଆ ଖୋଳାହୋଇଥିଲା।

ମୂଳଦୁଆ ପରେ କାନ୍ଥମାନ ଫୁଟିଉଠିଲା। କାନ୍ଥରୁ ମୋ'ର ସେଇ ଅଭିଳାଷମାନ ଫୁଟିଲା ଯାହାଙ୍କୁ ଦଳିଚକଟି ସେମାନେ ମୁଣ୍ଡ ଟେକୁଥିଲେ।

ପୁଣି ଛାତ ଫୁଟିଉଠିଲା। ଛାତରୁ ସେଇ କର୍ତ୍ତବ୍ୟମାନ ଫୁଟିଲା, ଛାତ ନିର୍ମାଣ କରିବାରେ ଯାହାଙ୍କୁ ମୋ'ର ଜୀବନ ଓ ଶରୀର ଉପରେ ମୁଁ ଲଦିନେଇଥିଲି।

ଏବଂ ଶେଷକୁ ସେଇ ରଙ୍ଗ ଫୁଟିଉଠିଲା ଯାହା ମୁଁ କାନ୍ଥମାନଙ୍କ ପାଇଁ ପସନ୍ଦ କରିଥିଲି ଓ ତତ୍‌ସଙ୍ଗେ ସେଇ ରଂଗ ବି ଯାହା ପିଲାଙ୍କ ଜିଦରୁ ଫୁଟିଥିଲା ଓ ଏବେ କାନ୍ଥରୁ ଉତୁରି ମୋ'ର ଆଖିରେ ପ୍ରବେଶ କରି ଆପଣାର ରଙ୍ଗ ଦେଖାଉଥିଲା।

ମୂଳଦୁଆ, କାନ୍ଥ, ଛାତ, ତିନିହେଁ ଅନ୍ୟ କୁଆଡ଼େ ଖସିଗଲେ। ଆଖିରେ ଅବଶିଷ୍ଟ ରହିଲା କେବଳ ରଙ୍ଗ। ଧୀରେଧୀରେ ଗୋଟିଏ ରଙ୍ଗ ଛାଡ଼ିବସିଲା, ଫିକା ପଡ଼ିଆସିଲା ଓ ଅନ୍ୟଟି ଚଢ଼ିବସିଲା ଓ ଗାଢ଼େଇଆସିଲା।

**ଏହା ଥିଲା ମୋ'ର ପିଲାଙ୍କ ରଙ୍ଗ, ଯାହାକୁ ସେମାନଙ୍କ ଶିଶୁସୁଲଭ ଜିଦ୍ ଫୁଟାଇଥିଲା; ଏହା ପୁଣିଥରେ ମତେ ମୋ'ର ଶୈଶବକୁ ଫେରାଇନେଲା।**

ଗାଢ଼ରଙ୍ଗ ଉପରେ ଏବେ ମୋ'ର ସମୁଚ୍ଚୟ ଦୃଷ୍ଟି କେନ୍ଦ୍ରୀଭୂତ।

ଏହା ଥିଲା ମୋ'ର ପିଲାଙ୍କ ରଙ୍ଗ ଯାହାକୁ ସେମାନଙ୍କ ଶିଶୁସୁଲଭ ଜିଦ୍ ଫୁଟାଇଥିଲା, ଏଇ ରଙ୍ଗ ପୁଣିଥରେ ମତେ ମୋର ଶୈଶବକୁ ଫେରାଇନେଲା। ମୁଁ ମୋ' ନିଜ ପାଖାପାଖି ତାକୁ ଖୋଜିଆଣିଲି ହେଲେ ମୋ' ଭିତରେ କୋଉଠି ବି ତାହା ମତେ ମିଳିଲାନି। ବରଂ, ସେଇ ରଙ୍ଗ ମତେ ମୋ' ଅବ୍'ବାଙ୍କ ନିକଟରେ ଦିଶିଲା।

ନିରାଶ ଓ ଉଦାସ ମୋର ଶୈଶବରୁ ମୁଁ ଫେରିପଡ଼ିଲି ଓ ସେଇଠି ପହଞ୍ଚିଲି ଯେଉଁଠି ସ୍ୱୟଂ ମୁଁ ଅବ୍'ବା ହୋଇ ମୁଁ ବସିଥିଲି କିନ୍ତୁ, ଏଠି ବି ଅବ୍'ବା ସୁଲଭ ରଂଗ ମୋ' ପାଖରେ ନଥିଲା। ସେ ରଙ୍ଗ ତ ମୋର ପିଲାଙ୍କ ପାଖରେ ଥିଲା।

ମୁଁ ନା ସେଇଠି ଥିଲି ନା ଏଇଠି।

□□

ଅନୁବାଦକଙ୍କ ଇ-ମେଲ୍ ଠିକଣା:
sukomaldash@rediffmail.com





ଧାରା ଶ୍ରୀରାଧା ଟ୍ରଷ୍ଟର ଏକ ଅନବଦ୍ୟ ପ୍ରକାଶନ

**ଧାରା ଶ୍ରୀରାଧା**

କବି - ମଙ୍ଗଳାପ୍ରସାଦ ପ୍ରଧାନ

DHARA SHREE RADHA TRUST Regd. No.: 41081705388 Bhubaneswar, Odisha




*ପ୍ରକାଶ ପାଇଛି*

**ଅନ୍ତରଙ୍ଗ ଆଳାପ**

**ପରିବର୍ଦ୍ଧିତ ସଂସ୍କରଣ**

ସାହିତ୍ୟ ଚର୍ଚ୍ଚାର ବିଭିନ୍ନ ସଂଖ୍ୟାରେ ପ୍ରକାଶିତ
୩୨ ଜଣ ପ୍ରବୀଣ ସାହିତ୍ୟିକଙ୍କ ସହ ସାକ୍ଷାତକାର

*ପ୍ରକାଶକ :*
ସାହିତ୍ୟ ଚର୍ଚ୍ଚା, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା
ଫେଜ୍-୪, ଭୁବନେଶ୍ୱର-୭୫୧୦୧୯
ମୋବାଇଲ : ୯୩୭୮୭୭୨୫୦୬

**ମୂଲ୍ୟ : ଟ.୨୫୦/-**

ବିଭିନ୍ନ ବହି ଦୋକାନ ତଥା amazon ରେ ଉପଲବ୍ଧ।

ପ୍ରବନ୍ଧ



# ଡିଜିଟାଲ ଯୁଗରେ ଓଡ଼ିଆ ସାହିତ୍ୟ

ପୁଷ୍ପିତା ଶୁକ୍ଳ

ସାହିତ୍ୟ ମାନବ ସମାଜର ଅନୁଭୂତି, ଚିନ୍ତନ ଓ ସାଂସ୍କୃତିକ ଚେତନାର ଏକ ସଜୀବ ପ୍ରତିବିମ୍ବ। ଏହା ସମୟର ସାମାଜିକ ଅନୁଭବକୁ ଶବ୍ଦ ମାଧ୍ୟମରେ ସଂରକ୍ଷଣ କରି ଆଗାମୀ ପିଢ଼ିଙ୍କ ପାଖକୁ ପହଞ୍ଚାଇଥାଏ। ଇତିହାସର ବିଭିନ୍ନ ପର୍ଯ୍ୟାୟରେ ମାନବ ସଭ୍ୟତାର ଉନ୍ନତି ସହିତ ସାହିତ୍ୟର ମାଧ୍ୟମ ଓ ପ୍ରସାର ପ୍ରଣାଳୀରେ ମଧ୍ୟ ପରିବର୍ତ୍ତନ ଘଟିଆସିଛି । ଓଡ଼ିଆ ସାହିତ୍ୟର ବିକାଶ ଯାତ୍ରା ଏହି ପରିବର୍ତ୍ତନର ଏକ ସ୍ପଷ୍ଟ ଉଦାହରଣ। ପ୍ରାଚୀନ କାଳରେ ତାଳପତ୍ର ପାଣ୍ଡୁଲିପିରେ ସଂରକ୍ଷିତ ହୋଇଥିବା ରଚନାମାନ ପରବର୍ତ୍ତୀ ସମୟରେ ମୁଦ୍ରଣ ପ୍ରଣାଳୀର ଉଦୟ ସହିତ ପୁସ୍ତକ ଓ ପତ୍ରିକାରେ ପ୍ରକାଶ ପାଇଲା। ଏହି ପରିବର୍ତ୍ତନ ଭାଷା ଓ ସାହିତ୍ୟର ବିକାଶକୁ ନୂତନ ଦିଗ ଦେଇଥିଲା ।



ଆଧୁନିକ ସମୟରେ ପ୍ରଯୁକ୍ତିଗତ ଅଗ୍ରଗତି ଜ୍ଞାନ ଓ ସୂଚନାର ପ୍ରସାରକୁ ଅପୂର୍ବ ଗତି ଦେଇଛି। ଡିଜିଟାଲ ପରିବେଶ ଜ୍ଞାନ ବିତରଣର ଏକ ନୂତନ ପ୍ରଣାଳୀ ଗଢ଼ି ତୋଳିଛି, ଯାହାର ପ୍ରଭାବ ସାହିତ୍ୟ କ୍ଷେତ୍ରରେ ମଧ୍ୟ ଗଭୀର ଭାବେ ପ୍ରତିଫଳିତ ହେଉଛି । ବିଭିନ୍ନ ଡିଜିଟାଲ ମଞ୍ଚ, ଗ୍ରନ୍ଥାଗାର ଓ ଅନ୍‌ଲାଇନ ମାଧ୍ୟମ ସାହିତ୍ୟ ପ୍ରସାରକୁ ଭୌଗୋଳିକ ସୀମାରୁ ମୁକ୍ତ କରି ଏକ ବିଶାଳ ପାଠକବର୍ଗ ସହିତ ସମ୍ପୃକ୍ତ କରିଦେଇଛି ।

ଏହି ପରିବର୍ତ୍ତନ ଫଳରେ ସୃଜନଶୀଳତାର ନୂତନ ପରିସର ଉଦ୍ଭାବିତ ହୋଇଛି। ନୂତନ ଲେଖକମାନେ ଡିଜିଟାଲ ମଞ୍ଚ ମାଧ୍ୟମରେ ସହଜରେ ନିଜର ରଚନା ପ୍ରକାଶ କରିପାରୁଛନ୍ତି, ଯେଉଁଠାରେ ପାଠକମାନେ ବିଭିନ୍ନ ପ୍ରକାର ସାହିତ୍ୟ ସହିତ ସରଳ ଭାବରେ ପରିଚିତ ହେବାର ସୁଯୋଗ ପାଉଛନ୍ତି। ଏହା ଫଳରେ ସାହିତ୍ୟ ଆଲୋଚନା, ପଠନ ଓ ଗବେଷଣାର ପରିବେଶ ମଧ୍ୟ ଅଧିକ ସକ୍ରିୟ ଓ ସୁବିଧାଜନକ ହୋଇଯାଇଛି । ତଥାପି ଏହି ପରିବର୍ତ୍ତନ ସହିତ କିଛି ସମସ୍ୟା ମଧ୍ୟ ସୃଷ୍ଟି ହୋଇଛି । ସୃଜନର ମୌଳିକତା ସମ୍ପର୍କିତ ସମସ୍ୟା ଓ ସାହିତ୍ୟିକ ଅନୁକରଣ ପ୍ରବୃତ୍ତି, ପରି ପ୍ରସଙ୍ଗମାନ ଆଧୁନିକ ସାହିତ୍ୟ ଚର୍ଚ୍ଚାରେ ଗୁରୁତ୍ୱ ପାଇଛନ୍ତି। ଏହିପରି ସ୍ଥିତିରେ ପ୍ରଯୁକ୍ତିମୂଳକ ସୁବିଧା ସହିତ ସାହିତ୍ୟିକ ନୈତିକତା ଓ ମୂଲ୍ୟବୋଧକୁ ସମନ୍ୱୟ କରିବା ଅତ୍ୟନ୍ତ ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ଡିଜିଟାଲ ପରିବେଶରେ ଓଡ଼ିଆ ସାହିତ୍ୟର ବିକାଶ, ତାହାର ପ୍ରଭାବ ଓ ଭବିଷ୍ୟତ ସମ୍ଭାବନାକୁ ଏକ ସମଗ୍ର ଦୃଷ୍ଟିକୋଣରୁ ବିମର୍ଶ କରିବା ଏହି ଲେଖାର ମୂଳ ଉଦ୍ଦେଶ୍ୟ।

## ଡିଜିଟାଲ ଅଭିଯାନ

ସମୟ ମାନବ ସଭ୍ୟତାର ସର୍ଜନଶୀଳ ଗତିର ପ୍ରମୁଖ ଶକ୍ତି। ଏହି ଗତି ସହିତ ଭାଷା ଓ ସାହିତ୍ୟ ନିଜ ଅଭିବ୍ୟକ୍ତିର ମାଧ୍ୟମ ଓ ପରିସରକୁ ନୂତନ ଭାବରେ ପୁନଃସଂରଚନା କରିଥାଏ। ଓଡ଼ିଆ ସାହିତ୍ୟର ଡିଜିଟାଲ ଅଭିଯାନ ମଧ୍ୟ ଏହିପରି ଏକ ପରିବର୍ତ୍ତନଶୀଳ ଯାତ୍ରାର କାହାଣୀ, ଯାହା ଗତ ତିନି ଦଶକ ଧରି ଧୀରେଧୀରେ ଏକ ନୂତନ ସାହିତ୍ୟିକ ପରିସର ଗଢ଼ି ତୋଳିଛି।

୧୯୯୦ ଦଶକରେ ଭାରତରେ ଗଣନା ଯନ୍ତ୍ର ଓ ଇଣ୍ଟରନେଟ୍ ପ୍ରଯୁକ୍ତିର ପ୍ରଚଳନ ଆରମ୍ଭ ହେବା ସହିତ ଓଡ଼ିଆ ଭାଷା ମଧ୍ୟ ଏହି ନୂତନ ପରିବେଶ ସହିତ ପରିଚିତ ହେଲା। ସେହି ସମୟରେ ଲିପିର ଏକୀକୃତ ଡିଜିଟାଲ ମାନକ ନଥିଲେ ମଧ୍ୟ କମ୍ପ୍ୟୁଟର ଆଧାରିତ ଲେଖନର ପ୍ରଥମ ପ୍ରୟାସ ଦେଖାଯାଇଥିଲା।

୨୦୦୦ ଦଶକରେ ଲିପିର ଏକ ସମନ୍ୱିତ ଡିଜିଟାଲ

ପ୍ରଣାଳୀ ଗଢ଼ିଉଠିଲା, ଯାହା ଫଳରେ ଓଡ଼ିଆ ଲେଖା ଡିଜିଟାଲ ପରିସରରେ ସମାନ ଭାବରେ ପ୍ରଦର୍ଶିତ ହେବା ସମ୍ଭବ ହେଲା। ଏହି ଉନ୍ନତି ଓଡ଼ିଆ ଭାଷାର ଡିଜିଟାଲ ପ୍ରସାର ପାଇଁ ଏକ ମୂଳ ଭିତ୍ତି ସୃଷ୍ଟି କଲା।

୨୦୧୦ ପରେ ସାମାଜିକ ଯୋଗାଯୋଗ ମାଧ୍ୟମର ବିସ୍ତାର ଓଡ଼ିଆ ସାହିତ୍ୟ ପ୍ରସାରକୁ ଆହୁରି ବ୍ୟାପକ କରିଦେଲା। ଲେଖକ ଓ ପାଠକଙ୍କ ମଧ୍ୟରେ ତୁରନ୍ତ ସଂଳାପ ସ୍ଥାପନ ହେବାରୁ ସାହିତ୍ୟ ଅଧିକ ସକ୍ରିୟ ଓ ଅନ୍ତରକ୍ରିୟାଶୀଳ ରୂପ ଧାରଣ କଲା।

୨୦୨୦ ପରେ ସ୍ମାର୍ଟଫୋନ୍ ଓ ଡିଜିଟାଲ ଆପ୍ଲିକେଶନ୍‌ର ବ୍ୟାପକ ପ୍ରଚଳନ ସାହିତ୍ୟ ପ୍ରସାରର ନୂତନ ପଥ ଖୋଲିଦେଲା। ଡିଜିଟାଲ ଗ୍ରନ୍ଥାଗାର, ଧ୍ୱନି ପାଠ ଓ ଭିଡିଓ ଆଲୋଚନା ମାଧ୍ୟମରେ ସାହିତ୍ୟ ଅଭିବ୍ୟକ୍ତି ଏକ ବହୁମାତ୍ରିକ ରୂପ ଧାରଣ କରିଲା।

୨୦୨୬ ପର୍ଯ୍ୟନ୍ତ ଆସି ଡିଜିଟାଲ ପରିସର ଓଡ଼ିଆ ସାହିତ୍ୟକୁ ବିଶ୍ୱବ୍ୟାପୀ ପାଠକ ସମାଜ ସହିତ ସଂଯୋଗ କରିଦେଇଛି। ଏହା ଭାଷାର ସର୍ଜନଶୀଳ ଶକ୍ତି ଓ ସାହିତ୍ୟିକ ଚେତନାର ଏକ ନୂତନ ପୁନର୍ଜାଗରଣକୁ ସୂଚିତ କରେ।

> **ପୂର୍ବରୁ ଯେଉଁ ସାହିତ୍ୟ ସମ୍ପଦ କେବଳ ଗ୍ରନ୍ଥାଗାରରେ ସୀମିତ ଥିଲା, ବର୍ତ୍ତମାନ ସେଗୁଡ଼ିକ ଡିଜିଟାଲ ରୂପରେ ପାଠକଙ୍କ ପାଇଁ ସୁଲଭ ହୋଇପାରୁଛି।**

### ଡିଜିଟାଲ ପ୍ଲାଟଫର୍ମ

ଆଧୁନିକ ଡିଜିଟାଲ ପରିବେଶରେ ସାହିତ୍ୟ ପ୍ରସାର ଏକ ବିସ୍ତୃତ ଓ ବହୁମାତ୍ରିକ ରୂପ ଧାରଣ କରିଛି। ବିଭିନ୍ନ ଡିଜିଟାଲ ମଞ୍ଚ ଓ ଯନ୍ତ୍ରନିର୍ଭର ସୂଚନା ବିନିମୟ ପ୍ରଣାଳୀ ଓଡ଼ିଆ ସାହିତ୍ୟକୁ ନୂତନ ପାଠକ ବର୍ଗ ସହିତ ସଂଯୋଗ କରିଛି।

ୱେବ ଆଧାରିତ ପ୍ରକାଶନ ପରିସର ସାହିତ୍ୟ ପ୍ରକାଶନର ଏକ ବିକଳ୍ପ ମଞ୍ଚ ଭାବେ ପ୍ରତିଷ୍ଠିତ ହୋଇଛି। ଏଠାରେ କବିତା, ଗଳ୍ପ ଓ ନିବନ୍ଧ ତୁରନ୍ତ ପ୍ରକାଶ ପାଇ ପାଠକଙ୍କ ପାଖକୁ ପହଞ୍ଚୁଛି।

ଡିଜିଟାଲ ଗ୍ରନ୍ଥାଗାର ଓ ଅନଲାଇନ ସଂଗ୍ରହ ପ୍ରଣାଳୀ ଜ୍ଞାନ ଉପଲବ୍ଧତାକୁ ଆହୁରି ବିସ୍ତୃତ କରିଛି। ପୂର୍ବରୁ ଯେଉଁ ସାହିତ୍ୟ ସମ୍ପଦ କେବଳ ଗ୍ରନ୍ଥାଗାରରେ ସୀମିତ ଥିଲା, ବର୍ତ୍ତମାନ ସେଗୁଡ଼ିକ ଡିଜିଟାଲ ରୂପରେ ବିଶ୍ୱବ୍ୟାପୀ ପାଠକଙ୍କ ପାଇଁ ସୁଲଭ ହୋଇପାରୁଛି।

ଧ୍ୱନି ଓ ଚିତ୍ର ଆଧାରିତ ପ୍ରସ୍ତୁତି ସାହିତ୍ୟ ଅନୁଭୂତିକୁ ନୂତନ ଦିଗ ଦେଇଛି। କବିତା ପାଠ, ଆଲୋଚନା ଓ ଅନଲାଇନ ସଂଳାପ ମାଧ୍ୟମରେ ସାହିତ୍ୟ ଏକ ସାମୁଦାୟିକ ଅଭିଜ୍ଞତାର ରୂପ ଧାରଣ କରୁଛି।

ସମଗ୍ର ଭାବରେ ଦେଖାଯାଏ ଯେ ଡିଜିଟାଲ ପ୍ଲାଟଫର୍ମ ଓ ମାଧ୍ୟମ ଓଡ଼ିଆ ସାହିତ୍ୟ ପ୍ରସାରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି।

### ସୋସିଆଲ୍ ମିଡିଆ

ଏକବିଂଶତମ ଶତାବ୍ଦୀର ଡିଜିଟାଲ ପରିବେଶରେ ସାମାଜିକ ଯୋଗାଯୋଗ ମାଧ୍ୟମମାନେ ସାହିତ୍ୟ ପ୍ରସାରର ଚିତ୍ରକୁ ନୂତନ ରୂପ ଦେଇଛନ୍ତି। ଯେଉଁ ସମୟରେ ସାହିତ୍ୟର ପ୍ରଚାର ପାଇଁ ପ୍ରକାଶକ ଓ ପତ୍ରିକାର ସୀମିତ ପରିସର ଉପରେ ନିର୍ଭର କରିବାକୁ ପଡୁଥିଲା, ସେହି ପରିସ୍ଥିତି ଏବେ ଡିଜିଟାଲ ମଞ୍ଚମାନଙ୍କ ମାଧ୍ୟମରେ ଅଧିକ ଉନ୍ମୁକ୍ତ ଓ ସଜୀବ ହୋଇଉଠିଛି। ଲେଖକ ଓ ପାଠକଙ୍କ ମଧ୍ୟରେ ଏକ ତତ୍‌କ୍ଷଣାତ୍ ସଂଯୋଗ ସୃଷ୍ଟି କରିଛି। ସଂଳାପମୂଳକ ସମ୍ପର୍କ ଗଢ଼ିଉଠିବାରେ ଏହି ମାଧ୍ୟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି।

'ଫେସବୁକ୍', 'ୟୁଟ୍ୟୁବ୍', 'ଇନଷ୍ଟାଗ୍ରାମ୍', 'ହ୍ୱାଟସ୍‌ଆପ୍', 'ଟେଲିଗ୍ରାମ୍', 'ଏକ୍ସ' ଓ 'କୁ' ପରି ସାମାଜିକ ମଞ୍ଚମାନେ ସୃଜନଶୀଳ ଅଭିବ୍ୟକ୍ତିକୁ ନୂତନ ଦିଗ ଦେଇଛନ୍ତି। ଏହି ମାଧ୍ୟମମାନଙ୍କ ଜରିଆରେ କବିତା ପାଠ, ସାହିତ୍ୟ ଚର୍ଚ୍ଚା ଓ ଗଳ୍ପ ପ୍ରସ୍ତୁତି ଏକ ସଜୀବ ଓ ଅନ୍ତରକ୍ରିୟାଶୀଳ ଅନୁଭବରେ ପରିଣତ ହୋଇଛି। ସେହିପରି ଧ୍ୱନି ଆଧାରିତ ପ୍ଲାଟଫର୍ମ 'ସ୍ପଟିଫାଇ', 'ଗୁଗୁଲ୍ ପଡକାଷ୍ଟ' ଓ 'ଜିଓସାଭନ୍'- ସାହିତ୍ୟକୁ ଶ୍ରବ୍ୟ ଅଭିଜ୍ଞତାର ଏକ ନୂତନ ରୂପ ଦେଇଛି।


ଡିଜିଟାଲ ଲେଖନ ପରିସରରେ ବ୍ଲଗ୍ ଓ ସ୍ୱୟଂ ପ୍ରକାଶନ ପ୍ରଣାଳୀ ମଧ୍ୟ ନୂତନ ସମ୍ଭାବନା ସୃଷ୍ଟି କରିଛି। 'ୱାର୍ଡପ୍ରେସ୍' ,'ବ୍ଲଗର' ଓ 'କିଣ୍ଡଲ୍ ଡାଇରେକ୍ଟ ପବ୍ଲିଶିଂ' ପରି ମଞ୍ଚମାନେ ଲେଖକମାନଙ୍କୁ ସ୍ୱତନ୍ତ୍ର ଭାବରେ ନିଜ ରଚନା ପ୍ରକାଶ କରିବାର ସୁଯୋଗ ଦେଇଛନ୍ତି। ଏହା ସହିତ 'ଵାଟପ୍ୟାଡ୍' ଓ 'ପ୍ରତିଲିପି' ପରି ଡିଜିଟାଲ ପଠନ ମଞ୍ଚମାନେ ନୂତନ ପିଢ଼ିର ପାଠକମାନଙ୍କୁ ସାହିତ୍ୟ ସହିତ ସଂଯୁକ୍ତ କରି

ଏକ ବିସ୍ତୃତ ପଠନ ସଂସ୍କୃତି ଗଢ଼ି ତୋଳିଛନ୍ତି। ଏହିପରି ଡିଜିଟାଲ ମଞ୍ଚମାନଙ୍କ ସହଯୋଗରେ ଓଡ଼ିଆ ସାହିତ୍ୟ ଏବେ ଭୌଗୋଳିକ ସୀମାକୁ ଅତିକ୍ରମ କରି ଏକ ବିଶ୍ୱବ୍ୟାପୀ ସୂଚନା ପ୍ରସାର ପରିସର ଲାଭ କରିଛି।

## ନୈତିକ ପ୍ରଶ୍ନ ଓ ପ୍ଲାଗାରିଜମ୍

ଡିଜିଟାଲ ପରିବେଶ ସାହିତ୍ୟ ପ୍ରସାରକୁ ଯେପରି ବ୍ୟାପକ କରିଛି, ସେହିପରି କିଛି ନୈତିକ ଆହ୍ୱାନ ମଧ୍ୟ ସୃଷ୍ଟି କରିଛି। ସେମାନଙ୍କ ମଧ୍ୟରେ ଅନ୍ୟର ରଚନାକୁ ନିଜ ନାମରେ ପ୍ରକାଶ କରିବାର ପ୍ରବୃତ୍ତି- 'ପ୍ଲାଗାରିଜମ୍' - ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଭାବେ ପ୍ରକାଶ ପାଇଛି।

ଡିଜିଟାଲ ମାଧ୍ୟମରେ ସୂଚନା ଅତ୍ୟନ୍ତ ସହଜରେ ଉପଲବ୍ଧ ହେବାରୁ କେବେ କେବେ ନକଲ ଓ ଅନୁକରଣର ପ୍ରବୃତ୍ତି ବଢ଼ିଯାଏ। ଏହା ସାହିତ୍ୟର ମୌଳିକତା ଓ ସର୍ଜନଶୀଳ ଚେତନାକୁ କ୍ଷୀଣ କରିପାରେ। ଯଦି ଏହି ପ୍ରବୃତ୍ତିକୁ ନିୟନ୍ତ୍ରଣ କରାଯାଇନଥାଏ, ତେବେ ସାହିତ୍ୟିକ ମୂଲ୍ୟବୋଧ ଓ ଗବେଷଣାର ବିଶ୍ୱସନୀୟତା ପ୍ରଭାବିତ ହେବାର ସମ୍ଭାବନା ରହିଥାଏ।




ତଥାପି ଡିଜିଟାଲ ପ୍ରଯୁକ୍ତି ଏହି ସମସ୍ୟାର ନିରାକରଣ ପାଇଁ କିଛି ସାଧନ ମଧ୍ୟ ପ୍ରଦାନ କରିଛି। ବିଭିନ୍ନ ଯାଞ୍ଚ ପ୍ରଣାଳୀ ଓ ଅନଲାଇନ ସନ୍ଧାନ ମାଧ୍ୟମରେ ଲେଖାର ମୌଳିକତା ସତ୍ୟାପନ କରିବା ସମ୍ଭବ ହୋଇଛି। ଏହା ମାଧ୍ୟମରେ ଗବେଷଣା ଓ ସାହିତ୍ୟ ସୃଜନରେ ନୈତିକ ଶୃଙ୍ଖଳାକୁ ସୁଦୃଢ଼ କରିବାର ପଥ ଖୋଲିଛି। ଏହିପରି ସ୍ଥିତିରେ ଡିଜିଟାଲ ସାହିତ୍ୟ ପରିସରରେ ମୌଳିକତାର ସୁରକ୍ଷା ଓ ସର୍ଜନଶୀଳ ନୈତିକତାର ପାଳନ ଅତ୍ୟନ୍ତ ଆବଶ୍ୟକ।

ଆଧୁନିକ ଡିଜିଟାଲ ପରିବେଶ ଜ୍ଞାନ ଅର୍ଜନର ପରିସରକୁ ଅପୂର୍ବ ଭାବରେ ବିସ୍ତାର କରିଛି। ପୂର୍ବରୁ ଶିକ୍ଷାର ପ୍ରମୁଖ ଆଧାର ଥିଲା ପାରମ୍ପରିକ ପାଠ୍ୟପୁସ୍ତକ ଓ ପୁସ୍ତକାଳୟ; କିନ୍ତୁ ଏବେ ଅନଲାଇନ ଶିକ୍ଷା ପରିସର ଏହି ପ୍ରକ୍ରିୟାକୁ ଏକ ନୂତନ ଗତି ଦେଇଛି। ଓଡ଼ିଆ ସାହିତ୍ୟ ଅଧ୍ୟୟନରେ ମଧ୍ୟ ଏହି ପରିବର୍ତ୍ତନ ସ୍ପଷ୍ଟ ଭାବରେ ଦୃଶ୍ୟମାନ।

ଡିଜିଟାଲ ଶିକ୍ଷା ମଞ୍ଚମାନଙ୍କ ମାଧ୍ୟମରେ ବିଭିନ୍ନ ବିଷୟର ପାଠ୍ୟସାମଗ୍ରୀ ଏବେ ସହଜରେ ଉପଲବ୍ଧ ହେଉଛି। ଏହି ପରିସର ଛାତ୍ରଛାତ୍ରୀ ଓ ଗବେଷକମାନଙ୍କୁ ଅଧ୍ୟୟନ ପାଇଁ ବିସ୍ତୃତ ସାଧନ ଦେଇଛି। ଉଚ୍ଚଶିକ୍ଷା ମଞ୍ଚ-ଯଥା 'ସ୍ୱୟମ୍', 'ଇ-ପିଜି ପାଠଶାଳା' ଓ 'ଜାତୀୟ ଡିଜିଟାଲ ଗ୍ରନ୍ଥାଗାର' - ଜ୍ଞାନ ବିତରଣରେ ନୂତନ ଦିଗ ଉଦ୍ଘାଟନ କରିଛନ୍ତି।

ଗବେଷଣା କ୍ଷେତ୍ରରେ ମଧ୍ୟ ଡିଜିଟାଲ ତଥ୍ୟଭଣ୍ଡାର ଓ ଆନ୍ତର୍ଜାତୀୟ ସୂଚନା ପ୍ଲାଟଫର୍ମ ଗୁରୁତ୍ୱ ଅର୍ଜନ କରିଛି। 'ଗୁଗୁଲ୍ ସ୍କଲାର' ଓ 'ରିସର୍ଚ୍ଚଗେଟ୍' ପରି ମଞ୍ଚମାନେ ଗବେଷକଙ୍କୁ ବିଭିନ୍ନ ଗବେଷଣା ପତ୍ର, ପୁସ୍ତକ ଓ ଅଧ୍ୟୟନ ସାଧନ ସହିତ ସଂଯୁକ୍ତ କରିଛନ୍ତି। ଏହା ମାଧ୍ୟମରେ ଓଡ଼ିଆ ସାହିତ୍ୟ ଅନୁସନ୍ଧାନ ଏକ ବିଶ୍ୱବ୍ୟାପୀ ଚର୍ଚ୍ଚାର ଅଂଶ ହୋଇଉଠିଛି।

ଏହି ପରିସ୍ଥିତିରେ ଡିଜିଟାଲ ଶିକ୍ଷା ଓ ଗବେଷଣା ପରିବେଶ ଓଡ଼ିଆ ସାହିତ୍ୟ ଅଧ୍ୟୟନକୁ ନୂତନ ଦିଗନ୍ତ ଦେଇଛି। ଏହା ମାଧ୍ୟମରେ ଜ୍ଞାନର ସଂଚାର କେବଳ ଏକ ସୀମିତ ଶିକ୍ଷା ପରିସରରେ ନୁହେଁ, ବରଂ ବିଶାଳ ମାନବ ସମାଜ ସହିତ ସଂଯୁକ୍ତ ହୋଇଉଠିଛି।

ଡିଜିଟାଲ ପରିବେଶ ସାହିତ୍ୟ ପ୍ରସାରକୁ ବିସ୍ତୃତ ଆକାର ଦେଇଥିଲେ ମଧ୍ୟ ଏହା ସହ ଅନେକ ମୂଲ୍ୟମୁଖୀ ସମସ୍ୟା ମଧ୍ୟ ଜନ୍ମ ନେଇଛି। ସର୍ଜନାତ୍ମକ କାର୍ଯ୍ୟରେ ମୌଳିକ ଚିନ୍ତନ ଓ ବ୍ୟକ୍ତିଗତ ଅଭିବ୍ୟକ୍ତି ସାହିତ୍ୟର ପ୍ରାଣ; କିନ୍ତୁ ଅସୀମ ତଥ୍ୟଭଣ୍ଡାରର ସହଜ ପ୍ରବେଶ କେବେ କେବେ ଅନୁକରଣମୂଳକ ପ୍ରବୃତ୍ତିକୁ ବୃଦ୍ଧି କରେ।

ଅନ୍ୟ ସୃଷ୍ଟିକୁ ଯଥାଯଥ ସ୍ୱୀକୃତି ବିନା ନିଜ ନାମରେ

ପ୍ରଚାର କରିବାକୁ ପ୍ଲାଗାରିଜମ୍ ବୋଲି କୁହାଯାଏ। ଏପରି କାର୍ଯ୍ୟ ଗବେଷଣା ନିଷ୍ଠାକୁ କ୍ଷତିଗ୍ରସ୍ତ କରେ ଏବଂ ସାହିତ୍ୟିକ ସତ୍ୟନିଷ୍ଠାକୁ ଅସ୍ଥିର କରିଥାଏ। ମୌଳିକ ଚେତନାର ସ୍ଥାନରେ ନକଲ ଅଭ୍ୟାସ ପ୍ରବେଶ କଲେ ସର୍ଜନଶୀଳ ପରମ୍ପରାର ଉଜ୍ଜ୍ୱଳତା ମଳିନ ହୋଇପାରେ।

ତଥାପି ଡିଜିଟାଲ ଯୁଗ ଏହି ଚ୍ୟାଲେଞ୍ଜକୁ ମୁକାବିଲା କରିବା ପାଇଁ କିଛି ସୁରକ୍ଷାମୂଳକ ବ୍ୟବସ୍ଥା ମଧ୍ୟ ଉପସ୍ଥାପନ କରିଛି। ବିଭିନ୍ନ ପରୀକ୍ଷା ପ୍ରଣାଳୀ ଓ ଅନଲାଇନ ସନ୍ଧାନ ସାଧନ ମାଧ୍ୟମରେ ଲେଖାର ସ୍ୱତନ୍ତ୍ରତା ଯାଞ୍ଚ କରିବା ସମ୍ଭବ ହୋଇଛି।

ଏହି ପରିପ୍ରେକ୍ଷୀରେ ସାହିତ୍ୟ ସୃଜନ ସହିତ ନୈତିକ ଦାୟିତ୍ୱର ସମନ୍ୱୟ ଅତ୍ୟନ୍ତ ଆବଶ୍ୟକ। ସୃଷ୍ଟିକାରୀଙ୍କ ପ୍ରତିଭା, ଗବେଷକଙ୍କ ନିଷ୍ଠା ଓ ପାଠକଙ୍କ ସଚେତନତା-ଏହି ତିନିଟି ମିଶିଲେ ଡିଜିଟାଲ ସାହିତ୍ୟ ପରିସରରେ ମୌଳିକତାର ମୂଲ୍ୟବୋଧ ସୁରକ୍ଷିତ ରହିପାରିବ।

**ଡିଜିଟାଲ୍ ପରିବେଶ**

ଆଧୁନିକ ଡିଜିଟାଲ୍ ପରିବେଶ ଓଡ଼ିଆ ସାହିତ୍ୟର ଗତିପଥକୁ ଅନେକ ନୂତନ ସମ୍ଭାବନା ସହିତ ସଂଯୁକ୍ତ କରିଥିବା ସତ୍ତ୍ୱେ ଏହା ଏକ ଗଭୀର ବିଚାରର ବିଷୟ ମଧ୍ୟ ହୋଇଉଠିଛି। ପ୍ରଯୁକ୍ତିର ସହାୟତାରେ ରଚନା ପ୍ରସାର ତ୍ୱରାନ୍ୱିତ ହେଲେ ମଧ୍ୟ ତାହାର ଗୁଣମାନ ଓ ସାହିତ୍ୟିକ ଗାମ୍ଭୀର୍ଯ୍ୟ ସମ୍ପର୍କରେ ସଚେତନ ଚର୍ଚ୍ଚା ଆବଶ୍ୟକ।

ଡିଜିଟାଲ ମଞ୍ଚମାନ ସର୍ଜନଶୀଳ ଅଭିବ୍ୟକ୍ତିକୁ ସର୍ବସାଧାରଣଙ୍କ ପାଖକୁ ନେଇଆସିଛି, ଯାହାର ଫଳରେ ନୂତନ ଲେଖକମାନଙ୍କ ପାଇଁ ଅବସର ବଢ଼ିଛି। ତଥାପି ଏହି ମୁକ୍ତ ପରିସରରେ ସମ୍ପାଦନା ଓ ମୂଲ୍ୟାୟନ ପ୍ରକ୍ରିୟା ସବୁବେଳେ ସମାନ ଭାବରେ ରହେନାହିଁ, ଯାହା ସାହିତ୍ୟିକ ମାନଦଣ୍ଡ ନେଇ ପ୍ରଶ୍ନ ଉତ୍ପନ୍ନ କରିପାରେ।

ଅନ୍ୟ ଦିଗରେ, ଡିଜିଟାଲ ମାଧ୍ୟମ ପାଠକ ଓ ଲେଖକଙ୍କ ମଧ୍ୟରେ ଏକ ସଜୀବ ସଂଳାପ ସୃଷ୍ଟି କରିଛି। ଏହା ମାଧ୍ୟମରେ ରଚନା ତତ୍କ୍ଷଣାତ୍ ପ୍ରତିକ୍ରିୟା ଲାଭ କରେ, ଯାହା ସର୍ଜନଶୀଳତାକୁ ନୂତନ ଉତ୍ସାହ ଦେଇଥାଏ। ଏହି ପରିସ୍ଥିତିରେ ସାହିତ୍ୟ ଏକ ସଂଲଗ୍ନ ସାମୁଦାୟିକ ଅନୁଭୂତିର ଆକାର ନେଇଥାଏ।

ତଥାପି ପ୍ରଯୁକ୍ତିକେନ୍ଦ୍ରିକ ପରିବେଶରେ ତ୍ୱରିତ ପ୍ରକାଶନର ଧାରା କେବେ କେବେ ଗଭୀର ପଠନ ଓ ଧ୍ୟାନମୟ ଅନୁଭବକୁ ପଛକୁ ଠେଲିଦେଇପାରେ। ଏହିକାରଣରୁ ଡିଜିଟାଲ ସାହିତ୍ୟ ଚର୍ଚ୍ଚାରେ ସର୍ଜନଶୀଳ ସ୍ୱାଧୀନତା ଓ ସାହିତ୍ୟିକ ମାନଦଣ୍ଡ ମଧ୍ୟରେ ସମତା ରକ୍ଷିବା ଅତ୍ୟନ୍ତ ପ୍ରୟୋଜନୀୟ।

ଏହି ପରିପ୍ରେକ୍ଷୀରେ ସମାଲୋଚନାତ୍ମକ ଦୃଷ୍ଟିକୋଣ ଡିଜିଟାଲ ଯୁଗର ସାହିତ୍ୟ ଚର୍ଚ୍ଚାକୁ ସୁସମନ୍ୱିତ ଦିଗ ପ୍ରଦାନ କରିପାରେ । ପ୍ରଯୁକ୍ତି ଓ ସର୍ଜନଶୀଳତାର ସୁସମନ୍ୱୟ ମାଧ୍ୟମରେ ସାହିତ୍ୟ ତାହାର ସ୍ଥାୟୀ ମୂଲ୍ୟକୁ ଅକ୍ଷୁଣ୍ଣ ରଖିପାରିବ।

ଡିଜିଟାଲ ଯୁଗ ଓଡ଼ିଆ ସାହିତ୍ୟର ଯାତ୍ରାକୁ ଏକ ନୂତନ ସମୟବୋଧ ଓ ନୂତନ ସୃଜନମୟ ଆକାଶ ସହିତ ସଂଯୁକ୍ତ କରିଛି। ପ୍ରଯୁକ୍ତିର ସହାୟତାରେ ଭାଷାର ଅଭିବ୍ୟକ୍ତି କାଗଜର ସୀମାକୁ ଅତିକ୍ରମ କରି ବିଶ୍ୱବ୍ୟାପୀ ବିସ୍ତୃତ ପଠନ ପରିସରକୁ ପହଞ୍ଚିବାର ଶକ୍ତି ଅର୍ଜନ କରିଛି। ଏହି ପରିବର୍ତ୍ତନ କେବଳ ମାଧ୍ୟମର ରୂପାନ୍ତର ନୁହେଁ, ବରଂ ସାହିତ୍ୟିକ ଚେତନାର ଏକ ନୂତନ ଉଦ୍‌ବୋଧନ।

**ଡିଜିଟାଲ ଯୁଗ ଓଡ଼ିଆ ସାହିତ୍ୟର ଯାତ୍ରାକୁ ଏକ ନୂତନ ସମୟବୋଧ ଓ ନୂତନ ସୃଜନମୟ ଆକାଶ ସହିତ ସଂଯୁକ୍ତ କରିଛି।**

ଏହି ଅଧ୍ୟୟନରୁ ସ୍ପଷ୍ଟ ହୁଏ ଯେ ଡିଜିଟାଲ ପରିବେଶ ସୃଜନ, ପାଠନ ଓ ଜ୍ଞାନ ବିନିମୟର ସମଗ୍ର ପ୍ରକ୍ରିୟାକୁ ଏକ ସଚଳ ଓ ଗତିଶୀଳ ରୂପ ଦେଇଛି। ନୂତନ ମଞ୍ଚମାନଙ୍କ ଉଦୟ ଲେଖକମାନଙ୍କୁ ସ୍ୱତନ୍ତ୍ର ଅଭିବ୍ୟକ୍ତିର ଅବକାଶ ଦେଇଥିବାବେଳେ ପାଠକମାନଙ୍କୁ ମଧ୍ୟ ଅଧିକ ସକ୍ରିୟ ସହଭାଗୀତାର ସୁଯୋଗ ପ୍ରଦାନ କରିଛି। ଏହା ଫଳରେ ସାହିତ୍ୟ ଏକ ସଜୀବ ସାମୁଦାୟିକ ଅନୁଭୂତିରେ ପରିଣତ ହୋଇପାରିଛି।

ଏହି ପରିବର୍ତ୍ତନଶୀଳ ସମୟଧାରାରେ ଓଡ଼ିଆ ସାହିତ୍ୟର ଡିଜିଟାଲ ଯାତ୍ରାକୁ ଗଭୀର ଓ ସମଗ୍ର ଭାବରେ ଅନୁଧ୍ୟାନ କରିବା ଆବଶ୍ୟକ ହୋଇଉଠେ। ତାହାର ବିସ୍ତୃତ ସମ୍ଭାବନା, ପରିବର୍ତ୍ତିତ ରୂପ ଓ ଉଦ୍ଭାବିତ ସମସ୍ୟାମାନଙ୍କୁ ସୁସମନ୍ୱିତ ଓ ସମାଲୋଚନାତ୍ମକ ଦୃଷ୍ଟିରେ ବିଚାର କରିବା ମାଧ୍ୟମରେ ଡିଜିଟାଲ ଯୁଗରେ ଓଡ଼ିଆ ସାହିତ୍ୟର ବର୍ତ୍ତମାନ ଚିତ୍ର, ତାହାର ସର୍ଜନଶୀଳ ସମ୍ଭାବନା ଓ ଭବିଷ୍ୟତ ଦିଗକୁ ଏକ ସ୍ପଷ୍ଟ ଓ ଗଭୀର

ଦୃଷ୍ଟିକୋଣରେ ବୁଝିବାକୁ ଏହି ଅଧ୍ୟୟନ ଚେଷ୍ଟା କରେ।

ସମୟର ଧାରା ସହିତ ସାହିତ୍ୟ ଯେତେବେଳେ ନୂତନ ମାଧ୍ୟମକୁ ଅଙ୍ଗୀକାର କରେ, ସେତେବେଳେ ତାହାର ସର୍ଜନଶୀଳତା ଆହୁରି ବିସ୍ତୃତ ଓ ଉଜ୍ଜ୍ୱଳ ହୋଇଉଠେ। ଏହି ଅଧ୍ୟୟନ ସେହି ଗତିଶୀଳ ପରିବର୍ତ୍ତନର ଧାରାକୁ ଅନୁସନ୍ଧାନ କରି ଡିଜିଟାଲ ଯୁଗରେ ଓଡ଼ିଆ ସାହିତ୍ୟର ନୂତନ ସ୍ୱରୂପକୁ ପ୍ରତିପାଦନ କରିବାର ଏକ ନମ୍ର ପ୍ରୟାସ।

**ସନ୍ଦର୍ଭ ସୂଚୀ**


୧. ମାନସିଂହ, ମାୟାଧର। 'ହିଷ୍ଟ୍ରି ଅଫ୍ ଓରିଆ ଲିଟରେଚର୍' । ନୂଆଦିଲ୍ଲୀ: ସାହିତ୍ୟ ଏକାଡେମୀ, ୧୯୬୦।

୨. ମହାରଣା, ସୁରେନ୍ଦ୍ର କୁମାର। ଓଡ଼ିଆ ସାହିତ୍ୟର ଇତିହାସ। କଟକ: ଏ. କେ. ମିଶ୍ର ପବ୍ଲିଶର୍ସ, ୨୦୨୨।

୩. ସୂଚନା ଓ ସଂଯୋଗ ପ୍ରଯୁକ୍ତି (ଆଇ.ସି.ଟି.): ଶ୍ରେଣୀ ୯-ଏକ୍ସ। ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରସ୍ତୁତି ଓ ଉତ୍ପାଦନ ବ୍ୟୁରୋ, ୨୦୧୩ ।

୪. ଫ୍ରେଣ୍ଡସ୍ ପବ୍ଲିଶର୍ସ। କମ୍ପ୍ୟୁଟର ଶିକ୍ଷା (ଓଡ଼ିଆ ମାଧ୍ୟମ)। କଟକ: ଫ୍ରେଣ୍ଡସ୍ ପବ୍ଲିସର୍ସ, ୨୦୦୮ ।

୫. ଭାରତ ସରକାର, ଶିକ୍ଷା ମନ୍ତ୍ରାଳୟ। ଜାତୀୟ ଶିକ୍ଷା ନୀତି ୨୦୨୦। ନୂଆଦିଲ୍ଲୀ: ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର, ୨୦୨୦।

୬. ଭାରତ ସରକାର, ପ୍ରକାଶନ ବିଭାଗ। ଡିଜିଟାଲ୍ ଇଣ୍ଡିଆ। ନୂଆଦିଲ୍ଲୀ: ପବ୍ଲିକେଶନ ଡିଭିଜନ, ଭାରତ ସରକାର, ୨୦୧୭ ।

୭. ଡିଜିଟାଲ ଇଣ୍ଡିଆ ଆଣ୍ଡ୍ ଏଜୁକେଶନ, ପବ୍ଲିକେଶନ ଡିଭିଜନ, ଭାରତ ସରକାର, ୨୦୧୭ ।

୮. ସେଲୱିନ୍, ନେଲ୍, 'ଏଜୁକେଶନ ଏଣ୍ଡ୍ ଟେକ୍ନୋଲୋଜି: କି ଇସୁଜ୍ ଏଣ୍ଡ୍ ଡିବେଟ୍ ।' ଲଣ୍ଡନ: କଣ୍ଟିନମ୍ ଇଣ୍ଟରନ୍ୟାସନାଲ ପବ୍ଲିଶିଙ୍ଗ ଗ୍ରୁପ୍, ୨୦୧୧ ।

୯. ବେଟସ୍, ଏ.ଡବ୍ଲ୍ୟୁ, 'ଟିଚିଂ ଇନ୍ ଏ ଡିଜିଟାଲ୍ ଏଜ - ଗାଇଡଲାଇନ୍ସ ଫର୍ ଡିଜାଇନିଂ ଟିଚିଂ ଆଣ୍ଡ୍ ଲର୍ଣ୍ଣିଂ', ଭାଙ୍କୁଭର, ବି.ସି. କ୍ୟାମ୍ପସ୍, ୨୦୧୫ ।

୧୦. କ୍ଲାର୍କ, ରୁଥ୍ ସି, ଓ ରିଚାର୍ଡ ଇ.ମେୟର, 'ଇ-ଲର୍ଣ୍ଣିଂ ଏଣ୍ଡ୍ ସାଇନ୍ସ୍ ଅଫ୍ ଇନ୍ଷ୍ଟ୍ରକସନ୍', ହୋବୋକେନ୍, ଏନ୍.ଜେ. ଉଇଲି, ୨୦୧୬।

୧୧. କାଷ୍ଟେଲସ୍, ମାନୁଏଲ୍, 'ଦି ରାଇଜ୍ ଅଫ୍ ଦି ନେଟୱାର୍କ ସୋସାଇଟି, ଅକ୍ସଫୋର୍ଡ: ଉଇଲି-ବ୍ଲାକ୍‌ୱେଲ, ୨୦୧୦ ।

୧୨. ଜେନ୍‌କିନ୍ସ୍, ହେନରି, 'କନଭରଜେନ୍ସ୍ କଲଚର୍, ହ୍ୱେୟାର୍ ଓଲଡ ଆଣ୍ଡ୍ ନ୍ୟୁ ମିଡିଆ କୋଲାଇଡ୍', ନ୍ୟୁୟର୍କ, ନ୍ୟୁୟର୍କ ୟୁନିଭରସିଟି ପ୍ରେସ୍, ୨୦୦୬ ।

୧୩. ଆଣ୍ଡରସନ୍, କ୍ରିସ୍, 'ଦି ଲଙ୍ଗ୍ ଟେଲ୍: ହ୍ୱାଏ ଦି ଫ୍ୟୁଚର ଅଫ୍ ବିଜିନେସ୍ ଇଜ୍ ସେଲିଂ ଲେସ୍ ଅଫ୍ ମୋର୍', ନ୍ୟୁୟର୍କ ହାଇପରିୟନ୍, ୨୦୦୬ ।


□□

ଲେଖିକାଙ୍କ ଇ-ମେଲ୍ ଠିକଣା:
puspitasukla@rdwu.ac.in





ବର୍ତ୍ତମାନ ମିଳୁଛି

## ସାହିତ୍ୟ ଚର୍ଚ୍ଚା

୨୦୨୫ ମସିହାରେ ପ୍ରକାଶିତ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ୧୨ ଗୋଟି ସଂଖ୍ୟା ବନ୍ଧାଇ ହୋଇ ଏକତ୍ର ।

ମୂଲ୍ୟ : ଟ. ୪୫୦/-

ପ୍ରାପ୍ତିସ୍ଥାନ: **ମା' ନାରାୟଣୀ ବୁକ୍ ଷ୍ଟଲ୍**

ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର

ସୀମିତ ସଂଖ୍ୟକ କପି ଉପଲବ୍ଧ ।

ଅଣୁ ନାଟକ

# ସେ, ମୁଁ ଓ ଗୋଟେ ବାଜେ ଲୋକ



ଜାକିର ଖାନ୍

(କାଫେର ଦୃଶ୍ୟ । ଜଣେ ବ୍ୟକ୍ତି ବସିରହିଛନ୍ତି । ସେ ହେଉଛନ୍ତି ମୁଁ । ଏଇ ସମୟରେ ଅନ୍ୟ ଜଣେ ବ୍ୟକ୍ତି ପ୍ରବେଶ କରିଛନ୍ତି । ବ୍ୟକ୍ତି ଜଣଙ୍କ ହେଉଛନ୍ତି ସେ । ଦୁହିଁଙ୍କ ମଧ୍ୟରେ କଥାବାର୍ତ୍ତା ଆରମ୍ଭ ହୋଇଛି ।)

ମୁଁ- ଆସନ୍ତୁ ଆସନ୍ତୁ।

ସେ- ଆରେ ଆପଣ ଏଠି । ମୁଁ ଆପଣଙ୍କୁ ହିଁ ଖୋଜୁଥିଲି।

ମୁଁ- ମୋତେ ? କାହିଁକି।


ସେ- ଗୋଟେ ଜରୁରି କଥା କହିବାର ଥିଲା ।

ମୁଁ- କୁହନ୍ତୁ ।

ସେ- ସେ ହରି ବାବୁଟା ଗୋଟେ ବାଜେ ଲୋକ ।

ମୁଁ- କାହିଁକି ?

ସେ- କାହିଁକି କ'ଣ ? ସେଟାଗୋଟେ ବାଜେ ଲୋକଟେ।



ମୁଁ- ହୁଁ ...

ସେ- ହୁଁ କ'ଣ ? ସେଟା ସତରେ ବାଜେ ଲୋକଟେ...

ମୁଁ- ହେଇଥିବ...

ସେ-ହେଇଥିବ କ'ଣ କହୁଛନ୍ତି... ସେଟା ସତରେ ଗୋଟେ ବାଜେ ଲୋକଟେ।

ମୁଁ- ହୋଇପାରେ... ନ ହୋଇ ମଧ୍ୟ ପାରେ...

ସେ- ମାନେ...

ମୁଁ- ଆପଣଙ୍କ ପାଇଁ ସେ ଖରାପ ଲୋକ ହୋଇପାରେ... ଅନ୍ୟ କାହା ପାଇଁ ସେ ଜଣେ ଉତ୍ତମ ବ୍ୟକ୍ତି ବି ହୋଇ ପାରନ୍ତି ।

(ଏଇ ସମୟରେ ଜଣେ ପରିଚାରିକା ଆସି ଅର୍ଡର ନେଇଛନ୍ତି। )

ସେ- ନା... ନା... ସମସ୍ତେ ତାକୁ ବାଜେ ଲୋକ ବୋଲି ହିଁ ଜାଣିଛନ୍ତି... ଆପଣ ମୋ' କଥାକୁ ବିଶ୍ୱାସ କରୁନାହାନ୍ତି କାହିଁକି... ଆପଣ କ'ଣ ଜାଣିନାହାନ୍ତି ବହୁଲୋକ ଯାହା କହନ୍ତି, ତାହା ସତ ବୋଲି...

ମୁଁ- ହା...ହା...ହା..

ସେ- ହସିଲେ କାହିଁକି...

ମୁଁ- ଏଥିପାଇଁ ଯେ ଆପଣ ଯାହା କହୁଛନ୍ତି ସେଥିରେ ମୁଁ ବିଶ୍ୱାସ କରେନି...

ସେ- ମୋ'ର କୋଉ କଥା ଆପଣଙ୍କ ବିଶ୍ୱାସ ହେଉନି...

ମୁଁ- ଏଇ ଯୋଉ ଆପଣ କହିଲେ ଯେ ... ବହୁଲୋକ ଯାହା କହନ୍ତି...

ସେ- ତାହା ହିଁ ସତ...

ମୁଁ- ଆଦୌ ନୁହେଁ...

ସେ- କେମିତି... କେମିତି... ବୁଝେଇଲେ ଦେଖି...

ମୁଁ- ଆମେ ସମସ୍ତେ କହୁ... ସୂର୍ଯ୍ୟ ଉଦୟ ହେଲା, ...ଅସ୍ତ ହେଲା...

ସେ- ହଁ ସେଇଟା ହିଁ ସତ...

ମୁଁ- ନା... ସୂର୍ଯ୍ୟ ସ୍ଥିର... ତେଣୁ ଉଦୟ ଓ ଅସ୍ତ ହେବା କଥା ସଂପୂର୍ଣ୍ଣ ମିଛ...

ସେ- ହେଲେ ସେଇ ମିଛକୁ ହିଁ ତ ଆମେ ସତ ବୋଲି ଭାବୁ...

ମୁଁ- ସେଇଟା ହିଁ ତ ସମସ୍ୟା...

ସେ- ତା'ହେଲେ... ତମେ କହୁଛ ସତ - ମିଛ ବୋଲି କିଛି କଥା ନାହିଁ ।

ମୁଁ- ନା... ଯାହା ତମ ପାଇଁ ସତ ହୋଇପାରେ, ତାହା

> **ଯାହା ତମ ପାଇଁ ସତ ହୋଇପାରେ, ତାହା ମୋ' ପାଇଁ ମିଛ ମଧ୍ୟ ହୋଇପାରେ ।**

ମୋ' ପାଇଁ ମିଛ ମଧ୍ୟ ହୋଇପାରେ...

ସେ- ତେବେ ଯୋଉଟାକୁ ଆମେ ସତ ବୋଲି ଧରିନେଉ... ତା'ହେଲେ ସେଇଟା କ'ଣ ?

ମୁଁ- ସେଇଟା ଆମ ନିଜସ୍ୱ ଅବଧାରଣା... ଆମ ନିଜର ଦୃଷ୍ଟିଭଙ୍ଗୀ...

ସେ- (ଚିଡ଼ିଉଠି) ବୁଝିଲେ ଆପଣ ଜଣେ ଚୋପାଛଡ଼ା ବ୍ୟକ୍ତି...

ମୁଁ- କାରଣ ମୁଁ ଆପଣଙ୍କ ହଁରେ ହଁ କହିଲିନି... ସେଇଥିପାଇଁ...

ସେ- (ରାଗ ଗରଗର ହୋଇ ଉଠି ଚାଲି ଯାଉଯାଉ) କି ବାଜେ ଲୋକଟା ହେ...

ମୁଁ – ଆରେ ରାଗୁଛନ୍ତି କ'ଣ, ବସନ୍ତୁ, ବସନ୍ତୁ...

(ଏଇ ସମୟରେ ପରିଚାରିକା ମିଲ୍କ ସେକ୍ ଧରି ଆସିଛନ୍ତି)

ସେ – (ମିଲ୍କ ସେକ୍ ନେଇ) ମିଲ୍କ ସେକ୍‌ଟା କେମିତି ହଳଦିଆ ଦେଖାଯାଉଛି...

ପରିଚାରିକା – ସାର୍ ।

ମୁଁ – ( ମିଲ୍କ ସେକ୍ ନେଇ) ଏଇଟା କେମିତି ଧଳା ଦେଖାଯାଉଛି...

ପରିଚାରିକା – ସାର୍ ।

ସେ – ଧଳା କହିଲେ ସାର୍, ହଳଦିଆ କହିଲେ ସାର୍... ଯା'ର ମାନେ କ'ଣ...

ପରିଚାରିକା – ସାର୍, ଆପଣ ଯେଉଁଠି ବସିଛନ୍ତି, ସେଠି ଯେତିକି ଆଲୁଅ ପଡୁଛି, ସେଥିପାଇଁ ଆପଣଙ୍କୁ ତାହା ହଳଦିଆ ଦେଖାଯାଉଛି, ଆଉ ସାର୍ ଯେଉଁଠି ବସିଛନ୍ତି, ସେଠି ତାଙ୍କୁ ତାହା ଧଳା ଦେଖାଯାଉଛି ।

ମୁଁ – ଦେଖିଲ ବନ୍ଧୁ, ସତ୍ୟ ଓ ମିଥ୍ୟାର ପ୍ରଭେଦ... ହେ ହେ ହେ...

(ପରିଚାରିକା ଫେରିଯାଇଛନ୍ତି)

ସେ – ଜାଣିଛି, ତମକୁ ପାରିହେବନି...

ମୁଁ – ସେଥିପାଇଁ ମୁଁ ହେଉଛି...

ସେ – ନା ମ... ସେମିତି ନୁହେଁ ।

ମୁଁ – ସେଥିପାଇଁ ମୁଁ ହେଉଛି ବାଜେ ଲୋକ, ହା ହା ହା... ବନ୍ଧୁ ଯିଏ ଅପ୍ରିୟ ସତ କହେ ସେଇ ହେଉଛି...


ସେ – ବାଜେ ଲୋକ

ମୁଁ – ହା ହା ହା...

( ସମାପ୍ତ)

□□

ଲେଖକଙ୍କ ଇ-ମେଲ୍ ଠିକଣା:
zakirkhanbbsr@gmail.com


ପ୍ରକାଶ ପାଇଲା !

**ଗ୍ରନ୍ଥ ମନ୍ଥନ**

*ଶ୍ରୀଜଗନ୍ନାଥ ଓ ଓଡ଼ିଶା ସମ୍ପର୍କିତ କେତେକ ଦୁର୍ଲଭ ଗ୍ରନ୍ଥର ଆଲୋଚନା*

**ଲେଖକ: ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**

ଆମାଜନରେ ଉପଲବ୍ଧ । ମୂଲ୍ୟ: ଟ.୨୭୯

**ବି.କେ. ପବ୍ଲିକେଶନ୍ସ ପ୍ରା.ଲିଃ, ଭୁବନେଶ୍ୱର**

CLASSICS

ଗଳ୍ପ

# ଦୁଇଟି ଅଣୁଗପ



ମାନମୟୀ ରଥ

## ବିସ୍ମରଣ

"କାଲି ସନ୍ଧ୍ୟାରେ ଯେଉଁ କଥାଟି କହିଥିଲି ମନେରଖିଛ କି ନା ?" ସକାଳ ବୁଲାରୁ ଆସି ଚା' ପିଇଲା ବେଳକୁ ଧୀରେନ ବାବୁ ଧର୍ମପତ୍ନୀ ମୌସୁମୀଙ୍କୁ ପଚାରିଲେ ।



"କେଉଁ କଥା କହିଲ ? ଏଇ ପୋଡ଼ା ମନରେ କିଛି ରହୁଛି କଣ ?" ମୌସୁମୀ ବ୍ୟସ୍ତ ହୋଇପଡ଼ିଲେ ।

"ଆରେ, ତୁମେ ଶୁଣି ଖୁସିରେ ଯେଉଁ କହିଲ ମୁଁ ନିଶ୍ଚୟ କରିବି !" ଟିକିଏ ହତୋତ୍ସାହିତ ହୋଇପଡ଼ିଲେ ଧୀରେନ ବାବୁ।

"ହଁ ଯେ ମନେପକେଇ ଦେଲେ କ'ଣ ଅସୁବିଧା ହୋଇଯିବ ଶୁଣେ !" ଅସନ୍ତୁଷ୍ଟ ହେଲେ ମୌସୁମୀ ।

ବୋହୂ ଦେଖିଲା ଶାଶୁ-ଶ୍ୱଶୁରଙ୍କ ଉତ୍‌ଫୁଲ୍ଲିତ ମୁହଁରେ ଫିଟି ଦିଶୁଛି ମନେପକେଇ ପାରୁନଥିବାର ଅସହାୟତା । "ହଁ ... ବୋଉ ଆପଣ କହୁନଥିଲେ ପୁଣି ଲେଖାଲେଖି ଆରମ୍ଭ କରିବା ପାଇଁ !" ବୋହୂ ମନରୁ କଥାଟି ଫାନ୍ଦି ପରିସ୍ଥିତି ସମ୍ଭାଳି ନେବାକୁ ଚାହୁଁଥିଲା । "ଆଦୌ ସେମିତି କିଛି କଥା ହୋଇନଥିଲା ଆମ ଭିତରେ" କହି ଚିଡ଼ିଗଲେ ଧୀରେନ ବାବୁ। ଛଳଛଳ ହୋଇଗଲା ମୌସୁମୀଙ୍କ ଆଖିପତା।

## ନଈ ପାରି

"ମାମୁଁ ଘରକୁ ଯିବା ପାଇଁ ଯେଉଁ ଆକର୍ଷଣ ଥିଲା ପିଲାବେଳେ ସେଇଟା ଆଉ କାହିଁ ବୋଉ ? ଅଜା-ଆଈଙ୍କ ସ୍ନେହ ଆଦର, ଗାଁ ଯାତ, ବାଣ ପଟୁଆର, ମାଈଁଙ୍କ ରୋଷେଇ ସେ ସବୁର ଚିହ୍ନବର୍ଣ୍ଣ ନାହିଁ । ଅଜା-ଆଈ ମାମୁଁ ସିନା ନାହାନ୍ତି, ମାଈଁ ତ ଅଛନ୍ତି । କିନ୍ତୁ ଯେତେବେଳେ ଯାଅ ନିଜ ପିଲାଛୁଆ ନାତିନାତୁଣୀଙ୍କ ବଡ଼ତି କରି କରି ତାଙ୍କ ପାଟି ଥକୁନି," ବୋଉକୁ ନିଜେ କିଣିଥିବା ନୂଆ କାର୍‌ରେ ବସେଇ ମାମୁଁଘରକୁ ନେଲାବେଳେ ମନୁ କହିଲା ।

ମାମୁଁ ଘର ସାମ୍ନାରେ ବୋଉ ଓହ୍ଲେଇ ପଚାରିଲା, "ଆମେ ନଈପାରି ହେଲେ ?"


"ହଁ, ବୋଉ। ବ୍ରିଜ ଉପରେ ଆସିଲେ ପରା !" ମନୁ ବୁଝେଇଲା।

"ଆହାଃ ଖରା, ବର୍ଷା ଶୀତରେ ନଈପାରିର ସୁଖ ଟିକକ ଗଲା !" ନଈପାରି ହେଲେ ମାମୁଁଘର ଆଉ ଦିଶୁଛି କ'ଣ । ଜୁଆଡେ ଦେଖିଲେ ସିଆଡ଼େ କୋଠା ହିଁ କୋଠା । ବୋଉ ଦୀର୍ଘନିଃଶ୍ୱାସ ଛାଡ଼ିଲା ।



□□

ଲେଖିକାଙ୍କ ଇ-ମେଲ ଠିକଣା:
manamayeeratha1@gmail.com




**ଶିଶୁ ଗଳ୍ପ**

# ମିଛୁଆ କଇଁଛ

ରବୀନ୍ଦ୍ରନାଥ ମାଝୀ

ଅଂଶୁପା ହ୍ରଦ । ନାଉରିଆଟିଏ ଡଙ୍ଗା ବାହି ନଉଥିଲା । ପାଣି ଉପରେ ଡଙ୍ଗାଟି ସାଏଁ ସାଏଁ ଭାସି ଯାଉଥାଏ । ଅଂଶୁପା ହ୍ରଦରେ ଗୋଟିଏ କଇଁଛ ପରିବାର ରହୁଥାନ୍ତି । କଇଁଛର ସାତଭାଇ । ବଡ଼ ଭାଇ ପାଣିରୁ ମୁଣ୍ଡକାଢ଼ି ଡଙ୍ଗାକୁ ଚାହିଁ ଦେଖିଲା ବଡ଼ ବେଗରେ ଡଙ୍ଗାଟିପାଣି ଉପରେ ପହଁରି ଯାଉଛି ? ଡଙ୍ଗା ଉପରେ ନାଉରିଆ ବସି ଆହୁଲା ମାରୁଥାଏ ।

କଇଁଛ ଡଙ୍ଗାକୁ କହିଲା, ‘‘ନାଉରିଆ ଅଛି ବୋଲି ତୋର ଏତେ ବହପ । ତୁ କ’ଣ ମୋ’ ସାଙ୍ଗେ ଦଉଡ଼ି ପାରିବୁ ?”



ଡଙ୍ଗା କହିଲା, ‘‘ମୁଁ ପାଣିରେ ଭାସେ , ନାଉରିଆ ମୋ’ର ବଳ । ଏ କଥା କାହାକୁ ଜଣାନାହିଁ ଯେ ! “ମୋ’ ସାଙ୍ଗେ ହ୍ରଦରେ ପହଁରିପାରିବୁ ଯଦି କାଲିକି ଆ ।”

ଠିକ୍ ଏହା ଚାହୁଁଥିଲା କଇଁଛ । କହିଲା, “ହଉ କାଲି ଆମେ ଦୁହେଁ ହ୍ରଦରେ ପହଁରିବା । ତୁ ତୋ’ ନାଉରିଆକୁ ସବୁକଥା କହିଦେଏ । ଦେଖିବା ତା’ର ବଳ କେତେ, ବୁଦ୍ଧି କେତେ ?”

ଡଙ୍ଗା ନାଉରିଆକୁ ଚୁପ୍ ଚୁପ୍ କ’ଣ କହିଦେଲା । ନାଉରିଆ କହିଲା, “ଆରେ କଇଁଛ ! ଠେକୁଆଟା ଅଳସୁଆ ଥିଲା ବୋଲି ଜିତି ଯାଇଥିଲୁ । ଏଠି ଏ ହ୍ରଦରେ ତୁ ମୋ’ ଡଙ୍ଗା ସାଥିରେ କ’ଣ ଦଉଡ଼ି ପାରିବୁ ?”

କଇଁଛ କହିଲା, ‘‘ହଉ କାଲି ସେ କଥା ଜଣାଯିବ । ଏ ଦଉଡ଼ ପାଇଁ ମୋ’ର ସର୍ତ୍ତଟିଏ ଅଛି । ମୁଁ ମୋ’ ବେକରେ ନାଲି କନାଟିଏ ବାନ୍ଧି ପହଁରିବି ।

ଡଙ୍ଗା କହିଲା, ‘‘ମଞ୍ଜୁର ।’’

କଇଁଛ ଟୁବ୍‌କରି ବୁଡ଼ିଗଲା । ତା’ର ତ ସାତଭାଇ ସମସ୍ତେ ବୁଦ୍ଧିଆ ଓ ଜଣେ ଜଣେ ପହଁରାଳି । କଇଁଛମାନେ ବଡ଼ଭାଇଠୁଁ ଦଉଡ଼ ପ୍ରତିଯୋଗିତା କଥା ଶୁଣି ସମସ୍ତେ ପଚ୍ଛେଇଲେ । କଇଁଛର ସାନଭାଇ କହିଲା ‘‘ଆମେ କ’ଣ ଡଙ୍ଗା ସହ ଦଉଡ଼ରେ ଜିତି ପାରିବା ? କେତେ ବେଗରେ ସେ ପାଣିରେ ପହଁରିଯାଏ ।”

କଇଁଛ ବଡ଼ଭାଇ କହିଲା, ‘‘ଶୁଣ ! ଆମର ବୁଦ୍ଧି ଅଛି । ଆମେ ଜିତି ପାରିବା ।”

ଦଉଡ଼ ପ୍ରତିଯୋଗିତା ଆରମ୍ଭ ହେଲା । ବେକରେ ନାଲିକନା ବାନ୍ଧି ଡଙ୍ଗା ଆଗରେ ଟୁବ୍‌କରି ଉଠି ପାଟିକରି କହିଲା, “ମୁଁ ଜିତିଗଲି ..ମୁଁ ଜିତିଗଲି .. ।”

ପାଣିକୁଆ ଏ ପ୍ରତିଯୋଗିତା ପାଖରୁ ଦେଖୁଥିଲା । ମାଛରଙ୍କା ଯେତେବେଳେ ତାକୁ ପଚାରିଲା, ‘‘ସତରେ କଇଁଛକୁ ନାଉରିଆର ଡଙ୍ଗା ପହଁରାରେ ପାରିଲା ନାହିଁ ?”

ପାଣିକୁଆ କହିଲା, ‘‘କାଲି କଥାଟିଏ କହିବି । କଇଁଛର ଆଜିପରା ବିଜୟ ଦିନ !”

ଚିଲ ପରଦିନ କଇଁଛକୁ ପଚାରିଲା,‘ଆରେ କଇଁଛ ! ତୁ ମିଛକଥା କହୁଛୁ । ନାଉରି ଥିଲେ ଡଙ୍ଗାକୁ ତୁ କେବେ ଦଉଡ଼ରେ ପାରିବୁ ନାହିଁ ।’’


କଇଁଛ ବଡଭାଇ ହସିଲା ଓ କହିଲା, ‘‘ଅଂଶୁପାର କଇଁଛ ଡଙ୍ଗାକୁ ଜିତିଛି । ଯା’ ଉଡ଼ି ଉଡ଼ି ଜଙ୍ଗଲଟାଯାକ ଏକଥା କହି ଦେଏ ।”

ଅଂଶୁପାକୁ ପିକ୍‌ନିକ୍ କରିବାକୁ ଗୋଟିଏ ସ୍କୁଲର ପିଲାମାନେ ଆସିଥିଲେ । ଚିଲ ତଳକୁ ଉଡ଼ି ଆସିଲା । ପିଲାମାନେ ଚିକେନ ଖାଇ ହାଡ଼ସବୁ ଏଠି ସେଠି ପକେଇଥିଲେ । ଚିଲ କହିଲା, ‘ଆରେ ପିଲାଏ ! ଶୁଣିଲଣି,

କଇଁଛ ପହଁରାରେ ଡଙ୍ଗାକୁ କାଲି ଜିତିଛି ।' ଚିକେନର ହାଡ ଖଣ୍ଡେ ନେଇ ସେ ଆକାଶକୁ ଉଡ଼ିଗଲା ।

ଟେଁ ଟେଁଇଆ ଆକାଶରେ ଉଡ଼ି ଉଡ଼ି କହିଲା, 'ମିଛ, ଡାହା ମିଛ ।'

ପାଣିକୁଆ ନାଉରିଆର କାତ ବାଉଁଶ ଉପରେ ବସି କହିଲା,



'କେମିତି ଜିତିଲା କହୁଛି ଶୁଣରେ ଭାଇମାନେ । କଇଁଛ ବଡଭାଇ ତା'ର ଅନ୍ୟ ଛଅ ଭାଇଙ୍କ ବେକରେ ନାଲିକନା ବାନ୍ଧି ହ୍ରଦ ଭିତରେ ଛଅ ଜାଗାରେ ଜଗେଇ ଥିଲା। ମଝିରେ ମଝିରେ ଗୋଟିଏ ଭାଇ ଡଙ୍ଗା ଆଗରେ ଉଠି ପଡି କହୁଥିଲେ- ହେଇ ମୁଁ ତୋ' ଆଗରେ। ଏତକ କହି ଚୁବ୍ କରି ବୁଡ଼ି ଯାଉଥିଲା । ବଡ଼ଭାଇ ଯାଇ ଆର କୂଳରେ ଆଗରୁ ପାଣିରେ ବୁଡ଼ି ରହିଥିଲା । ନାଉରିଆର ଡଙ୍ଗା କୂଳ ଛୁଇଁବା ପୂର୍ବରୁ ପାଣିରୁ ଉଠି କୂଳ ଉପରକୁ ଉଠି ଚାଲିଗଲା ଓ ନିଜ ଜିତାପଟ ନିଜେ ଘୋଷଣା କରିଥିଲା। ..ମିଛ, ଡାହା ମିଛ । ଡଙ୍ଗାକୁ କି କଇଁଛ ଜିତି ପାରେ ?"

ଟେଁ ଟେଁଇଆ ଚିଲ୍ଲେଇ ଚିଲ୍ଲେଇ କହିଲା,

'କଇଁଛ ମିଛୁଆ, ମିଛୁଆ କଇଁଛ, ପଡିଛି ଧରା
କାହାକୁ ଦେଖିଲେ ମୁହଁକୁ ଲୁଚାଏ ଲାଜରେ ପରା ।
ପାରିବାର ଯିଏ ଜିତେ ସବୁଠାରେ ସୁନାମ ପାଏ
ମିଛୁଆ କଇଁଛ ପରିକା ସେ ଦିନେ ମୁହଁ ଲୁଚାଏ ।'

କଇଁଛର ଚକ୍ରାନ୍ତ ଧରାପଡ଼ିଗଲା । ସେଇଦିନଠୁ ଲାଜରେ କଇଁଛ ମୁହଁ ଲୁଚାଏ ।

ନିଜ ବଳରେ ଜିତିବ । ମିଛ କୌଶଳରେ କେହି କେବେ ଜିତି ନାହିଁ କି ସୁନାମ ପାଇ ନାହିଁ ।

□□

ଲେଖକଙ୍କ ଇ-ମେଲ ଠିକଣା:
rabindranathmajhee@gmail.com

---


## ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ସୁଲଭ ମୂଲ୍ୟରେ ।

*It's Easy !*

1. **Download 'Google Play Books' from Play Store.**
2. **Register by using your Gmail ID and password.**
3. **In the Search box please type 'Sahitya Charcha'. Select the issue you wish to read.**
4. **Pay Rs.23.60 by using Google pay, UPI or any other payment mode.**
5. **Download the 'Sahitya Charcha' Magazine into your device.**

ପ୍ରତି ସଂଖ୍ୟାର ମୂଲ୍ୟ-
ଟ.୨୩.୬୦
(ତେଇଶି ଟଙ୍କା ଏବଂ ଷାଠିଏ ପଇସା ମାତ୍ର)

Google Play Books

**ପୁସ୍ତକ ସମୀକ୍ଷା**



# ଉଜାଣି ଝଞ୍ଜାବତୀ

ଲେଖକ : ନିଗମାନନ୍ଦ ଷଡ଼ଙ୍ଗୀ
ପ୍ରକାଶକ: ମାନବ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର
ପୃଷ୍ଠା: ୩୩୫, ମୂଲ୍ୟ: ଟ. ୨୭୫/-

ଏଇ ଶତାବ୍ଦୀର ଆରମ୍ଭ ବେଳକୁ ଇତିହାସର କୌଣସି ଏକ ଛୋଟ ଉତ୍ସାହିତ କାଳଖଣ୍ଡରେ କିଛି ସମନ୍ୱିତ ସଂଗ୍ରାମ ସଂଘଟିତ ହେଇପାରିଥିଲା ଆମ ରାଜ୍ୟର ଅନ୍ଧାରୀ ମୂଳକ ଆଉ ଶୋଷଣ କଷଣର ପ୍ରତୀକ ଭାବରେ ପରିଚିତ କୋରାପୁଟ ଜିଲ୍ଲାରେ ପ୍ରବାହିତ ଝଞ୍ଜାବତୀ ଏବଂ ଚମ୍ପାବତୀ ନଦୀ କୂଳେ କୂଳେ ବନ୍ଧୁ ଗାଁ ଆଉ ନାରାୟଣପାଟଣା ବ୍ଲକରେ । ଇତିହାସର ପ୍ରତ୍ୟେକ ସଂଗ୍ରାମ ଭଳି ଅନେକ ଧାରା-ଉପଧାରା, ମତ-ମତାନ୍ତରକୁ ନେଇ ସଞ୍ଚାଳିତ ହେଇଥିଲା ସେ ସଂଗ୍ରାମ ।

କ୍ଷେତ୍ର-ଭ୍ରମଣ ସହିତ ସେ ଆଲୋଚ୍ିତ କାଳଖଣ୍ଡର ଏସବୁ ବିନ୍ୟାସ, ବିଭାବ ଓ ପ୍ରଭାବକୁ ଅନ୍ତରଙ୍ଗ ଭାବରେ ପର୍ଯ୍ୟବେକ୍ଷଣ କରି ଲିପିବଦ୍ଧ କରିଯିବାକୁ ପ୍ରୟାସ କରିଛନ୍ତି ତୃଣମୂଳ ମଣିଷର ସଂଗ୍ରାମୀ ଜୀବନରେ ଗଭୀର ରୁଚି ରଖୁଥିବା ଆମ ସମୟର ଜଣେ ସକ୍ରିୟ ଏବଂ ସମ୍ପୃକ୍ତ ସମାଜିକ କର୍ମୀ ନିଗମାନନ୍ଦ ଷଡ଼ଙ୍ଗୀ । ବହିଟି ପାହାଚ ତଳର ପ୍ରତାରିତ ମଣିଷମାନଙ୍କ ଜୀବନ-ସଂଗ୍ରାମର କଥାକୁହା ଦସ୍ତାବିଜ ।

ଚାଳିଶ ଦଶକ ବେଳକୁ ଚହଳ ପକେଇଥିବା ସାମାଜିକ ବାସ୍ତବତାର ଅନ୍ତର୍ଦାହୀ ଆଲେଖ୍ୟ ଗୋପୀନାଥ ମହାନ୍ତିଙ୍କ 'ପରଜା' ଉପନ୍ୟାସରେ ଆମେ ଭେଟିଥିଲେ କୋରାପୁଟର ଅଦିବାସୀ ଜୀବନର ଶୋଷଣ, କଷଣର ବାସ୍ତବତାକୁ। ନିଗମାନନ୍ଦଙ୍କ 'ଉଜାଣି ଝଞ୍ଜାବତୀ'ରେ ଆମେ କିନ୍ତୁ ସାକ୍ଷାତ କରିପାରିବା ବାସ୍ତବତାର ବିବରଣୀ ଭିତରେ ଉପନ୍ୟାସକୁ ।

ବର୍ଣ୍ଣନାଶୈଳୀରେ ନିଗମଙ୍କ ତଟସ୍ଥ ଦୃଷ୍ଟିଭଙ୍ଗୀ ତାଙ୍କ ବକ୍ତବ୍ୟକୁ ଅଧିକ ବିଶ୍ୱସନୀୟ କରିବାରେ ସହାୟତା କରିଛି । ଘଟିଥିବା ଘଟଣା ଉପରେ ନିଜ ମତ ଓ ମନ୍ତବ୍ୟ ଲଦି ନଦେଇ ଲେଖକ ନିରାସକ୍ତ ଭାବରେ କ୍ଷେତ୍ରରେ ଉପସ୍ଥିତ ଭୁକ୍ତଭୋଗୀ ପାତ୍ରପାତ୍ରୀଙ୍କ ମୁହଁରେ ଘଟଣାଗୁଡ଼ିକର ବିବରଣୀ କୁହେଇ ଅନୁଭବୀମାନଙ୍କର କଥା ଓ ବ୍ୟଥାକୁ ଲିପିବଦ୍ଧ କରେଇଛନ୍ତି । କିନ୍ତୁ, ତା' ସତ୍ତ୍ୱେ ଲେଖକଙ୍କ ବର୍ଣ୍ଣନା ସାମ୍ବାଦିକ ବିବରଣୀ ଭଳି ନିରପେକ୍ଷ ହେବାର ପ୍ରୟାସୀ ହୋଇଥିଲେ ବି ନିରସ କି ନିରାସକ୍ତ ହୋଇନାହିଁ କି ବହିର ପଠନକୁ କ୍ଳାନ୍ତିକର କରିନାହିଁ। ଜଣେ ଲୋକ-ପକ୍ଷଧର ଲେଖକ ହିସାବରେ ସୂତ୍ରଧର ଭୂମିକାରେ ବିଷୟବସ୍ତୁର ପ୍ରବହମାନତା ପାଇଁ ସେ ତାଙ୍କର ମତ ଓ ମନ୍ତବ୍ୟ ରଖିଛନ୍ତି ଏବଂ ସେ ସବୁ ମନ୍ତବ୍ୟଗୁଡ଼ିକରେ ଗଭୀର ଭାବବ୍ୟଞ୍ଜନା, ସୂକ୍ଷ୍ମ ଚିନ୍ତନ ଏବଂ କଳ୍ପନାର କାରୁକାର୍ଯ୍ୟ ସେସବୁଥିରେ ସୁଖପାଠ୍ୟ ଉଚ୍ଚାଙ୍ଗ ସାହିତ୍ୟର ଝଲକ ରଖିଯାଇଛି, ଯେଉଁଠି ଆମେ ପରଜାର ଗୋପୀ ମହାନ୍ତୀୟ ଭାବୁକତାକୁ ଭେଟିପାରିବା ।

-"ଠାଏ ପାହାଡ଼ ଚୂଡ଼ାରେ ଝୋ ଝୋ ବର୍ଷା ଓ ମେଘଅନ୍ଧାର ତ ଦୂରରୁ ଦିଶୁଥିବା ଆଉ ପାହାଡ଼ ଚୂଡ଼ାରେ ଝଲମଲ ସୂର୍ଯ୍ୟ କିରଣ। ....ସମ୍ଭବତଃ, ସମସ୍ତ ଝଡ଼ ଝଞ୍ଜାରେ, ନାନା ବିଷମ ପରିସ୍ଥିତିରେ ସାଧାରଣ ମଣିଷର ଅସୀମ ଧୈର୍ଯ୍ୟ, ଜୀବନ ବୋଧ ଓ ସମଷ୍ଟିଗତ ଉଦ୍ୟମ ହିଁ ତାକୁ ବଞ୍ଚେଇ ରଖେ, ପ୍ରେରଣା ଦିଏ ନୂଆ କିଛି ସୃଷ୍ଟି କରିବା ପାଇଁ।" (ପୃ- ୨୪୬)

ଘଟଣାବଳୀର ବହୁବର୍ଣ୍ଣୀ ମାନବୀୟ କାହାଣୀମାନଙ୍କ ବିଭିନ୍ନ ବାଙ୍କ ଆଉ ବୁଲାଣିରେ ଲୁଚି ରହିଛି ଏକ ବର୍ଣ୍ଣାଢ୍ୟ ଉପନ୍ୟାସର ସମ୍ଭାବନା – ହୁଏତ ସାମାଜିକ ବାସ୍ତବବାଦର ଆଉ ଏକ ପରଜା କି ଛ' ମାଣ ଆଠଗୁଣ୍ଠ, ଯଦି ସକ୍ଷମ ହାତର କଲମର ସାହାରା ମିଳିଯାଏ ତ । ଓଡ଼ିଶାର ସୃଜନଶୀଳ ଲେଖକ ମାନେ ସେଆଡ଼େ ଦୃଷ୍ଟି ଫେରେଇବେ କି ?

ପ୍ରତାରିତ ବର୍ଗଙ୍କୁ ଶୋଷଣ କରିବାରେ ପ୍ରଭାବୀ ଶୋଷକ ବର୍ଗଙ୍କ ସହିତ ସରକାରୀ କଳ ଏବଂ ରାଜନେତିକ ନେତୃତ୍ୱର ସଲାସୁତର ରହିଥିବାର ବହିରେ ଅଭିଯୋଗ ରହିଛି। ଲେଖକ କ୍ଷେତ୍ର ପରିଦର୍ଶନ ସମୟରେ ସେମାନଙ୍କ ମତାମତ ନେବା ସହିତ ସେମାନଙ୍କୁ ଜନ ଦରବାରକୁ ଟାଣିବାର ଥିଲା। ବହିରେ ଏହି ଅଭାବଟି ଅନୁଭୁତ ହେଲା ।

**- ଯଦୁନାଥ ପଣ୍ଡା**

# ସାହିତ୍ୟ ସମାଚାର

## ଗିରିଜା କୁମାର ବଳୀୟାରସିଂହଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର



ବିବାଦରେ ଛନ୍ଦିହୋଇ ରହିଥିବା କେନ୍ଦ୍ର ସାହିତ୍ୟ ଏକାଡେମୀର ପୁରସ୍କାର ଚାରି ମାସ ଧରି ଅଟକି ରହିବା ପରେ ଶେଷକୁ ମାର୍ଚ୍ଚ ୧୬ ତାରିଖରେ ଘୋଷିତ ହୋଇଛି। ଏକାଡେମୀର ସଚିବ ପଲ୍ଲବୀ ପ୍ରଶାନ୍ତ ହୋଲକରଙ୍କ ଦ୍ୱାରା ଜାରି ହୋଇଥିବା ଏକ ପ୍ରେସ୍ ବିଜ୍ଞପ୍ତିରେ ୨୪ଟି ବିଭିନ୍ନ ଭାଷାର ଲେଖକମାନଙ୍କ ପାଇଁ ୨୦୨୫ ମସିହାର ପୁରସ୍କାର ବିଜେତାଙ୍କ ତାଲିକା ପ୍ରକାଶ ପାଇଛି। ଏମାନଙ୍କ ମଧ୍ୟରେ ଓଡ଼ିଶାରୁ ଅଛନ୍ତି ବିଶିଷ୍ଟ କବି ଗିରିଜାକୁମାର ବଳୀୟାରସିଂହ। ସେ ନିଜର କବିତା ପୁସ୍ତକ 'ପାଦ ପୂରଣ' ପାଇଁ ଏହି ପୁରସ୍କାର ପାଇବେ। ଏହି ପୁରସ୍କାର ଘୋଷଣାର ଖବର ଶୁଣିବା ପରେ ନିଜର ପ୍ରଥମ ପ୍ରତିକ୍ରିୟା ଦେଇ ଶ୍ରୀ ବଳୀୟାରସିଂହ 'ସାହିତ୍ୟ ଚର୍ଚ୍ଚା'କୁ କହିଛନ୍ତି, "ପାଠକର ସ୍ମୃତିରେ ଥିଲେ ଯେଉଁ ଆନନ୍ଦ ମିଳେ, ପୁରସ୍କାର ପ୍ରାପ୍ତିରେ କ'ଣ ସେହି ଆନନ୍ଦ ଥାଏ ?"

ପ୍ରକାଶ ଥାଉ କି, ଗତ ଡିସେମ୍ବର ମାସ ୧୯ ତାରିଖରେ ବିଭିନ୍ନ ଭାଷାର ପୁରସ୍କାର ଘୋଷଣା ପାଇଁ ଡକାଯାଇଥିବା ଏକ ସାମ୍ବାଦିକ ସମ୍ମିଳନୀକୁ କୌଣସି କାରଣ ନ ଦର୍ଶାଇ ମାତ୍ର ଏକ ଘଣ୍ଟା ପୂର୍ବରୁ ହଠାତ୍ ବାତିଲ କରି ଦିଆଯାଇଥିଲା। ପୁରସ୍କାର ଘୋଷଣା ପାଇଁ ସାହିତ୍ୟ ଏକାଡେମୀ ନେଇଥିବା ନିଷ୍ପତ୍ତିକୁ କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ନାପସନ୍ଦ କରିବାରୁ ଏହା ଘଟିଥିଲା ବୋଲି କୁହାଯାଉଛି। ପୁରସ୍କାର ନିୟମାବଳୀରେ କେନ୍ଦ୍ର ସରକାର କିଛି ପରିବର୍ତ୍ତନ କରିବା ପରେ ଏହା ଘୋଷଣା କରାଯିବ ବୋଲି ସେତେବେଳେ ଏକାଡେମୀ ପକ୍ଷରୁ କୁହାଯାଇଥିଲା।

## ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଉପଲକ୍ଷେ ଭୁବନେଶ୍ୱରରେ ଭାଷାବିମର୍ଶ




ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ଭାବରେ ସ୍ୱୀକୃତି ଦେଇ ଭାରତ ସରକାର ନିଜ ଗେଜେଟ୍‌ରେ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ ୧୧ ମାର୍ଚ୍ଚ, ୨୦୧୪ ତାରିଖରେ। ଏହି ଦିବସଟିକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଏହି ଦିନଟିକୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଭାବରେ ପାଳନ କରାଯାଏ। ଏହି ଅବସରରେ ଚଳିତ ମାର୍ଚ୍ଚ ମାସ ୧୧ ତାରିଖ ଦିନ ଭୁବନେଶ୍ୱରସ୍ଥିତ ଶାସ୍ତ୍ରୀୟ ଓଡ଼ିଆ ଭାଷା ଉତ୍କର୍ଷ କେନ୍ଦ୍ରଠାରେ ଏକ ଭବ୍ୟ ସମାରୋହ ଆୟୋଜିତ ହୋଇଯାଇଛି।

ଏହି ସମାରୋହର ଉଦ୍‌ଘାଟନ ଅଧିବେଶନରେ ଅଧ୍ୟକ୍ଷତା କରି ଏହି କେନ୍ଦ୍ରର ପରାମର୍ଶଦାତା ବସନ୍ତ କୁମାର ପଣ୍ଡା ଜାତୀୟ ଶିକ୍ଷା ନୀତି ବିଷୟରେ ଆଲୋଚନା କରିବା ସହିତ ଭାରତୀୟ ଜ୍ଞାନ ପରମ୍ପରାକୁ ବ୍ୟାପକ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଶାସ୍ତ୍ରୀୟ ଓଡ଼ିଆ ଭାଷା ଅଧ୍ୟୟନରେ ସାରଳା ଦାସଙ୍କ ମହାଭାରତ, ବଳରାମ ଦାସଙ୍କ ରାମାୟଣ ଓ ଜଗନ୍ନାଥ ଦାସଙ୍କ ଭାଗବତର ଗୁରୁତ୍ୱ ବିଷୟରେ ସେ ଉଲ୍ଲେଖ କରିଥିଲେ। ମୁଖ୍ୟ ଅତିଥି, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରଫେସର, ଅଜିତ ମହାନ୍ତି କହିଲେ ଯେ ଶାସ୍ତ୍ରୀୟ ମାନ୍ୟତା ପାଇବା ଦ୍ୱାରା ଗୋଟିଏ ଭାଷା କେତେକ ନିର୍ଦ୍ଦିଷ୍ଟ ନିୟମାବଳୀ ଭିତରେ ବାନ୍ଧି ହୋଇପଡ଼େ। ବର୍ଷୀୟାନ ଭାଷାବିତ୍ ଦେବୀ ପ୍ରସନ୍ନ ପଟ୍ଟନାୟକ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାର ପ୍ରମୁଖ କାରଣଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ।

# ଶେଷ ପୃଷ୍ଠା





# ଅପେତଭଗ*

ଭାଗବତରୁ ପଦଟିଏ ପଢୁଥିଲି;
"ଅପେତଭଗ ସେ ବୋଲାଇ । ତେଣୁ ସଂସାର ନ ଛାଡ଼ଇ ॥
ତାପେ ତାପିତ ଏ ଶୟଳେ । ମରଇ ଅନ୍ତେ କର୍ମବଳେ ॥"

ନିତିପ୍ରତି ଭାଗବତ ପଢ଼େ। ବୁଝେ ଅଳପ; ଭାବେ ଅପ୍ରମିତ। ଓଡ଼ିଆଙ୍କ ପ୍ରିୟ ହେଲେ ଶ୍ରୀଜଗନ୍ନାଥ ଓ ଶ୍ରୀମଦ୍‌ଭାଗବତ। ଶ୍ରୀମଦ୍‌ଭାଗବତ ଏକ ଅନବଦ୍ୟ ଭକ୍ତିଗ୍ରନ୍ଥ। କେବଳ ଭାରତୀୟ ନୁହଁ, ବୈଦେଶିକ ପଣ୍ଡିତମାନେ ମଧ୍ୟ ଏହାର ରସ ଆସ୍ୱାଦନ କରି ଆସିଛନ୍ତି। ଅତିବଡ଼ୀ, ଏହି ଅଭିଜ୍ଞାନଗ୍ରନ୍ଥକୁ ଓଡ଼ିଶାର ସାମାଜିକ ଜନଜୀବନଶୈଳୀର ଅନୁକୂଳ କରାଇପାରିଥିବାରୁ ଏହାର ମହତ୍ତ୍ୱ ଆମ ପାଇଁ ଶତଗୁଣିତ ହୋଇପାରିଛି। ଅତିବଡ଼ୀ ଓଡ଼ିଆ ମନ ଓ ଜୀବନକୁ ଚିହ୍ନିଥିଲେ; ଏଣୁ ତ ଏହାର ପ୍ରତ୍ୟେକ ପଦ ଓଡ଼ିଆଙ୍କ ପାଇଁ ବ୍ରହ୍ମଜ୍ଞାନ ଓ ଜନସାକ୍ଷରତାର ଏକ ଆଦର୍ଶ ପ୍ରତୀକ ହୋଇ ରହିଛି।

ଆଜି ଏହା କହିବାର ଉଦ୍ଦେଶ୍ୟ ହେଉଛି ଯେ ପାଠକର ଏଇ ମନ ଚିହ୍ନିବା ହିଁ ହେଉଛି ପ୍ରତ୍ୟେକ ରଚୟିତାର ଭାବବୋଧର ପରିଚାୟକ। ଆଜିକାଲିର ଅଧିକାଂଶ ସାହିତ୍ୟିକ ପାଠକର ମନ ଚିହ୍ନିବାରେ ଅସମର୍ଥ। ସେମାନେ କେବଳ ଚିହ୍ନିଛନ୍ତି ନିଜର ମନକୁ, ରଙ୍ଗବିରଙ୍ଗ ସମ୍ମାନପତ୍ରକୁ, ହାତଗଣତି କେତେ ଜଣ ଶ୍ରୋତା ଓ ଦର୍ଶକରେ ଆୟୋଜିତ ହେଉଥିବା ନିରସ ସାହିତ୍ୟ ମଞ୍ଚକୁ । ଏଣୁ ତ ଅପେତଭଗ ଆଜିର ସାହିତ୍ୟ ସଂସାର। ପ୍ରଶ୍ନବାଚୀ ଜନମାନସରେ। ଭାଷାର ଭବିଷ୍ୟତ ଓ ସାହିତ୍ୟର ଉତ୍କର୍ଷ ନେଇ ସଭିଏଁ ସନ୍ଦିହାନ।

ଆଜିର ଓଡ଼ିଆ ସାହିତ୍ୟ ଜଗତକୁ ନିରୀକ୍ଷଣ କଲେ ଏକ ବିଚିତ୍ର ବିରୋଧାଭାସ ଦେଖିବାକୁ ମିଳେ। ଏକ ପକ୍ଷରେ ଆମେ ଶ୍ରୀମଦ୍‌ଭାଗବତ ଭଳି ଅମର ଗ୍ରନ୍ଥର ତତ୍ତ୍ୱରେ ଓତପ୍ରୋତ; ଅନ୍ୟ ପକ୍ଷରେ ଆମ ସମକାଳୀନ ସାହିତ୍ୟ ଭିତରେ ଏକ ଅପେତଭଗ ପରିସ୍ଥିତି ଜାଗ୍ରତ ହେଉଛି। ଯେଉଁଠାରେ ଭାବ ଅପେକ୍ଷା ଆବରଣକୁ, ସାଧନା ଅପେକ୍ଷା ପ୍ରଦର୍ଶନକୁ ଅଧିକ ଗୁରୁତ୍ୱ ଦିଆଯାଉଛି।

ପୂର୍ବତନ ଦିଗ୍‌ଗଜଗଣ ସିନା ଆମକୁ ଛାଡ଼ି ଯାଇଛନ୍ତି ହେଲେ ଆମ ପାଇଁ ଛାଡ଼ି ଯାଇଛନ୍ତି ଆଦର୍ଶ ସାହିତ୍ୟ ସମଗ୍ର। ସେମାନେ ହିଁ ଭାଷାକୁ ଜୀବନ ଦେଇଥିଲେ; ସାହିତ୍ୟକୁ ମାନ ଦେଇଥିଲେ। ଆଜି ଆମେ ଆଉ କେତେ ନୂତନ ଦିଗ୍‌ଗଜଙ୍କ ପ୍ରତୀକ୍ଷାରେ ଅଛୁ। କିନ୍ତୁ ଦୁଃଖର କଥା, ଆଗଧାଡ଼ିଆ ସାହିତ୍ୟିକମାନେ ଏହି ବୋଧରେ ସୁସାହିତ୍ୟ ରଚନା କରିବା ପରିବର୍ତ୍ତେ ପୁରସ୍କାର ପାଇଁ ରାଜନୈତିକ ନେତାଙ୍କ ଦ୍ୱାରରେ ଅଧିଆ ପଡ଼ିଛନ୍ତି। ସାମ୍ପ୍ରତିକ କେତେକ ସାହିତ୍ୟ ସମ୍ମାନ ପ୍ରଦାନ ସ୍ଥଗିତ ରହିଛି, କେତେକ ସମ୍ମାନର ପ୍ରତିଶ୍ରୁତି ଦିଆ ସରିଛି; ଏବଂ ନାଲିଫିତା ତଳେ ଏହି ସମ୍ମାନସମୂହ ରାଜନୈତିକ ପଟ୍ଟପରିବର୍ତ୍ତନର ତାମସ ତାମସା ଦେଖି ଅନେକ ଚୁପ୍ ରହିଛନ୍ତି।

ଏପରି ପରିସ୍ଥିତିରେ ଓଡ଼ିଆ ସାହିତ୍ୟ ଏକ ସଙ୍କଟକାଳୀନ ପରିସ୍ଥିତିରେ ଆସି ପହଞ୍ଚିଛି। ଆମେ କେଉଁ ଦିଗକୁ ଯାଉଛୁ ! ଭାଷା ଓ ସାହିତ୍ୟର ଭବିଷ୍ୟତ କ'ଣ !
ଏଣୁ, ଆମ ଭାଗବତର ପରବର୍ତ୍ତୀ ଦୁଇପଦ ଲେଖି ରଖିବି,
"ପୁରୁଣା ଚର୍ମ ଯେହ୍ନେ ସର୍ପେ । ଛାଡ଼ଇ ପାଇ ନିଜ ରୂପେ ॥
ଏ ମାୟା ଯେବେ ଛାଡୁ ତୁହି । ଜୀବ ସ୍ୱରୂପେ ବିରାଜଇ ॥"

ଏହି ଅପେତଭଗ ଅବସ୍ଥାରୁ ମୁକୁଳି ଆସିବା ପାଇଁ ଆବଶ୍ୟକ ଅଛି ଆତ୍ମଚିନ୍ତନର। ଆସନ୍ତୁ, ସାହିତ୍ୟକୁ ପୁନର୍ବାର ସାଧନାପୀଠରେ ଅଭିଷେକ କରିବା, ପାଠକଙ୍କ ମନକୁ ବୁଝିବା ଓ ଭାଷାର ଶାଶ୍ୱତ ମୂଲ୍ୟକୁ ସୁରକ୍ଷିତ କରିବା।

-ପ୍ର.ଭୂ

***ଅପେତଭଗ - ଐଶ୍ୱର୍ଯ୍ୟହୀନ**

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com




# ଓଡ଼ିଆ ଖାଦ୍ୟ ପରମ୍ପରାର ବିନମ୍ର ପ୍ରହରୀ



ଓଡ଼ିଆଣୀ
ODIANEE

**ଏକ ପ୍ରୟାସ ମାତ୍ର**

ଜାତୀୟ ରାଜପଥ -୧୬, ପାଣିକୋଇଲି, ଜିଲ୍ଲା: ଯାଜପୁର

ମୋବାଇଲ: ୯୪୩୭୦୭୮୩୬୧

RUCHI™ FOODLINE
Since 1976

Completing 50 YEARS in 2025

BORN IN ODISHA, PRIDE OF INDIA




# Store to door with a single click!

Come, explore our new eCommerce platform today!

**Shop Now**

Scan the QR code to download the **Ruchi Store** App

**Buy online from**
store.ruchifoodline.com

SAHITYA CHARCHA ● April 2026 ● Rs.50 ● RNI No: ODIODI/2022/81590 ● Postal Regn. No.RMS 'N' Dn/004/202527




Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy